


VOL. XLIX No.8 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment

ଗୁଜରାଟର ଶିକ୍ଷମନ୍ତ୍ରୀ ଶ୍ରୀ ଶଶିକାନ୍ତ ଲାଖାନି ଓ ଶ୍ରମ ମନ୍ତ୍ରୀ ଶ୍ରୀ ରାମସିଭାଇ ପାରମର୍ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟନାୟକଙ୍କ ସହିତ ଆଲୋଚନା କରୁଛନ୍ତି । (୭/୨)





ଆମେରିକାର ଜର୍ଜିଆ ପାଓ୍ୱାର କମ୍ପାନୀର ଉପସ ଭାପତି ଜୁଲିଟ ଏବଂ ହାଓ୍ୱାନସ ଓ ସନ୍‌ବେଲଟ୍ ଇଣ୍ଡଷ୍ଟ୍ରିଆଲ୍ କନ୍‌ଷ୍ଟ୍ରକ୍ଟରର ମୁଖ୍ୟ ଡାଭିଡ୍ ସିଃ ବ୍ୟାରେଟ୍ ଓଡ଼ିଶାର ଶକ୍ତି ମନ୍ତ୍ରୀ ଶ୍ରୀ କାଳିନ୍ଦୀ ବେହେରାଙ୍କ ସହିତ ଓଡ଼ିଶାରେ ଶକ୍ତି କ୍ଷେତ୍ରରେ ସପକ ବିନିଯୋଗ ବିଷୟରେ ଆଲୋଚନା କରୁଛନ୍ତି । (୧୧/୨)

Printed at Orissa Government Press, Cuttack-753 010



ଓଡ଼ିଶାର [illegible] ପ୍ରତିନିଧିମାନଙ୍କ ସହିତ
ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଆଲୋଚନା




ବଧିରମାନଙ୍କ ଶିକ୍ଷା ଦେଉଥିବା ଶିକ୍ଷକମାନଙ୍କ [illegible]
ମନ୍ତ୍ରୀ ଶ୍ରୀ [illegible] ।

# ଉତ୍କଳ ପ୍ରସଙ୍ଗ

୪୯ ଭାଗ ୯ମ ସଂଖ୍ୟା ଚୈତ୍ର ୧୯୧୪ ଶକାବ୍ଦ ଅପ୍ରେଲ୍ ୧୯୯୩

## ସମ୍ପାଦକ ମଣ୍ଡଳୀ

**ନିର୍ଦ୍ଦେଶକ**
ଶ୍ରୀ କାଳୀ କୁମାର ରଥ

**ସହ ସମ୍ପାଦକ**
ପ୍ରହରାଜ ସତ୍ୟନାରାୟଣ ନନ୍ଦ

**ସମ୍ପାଦନା ସହଯୋଗୀ**
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

**ମୁଖ୍ୟ ସମ୍ପାଦକ**
**ଶ୍ରୀ ସତୀଶ ପାଢ଼ୀ**

**ପ୍ରଚ୍ଛଦପଟ**
ବଳଦେବ ମହାରଥୀ

**ପ୍ରକାଶନ**
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

**ମୁଦ୍ରଣ**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦
(ଫୋଟୋଟାଇପସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।
"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ନମୋଃ ନମଃ ଉତ୍କଳ ଜନନୀ | ୧ | ହୁସେନ୍ ରବି ଗାନ୍ଧୀ |
| ଓଡ଼ିଶା ବାହାରେ ଓଡ଼ିଆ | ୨ | ଡଃ ପ୍ରସନ୍ନ ପାଟ୍ଟଶାଣୀ |
| ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ | ୪ | ରବୀନ୍ଦ୍ର ମୋହନ ସେନାପତି |
| ଓଡ଼ିଆର ସ୍ୱାଭିମାନ ଓ ତା'ର ଭବିଷ୍ୟତ | ୬ | ଗୋପାଳକୃଷ୍ଣ ଦାସ |
| ଉତ୍କଳ ଦିବସର ତାତ୍ପର୍ଯ୍ୟ | ୯ | ଅଧ୍ୟାପକ ମନୋଜ କୁମାର ମହାପାତ୍ର |
| ରଣପୁର ପ୍ରଜା ଆନ୍ଦୋଳନ | ୧୧ | ବ୍ରଜ ପାଇକରାୟ |
| ଜନନୀ ଆଖିରେ ଲୁହ | ୧୪ | ବିକ୍ରମ କେଶରୀ ବର୍ମା |
| ଏହି ସେ କଳିଙ୍ଗ ଭୂଇଁ | ୧୫ | ସୁଚେତା ସ୍ୱାଇଁ |
| ପ୍ରଗତି ପଥେ ଓଡ଼ିଶାର କୃଷି | ୧୬ | ଏଚ୍. ଏସ୍. ବେହେରା |
| ଓଡ଼ିଶାରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା : ଶିକ୍ଷକ ଏବଂ ଜନସାଧାରଣଙ୍କ ଭୂମିକା | ୧୯ | ରମେଶ ଚନ୍ଦ୍ର ମହାନ୍ତି |
| ନାରୀ ଆତ୍ମ ନିଯୁକ୍ତି ଓ କୁଟୀର ଶିଳ୍ପ | ୨୧ | ସାବିତ୍ରୀ ପାଢ଼ୀ |
| ଓଡ଼ିଶାର ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମରେ ପ୍ରଗତି | ୨୩ | ବିଜୟ କୁମାର ପଣ୍ଡା |
| କୁଷ୍ଠ ରୋଗ ନିରାକରଣ ଯୋଜନା ଓ ସାମାଜିକ ସଚେତନତା | ୨୫ | ପୂର୍ଣ୍ଣଚନ୍ଦ୍ର ମହାନ୍ତି |
| ବଧିର ବିଦ୍ୟାଳୟ ପାଇଁ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର | ୨୮ | ଶ୍ରୀମତୀ ପ୍ରଭାତୀ ମିଶ୍ର |
| ପଲ୍ଲୀ ବିକାଶରେ ପଲ୍ଲୀଶ୍ରୋତା ମଣ୍ଡଳୀ | ୨୯ | ବରଦା ପ୍ରସନ୍ନ ଦାସ |
| ଦୋଳ ଯାତ୍ରା ଓ ହୋଲି | ୩୨ | କ୍ଷୀରୋଦ ପ୍ରସାଦ ମହାନ୍ତି |
| ଆମର ଉପକାରୀ ଫଳ : ଲେମ୍ବୁ | ୩୪ | ଡାକ୍ତର ଦୀନବନ୍ଧୁ ମହାରଣା |
| ୭୦୦ ବର୍ଷର ଭୁବନେଶ୍ୱର | ୩୬ | ଡଃ ଜଗନ୍ନାଥ ପଟ୍ଟନାୟକ |
| ସୋନପୁର | ୩୮ | ଡଃ ଯଶୋବନ୍ତ ନାରାୟଣ ଧର |
| ନୂତନ ଓଡ଼ିଶାର ଜନକ ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଗଜପତି ଦେବ | ୪୦ | ଡଃ ଦଣ୍ଡପାଣି ବେହେରା |
| ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର | ୪୩ | ବସନ୍ତ କୁମାର ଦାସ |
| ମଣିଷ ପରି ମଣିଷଟିଏ | ୪୫ | ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧା |
| ଅବିସ୍ମରଣୀୟ ପ୍ରତିଭା : ପ୍ରହ୍ଲାଦ ପ୍ରଧାନ | ୪୭ | ଡଃ କୃତ୍ତିବାସ ନାୟକ |
| ସ୍ମରଣୀୟ ପ୍ରତିଭା ଆଶାଲତା ଦେବୀ | ୫୨ | ଡି. ରାଜେନ୍ଦ୍ର ରାଜୁ |
| ପାଠକଙ୍କ କଲମରୁ | ୫୩ | .. |
| ଉତ୍କଳ ଦିବସ – ଏକ ଅନୁଚିନ୍ତା | ୫୫ | ଶ୍ରୀ ପ୍ରହ୍ଲାଦ ନାୟକ |
| ସମ୍ବାଦ ପରିକ୍ରମା | ୫୭ | .. |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ, ଚାରୁ ଭାଷମୟୀ
ଜନନୀ........ ଜନନୀ........ ଜନନୀ !

ପୂତ–ପୟୋଧି–ବିଧୌତ–ଶରୀରା,
ତାଳ–ତମାଳ–ସୁଶୋଭିତ–ତୀରା,
ଶୁଭ୍ର ତଟିନୀ କୂଳ ଶୀକର ସମୀରା,
ଜନନୀ........ ଜନନୀ........ ଜନନୀ !

ଘନ ଘନ ବନରାଜି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ........ ଜନନୀ........ ଜନନୀ !

(ଉତ୍କଳର ଜାତୀୟ ସଙ୍ଗୀତ ରୂପେ ଆଦୃତ)

ରଚନା—କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



# ଓଡ଼ିଶା ଦିବସ ପାଳନ ଉପଲକ୍ଷେ
# ରାଜ୍ୟପାଳ
# ପ୍ରଫେସର ଏସ୍‌ଃ ନୁରୁଲ୍ ହାସାନ୍‌ଙ୍କ
# ବାର୍ତ୍ତା

ବନ୍ଧୁଗଣ,

୫୭ ବର୍ଷ ତଳେ, ୧୯୩୬ ମସିହା ଅପ୍ରେଲ୍ ପହିଲା ଦିନ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ଶତାବ୍ଦୀ ଶତାବ୍ଦୀ ଧରି ନିଜର ଉଚ୍ଚ ପରମ୍ପରା, ସଂସ୍କୃତି ଓ ମୂଲ୍ୟବୋଧର ସ୍ୱାତନ୍ତ୍ର୍ୟ ବଜାୟ ରଖି ଆସିଥିବା ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ଆଶା ଓ ଆକାଙ୍କ୍ଷା ପ୍ରତି ଏହା ଥିଲା ଏକ ସମ୍ମାନର ପ୍ରତୀକ । ଜାତି ଗଠନ କ୍ଷେତ୍ରରେ ଉଭୟ କଥା ଓ କାର୍ଯ୍ୟରେ ସବୁ ସମୟରେ ନିଜର ଉଲ୍ଲେଖନୀୟ ଅବଦାନ ଯୋଗୁଁ ଓଡ଼ିଶାବାସୀ ଭାରତୀୟ ଜାତୀୟ ଆନ୍ଦୋଳନରେ ଏକ ଗୌରବମୟ ସ୍ଥାନ ଅଧିକାର କରି ପାରିଥିବା ନିଶ୍ଚିତ ରୂପେ ଗର୍ବର ବିଷୟ । ସେମାନଙ୍କର ସମବେଦନା ଓ ସହନଶୀଳତା ବାସ୍ତବରେ ଉଲ୍ଲେଖଯୋଗ୍ୟ ଏବଂ ଅନୁକରଣୀୟ ।

୧୯୯୩ ମସିହା ଅପ୍ରେଲ୍ ପହିଲା ଦିନ ୫୭ତମ ଓଡ଼ିଶା ଦିବସ ପାଳନର ଶୁଭ ଅବସରରେ ମୁଁ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ପ୍ରତି ମୋର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି । ଏହି ଅବସରରେ, ଯେଉଁ ମହାନ୍ ନେତାମାନଙ୍କର ଅପୂର୍ବ ଆତ୍ମୋତ୍ସର୍ଗ ଜାତୀୟ ଆନ୍ଦୋଳନକୁ ପରିପୁଷ୍ଟ କରିଥିଲା ଏବଂ ଯେଉଁମାନଙ୍କ ପ୍ରଚେଷ୍ଟା ଫଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବପର ହୋଇପାରିଥିଲା, ସେମାନଙ୍କ ପ୍ରତି ମୁଁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଓଡ଼ିଶା ପ୍ରାକୃତିକ ସମ୍ପଦରେ ଏକ ସମୃଦ୍ଧ ରାଜ୍ୟ । ଏହି ରାଜ୍ୟର ଅଧିବାସୀମାନଙ୍କର ପ୍ରତିଭା ଏହି ପ୍ରାକୃତିକ ସମ୍ପଦକୁ ଅଧିକ ପରିପୁଷ୍ଟ କରିଛି । ତେବେ ଦେଶ ଏବଂ ଲୋକମାନଙ୍କର କଲ୍ୟାଣ ଉଦ୍ଦେଶ୍ୟରେ ଏହି ସମ୍ପଦର ଫଳପ୍ରଦ ବିନିଯୋଗ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଉପଯୁକ୍ତ ବୈଷୟିକ ଜ୍ଞାନ ଏବଂ ଦେଶୀୟ ପ୍ରତିଭାର ସମନ୍ୱୟରେ ଦୀର୍ଘସ୍ଥାୟୀ ବିକାଶ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବାକୁ ହେବ । ଏହି ଉନ୍ନୟନ କାର୍ଯ୍ୟକ୍ରମର ପୂର୍ଣ୍ଣ ସାର୍ଥକତା ପାଇଁ ଏହାର ଅନୁପୂରକ ବ୍ୟବସ୍ଥାର ସାମୂହିକ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ମୋର ଦୃଢ଼ ବିଶ୍ୱାସ, ଓଡ଼ିଶାର ଜନସାଧାରଣ, ରାଜ୍ୟ ଏବଂ ଦେଶର ପ୍ରଗତି ନିମନ୍ତେ କାନ୍ଧକୁ କାନ୍ଧ ମିଳାଇ କାମ କରିବାକୁ ଆଗେଇ ଆସିବେ ।

ଆମର ସାଂସ୍କୃତିକ ପରମ୍ପରା ସମଗ୍ର ବିଶ୍ୱରେ ଶୀର୍ଷ ସ୍ଥାନ ଲାଭ କରିଛି । ସେଥିପାଇଁ ଆମେ ଗର୍ବ ଅନୁଭବ କରିବା ଯଥାର୍ଥ । କିନ୍ତୁ ଏହି ପରମ୍ପରାକୁ ଆମେ ଏକ ନୂତନ ରୂପ ଦେବାର ଆବଶ୍ୟକତା ଆଜି ଅନୁଭୂତ ହେଉଛି । କେବଳ ଅତୀତକୁ ନେଇ ଆମେ ଆତ୍ମସନ୍ତୋଷ ଲାଭ କରିବା ଉଚିତ ନୁହେଁ । ସବୁ ଶ୍ରେଣୀର ଲୋକମାନଙ୍କର ଜୀବନର ମାନଦଣ୍ଡ ଯେପରି ଉନ୍ନତତର ହେବ, ସେଥିପାଇଁ ଆଧୁନିକ ବିଜ୍ଞାନ ଓ ବୈଷୟିକ ଜ୍ଞାନର ପୂର୍ଣ୍ଣ ବିନିଯୋଗ କରିବା ନିମନ୍ତେ ଆମେ ସମସ୍ତେ ନିଷ୍ଠାପର ଉଦ୍ୟମ କରିବା ଉଚିତ ।

ଆମ ସମାଜର ଶକ୍ତିର ଉତ୍ସ ହେଉଛି ଆମର ଏକତା । ବିଭିନ୍ନ ଜାତି, ସମ୍ପ୍ରଦାୟ, ମତବାଦ, ଧର୍ମ, ବିଶ୍ୱାସ, ବୟସ ଏବଂ ଅଞ୍ଚଳର ଜନସାଧାରଣ ତଥା ପୁରୁଷ ଏବଂ ନାରୀ ଆମର ସମାଜରେ ଅଙ୍ଗବିଶେଷ । ତେଣୁ, ଧର୍ମ ନିରପେକ୍ଷତା, ନ୍ୟାୟ, ମୁକ୍ତି, ସାମ୍ୟ ଏବଂ ଭ୍ରାତୃଭାବ ଉପରେ ପ୍ରତିଷ୍ଠିତ ଆମ ସଂସଦୀୟ ଗଣତନ୍ତ୍ର ପାଇଁ ପ୍ରତ୍ୟେକ ବ୍ୟକ୍ତିର ଯଥେଷ୍ଟ ଗୁରୁତ୍ୱ ରହିଛି । ତେଣୁ, ଆମର ଚିନ୍ତା, ବିଶ୍ୱାସ ଏବଂ କାର୍ଯ୍ୟରେ ଆମେ ସମସ୍ତେ ଯେ ଏକ ଏବଂ ଚିରଦିନ ପାଇଁ ଏକତାବଦ୍ଧ ହୋଇ ରହିବା ସେଥିପାଇଁ ଆମେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ।

ଆଜିର ଏହି ଆନନ୍ଦମୟ ଶୁଭ ଅବସରରେ ଆମ ସମାଜରେ ଶାନ୍ତି ଏବଂ ଏକତାର ବାର୍ତ୍ତା ପ୍ରସାର କରିବା ପାଇଁ ମୁଁ ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ନିବେଦନ କରୁଛି । ଏହା ଫଳରେ ଆମେ ଏକ ଶକ୍ତିଶାଳୀ ରାଷ୍ଟ୍ରର ନାଗରିକ ରୂପେ ଗର୍ବିମନ୍ତ ହୋଇ ପାରିବା ।

ଜୟହିନ୍ଦ୍ ।

# ଓଡ଼ିଶା ଦିବସ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବାର୍ତ୍ତା



ଓଡ଼ିଶା ଦିବସ ପାଳନର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ପ୍ରତି ବର୍ଷ ଅପ୍ରେଲ୍ ପହିଲା ଦିନ ଆମେ ଓଡ଼ିଶା ଦିବସ ପାଳନ କରୁଛୁ । ଏହି ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ବା ଆଧୁନିକ ଓଡ଼ିଶା ଆତ୍ମପ୍ରକାଶ କରିଥିଲା । ଏହି ଦିବସ ପାଳନର ତାତ୍ପର୍ଯ୍ୟ କ'ଣ ? ଏହି ଦିନ ଆମର ଗୌରବମୟ ଅତୀତର ଇତିହାସ ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ତିଆରି କରିବା ପାଇଁ ନିଜକୁ ଉତ୍ସର୍ଗ କରିବାର ପ୍ରେରଣା ଯୋଗାଏ । ମୋର କହିବାର କଥା, ଓଡ଼ିଶା ଦିବସଟି ଏକ ସରକାରୀ ଉତ୍ସବ ପାଳନର ଗତାନୁଗତିକତା ଭିତରେ ସୀମିତ ନହେଉ । ଏହି ଦିନଟି ହେଉ ସମଗ୍ର ଓଡ଼ିଆ ଜାତି ପାଇଁ ସଂକଳ୍ପ ଓ ସମର୍ପଣର ଦିବସ ।

ମୋତେ ଯେତେବେଳେ ମୋ ଜୀବନର ଲକ୍ଷ୍ୟ ଓ ସ୍ୱପ୍ନ ବିଷୟରେ ପ୍ରଶ୍ନ କରାଯାଏ; ମୁଁ କହିଥାଏ, କଳିଙ୍ଗର ଅତୀତ ଗୌରବର ପୁନରୁଦ୍ଧାର କରିବା ମୋ ଜୀବନର ଲକ୍ଷ୍ୟ । ମୁଁ ଚାହେଁ, ପ୍ରତ୍ୟେକ ଓଡ଼ିଆ ଯୁବକ ଯୁବତୀ ଏହି ଆଦର୍ଶରେ ଅନୁପ୍ରାଣିତ ହେଉ ଏବଂ ଏହାକୁ ଜୀବନର ଲକ୍ଷ୍ୟ ଭାବରେ ଗ୍ରହଣ କରୁ । ଏହାଦ୍ୱାରା ଏକ ନୂତନ ଓ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସଫଳ ହୋଇ ପାରିବ ।

ଆମେ ସମସ୍ତେ ଜାଣୁ, ଆମର ପୂର୍ବ ପୁରୁଷମାନେ ଯେଉଁ ସାଧନା, ବୀରତ୍ୱ, ତ୍ୟାଗ, ସାହସିକତା ଓ ଦେଶ ପ୍ରେମର ନଜିର୍ ଦେଖାଇ ଯାଇଛନ୍ତି; ତା'ର ତୁଳନା ନାହିଁ । ଧର୍ମପଦ ଓ ବାଜି ରାଉତ ଭଳି ଓଡ଼ିଆ ପିଲାଙ୍କର ସାହସିକତା ସାରା ପୃଥିବୀରେ ବିରଳ । ରାଣୀ ଶୁକ ଦେଈଙ୍କଠାରୁ ଆରମ୍ଭ କରି ମା' ରମାଦେବୀଙ୍କ ପର୍ଯ୍ୟନ୍ତ ଅନେକ ଓଡ଼ିଆ ରମଣୀଙ୍କର ତ୍ୟାଗ ଓ ଦେଶ ପ୍ରେମ ଇତିହାସରେ ଉଜ୍ଜ୍ୱଳ ଅକ୍ଷରରେ ଲିପିବଦ୍ଧ ହୋଇ ରହିଛି । ମୁଁ ଚାହେଁ, ଓଡ଼ିଆ ପୁଅ ଭିତରେ ସେହି ବୀରତ୍ୱ ଜାଗିଉଠୁ, ଓଡ଼ିଆ ରମଣୀ ତା'ର ଆତ୍ମ ବିଶ୍ୱାସ ଫେରି ପାଉ ।

ସାହିତ୍ୟ, ସଙ୍ଗୀତ, ନୃତ୍ୟ, କଳା, ବିଜ୍ଞାନ ଓ ଶିଳ୍ପକଳା ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଜାତି ଦିନେ ସାରା ପୃଥିବୀରେ ଚମକ ସୃଷ୍ଟି କରିଥିଲା । ଓଡ଼ିଆ ସାଧବ ପୁଅ ସାତ ସମୁଦ୍ର ତେର ନଈ ପାରି ହୋଇ ବିଦେଶରୁ ଅମାପ ଧନରତ୍ନ ବୋହି ଆଣି ଓଡ଼ିଶାକୁ ସମୃଦ୍ଧ କରିଥିଲା । ସେ କେବେ କୌଣସି ପ୍ରକାର ବିପଦ ବା ଝଡ଼ ଝଞ୍ଜାକୁ ଖାତିର କରି ନଥିଲା । ଆଜି ଓଡ଼ିଆ ଜାତି ତା'ର ସାହସ ହରାଇଛି ଏବଂ ତଳକୁ ତଳକୁ ଖସି ଯାଉଛି । ଏ ଜାତିଟାକୁ ପୁଣି ଉପରକୁ ଉଠାଇବାକୁ ପଡ଼ିବ । ଏହାର ପୂର୍ବ ଗୌରବ ଏ ଜାତିର ସ୍ୱାଭିମାନ ହେଉ ।

ଓଡ଼ିଆ ଜାତିକୁ ଉପରକୁ ଉଠାଇବା ପାଇଁ ଆମ ଭିତରେ ପୁଣି ଥରେ ବୀରତ୍ୱ, ସାହସିକତା ଜାଗ୍ରତ କରିବାକୁ ପଡ଼ିବ ।

ଏ ଜାତି ଏକ ଲଢୁଆ ଜାତିର ବଂଶଧର । ଆମକୁ ଏ କଥା ମନେରଖି ନିଜ ଭିତରେ ଥିବା ଭୟ ବା ଶଙ୍କାକୁ ଫିଙ୍ଗି ଦେବାକୁ ପଡ଼ିବ । ଓଡ଼ିଶା ରାଜ୍ୟ ରତ୍ନଗର୍ଭା । ଯା ଭିତରେ ଯେଉଁ ଖଣିଜ ରତ୍ନ ରହିଛି, ଜଙ୍ଗଲ ସମ୍ପଦ ରହିଛି, ଜଳ ସମ୍ପଦ ରହିଛି, ଦୀର୍ଘ ସମୁଦ୍ର ଉପକୂଳ ରହିଛି; ତାକୁ ଉପଯୁକ୍ତ ଉପଯୋଗ କରି ପ୍ରାଚୀନ ଓଡ଼ିଶାର ସମୃଦ୍ଧିକୁ ଫେରାଇ ଆଣିବାକୁ ପଡ଼ିବ ।

ଆମ ଭିତରେ ଥିବା ଛୋଟ ଛୋଟ ମତଭେଦକୁ ଦୂର କରି ଦଳ, ମତ ନିର୍ବିଶେଷରେ; ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ପାଦରେ ପାଦ ମିଳାଇ ଏକ ନୂତନ ଓ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନକୁ ସଫଳ କରିବାକୁ ଆଗେଇ ଆସନ୍ତୁ । ଉତ୍କଳ ଦିବସ ପାଳନ ଅବସରରେ ମୋ ରାଜ୍ୟବାସୀ ଭାଇ ଭଉଣୀ, ପୁଅ ଝିଅ, ନାତି ନାତୁଣୀ ସମସ୍ତଙ୍କୁ ମୋର ସଂଗ୍ରାମୀ ଆହ୍ୱାନ ।

**ବନ୍ଦେ ଉତ୍କଳ ଜନନୀ ।**



# ଓଡ଼ିଶା ଦିବସ ପାଳନ ଉପଲକ୍ଷେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନାଙ୍କ ବାର୍ତ୍ତା

ଓଡ଼ିଶା ଦିବସ ପାଳନର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ସଦିଚ୍ଛା ଓ ଶ୍ରଦ୍ଧା ଜଣାଉଛି ।

ଏହି ଦିବସ, ଆମ ସମସ୍ତଙ୍କ ପାଇଁ ଏକ ପବିତ୍ର ଦିବସ । ୫୭ ବର୍ଷ ତଳେ, ଓଡ଼ିଆ ଭାଷାଭାଷୀ ମୁଖ୍ୟ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ କରି ଏକ ସ୍ୱତନ୍ତ୍ର ରାଜ୍ୟ ଗଠନର ସ୍ୱପ୍ନ ସାକାର ହୋଇଥିଲା, ଯେଉଁମାନଙ୍କର ସଙ୍କଳ୍ପବଦ୍ଧ ପ୍ରଚେଷ୍ଟା ଓ ଅପୂର୍ବ ତ୍ୟାଗ ଫଳରେ ଓଡ଼ିଶା ପ୍ରଦେଶ ଗଠନ ସମ୍ଭବପର ହୋଇଥିଲା, ସେମାନଙ୍କୁ ମୁଁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି ।

କୌଣସି ଜାତି କେବଳ ବର୍ତ୍ତମାନ–ସର୍ବସ୍ୱ ହେବା ଶୁଭଙ୍କର ନୁହେଁ । ଅତୀତର ଐତିହ୍ୟ ଓ ପରମ୍ପରା ପ୍ରତି ଦୃଷ୍ଟି ଦେଇ ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ ହିଁ ଜାତୀୟତାକୁ ଉଜ୍ଜୀବିତ କରେ । ତେଣୁ ଆଜିର ଶୁଭ ଅବସରରେ ଆମର ଗୌରବମୟ ଅତୀତ ମନେ ପକାଇବା ଉଚିତ । ଦିନେ ଏହି ରାଜ୍ୟର ପରିସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଆମ ପାଇକ ପୁଅର ଅଭୂତପୂର୍ବ ଶୌର୍ଯ୍ୟ, ଦେଶପ୍ରେମ ଓ ଆତ୍ମବଳୀ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା । ଓଡ଼ିଆ ସାଧବ ପୁଅ ନୌ–ବାଣିଜ୍ୟ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଶୀର୍ଷତ୍ୱ ଲାଭ କରିଥିଲା ଏବଂ ଦକ୍ଷିଣ–ପୂର୍ବ ଏସିଆ, ସିଂହଳ ପ୍ରଭୃତି ଦେଶରେ ଆମର ସଂସ୍କୃତି ଓ ସଭ୍ୟତା ସମ୍ପ୍ରସାରିତ କରିଥିଲା । ଓଡ଼ିଶାର ଶିଳ୍ପୀ ନିହାଣ ମୁନରେ ପଥର ବୁକୁରେ ରଚନା କରିଥିଲା ମହାକାବ୍ୟ, ଯାହାର ସ୍ମୃତି ଆଜି ମଧ୍ୟ ବିଭିନ୍ନ ମନ୍ଦିର ଗାତ୍ରରେ ବିଦ୍ୟମାନ । ଶିକ୍ଷା କ୍ଷେତ୍ରରେ, ଏହି ରାଜ୍ୟର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଦିନେ ସମଗ୍ର ବିଶ୍ୱବାସୀଙ୍କୁ ଆକୃଷ୍ଟ କରିଥିଲା । କଳାର ଉତ୍କର୍ଷତା ଯୋଗୁଁ ଏହି ରାଜ୍ୟର ନାମ ଥିଲା ଉତ୍କଳ । ଓଡ଼ିଶାର ସାହିତ୍ୟ ଦିନେ ଭାରତର ସାହିତ୍ୟକୁ ସମୃଦ୍ଧ କରିଥିଲା । ତେଣୁ କେବଳ "ଓଡ଼ିଶା ଦିବସ" ପାଳନ କରି ଆମେ ଆତ୍ମ ସନ୍ତୋଷ ଲାଭ କରିବା ଯଥେଷ୍ଟ ନୁହେଁ । ଆମର ହୃତ ଗୌରବ ଫେରାଇ ଆଣି ଓଡ଼ିଶାକୁ ପୁଣି ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଆମକୁ ନିଷ୍ଠାପର ଉଦ୍ୟମ କରିବାକୁ ହେବ ।

ପ୍ରକୃତି ତା'ର ସମସ୍ତ ସମ୍ଭାର ଅକୁଣ୍ଠ ଭାବେ ଅଜାଡ଼ି ଦେଇଛି ଆମ ରାଜ୍ୟରେ । ଏହି ସମ୍ପଦର ପୂର୍ଣ୍ଣ ବିନିଯୋଗ କରି ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବା ପାଇଁ ବର୍ତ୍ତମାନର ସରକାର ସଙ୍କଳ୍ପବଦ୍ଧ । ଏହି ସାଧୁ ଉଦ୍ୟମର ସାଫଲ୍ୟ ଜନସାଧାରଣଙ୍କର ନିଃସ୍ୱାର୍ଥପର ଉଦ୍ୟମ ଓ ଅକୁଣ୍ଠ ସହଯୋଗ ଉପରେ ନିର୍ଭରଶୀଳ । ଉତ୍କଳ ଗୌରବ ମଧୁସୂଦନଙ୍କ ଭାଷାରେ–

"ନିଜର ଜୀବନ ଜାତିକୁ ଅର୍ପଣ
କଲେ ମିଳେ ଜାତି ପ୍ରାଣ,
ଜାତୀୟ ଜୀବନ ନ ମିଳିବ କଲେ
ହାଟେ ବାଟେ ଅନ୍ୱେଷଣ ।"

ଏହି ମହାନ୍ ବାଣୀ ଆଜି ଆମର ପଥ ପ୍ରଦର୍ଶକ ହେଉ । ଜାତୀୟ ଜୀବନକୁ ସଞ୍ଜୀବିତ କରିବା ପାଇଁ ଓଡ଼ିଶାବାସୀ ଆଜି ବଦ୍ଧ ପରିକର ହୁଅନ୍ତୁ, ଏହା ହିଁ ମୋର କାମନା ।

ବନ୍ଦେ ଉତ୍କଳ ଜନନୀ ।

# ସମ୍ପାଦକୀୟ

## ଓଡ଼ିଶା ଦିବସର ଅନୁଚିନ୍ତା

ଅପ୍ରେଲ ପହିଲା ତାରିଖଟି ଓଡ଼ିଶାର ଜନ୍ମ ଦିବସ। ଏହି ସ୍ମରଣୀୟ ଦିବସଟିକୁ ଆମେ ଓଡ଼ିଶା ଦିବସ ରୂପେ ପାଳନ କରିଥାଉ। ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା ହୋଇଥିଲେ ହେଁ ଭାଷା ଭିତ୍ତିରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ "ଓଡ଼ିଶା ପ୍ରଦେଶ" ଜନ୍ମ ନେଇଥିଲା ୧୯୩୬ ମସିହା ଅପ୍ରେଲ ପହିଲା ତାରିଖରେ।

ଓଡ଼ିଶା ପ୍ରଦେଶ ଗଠନ ହୋଇ ନଥିଲେ ଓଡ଼ିଆ ଭାଷା ମଧ୍ୟ ଅନେକ ପରିମାଣରେ ଲୋପ ପାଇଯାଇଥାନ୍ତା, ସେଥିରେ ସନ୍ଦେହ ନାହିଁ। ଓଡ଼ିଶା ପ୍ରଦେଶ ଗଠନ ହେବା ଫଳରେ ପ୍ରଶାସନିକ ସୁବିଧା ସାଙ୍ଗକୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସୁଯୋଗ ମଧ୍ୟ ମିଳିଛି। ଅତଏବ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ଫଳରେ ପ୍ରଶାସନିକ ସୁବିଧା ସାଙ୍ଗକୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସୁଯୋଗ ମଧ୍ୟ ମିଳିଛି। ତେବେ ଏହି ସୁଯୋଗର ସୁଫଳ ଆମକୁ କେତେ ପରିମାଣରେ ମିଳିଛି, ତାହା ଆଜିର ଏହି ପବିତ୍ର ଜନ୍ମ ଲଗ୍ନରେ ସମୀକ୍ଷା କରିବା କଥା।

ଓଡ଼ିଆ ଭାଷା ଓ ସଂସ୍କୃତି ଅତି ପ୍ରାଚୀନ, ଯାହାକି ଇତିହାସର ଗୌରବୋଜ୍ଜ୍ୱଳ ପୃଷ୍ଠା ମଣ୍ଡନ କରି ଜାଭା, ସୁମାତ୍ରା, ସିଂହଳ, ବାଲି, ବୋର୍ଣ୍ଣିଓ ପ୍ରଭୃତି ସମଗ୍ର ଦକ୍ଷିଣ ପୂର୍ବ ଏସିଆର ବିଭିନ୍ନ ଦେଶକୁ ମଧ୍ୟ ପ୍ରଭାବିତ କରିଥିଲା। କିନ୍ତୁ, ଅତୀବ ଦୁଃଖର ବିଷୟ, ଓଡ଼ିଆ ଭାଷା ଓ ସଂସ୍କୃତିର ଗୌରବମୟ ଅଧ୍ୟାୟକୁ ସମୟ ସ୍ରୋତରେ ଆମେ ଅନେକ ପରିମାଣରେ ଭୁଲିଗଲୁଣି। ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇ ଆସିଥିବା ଓଡ଼ିଆ ଭାଷା, ସଭ୍ୟତା ଓ ସଂସ୍କୃତି ଆଜି ପାଶ୍ଚାତ୍ୟ ସଭ୍ୟତାର ଅନୁକରଣପ୍ରିୟ ହେବାରେ ଲାଗିଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ମୂଳରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳ ଗୌରବ ମଧୁସୂଦନ, ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ, ଶଶିଭୂଷଣ ରଥ ପ୍ରମୁଖ ମହାପୁରୁଷମାନଙ୍କର ଗୋଟିଏ ଆହ୍ୱାନ ଥିଲା–

"ଉଚ୍ଚ ହେବା ପାଇଁ କର ଯେବେ ଆଶା,<br>
ଉଚ୍ଚ କର ଆଗ ନିଜ ମାତୃ ଭାଷା।"

ଏହି ମହତ୍‌ବାଣୀ ଆଜି ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ରୋମନ୍ଥନ ହେବା ଆବଶ୍ୟକ। ସେଥିପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ ଅଭିନବ ପରିକଳ୍ପନା କରି ୧୯୯୬ ଅପ୍ରେଲ ୫ ଓ ୬ ତାରିଖରେ ଦିଲ୍ଲୀଠାରେ "ଓଡ଼ିଆ ସାହିତ୍ୟ ସଂସ୍କୃତି ସମାରୋହ"ର ଆୟୋଜନ କରିଥିଲେ। ପରେ ପରେ ୧୯୯୬ ଡିସେମ୍ବର ମାସରେ କଟକଠାରେ ତିନିଦିନ ଧରି "ବିଶ୍ୱ ଓଡ଼ିଆ ସମ୍ମିଳନୀ"ର ଆୟୋଜନ କଲେ। ଗୌରବମୟ "ବୋଇତ ବାଣିଜ୍ୟ" ପରମ୍ପରାର ପୁନରୁଦ୍ଧାର ଲକ୍ଷ୍ୟରେ ଗତ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ବୋଇତଟିଏ ପାରାଦ୍ୱୀପଠାରୁ ଯାତ୍ରାରମ୍ଭ କରି ସଫଳତାର ସହ ବାଲି ଦ୍ୱୀପରେ ପହଞ୍ଚି ପାରିଛି।

କେବଳ ସେତିକି ନୁହେଁ, ବୀରତ୍ୱର ଧ୍ୱଜା ଉଡ଼ାଇଥିବା ଶକ୍ତିଶାଳୀ ଓଡ଼ିଆ ପାଇକ ବାହିନୀର ପୁନରୁଦ୍ଧାର ପାଇଁ ରାଜ୍ୟସ୍ତରୀୟ ପାଇକ ଆଖଡ଼ା ସମାରୋହ ଆୟୋଜନ କରି ଉତ୍ସାହିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ପାଇକ ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ବେସାମରିକ ଶାରୀରିକ ଶିକ୍ଷା ଏକାଡେମୀ ନାମରେ ଏକ ଏକାଡେମୀ ପ୍ରତିଷ୍ଠା କରିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ପ୍ରାଚୀନ ଓଡ଼ିଆ ଗ୍ରନ୍ଥଗୁଡ଼ିକୁ ହିନ୍ଦି ଓ ଇଂରାଜୀରେ ଅନୁବାଦ କରି ଓଡ଼ିଆ ଭାଷା ଓ ଭାବଧାରାର ପ୍ରସାର ପାଇଁ ବିଜୁବାବୁ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଏସବୁ ବିଭିନ୍ନ ପଦକ୍ଷେପ ସାଙ୍ଗକୁ ଗତ ୧୯୯୬ ଅପ୍ରେଲ ପହିଲା ତାରିଖରେ ଓଡ଼ିଶା ବାହାରେ ଦିଲ୍ଲୀ, କଲିକତା, ବମ୍ବେ, ହାଇଦ୍ରାବାଦ, ମଣିପୁର, ବାଙ୍ଗାଲୋର, ଅରୁଣାଚଳ ପ୍ରଦେଶ ପ୍ରଭୃତି ଭାରତର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ଉତ୍ସବ ପାଳନ କରି ନୂତନ ପରମ୍ପରା ତଥା ନୂତନ ଜାଗରଣ ସୃଷ୍ଟି କରିଛନ୍ତି।

ଅବଶ୍ୟ ଏ କଥା ସତ୍ୟ ଯେ, କାହାକୁ ଠେଲି ଠେଲି ଉପରକୁ ଉଠାଇବା ସମ୍ଭବ ନୁହେଁ। ଉପରକୁ ଉଠିବା ପାଇଁ ନିଜର ମଧ୍ୟ ଆଗ୍ରହ ଓ ଉଦ୍ୟମ ଆବଶ୍ୟକ। ଅତଏବ, ପ୍ରତ୍ୟେକ କଥା ଯେ ସରକାରୀ ସ୍ତରରେ ହିଁ କରାଯିବ ତାହା ଭାବିବା ଉଚିତ ନୁହେଁ। ବିଶେଷ କରି ଓଡ଼ିଆ ଜାତି କେବେହେଲେ କାହା ଉପରେ ନିର୍ଭର କରି ଆସି ନାହିଁ।

ସୁତରାଂ, ଓଡ଼ିଆ ଜାତିର ପୂର୍ବ ଗୌରବକୁ ଫେରାଇ ଆଣି ନୂତନ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ହେଲେ ଆମେ ପ୍ରତ୍ୟେକ କିଛିକିଛି ଦାୟିତ୍ୱ ସମ୍ପାଦନ କରିବାକୁ ହେବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ଦେଇଯାଇଥିବା ଆମର ପୁଣ୍ୟାତ୍ମା ମହାପୁରୁଷମାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଦେଇ ସେମାନଙ୍କର ଆଶୀର୍ବାଦକୁ ପାଥେୟ କରି ନୂତନ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଅଙ୍ଗୀକାରବଦ୍ଧ ହୋଇ ଦୃଢ଼ ପ୍ରତିଜ୍ଞ ହେବା – ଏହା ହିଁ ପବିତ୍ର ଓଡ଼ିଶା ଦିବସର ସଙ୍କଳ୍ପ।

# ନମୋଃ ନମଃ ଉତ୍କଳ ଜନନୀ

* ହୁସେନ୍ ରବି ଗାନ୍ଧୀ

ଅବତରିଛନ୍ତି ଏଠି କେତେ ଋଷି, ମୁନି,
ଦେବଭୂମି, ଦିବ୍ୟଭୂମି ଉତ୍କଳ ଜନନୀ ।
ମହୋଦଧି ମଥାପିତେ ଯାହାର ପୟରେ,
ହୀରାଖଣ୍ଡ, ହୀରା ହାର ଯାହା ହୃଦୟରେ ।
ମହାନଦୀ, ଚିଲିକା ଯେ ଯାହାର ନନ୍ଦିନୀ,
ଦେବଭୂମି, ଦିବ୍ୟଭୂମି, ଉତ୍କଳ ଜନନୀ ।
ମହାମାନବର ପୁଣି ଏ ତପସ୍ୟା ଭୂମି,
ଯହିଁ ଝରେ ପୁଣ୍ୟାଲୋକ ହୋଇ ବୈତରଣୀ ।
ନୀଳଚକ୍ର ବାନା ତଳେ ବୌଦ୍ଧ, ସନାତନୀ,
ଏକ ପୁଣି ଜୈନ, ଯୀଶୁ, ଶିଖ–ମୁସଲମାନୀ ।
ଜମ୍ବୁ ଦ୍ୱୀପ–ଜୟୀ ଖାରବେଳର ସେନାନୀ,
ଯେ ମାଟିରେ ଜନ୍ମ ନେଲା ଏହି ସେହି ଭୂମି ।
କପିଳେନ୍ଦ୍ର–ମୁକୁନ୍ଦର ଜନମିତ ଧରଣୀ,
ଗଙ୍ଗାଠାରୁ ଗୋଦାବରୀ ଯାହାର ସଙ୍ଗିନୀ ।
ହିମାଳୟୁଁ କୃଷ୍ଣା ତଟେ ଥିଲା ଯା' କାହାଣୀ,
ଏହି ସେହି ବୀର ଭୂମି, ଉତ୍କଳ ଜନନୀ ।

ଜୟଦେବ, ଶାରଳା ଓ ଜଗନ୍ନାଥ ଦାସ,
ଭୀମ ଭୋଇ, ଗୋପ, ମଧୁ, ଫକୀର, ସୁଭାଷ ।
ଉପେନ୍ଦ୍ର, ଗଙ୍ଗାଧର, ଭଗବତୀ ପୁଣି–
ଚକରା ବିଶୋଇ ସମ ଜନମ ନେଲା ଜାଣି ।
ଶାନ୍ତି, ମୈତ୍ରୀ, ସମତାର ବାର୍ତ୍ତା ପ୍ରସାରିଣୀ,
ଦେବ ଭୂମି, ଦିବ୍ୟ ଭୂମି, ଉତ୍କଳ ଜନନୀ ।

ବକ୍ସି, ଜୟୀ, ସୁଖି, ବାଜି, ସୁରେନ୍ଦ୍ର ସାଏ,
ଲକ୍ଷ୍ମଣ ଚକରା ପରି ଶତଶତ ପୁଏ ।
ଧରଣୀ ଭୂୟାଁ–କୃତ୍ତିବାସ ପ୍ରସବିନୀ,
ଶହୀଦ ସନ୍ତାନ ସଦା ପ୍ରସବେ ଯେ ଜମି ।
ବଳିଦାନେ ଅଦ୍ୱିତୀୟା ମୋ' ଗର୍ଭ ଧାରିଣୀ–
ବୀର ମାଟି, ପୂତ ମାଟି, ଉତ୍କଳ ଜନନୀ ।
ରଘୁ–ଦିବାକର–କୃଷ୍ଣ ଚନ୍ଦ୍ର ଧରି କୋଳେ,
ରାଧାନାଥ–କବିସୂର୍ଯ୍ୟ ଶୋଭେ ଯା'ର ଗଳେ ।
ସତ୍ୟ ପୀର–ସଂସ୍କୃତିର ବାର୍ତ୍ତା ପ୍ରସାରିଣୀ,
ସାଲବେଗ ଭକ୍ତିରେ ସେ ସଦା ନିମଜ୍ଜିନୀ ।
ସର୍ବ ଧର୍ମ ସମନ୍ୱୟୀ, ସାମ୍ୟ ପ୍ରବାହିନୀ,
ଦେବ ଭୂମି, ଦିବ୍ୟ ଭୂମି, ଉତ୍କଳ ଜନନୀ ।
ମହେନ୍ଦ୍ର ତନୟାଠାରୁ ସ୍ୱର୍ଣ୍ଣ ରେଖା ଯାଏଁ,
ସାଲୁରର ମୁଣ୍ଡ ପୁଣି ଆକାଶକୁ ଛୁଏଁ ।
ସୁଉଚ୍ଚ ପର୍ବତ ଶୃଙ୍ଗ, ସବୁଜ ବନାନୀ,
ଗର୍ଭେ ଯେ ଧରିଛି କେତେ ଧାତୁ ଆଉ ମଣି ।
କିଏ କହେ ମାଆ ମୋର ହେଲା ଅଭାଗିନୀ,
ଧନ–ଧାନ୍ୟ ପରିପୂର୍ଣ୍ଣା ଉତ୍କଳ ଜନନୀ ।

ଏକ୍ରାମ ରସୁଲ ଆଉ ରମାଦେବୀ ବାଣୀ,
ଚମତ୍କୃତ କରେ ଦେଖ ଶୁକଦେଇ ରାଣୀ ।
କଳିଙ୍ଗ ହୋଇଛି ଧନ୍ୟ ଏ ଯୁଗରେ ପୁଣି,
ବିଜୁ ସମ ଜନ୍ମ ଦେଇ ମହା ପୁତ୍ର ମଣି ।
ଏକ ବିଂଶେ ଦେଖ ଦେଖ ଓଡ଼ିଆର ଠାଣି,
ବିଶ୍ୱ ବନ୍ଦନୀୟା ମୋର ଉତ୍କଳ ଜନନୀ ।

ବାରବାଟି ମଡ଼ା ପୁଣି ଉଠି ଅଛି ଡେଇଁ,
ବିଶ୍ୱ ଆଜି ସାଜେ ଓଡ଼ିଆର ଚରା ଭୂଇଁ ।
ଅକରଣୀୟ ଆଜି କିଛି ତା'ର ନାହିଁ,
ବ୍ୟୋମେ, ଜଳେ, ସ୍ଥଳେ ତା'ର କେତନ ଉଡ଼ଇ,
ପୂତ ଭୂମି ଏଇ ମୋର ଉତ୍କଳ ଜନନୀ,
ନମୋଃ ନମଃ ବୀର ମାଟି ଉତ୍କଳ ଜନନୀ ।
ଦେବ ଭୂମି, ଦିବ୍ୟ ଭୂମି, ଉତ୍କଳ ଜନନୀ,
ନମୋଃ ନମଃ ବୀର ମାଟି ଉତ୍କଳ ଜନନୀ ।

(୩ ଡିସେମ୍ବର ୧୯୯୨ରେ କଟକଠାରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ଉପଲକ୍ଷେ ରଚିତ ।)

ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ଚର୍ମ ନିଗମ ଲି.,
କଟକ–୭୫୩୦୦୯ ।

# ଓଡ଼ିଶା ବାହାରେ ଓଡ଼ିଆ

* ଡଃ ପ୍ରସନ୍ନ ପାଟଶାଣୀ

ଶତାବ୍ଦୀର ସଙ୍ଗେ ଭିତରେ ଏକ ମହାନ୍ ସଂସ୍କୃତିର ଐତିହ୍ୟ ନେଇ ଓଡ଼ିଶା ଯେ ବର୍ତ୍ତମାନ ବିଶ୍ୱ ମାନବର ପ୍ରଣାମସ୍ୱ ଭୂମି, ଏଥିରେ ସନ୍ଦେହ ନାହିଁ। ଭାରତବର୍ଷ ବିଶ୍ୱର ବିଦ୍ୟାଗୁରୁ ଭାବେ ପରିଚିତ ଥିଲାବେଳେ ଆଜି ଓଡ଼ିଶା ବିଶ୍ୱର ଧର୍ମଗୁରୁ ହୋଇଯାଇଛି। ଓଡ଼ିଶାର ଆରାଧ୍ୟ ଦେବତା ହିଁ ଜଗତର ଆରାଧ୍ୟ ଦେବତା। ଶ୍ରୀ ଜଗନ୍ନାଥ ଧର୍ମ ହିଁ ଜଗତରେ ଧର୍ମ। "ଧୃୟତେ ଧରଣୀ ଅନେକ ଇତି ଧର୍ମଃ" ଅର୍ଥରେ ତାହା ସମସ୍ତ ସୃଷ୍ଟିର ଦର୍ଶନକୁ ବହନ କରିଛି। ତାହା ହିଁ ସନାତନ ଧର୍ମ। ଅଣିର ବିଶ୍ୱର ଏହା ଏକ ସାମଗ୍ରିକ ରୂପ, ଅଦ୍ଭୁତ ସମନ୍ୱୟ। ଶୈବ୍ୟ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ବୌଦ୍ଧ, ଜୈନ, ଶିଖ ପ୍ରଭୃତି ଭାରତୀୟ ତଥା ମୁସଲମାନ, ଖ୍ରୀଷ୍ଟିୟାନ ପ୍ରଭୃତି ବିଦେଶୀ ଧର୍ମର ଏକ ଅଭୂତପୂର୍ବ ସହାବସ୍ଥାନ ଏଥିରେ। ସବୁରି ଆଧାର ଯେପରି ଏହାର ଦର୍ଶନ, ପଦ୍ଧତି ଏବଂ ଆରାଧନା ପ୍ରକ୍ରିୟା। ଦେବତା ମନୁଷ୍ୟଟି ପରି। ଆଶା, ଆଜ୍ଞା ଏବଂ ଆଶ୍ୱାସନାର ବିବର୍ତ୍ତିତ ଅପେକ୍ଷାରେ ସେ ଚିର ଅପ୍ରତିମୟ ବିଗ୍ରହବିଏ। କଳା ଅଥଚ ସର୍ବାଧୁନିକ କଳାପକ ଭାବେ ଜୀବନର ସଂବେଗ ନେଇ ଅଧିଷ୍ଠିତ। ଏଠି ଭେଦଭାବ ନାହିଁ, ବର୍ଣ୍ଣବୈଷମ୍ୟ ନାହିଁ, ଉଚ୍ଚର, ନୀଚ କଳନା ନାହିଁ। ସମ୍ପୂର୍ଣ୍ଣ କମ୍ୟୁନିଜିମ୍‌ର ସାମାଜିକ ଅଭିଳୁତ ଅଥଚ ଡେମୋକ୍ରାଟିକ୍ ମାନବିକତାର ଚରମ ପର୍ଯ୍ୟାୟ। ମଣିଷ ଦେବତା ସ୍ତରକୁ ଉନ୍ନୀତ ହେବା ଏବଂ ଦେବତା ମଣିଷପଣିଆକୁ ଅବତରଣ କରିବାର ଅପୂର୍ବ ପରିକଳ୍ପନା। ଏହିପରି ଏକ ବିଶ୍ୱ ସଂହତିର ମାନସିକତାକୁ ନେଇ ଯେଉଁ ଐତିହ୍ୟ ଆଜି ଆନ୍ତର୍ଜାତିକସ୍ତରରେ ମାନବବାଦର ପ୍ରତିଷ୍ଠା କରିପାରିଛି, ତାହା ହିଁ ତା'ର ସାଂସ୍କୃତିକ ସଂସ୍କାର, ତାହାହିଁ ତା'ର ଓଡ଼ିଆ ବୋଲି ଦ୍ୱିମତ ହେବାର ଅବକାଶ ନାହିଁ। ଐତିହାସିକ ପୃଷ୍ଠଭୂମିରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଏକ ପରାକ୍ରମୀ ସାମରିକ ଜାତି ଭାବେ ଉତ୍କଳର ପ୍ରତିଷ୍ଠାକୁ ଇତିହାସ ସାକ୍ଷୀ ଦିଏ। ଅନେକ କିମ୍ବଦନ୍ତୀ, କାହାଣୀ, ଅସୁମାରୀ ପରିକଳ୍ପନା ଏ ଭୂଖଣ୍ଡ ପାଇଁ। ଜୈନ, ବୌଦ୍ଧ, ଶୈବଧର୍ମର କେନ୍ଦ୍ରଥିଲା ଉତ୍କଳ। ଚଣ୍ଡାଶୋକ, ଧର୍ମାଶୋକରେ ପରିଣତ ହେଲେ ଓଡ଼ିଶାରେ। ଦୟାନଦୀ ତୀରରେ ଚଟସ୍ଥ ହୋଇଗଲେ ଦୁର୍ଦ୍ଧର୍ଷ ଅଶୋକ। ହିଂସା, ହତ୍ୟା ପ୍ରଶୋଣିତ ତରବାରୀର ଭୟ ପ୍ରକୃତରେ ଭୟ ନୁହେଁ, ଏ ଉପଲବ୍ଧି ହେଲା ଉତ୍କଳ ଭାରତ ସମ୍ରାଟ ଅଶୋକଙ୍କୁ। ସେ ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ, ସିଂହଳ, ଜାପାନ, ଚୀନ, ଇଣ୍ଡୋନେସିଆ, ବ୍ରହ୍ମଦେଶ, ତିବ୍ବତ ପ୍ରଭୃତିରେ ବୌଦ୍ଧଧର୍ମ ପ୍ରତିଷ୍ଠା ହେଲା। ଏହା ସମ୍ଭବ ହେଲା 'ଓଡ଼ିଆତ୍ୱ'ର ସ୍ପର୍ଶ ନେଇ। ଆଜି ବିଶ୍ୱ ପାଇଁ ଏ ଆଣବିକ ମାରଣାସ୍ତ୍ର ଆତଙ୍କିତ ଜୀବନ ପାଇଁ, ଏ ଉପଲବ୍ଧିର ଆବଶ୍ୟକତା ଅନୁଭବ କରାଯାଉଛି। ଏହା ହିଁ ବିଶ୍ୱଜୀବନ ପାଇଁ 'ଓଡ଼ିଆତ୍ୱ'ର ଏକ ଐତିହାସିକ ଅବଦାନ ନୁହେଁ କି ?

ଜାଭା, ବାଲି, ବୋର୍ଣ୍ଣିଓ, ମାଲେସିଆ ପ୍ରଭୃତି ରାଜ୍ୟରେ ଏବେ ବି (କ୍ଲିଙ୍ଗ) କଳିଙ୍ଗର ବାଣିଜ୍ୟ, ବ୍ୟାବସାୟିକ ସମ୍ପର୍କର ସୂଚନା ଦିଏ। ଜଳଯାତ୍ରା ଦିଗରେ ଭାରତର ଯେକୌଣସି ପ୍ରାନ୍ତୀୟ ରାଜ୍ୟ ତୁଳନାରେ ଓଡ଼ିଶା ଅଗ୍ରଗଣ୍ୟ ଥିଲା। ମହାଭାରତୀୟ ସଂସ୍କୃତିର ବାହକ ଭାବେ ଏହି 'ଓଡ଼ିଆତ୍ୱ'ର ନିଜସ୍ୱ ହିଁ ତାଙ୍କର ମାନସିକ ଦୂରଦୃଷ୍ଟି ପାଇଁ ଦାୟୀ ଥିଲା। ଏହା ଅନାୟାସେ କୁହାଯାଇ ପାରେ। ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶା ଆଜି ଏକ ପର୍ଯ୍ୟଟକ ପ୍ରଲୁବ୍ଧ ସ୍ଥଳୀ। ପାଷାଣର କାବ୍ୟ 'କୋଣାର୍କ' ଆଜି ସମଗ୍ର ବିଶ୍ୱରେ ଏକ କଳାତ୍ମକ ଆଦର୍ଶ। ସତ୍ୟ ଏବଂ ସ୍ୱପ୍ନର ଫେଣ୍ଟା ଫେଣ୍ଟି ସ୍ଥାପତ୍ୟର ଜୀବନ ଦର୍ଶନ ଯେତିକି ତୀବ୍ର, ସୂକ୍ଷ୍ମ କାରୁକାର୍ଯ୍ୟ ଜନିତ ଉତ୍କଳୀୟ ଶିଳ୍ପ ନୈପୁଣ୍ୟ ସେତିକି ବିସ୍ମୟକର ହୋଇଛି। ବୈଦିକ ଯୁଗରେ ସକଳଶକ୍ତିର ଆଧାର ସୂର୍ଯ୍ୟପୂଜା ହେଉ କିମ୍ବା ଆଧୁନିକଯୁଗର ରଶ୍ମିବିଜ୍ଞାନର ମୂଳତତ୍ତ୍ୱ ସୂର୍ଯ୍ୟଙ୍କୁ ପୃଥିବୀର ସବୁଠାରୁ ଶ୍ରେଷ୍ଠତମ ଏବଂ ଶ୍ରେୟ ଭାବେ ବାନ୍ଧି ରଖିବାର ଅଭିନବ ପରିକଳ୍ପନା ଏ ଜାତିର ଏକ ସ୍ୱତନ୍ତ୍ର ଅବବୋଧକୁ ସୂଚାଇ ଥାଏ। ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର ତଥା ଅସଂଖ୍ୟ ମନ୍ଦିର ମୂର୍ତ୍ତି ଏକ ବଳିଷ୍ଠ ସ୍ଥାପତ୍ୟ କଳା, ଶିଳ୍ପୀ ପରମ୍ପରାର ଉଜ୍ଜ୍ୱଳ ପ୍ରମାଣ।

ନୈସର୍ଗିକ ପ୍ରାଣ ପ୍ରାଚୁର୍ଯ୍ୟ ନେଇ ଯେଉଁ ଓଡ଼ିଆର ଜନ୍ମ, ଅଖଣ୍ଡ ସଂହତି ଓ ସମନ୍ୱୟରେ ତା'ର ସାଂସ୍କୃତିକ ପ୍ରାଣପିଣ୍ଡ ସଂଚରଣଶୀଳ, ମାନବିକ ଅଧିକାର, ସାମ୍ୟବାଦର ଆଦର୍ଶକୁ ନେଇ ଯା'ର ଆରାଧ୍ୟଦେବତା ଜଗତର ଆରାଧ୍ୟ, ସତ୍ୟ, ଶିବ, ସୁନ୍ଦରକୁ ନେଇ ଯା'ର ଶିଳ୍ପକଳା ପରିପୂର୍ଣ୍ଣ, ବିଶ୍ୱଜୀବନ ପାଇଁ 'ଓଡ଼ିଆତ୍ୱ'ର ଏଗୁଡ଼ିକ ଯେ ଅବଦାନ ଏଥିରେ ସନ୍ଦେହ ନାହିଁ। ଏହି ପରିପ୍ରେକ୍ଷୀରେ ସାମ୍ପ୍ରତିକ ଓଡ଼ିଶାର ପ୍ରବୀଣ ଓ ତରୁଣ ସାହିତ୍ୟିକମାନଙ୍କର ଦାୟିତ୍ୱବୋଧର ଅବତାରଣା କରିଲେ ଅସମୀଚୀନ ହେବନାହିଁ।

ଭାଷା ଯଦି ମନୁଷ୍ୟର ଚିନ୍ତାଶକ୍ତି, ଅଭିବ୍ୟକ୍ତି ଏବଂ ଉପଲବ୍ଧିର ଶ୍ରେଷ୍ଠ ମାଧ୍ୟମ, ସାହିତ୍ୟ ଦୃଷ୍ଟିରୁ ଭାଷାର ଦାୟିତ୍ୱବୋଧ ବ୍ୟାପକ, ଓଡ଼ିଆ ଲିପି ଭାରତୀୟ 'ଲିପି' ଇତିହାସର ଏକ ବିସ୍ମୟକର ସୃଷ୍ଟି। ଉତ୍ତରଭାରତ ଏବଂ ଦକ୍ଷିଣଭାରତ ଲିପିର ଏକ ମିଶ୍ରିତ ଆକର୍ଷଣୀୟ ରୂପ। ଅସୀମ ଭିତରେ ସସୀମର ସଂସ୍ଥାପନା।

ହୋଇଥିଲା ଏ ଲିପିର ଅଙ୍କନର ଆଦର୍ଶ । ତେବେ ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ଆଜି ଆନ୍ତର୍ଜାତିକ ସ୍ତରରେ ସମକକ୍ଷ । ଅକ୍ଷର ଭୂମିକା ଭିତ୍ତିରେ 'ଲିପି'ର ବିବର୍ତ୍ତନ ହୁଏ କିମ୍ବା ନାହିଁ ଏହା ପ୍ରଶ୍ନ ଗବେଷଣାସାପେକ୍ଷ. ତେବେ ଓଡ଼ିଆ ଲିପି ସମଗ୍ର ବିଶ୍ୱଲିପିର ଅକ୍ଷରଗୁଡ଼ିକୁ ବହନ କରିଥିବାର ସାମର୍ଥ୍ୟ ଉପରେ ମୁଁ ପ୍ରଶ୍ନବାଚୀ । ତେଣୁ ଯଦି ଜାପାନ, ସୁଇଜରଲାଣ୍ଡ ପ୍ରଭୃତି ଦେଶ ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ଓଡ଼ିଶାଠାରୁ ବିଶେଷ ଅଧିକ ନଥିବା ସ୍ଥଳେ ସେ ଭାଷା ଆଜି ଆନ୍ତର୍ଜାତିକ ଭାଷା ଭାବେ ପରିଚିତ ହେବାକୁ ବସିଲାଣି । ଓଡ଼ିଆ ଭାଷା ଆନ୍ତର୍ଜାତିକ ଭାଷାର ଗୌରବଲାଭ କାହିଁକି କରିନପାରିବ ? ଏ ପ୍ରଶ୍ନ 'ଓଡ଼ିଆତ୍ୱ'ର ପ୍ରଶ୍ନ । ସମ୍ପ୍ରତି ସମସ୍ତ ଏ ଶତାବ୍ଦୀର ସବୁଠାରୁ ବିପଜ୍ଜନକ ସମସ୍ୟା । ଏ ସମସ୍ୟାରେ ସମଗ୍ର ବିଶ୍ୱପାଇଁ 'ଓଡ଼ିଆତ୍ୱ'ର ଆବଶ୍ୟକତା ଯଥେଷ୍ଟ । ଆଜି ବିଶ୍ୱର ବିଭିନ୍ନ ଦେଶରେ ଓଡ଼ିଶାର ଅନେକ ସ୍ୱନାମଧନ୍ୟ ଓଡ଼ିଆମାନେ କଳା, ସାହିତ୍ୟ, ଶିଳ୍ପ କ୍ଷେତ୍ରରେ ଅଭୂତପୂର୍ବ ସାଫଲ୍ୟ ଆଣି 'ଓଡ଼ିଆତ୍ୱ'ର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ତେଣୁ ସାହିତ୍ୟ ଓ ଭାଷା କ୍ଷେତ୍ରରେ ଏକ ବିପ୍ଳବାତ୍ମକ ସଂକଳ୍ପର ଆବଶ୍ୟକତା ରହୁଛି । ଏହାର ଦାୟିତ୍ୱ ଆପଣଙ୍କର । ସମସ୍ତ ପ୍ରବୀଣ ଏବଂ ତରୁଣଙ୍କର ଏହା ହିଁ ଆଜିର ସଂକଳ୍ପ ହେଉ ।

---

ମନ୍ତ୍ରୀ, ସାଧାରଣ ଅଭିଯୋଗ ଓ
ପେନ୍‌ସନ୍ ପ୍ରଶାସନ, ଓଡ଼ିଶା ।




ସୂଚନା ଭବନଠାରେ ଅନୁଷ୍ଠିତ ଆର୍ଯ୍ୟ ହରିହର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ରଙ୍କ ଉଦ୍‌ବୋଧନ ।

# ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ

* ରବୀନ୍ଦ୍ର ମୋହନ ସେନାପତି

ମନ୍ଦିର-ରାଜି ଓଡ଼ିଶା ମନ୍ଦିର-ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପାଇଁ ଦେଶବିଦେଶରେ ଖ୍ୟାତ । ପ୍ରଥମ କାଳରେ ଓଡ଼ିଶାର ସ୍ଥାପତ୍ୟ ଉପରେ ଗୁପ୍ତ ସାମ୍ରାଜ୍ୟର କଳାର ପ୍ରଭାବ ପଡ଼ିଥିଲା । କିନ୍ତୁ ଅଷ୍ଟମ ଓ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାର ପ୍ରସ୍ତର-ଶିଳ୍ପୀମାନେ ନିଜର ସମ୍ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ରକ୍ଷାକରି କଳିଙ୍ଗ ଶୈଳୀରେ ମନ୍ଦିରସବୁ ନିର୍ମାଣ କରିଥିଲେ ଓ ଭାସ୍କର୍ଯ୍ୟକାମମାନ କରିଥିଲେ । ଭାରତରେ ଉତ୍କଳୀୟ ମନ୍ଦିରର ସ୍ୱାତନ୍ତ୍ର୍ୟ ନିମ୍ନଲିଖିତ ବିଭାଗରୁ ଜଣାପଡ଼ିବ:-

ଭାରତୀୟ ମନ୍ଦିର

(୧) ନାଗର ________________ (୩) କଳିଙ୍ଗ

ଆର୍ଯ୍ୟ ଭାରତୀୟ

(୨) ବେସର

(କ) ଦ୍ରାବିଡ଼ ଦକ୍ଷିଣ ଭାରତୀୟ — (ଖ) ଚାଲୁକ୍ୟ ଦକ୍ଷିଣ ପଶ୍ଚିମ ଭାରତୀୟ

ଶୈଳୋଦ୍ଭବ ବଂଶ ସମୟରୁ (୬୦୦ରୁ ୭୩୬ ଖ୍ରୀଷ୍ଟାବ୍ଦ) ଓଡ଼ିଶାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ଏହାପରେ ଭୌମକର ବଂଶ (୭୩୬ରୁ ୯୪୦ ଖ୍ରୀଷ୍ଟାବ୍ଦ), ସୋମବଂଶ (୮୮୨ରୁ ୧୧୧୦ ଖ୍ରୀଷ୍ଟାବ୍ଦ) ଓ ରାଜକୀୟ ଗଙ୍ଗବଂଶ (୧୧୧୦ରୁ ୧୪୩୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ରାଜତ୍ୱ କରୁଥିଲେ ଏବଂ ଏମାନଙ୍କ ସମୟରେ ମନ୍ଦିର ଓ ଶିଳ୍ପକଳାର ଅପୂର୍ବ ଉନ୍ନତି ହୋଇଥିଲା । ରାଜକୀୟ ଗଙ୍ଗ ରାଜତ୍ୱ ସମୟରେ କଳିଙ୍ଗ--ମନ୍ଦିର-ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଶୀର୍ଷସ୍ଥାନରେ ପହଞ୍ଚିଥିଲା । ମନ୍ଦିରଗୁଡ଼ିକ ପ୍ରସିଦ୍ଧ ସ୍ଥାନ ବା ଧର୍ମକ୍ଷେତ୍ରମାନଙ୍କରେ ନିର୍ମିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ଯାଜପୁର, ବୌଦ୍ଧ, ଭୁବନେଶ୍ୱର, କୋଣାର୍କ, ପୁରୀ, ରାଣୀପୁର-ଝରିଆଲ ମୁଖ୍ୟ । କିନ୍ତୁ ଭୁବନେଶ୍ୱର ସର୍ବାଧିକ ମନ୍ଦିର ନିର୍ମାଣରେ ଉଲ୍ଲେଖଯୋଗ୍ୟ ସ୍ଥାନ ଅଧିକାର କରିଛି ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ଅର୍ଥାତ ଅଶୋକଙ୍କ କଳିଙ୍ଗ ବିଜୟ ପୂର୍ବରୁ କୌଣସି ମନ୍ଦିର ଓଡ଼ିଶାରେ ଦେଖାଯାଏ ନାହିଁ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ପ୍ରସ୍ତର-କଳାର ନିଦର୍ଶନ ଭୁବନେଶ୍ୱରଲୋ ଧଉଳି ନିକଟରେ ପ୍ରସ୍ତର-ଖୋଦିତ ହସ୍ତୀ ଓ ଉକ୍ତ ଅଶୋକସ୍ତମ୍ଭରୁ ଜଣାପଡ଼େ । ଏହା ପରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗର ପ୍ରତାପଶାଳୀ ସମ୍ରାଟ ମହାମେଘବାହାନ ଏୖର ଖାରବେଳ ଭୁବନେଶ୍ୱରସ୍ଥ ହାତୀଗୁମ୍ଫାଅଭିଲେଖରେ ନିଜର କାର୍ଯ୍ୟକଳାପ ଓ କଳାପ୍ରିୟତା ପ୍ରକାଶ କରିଛନ୍ତି । ଖଣ୍ଡଗିରି ଓ ଉଦୟଗିରିର ଶିଳାଗାତ୍ରରେ ଖୋଦିତ ଚିତ୍ରକଳା ସେ ସମୟର କଳାର ନିଦର୍ଶନ । ଏହି ଗୁମ୍ଫାମାନଙ୍କରେ ଜୈନ ମୁନିମାନେ ରହୁଥିଲେ ।

ଖ୍ରୀଷ୍ଟପୂର୍ବ ଯୁଗରେ କିମ୍ବା ଖ୍ରୀଷ୍ଟାବ୍ଦ ପ୍ରଥମରୁ ସପ୍ତମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବା କୌଣସି ମନ୍ଦିର ଓଡ଼ିଶାରେ ନାହିଁ । ଶୈଳୋଦ୍ଭବ ରାଜତ୍ୱ ସମୟରେ ଭୁବନେଶ୍ୱରରେ ପର୍ଶୁରାମେଶ୍ୱର, ଲକ୍ଷ୍ମଣେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିର ଓ ବାଣପୁରରେ ନୀଳାଦ୍ରିପ୍ରସାଦ ମନ୍ଦିର ନିର୍ମିତ ହୋଇଥିଲା । ଭୌମକର ରାଜତ୍ୱ ସମୟରେ ଏକ ନୂତନ ଅଭିଲେଖରେ ଭୁବନେଶ୍ୱର ନିକଟରେ ଶିଶିରେଶ୍ୱର, ବୋଇତାଳ ଓ ମାର୍କଣ୍ଡେଶ୍ୱର ମନ୍ଦିରମାନ ନିର୍ମିତ ହୋଇଥିଲା । ସୋମବଂଶୀଙ୍କ ରାଜତ୍ୱ ସମୟରେ ଶୈବଧର୍ମର ଅଭ୍ୟୁତ୍ଥାନ ହୋଇଥିଲା । ଏହି ସମୟରେ ଭୁବନେଶ୍ୱରର ମୁକ୍ତେଶ୍ୱର, ରାଜରାଣୀ, ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିରମାନ ନିର୍ମାଣ ହୋଇଥିଲା । ଯଯାତି ଦ୍ୱିତୀୟଙ୍କ ସମୟରେ (୧୦୬୦ ଖ୍ରୀଷ୍ଟାବ୍ଦ) ଲିଙ୍ଗରାଜ ମନ୍ଦିର ନିର୍ମିତ ହୋଇଥିଲା । ସୋମବଂଶୀଙ୍କ ସମୟରେ ଭାସ୍କର୍ଯ୍ୟ କଳାର ଅପୂର୍ବ ଅଭ୍ୟୁଦୟ ହୋଇଥିଲା । ଗଙ୍ଗବଂଶ ରାଜତ୍ୱ ସମୟରେ ମନ୍ଦିରସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅପୂର୍ବ ଉନ୍ନତି ହୋଇ ଏହି କଳା ଶୀର୍ଷସ୍ଥାନରେ ପହଞ୍ଚିଥିଲା । ଏହି ସମୟରେ ଚୋଡ଼ଗଙ୍ଗଦେବଙ୍କ ସମୟରେ (୧୧୫୦ ଖ୍ରୀଷ୍ଟାବ୍ଦ) ପୁରୀର ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା । ଏହି ସମୟରୁ ଜଗନ୍ନାଥ କୃଷ୍ଟିର ପ୍ରାଧାନ୍ୟ ବଢ଼ିଲା । ଗଙ୍ଗବଂଶ ରାଜତ୍ୱ ସମୟରେ ନରସିଂହ ଦେବ (୧୨୫୦ ଖ୍ରୀଷ୍ଟାବ୍ଦ) କୋଣାର୍କରେ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିର ୨୪ଟି ଚକଥିବା ଓ ୭ଟି ଘୋଡ଼ାଦ୍ୱାରା ରଥ ଟଣା ହେବା ପରିକଳ୍ପନାକୁ ପ୍ରକାଶ କରିଥିଲେ । ଓଡ଼ିଶାରେ ବୌଦ୍ଧ କଳାର ମଧ୍ୟ ବିକାଶ ହୋଇଥିଲା । ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀରୁ ଆରମ୍ଭ କରି ଏକାଦଶ ଶତାବ୍ଦୀଯାଏ ବୌଦ୍ଧକଳା ବିକଶିତ ହେବା ଯୋଗୁଁ ଓଡ଼ିଶାରେ ବହୁ ବୌଦ୍ଧସ୍ମାରକୀ ଅଛି । ଏଥି ମଧ୍ୟରୁ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପ୍ରଧାନ । ବୌଦ୍ଧ ବିହାର ଓ ବଜ୍ରଯାନ ସ୍ଥାପତ୍ୟକଳା ଏହି ସମୟରେ ଉଲ୍ଲେଖଯୋଗ୍ୟ ।

ଉତ୍କଳୀୟ ମନ୍ଦିରମାନ 'ରେଖ' ଦେଉଳ ବା 'ପୀଢ଼' ଦେଉଳ ପ୍ରଥା ଅନୁସରଣ କରି ନିର୍ମିତ ହୋଇଛି । ଉତ୍କଳୀୟ ଦେଉଳର ପ୍ରକାରଭେଦ ନିମ୍ନପ୍ରକାରର । ବିମାନକାଣ୍ଡର 'ପାଗ' ବା 'ଭାଗ' ସଂଖ୍ୟା ଅନୁସାରେ ଦେଉଳର ଏପରି ନାମ ହୋଇଅଛି ।

ଏକରଥ ଦେଉଳ:–ଏହି ଶ୍ରେଣୀର ଦେଉଳକୁ ଚତୁର୍ଭୁଜାକାର ଦେଉଳ କୁହାଯାଏ । ଭୁବନେଶ୍ୱରର ବୋଇତାଳ ଏହି ଶ୍ରେଣୀର ଦେଉଳ ଅଟେ ।

ତ୍ରିରଥ ଦେଉଳ:–ଭୁବନେଶ୍ୱରର ପର୍ଶୁରାମ ମନ୍ଦିର ଏହି ଶ୍ରେଣୀର ଅଟେ ।

ପଞ୍ଚରଥ ଦେଉଳ:–ଭୁବନେଶ୍ୱର ଲିଙ୍ଗରାଜ, ପୁରୀର ଜଗନ୍ନାଥ ଓ କୋଣାର୍କର ସୂର୍ଯ୍ୟମନ୍ଦିରକୁ ପଞ୍ଚରଥ କୁହାଯାଏ ।

ସପ୍ତରଥ ଦେଉଳ:–ଭୁବନେଶ୍ୱରର ରାଜାରାଣୀ ଦେଉଳ (ବିମାନ ଓ ଜଗମୋହନ) ଏହି ଶ୍ରେଣୀର ଦେଉଳ ଅଟେ ।

ଉତ୍କଳୀୟ ଅଧିକାଂଶ ପ୍ରାଚୀନ ମନ୍ଦିରମାନଙ୍କରେ ନିମ୍ନ କେତେଗୋଟି ଅଂଶ ଦେଖାଯାଏ:–

୧ମ:–ବିମାନ ଦେଉଳ ବା ବଡ଼ଦେଉଳ ଏହା ମଧ୍ୟରେ ଠାକୁର ରହନ୍ତି ଓ କୋଠଭୋଗ ହୁଏ ।

୨ୟ:– ମୁଖଶାଳା, ଜଗମୋହନ, ମୋହନ ବା ଅନ୍ତରାଳ–ଏହା ମଧ୍ୟରେ ଯାତ୍ରୀ, ଭକ୍ତମାନେ ଦଣ୍ଡାୟମାନ ହୋଇ ଦେବଦର୍ଶନ କରନ୍ତି ।

୩ୟ:–ନାଟ ମନ୍ଦିର ବା ମଣ୍ଡପ– ଏହା ମଧ୍ୟରେ ନର୍ତ୍ତକୀ ବା ଦେବଦାସୀମାନେ ନୃତ୍ୟ କରନ୍ତି ।

୪ର୍ଥ:–ଭୋଗ ମଣ୍ଡପ–ଏଠାରେ ଯାତ୍ରୀମାନଙ୍କର ପ୍ରଦତ୍ତ ଛତ୍ରଭୋଗ ଠାକୁରଙ୍କ ନିକଟରେ ଭୋଗହୁଏ ।

ଓଡ଼ିଶାର ମନ୍ଦିର–ସ୍ଥାପତ୍ୟର ଆଦିକାଳରେ ଚତୁର୍ଭୁଜାକାର ପୀଠ ଓ ଶିଖର ଏବଂ ସମକୋଣ ଆୟତାକାର ମୁଖମଣ୍ଡପ ବା ଜଗମୋହନ ଥିଲା, ଯେଉଁଥିରେ ସ୍ତମ୍ଭମାନ ଥିଲା ଓ ସ୍ତମ୍ଭମାନଙ୍କ ଉପରେ ଛାତ ଥିଲା । ଭୁବନେଶ୍ୱରସ୍ଥ ସପ୍ତମ ଶତାବ୍ଦୀର ପର୍ଶୁରାମ ମନ୍ଦିର ଏହାର ନିଦର୍ଶନ । ଭୌମକର ସମୟରେ ଏହି ସ୍ତମ୍ଭମାନ ନଥିଲା । କାଣ୍ଠିଲିଭର ଦ୍ୱାରା ଜଗମୋହନ ନିର୍ମିତ ହେଲା । ବୋଇତାଳ ମନ୍ଦିରର ଜଗମୋହନ ଏହି ପ୍ରଣାଳୀରେ ତିଆରି । ଷଷ୍ଠ ଶତାବ୍ଦୀରୁ ଦଶମ ଶତାବ୍ଦୀ ଭିତରେ ରେଖ ଦେଉଳର ବା ପୀଠ ବା ମାନର ପରିବର୍ତ୍ତନ ହେଲା । ପୂର୍ବରୁ ତ୍ରିରଥ ମନ୍ଦିର ଚତୁର୍ଭୁଜାକାର ଦିଶୁଥିଲା କିନ୍ତୁ ପଞ୍ଚରଥ ମନ୍ଦିର ହେବା ଫଳରେ ରେଖ ଦେଉଳ ବା ପୀଠବିମାନର ଆକାର ଗୋଲାକାର ହେଲା ।

ଗଙ୍ଗବଂଶ ରାଜତ୍ୱ ସମୟରେ ସପ୍ତରଥ ଦେଉଳମାନ ନିର୍ମିତ ହୋଇଥିଲା । ମନ୍ଦିର ସ୍ଥାପତ୍ୟର ଆଦ୍ୟକାଳରେ ଭୂମିରୁ ମନ୍ଦିର ହଠାତ୍ ଉଠୁଥିଲା । କିନ୍ତୁ ସୋମବଂଶୀଙ୍କ ସମୟରେ ମନ୍ଦିରର ଗଣ୍ଡିରୁ ମନ୍ଦିର ଗଢ଼ିଉଠିଥିଲା । ସୋମବଂଶୀ ସମୟରେ ପଞ୍ଚରଥ ଦେଉଳ ଓ ଚତୁର୍ଭୁଜାକାର ଜଗମୋହନ, ମନ୍ଦିରର ବିଶେଷତ୍ୱ ଥିଲା । ରାଜକୀୟ ଗଙ୍ଗବଂଶ ସମୟରେ ମନ୍ଦିର ସ୍ଥାପତ୍ୟର ଆଉ ଯୋଡ଼ିଏ ଉନ୍ନତି ହେଲା । ଉଚ୍ଚମେଢ଼ିଆ ଉପରୁ ଏହି ସମୟରେ ମନ୍ଦିର ନିର୍ମାଣ ହେଲା । ଦ୍ୱିତୀୟତଃ ନାଟମନ୍ଦିର ଓ ଭୋଗମଣ୍ଡପ ଯୋଡ଼ାହେଲା । ଏହା ଲିଙ୍ଗରାଜ ଓ ପୁରୀ ମନ୍ଦିରରେ ଦେଖାଯାଏ । କିନ୍ତୁ କୋଣାର୍କ ମନ୍ଦିରରେ କେବଳ ନାଟମନ୍ଦିର ଅଛି ଏବଂ ଏହା ମୂଳ ମନ୍ଦିରଠାରୁ ଛାଡ଼ିକରି ଅଛି ।

ଉତ୍କଳୀୟ ମନ୍ଦିରର ଭାସ୍କର୍ଯ୍ୟ ଅପୂର୍ବ । ଏଥିରେ କଳିଙ୍ଗ ଶୈଳୀର ଶିଳ୍ପଚାତୁରୀ ଉଲ୍ଲେଖଯୋଗ୍ୟ । ମୁଖଶାଳାର ପୂର୍ବଦ୍ୱାର ଉପରେ ସୁନ୍ଦର ନବଗ୍ରହ ବା ମାନବଗ୍ରହ ମୂର୍ତ୍ତି ଦେଖାଯାଏ । ପ୍ରତ୍ୟେକ ମନ୍ଦିରର ମୁଖଶାଳାର ପୂର୍ବଦ୍ୱାରର ଉଭୟପାର୍ଶ୍ୱରେ ଦୁଇଗୋଟି ଦ୍ୱାରପାଳ ମୂର୍ତ୍ତି ଥାଏ । ବିଷ୍ଣୁମନ୍ଦିର ସମ୍ମୁଖରେ ଗରୁଡ଼ସ୍ତମ୍ଭ ଥାଏ । ଶିବମନ୍ଦିର ମୁଖଶାଳା ମଧ୍ୟରେ ଶିବଙ୍କର ବାହନ ବୃଷଭମୂର୍ତ୍ତି ଥାଏ । ବିଷ୍ଣୁମନ୍ଦିରରେ ପାର୍ଶ୍ୱଦେବତା ରୂପେ ନୃସିଂହ ଓ ବରାହ ମୂର୍ତ୍ତି ଏବଂ ଶିବମନ୍ଦିରର ପାର୍ଶ୍ୱଦେବତା ରୂପେ କାର୍ତ୍ତିକେୟ, ଗଣେଶଙ୍କ ମୂର୍ତ୍ତି ଥାଏ । ଶିବମନ୍ଦିରର ଉତ୍ତର ଦିଗରେ ପାର୍ବତୀଙ୍କ ପ୍ରତିମୂର୍ତ୍ତି ଥାଏ । ପ୍ରତ୍ୟେକ ମନ୍ଦିରରେ ଦଶଦିଗପାଳଙ୍କ ପ୍ରତିମୂର୍ତ୍ତିମାନ ସ୍ଥାପିତ ହୋଇଥାଏ । ଅଧିକାଂଶ ମନ୍ଦିର କାନ୍ଥରେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଦେଖାଯାଏ । ଏଥି ମଧ୍ୟରେ ବିଷ୍ଣୁଙ୍କ ଦଶବତାର, କୃଷ୍ଣଙ୍କର ଗିରିଗୋବର୍ଦ୍ଧନ ଧାରଣ ଦୃଶ୍ୟ, କାଳୀୟଦଳନ ଦୃଶ୍ୟ, ରାମସୀତାଙ୍କ ପ୍ରତିମୂର୍ତ୍ତି ଓ ଶିବ ଓ ଦେବୀ ମନ୍ଦିରରେ ଚଣ୍ଡୀ, ଚାମୁଣ୍ଡୀ, ଅଷ୍ଟଭୂଜା, କାପାଳିନୀ ଓ ବାରାହୀଙ୍କ ପ୍ରତିମୂର୍ତ୍ତି ଦେଖାଯାଏ ।ଉତ୍କଳୀୟ ମନ୍ଦିର କାନ୍ଥରେ ମନୁଷ୍ୟ ଜୀବନର (ସ୍ତ୍ରୀ ଓ ପୁରୁଷ) ଯେତେ ଯେତେ ଅବସ୍ଥାରେ ଜୀବନଯାପନ କରିପାରେ–ଗୃହୀ, ସନ୍ନ୍ୟାସୀ, ରାଜା, ସୈନିକ, ପ୍ରେମିକ, ମଲ୍ଲ, ଶିକାରୀ, ଗାୟକ, ବାଦକ, ନର୍ତ୍ତକ, ଶିକ୍ଷକ, ଶିଷ୍ୟ, ବଣିକ, କୃଷକ, କାମୁକ, ଧାର୍ମିକ ପ୍ରଭୃତି ସକଳ ଅବସ୍ଥାରେ ମନୁଷ୍ୟର ଭାବଭଙ୍ଗୀ ପ୍ରସ୍ତର ଦେହରେ ଦେଖାହୋଇଛି । କାଳ୍ପନିକ ସ୍ତ୍ରୀ/ପୁରୁଷ ମୂର୍ତ୍ତି ମଧ୍ୟରୁ ନାଗକନ୍ୟା, କୀର୍ତ୍ତିମୁଖ, ମତ୍ସ୍ୟକନ୍ୟା, ଅପସରା ଓ ପକ୍ଷଯୁକ୍ତ ପୁରୁଷମୂର୍ତ୍ତି ଉଲ୍ଲେଖଯୋଗ୍ୟ । ଅଧିକାଂଶ ମନ୍ଦିରରେ ସ୍ତ୍ରୀ/ପୁରୁଷମାନଙ୍କର ଅଶ୍ଳୀଳ ମୂର୍ତ୍ତି ଦେଖାଯାଏ । ସ୍ତ୍ରୀ/ପୁରୁଷ ପ୍ରତିମୂର୍ତ୍ତିରେ ବିଭିନ୍ନ ଅଳଙ୍କାର, କେଶବିନ୍ୟାସ, ପୋଷାକପରିଛଦ, ଉପକରଣ, ବାଦ୍ୟାଦିଯନ୍ତ୍ର ଖୋଦିତ ହୋଇଅଛି । ଏହାଛଡ଼ା ପଶୁ ଓ ପକ୍ଷୀମାନଙ୍କର ପ୍ରତିମୂର୍ତ୍ତି ଓ ପୁଷ୍ପଲତାର ଖୋଦିତ ଭାସ୍କର୍ଯ୍ୟରେ କଳିଙ୍ଗ ଶୈଳୀର ଅପୂର୍ବ ଚାତୁରୀ ଦେଖାଯାଇଅଛି । ଏହିପରି ପ୍ରସ୍ତର ଦେହରେ ଖୋଦିତ ଭାସ୍କର୍ଯ୍ୟ ଉତ୍କଳୀୟ ମନ୍ଦିରର ଶୋଭାବର୍ଦ୍ଧନ କରିଛି ଏବଂ ଏହା କଳିଙ୍ଗ କଳାର ବିଶେଷତ୍ୱ ।

# ଓଡ଼ିଆର ସ୍ୱାଭିମାନ ଓ ତା'ର ଭବିଷ୍ୟତ

* ଅଧ୍ୟାପକ ଗୋପାଳକୃଷ୍ଣ ଦାସ

ସ୍ୱାଭିମାନ ହିଁ ଆଭିଜାତ୍ୟ । ଐତିହ୍ୟ ଚେତନା ଦ୍ୱାରା ଅନୁପ୍ରେରିତ ହୋଇ ଜୀବନଚର୍ଯ୍ୟାରେ, ଜୀବିକା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାର ନୈତିକତା ହିଁ ସ୍ୱାଭିମାନ । ଏକ ସୁନିର୍ଦ୍ଦିଷ୍ଟ ମୂଲ୍ୟବୋଧ ପାଇଁ ଆତ୍ମୋତ୍ସର୍ଗ ହିଁ ସ୍ୱାଭିମାନର ସ୍ୱରୂପ । ଏହି ମୂଲ୍ୟବୋଧ ପାଇଁ ସ୍ୱାଭିମାନୀକୁ ମହାର୍ଘ ମୂଲ୍ୟ ଦେବାକୁ ପଡ଼େ, ଅଶେଷ ଦାବଦହନ ଭିତରେ ଅଗ୍ନିପରୀକ୍ଷା ଦେବାକୁ ହୁଏ । ସ୍ୱାଭିମାନ ଅଭିମାନ ବା ଅହଂକାର ନୁହେଁ, ମର୍ଯ୍ୟାଦା ରକ୍ଷାପାଇଁ ଚରମ ବଳିଦାନ । ସ୍ୱାଭିମାନ ପାଇଁ କଠୋର ନୈତିକ ସାହାସ, ଅବିକମ୍ପିତ ସଂକଳ୍ପ ଓ ଆତ୍ମୋତ୍ସର୍ଗ ଆବଶ୍ୟକ । ସ୍ୱାଭିମାନୀ ଐତିହ୍ୟ ଚେତନାରେ ସମୃଦ୍ଧ, ସମ୍ବେଦନଶୀଳ ଓ ସର୍ଶକାତର । ସ୍ୱାଭିମାନୀର ପଶ୍ଚାତରେ ଲୁକ୍କାୟିତ ହୋଇ ରହିଥାଏ ଏକ ଦେଶ ବା ଜାତିର ଗୌରବୋଜ୍ଜ୍ୱଳ ଇତିହାସ । ଏହି ଐତିହ୍ୟକୁ ସ୍ମରଣ ପୂର୍ବକ ସେ ସବୁ ସମସ୍ୟାର ସମ୍ମୁଖୀନ ହୋଇ ନିଜର ପ୍ରତିକ୍ରିୟା ପ୍ରକାଶକରେ, ଲକ୍ଷ୍ୟ ସ୍ଥିରକରେ । ଅଭିଜାତ ସମ୍ପନ୍ନ ବ୍ୟକ୍ତି ତା'ର ବଂଶଗତ କୌଳିନତା ବା ମର୍ଯ୍ୟାଦା କ୍ଷୁଣ୍ଣ କରୁଥିବା କୌଣସି କାର୍ଯ୍ୟ କରିବାପାଇଁ ପଶ୍ଚାଦ୍‌ପଦ ହୁଏ । ବ୍ୟକ୍ତି ପକ୍ଷରେ ଏହା ବ୍ୟଷ୍ଟି ବା ସମାଜପାଇଁ ସ୍ୱାଭିମାନ ।

ସ୍ୱାଧୀନତା ପରବର୍ତ୍ତୀକାଳରେ ବହୁ ମାନ୍ୟତାପ୍ରାପ୍ତ ଶବ୍ଦ 'କଲଚରାଲ୍ ଆଇଡେନ୍‌ଟିଟି' ମଧ୍ୟ ଗୋଟିଏ ଜାତିର ସ୍ୱାଭିମାନର ପରିପ୍ରକାଶ । ଓଡ଼ିଆ ବା ବଙ୍ଗାଳୀ, କେରଳୀ ବା କର୍ଣ୍ଣାଟକୀ ଯେ କେହି ହୁଅନ୍ତୁ–ସମସ୍ତଙ୍କର ଏକ ସାଂସ୍କୃତିକସ୍ୱାତନ୍ତ୍ର୍ୟ ବା 'କଲଚରାଲ୍ ଆଇଡେନ୍‌ଟିଟି' ରହିଛି । ଏଥିରେ ସାମାନ୍ୟ ଆଞ୍ଚ ଆସିଲେ ନାନା ପ୍ରତିବାଦ, ପ୍ରତିରୋଧ ହେଉଛି । ବହୁ ବର୍ଣ୍ଣ ଧର୍ମ ଭାଷାର ବିବିଧତା ମଧ୍ୟରେ ଭାରତୀୟ ସଂସ୍କୃତି ମହାମିଳନର ବାର୍ତ୍ତା ବହନ କଲେ ମଧ୍ୟ ଆଞ୍ଚଳିକ ସ୍ୱାତନ୍ତ୍ର୍ୟ ଆଦୌ କ୍ଷୁଣ୍ଣ ହୋଇନାହିଁ । ମହାଭାରତର ସୁଦୀର୍ଘ ଇତିହାସରେ ଅନ୍ୟାନ୍ୟ ପ୍ରଦେଶପରି ଆମ କୀର୍ତ୍ତିଭିତ୍ତିନୀ ଓଡ଼ିଶାର ଗୌରବୋଜ୍ଜ୍ୱଳ ଅଧ୍ୟାୟ ଆଦୌ ବିସ୍ମୃତ ହୋଇ ନାହିଁ । ସମସ୍ତର ସଂଘାତ ମଧ୍ୟରେ ଏହା ଶୁଭ୍ରସୁବର୍ଣ୍ଣ ପରି ଉଜ୍ଜ୍ୱଳି ଉଠିଛି ।

ଓଡ଼ିଆ ସ୍ୱାଭିମାନ ଓ ତା'ର ଭବିଷ୍ୟତ–ଦ୍ୱୟଟିକୁ ମାନସପଟ୍ଟରେ ଚିତିବାକୁ ଗଲାବେଳେ ଗତଶତାବ୍ଦୀ ଓଡ଼ିଶାର ସମୁଚିତ ମୂଲ୍ୟାଙ୍କନ ହିଁ ମୁଖ୍ୟ ସୋପାନ । ଭବିଷ୍ୟ ଦୃଷ୍ଟି ପାଇଁ ପଶ୍ଚାତ ଦୃଷ୍ଟି ହିଁ ପୃଷ୍ଠଭୂମି । ଓଡ଼ିଆ ସ୍ୱାଭିମାନର ଭବିଷ୍ୟତ ଆକଳନ କଲାବେଳେ ଓଡ଼ିଶାର ପ୍ରକୃତତ୍ତ୍ୱ ଓ ଓଡ଼ିଆ ଜାତିର ଆଶାକୁ ବିଚିବାକୁ ହେବ । ଓଡ଼ିଶା ଏକ ଭୂମି, ଓଡ଼ିଆ ଏକ ଭାଷା ଓ ଜନଗୋଷ୍ଠୀର ନାମ ହେଲେହେଁ ଏହାର ଏକ ସଂହତି ଓ ନିଷ୍ଠା ଅଛି । ଏ ଜାତି ଓ ଭାଷାର ଭାବଗତ ଓ ସଂହତିଗତ ଆହ୍ୱାନ ସହିତ ଏକ ଐକ ବିଧାୟକ ଆବେଦନ ମଧ୍ୟ ଅଛି । ବ୍ୟାସଦେବ କୃତ ମହାଭାରତର ଆଦିପର୍ବ, ଅ–୧୦୪, ଭୀଷ୍ମପର୍ବ ଅ–୧୧୯, କାଳିଦାସଙ୍କ ରଚିତ ରଘୁବଂଶର ଚତୁର୍ଥସର୍ଗ, ଭରତ ପ୍ରଣିତ ନାଟ୍ୟଶାସ୍ତ୍ର ଅ–୧୩, ଶ୍ଳୋକ–୨୭, ଋକ୍‌ବେଦ–୧ମ ମଣ୍ଡଳ, ୧୮ ସୂକ୍ତ, ପ୍ରଥମା ଋକ୍ ପ୍ରଭୃତିରେ ଓଡ଼ିଶାର ସ୍ଥିତି, ସୀମା, ରାଜବଂଶାବଳୀ ତଥା ଗୌରବୋଜ୍ଜ୍ୱଳ ଐତିହ୍ୟ ଚିତ୍ରିତ ହୋଇଛି । ବିଭିନ୍ନ ସମୟରେ କଳିଙ୍ଗ, ଉତ୍କଳ, କୋଶଳ, ତୋଷାଳି, ପ୍ରଭୃତି ଭୂଖଣ୍ଡ ଥିଲେହେଁ ଷୋଡ଼ଶ–ସପ୍ତଦଶ ଶତାବ୍ଦୀରେ ମୋଗଲମାନେ ବଙ୍ଗରୁ ଆସି ଏ ଅଞ୍ଚଳକୁ ଅଧିକାର କରିବା ସମୟରୁ ଓଡ଼ିଶା ନାମଟି ସୃଷ୍ଟି ହୋଇଛି । ଏ ରାଜ୍ୟର ପରାକ୍ରମଶାଳୀ ଅଧିପତିମାନେ ବିଭିନ୍ନ ସମୟରେ ରାଜନୈତିକ କାରଣରୁ ବିଶାଳ ସାମ୍ରାଜ୍ୟର ରୂପ ଦେଇଛନ୍ତି । ଐତିହ୍ୟର ପଦଚିହ୍ନ ଅନୁସରଣ କରୁଥିବା ଜାତୀୟତାବାଦୀ ଚେତନା ଦୃଢ଼ ହୋଇଛି । ରଣନୀତି, ଧର୍ମନୀତିର ଐତିହାସିକ ବିଜୟରେ । ଶିକ୍ଷା, ବାଣିଜ୍ୟ ବିସ୍ତାର ଓ ସାଂସ୍କୃତିକ ଭାବ ବିନିମୟ ଓଡ଼ିଶାକୁ ଭାରତ ବାହାରେ ସୁପରିଚିତ କରିଛି ।

ଓଡ଼ିଆ ଜାତିର ପରିଚୟ ଦେବାକୁ ଯାଇ ଉତ୍କଳମଣି ଗୋପବନ୍ଧୁ ୧୯୧୯ ଏପ୍ରିଲ୍ ୭ ତାରିଖରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନରେ ବଜ୍ର କଣ୍ଠରେ ଉଦ୍‌ଘୋଷଣା କରିଛନ୍ତି– "ଓଡ଼ିଆ ଜାତି କିଏ ? ପୃଥିବୀର ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସ୍ୱତଃ ମାୟାମମତା ଜନ୍ମେ । ସେମାନଙ୍କର ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିତବ୍ୟ ଏକ ଶ୍ରେୟ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଏବଂ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି । ସେମାନଙ୍କର ଦୃଷ୍ଟିରେ "ସ୍ୱର୍ଗାଦପି ଗରିୟସୀ" । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡର ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାର ସମାନ ଆଶା ଆକାଂକ୍ଷା ଧରି ଦଳ୍କୁ ମରଣରେ ସମାନ ଶ୍ରେୟ ସ୍ୱାର୍ଥରେ ବିଜଡ଼ିତ ସେମାନେ ସମସ୍ତେ ଓଡ଼ିଆ ଜାତି ।" "ଉତ୍କଳ ସମ୍ମିଳନୀର ଯଜ୍ଞ ବେଦୀରୁ

ଗୋପବନ୍ଧୁ ଓଡ଼ିଆ ଜାତିର ଐତିହ୍ୟ ପରମ୍ପରା ଓ ମହାନତା ସମ୍ପର୍କରେ ଯେଉଁ ଓଜସ୍ୱିନୀ ଭାଷଣ ଦେଇଥିଲେ ତାହା ପ୍ରତ୍ୟେକ ଓଡ଼ିଆ ପ୍ରାଣତନ୍ତ୍ରୀରେ ଜାଗୃତିର ସ୍ପନ୍ଦନ ଖେଳାଇଥାଏ ।

ବିଂଶ ଶତାବ୍ଦୀର ଶେଷ ପାଦରେ, ଅମାଅନ୍ଧକାରର ଘୋର ଦୁର୍ଦ୍ଦିନରେ ଈଶ୍ୱର ପ୍ରେରିତ ଦୂତ ରୂପେ ମଧୁସୂଦନ, ଗୋପବନ୍ଧୁ ଓଡ଼ିଆ ଜାତିର ଏହି ସ୍ୱାଭିମାନ, ସ୍ୱାତନ୍ତ୍ର୍ୟ, ବା ସାଂସ୍କୃତିକ ପରିଚୟ ରାଉ କଥା କହିବାବେଳେ ସେମାନଙ୍କ ପ୍ରାଦେଶିକ ମନୋଭାବ ସମ୍ପନ୍ନ ବ୍ୟକ୍ତି ବୋଲି ତୁଚ୍ଛ ଆକ୍ଷେପ କରିବା ସମ୍ଭବ ନୁହେଁ । ସଂଗ୍ରାମର ସନ୍ଧି ଆସିଥିଲା ସମସ୍ୱରେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଜନ୍ମ ନେଇଥିଲା । ଓଡ଼ିଆଙ୍କୁ ଦୁଃଖୀ–ଦରିଦ୍ର ବୋଲି ଗତ ଶତାବ୍ଦୀରେ ଆମର ପଡ଼ୋଶୀ ରାଜ୍ୟ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଓଡ଼ିଶାର ମନୀଷୀମାନଙ୍କ ପ୍ରତିବାଦ ଓ ପ୍ରତିରୋଧ ଯୋଗୁ ଓଡ଼ିଶା ସ୍ୱତନ୍ତ୍ର ହୋଇପାରିଲା । ଏମାନଙ୍କ ସ୍ୱାଭିମାନୀ ନେତୃତ୍ୱର ସ୍ୱୀକୃତି ସ୍ୱରୂପ ନୂତନ ଓଡ଼ିଶାର ସାଧାରଣ ଜୀବନ, ବୌଦ୍ଧିକ ଜୀବନ ଓ ରାଜନୈତିକ ଜୀବନ ନବଜାଗରଣ ମନ୍ତ୍ରରେ ଜାଗ୍ରତ ଉଠିଥିଲା । ତୁଙ୍ଗ ଶିଖରୀ ଚୂଳରେ ତାମ୍ରପରଶ୍ୱାତ୍ର ଉଦୟ ସୂର୍ଯ୍ୟ ରକ୍ତିମା ଭରି ଦେଇଥିଲା ।

ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷାପାଇଁ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିବା ନେତୃବର୍ଗଙ୍କ ମଧ୍ୟରେ ମଧୁସୂଦନ ଥିଲେ ସର୍ବାଗ୍ର ଗଣ୍ୟ । ମଧୁସୂଦନଙ୍କ ସ୍ୱାଭିମାନର ନେପଥ୍ୟରେ ଥିଲା ସତୀ ହୋଇଥିବା ତାଙ୍କ ପିତାମହୀଙ୍କ ନୈତିକ ସାହସ, ଗଭୀର ମୂଲ୍ୟବୋଧ ଓ ଅବିକମ୍ପିତ ସଙ୍କଳ୍ପ । ସେ ଜୀବନରେ ବହୁ ସଙ୍କଟଜନକ ପରିସ୍ଥିତିରେ ପଡ଼ିଥିବାବେଳେ ସ୍ୱତଃ ଦିଗ୍‌ଦର୍ଶନ ପାଉଥିଲେ । ସେ କଦାପି କଥା କାର୍ଯ୍ୟରେ ହୀନମନ୍ୟତା ପ୍ରକାଶ କରିବେ ନାହିଁ – ଏହି କଥାଟିକୁ ବୀଜମନ୍ତ୍ର ପରି ସ୍ମରଣ କରି ସଂଗ୍ରାମ ପଥରେ ଆଗୁସାର ହେଉଥିଲେ । କୀର୍ତ୍ତି କିରୀଟିନୀ ଓଡ଼ିଶା ଓ ଓଡ଼ିଆ ଜାତିର ମହାନ ଇତିହାସ ମଧ୍ୟ ମଧୁସୂଦନଙ୍କ ସ୍ୱାଭିମାନକୁ ଦୃଢ଼ୀଭୂତ କରିଥିଲା । ସ୍ୱାଭିମାନର ସ୍ପର୍ଦ୍ଧା, ବୁଦ୍ଧିର ବିଚକ୍ଷଣତା, ସ୍ପନ୍ଦନମୟୀ ବାଗ୍ମୀତା, ନିଃସ୍ୱ ନିଃ ନିଃସହାୟ ପ୍ରତି ଅକୁଣ୍ଠ ଉଦାରତା ଯୋଗୁ ମଧୁସୂଦନ ହୋଇପାରିଥିଲେ ଜାତୀୟ ଜୀବନର କର୍ଣ୍ଣଧାର । ସେଥିପାଇଁ ସେ ଯଥାର୍ଥରେ କହିଥିଲେ– "ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମ ଗ୍ରହଣ କରିଅଛି ଏବଂ ବାସ କରୁଅଛି । ଉତ୍କଳମାତାଙ୍କ କୋଳରେ ମୋର ଅସ୍ଥି ମାଂସ ରହିବ । ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି ସେମାନେ ମୋର ପୂର୍ବପୁରୁଷ । ତାଙ୍କର କୀର୍ତ୍ତିରକ୍ଷା କରିବା ଭାର ମୋ ଉପରେ ନ୍ୟସ୍ତ । ପ୍ରତ୍ୟେକ ଲୋକଙ୍କ ମନରେ ଏହି ଭାବ ସଞ୍ଚାର କରିବା ଏହି ସମିଳନୀର ଉଦ୍ଦେଶ୍ୟ ।" ଜାତୀୟତାର ଏ ଯେଉଁ ମନ୍ତ୍ରବାଣୀର ବାଣୀ ମଧୁସୂଦନ ଓଡ଼ିଶାବାସୀଙ୍କୁ ଶୁଣାଇ ସବୁରି ହୃଦୟରେ ସ୍ୱାଭିମାନ ଭରିଦେବାକୁ ଚେଷ୍ଟା କରିଛନ୍ତି ତାହା ଅନନ୍ୟ, ଅତୁଳନୀୟ । ମଧୁସୂଦନ ତାଙ୍କର ରାଶିରାଶି କବିତା – ପ୍ରବନ୍ଧ ଓ ଉଦ୍‌ବୋଧନ ମାଧ୍ୟମରେ ଓଡ଼ିଆ ଜାତିର ସ୍ୱାଭିମାନର ଭିତ୍ତିକୁ ଦୃଢ଼ କରି ଜାତୀୟଜୀବନକୁ ସମୃଦ୍ଧ କରିଛନ୍ତି । ମୃତ୍ୟୁ ପୂର୍ବରୁ ମଧୁବାବୁ ମଧ୍ୟ କହିଥିଲେ – ମୁଁ ଯାଉଛି – ମନେରଖିଥିବ, ଜଣେ ଓଡ଼ିଆ, ଏବେ ମନେରଖିଥିବ । ତାଙ୍କପରି ଜଣେ ଓଡ଼ିଆ ଆଜି କାହିଁ, ମୃତ୍ୟୁ ବି ଯାହାଙ୍କୁ ଜଣେ ଓଡ଼ିଆ ଭାବେ ଗ୍ରହଣ କରିବାକୁ ବାଧ୍ୟ କରିଛି ।

ଓଡ଼ିଶାର ସ୍ୱାଭିମାନ ରକ୍ଷା ପାଇଁ ଗୋଷ୍ଠୀସ୍ୱାର୍ଥ, ଆଞ୍ଚଳିକ ସ୍ୱାର୍ଥ, ସ୍ଥାନୀୟ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ଗୋପବନ୍ଧୁ ଓ ମଧୁସୂଦନଙ୍କ ବ୍ୟତୀତ କୌଣସି ନେତୃତ୍ୱ ଜାତିର ଐକ୍ୟ ସୁଦୃଢ଼ କରିନାହିଁ । ଉତ୍କଳମଣି ଗୋପବନ୍ଧୁ ଦରିଦ୍ର ଥିଲେ କିନ୍ତୁ ଉତ୍କଳଗୌରବ ମଧୁସୂଦନ ଦରିଦ୍ର ହୋଇଗଲେ ଗୋଟିଏ ଜାତିକୁ କିଛି ସ୍ୱାଭିମାନ ଦେବା ପ୍ରତିଶ୍ରୁତିରେ । ଓଡ଼ିଶାରେ ଏକକ ପ୍ରୟାସର ଅଭାବ ଯୋଗୁ, ପାରସ୍ପରିକ ଅସହିଷ୍ଣୁତା ଯୋଗୁ ଏଜାତି କ୍ରମେ ନିଷ୍କ୍ରିୟ ଓ ନିସ୍ତେଜ ହୋଇ ଆସିଲା । ଚେତନାର ଅଭ୍ୟୁଦୟକାଳରେ ସ୍ୱ ସ୍ୱ ପରିସର ମଧ୍ୟରେ ଫକୀରମୋହନ, ମଧୁସୂଦନ ଓ ଗୋପବନ୍ଧୁଙ୍କ ସମେତ ଯେଉଁ ଯୁଗ ସାରଥୀମାନେ ସ୍ୱାଭିମାନଭରା ପରମ୍ପରାର ଭିତ୍ତି ସ୍ଥାପନ କରିଥିଲେ ତାହା କ୍ରମଶଃ ଦୋହଲିଗଲା । ଓଡ଼ିଆର ସ୍ୱାଭିମାନ ଉଦ୍ଧାର ପାଇଁ ଅନ୍ୟମାନଙ୍କୁ କାଳଦୀପ୍ତ ଭାଷାରେ କହିବା ପାଇଁ କେହି ହେଲେ ବାହାରି ଆସିଲେନାହିଁ । ଓଡ଼ିଆ ଜାତିର ଉତ୍କର୍ଷ ବା ଏକ୍‌ସେଲେନ୍‌ସୀର ପ୍ରତୀକ ଉତ୍କଳଟ୍ୟାନେରୀ ନିଜ ଲାଭ ପାଇଁ ଓଡ଼ିଶାର ସୁନାମରେ କଳଙ୍କ ବୋଳିପାରିବ ନାହିଁ । ଏହି ଯୁକ୍ତି ଦଶ ହଜାର ଯୋଡ଼ା ଯୋତାକୁ ନଷ୍ଟକରି ଦେବାପାଇଁ ସତ୍‌ସାହାସ ଦେଇଥିଲା, ମଧୁସୂଦନଙ୍କ ପରି ଆଉ ଜଣେ ଏ ମାଟିରେ ଜନ୍ମିଲେ ନାହିଁ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାପରେ ଇତିମଧ୍ୟରେ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ବିତିଯାଇଛି । ଏ ସମୟଭିତରେ ଓଡ଼ିଆ ସ୍ୱାଭିମାନର ଗତି ଓ ପରିଣତି ବୁଝିବାପାଇଁ ଏହି ଐତିହାସିକ ପୃଷ୍ଠଭୂମି ସହିତ ପରିଚିତ ହେବାର ଆବଶ୍ୟକତା ରହିଛି । ଇଂରେଜମାନେ ତାଙ୍କର ଶାସନକାଳରେ ଭାଙ୍ଗି ଦେଇଗଲେ ତା'ର ସାମାଜିକ ଅହଂକାର ଓ ଅଭିମାନ । ବାରବାଟୀ ଦୁର୍ଗଭାଙ୍ଗି ସେଇ ପଥରରେ ତିଆରି କରାଗଲା କଟକ ସହରର ରାସ୍ତାଘାଟ ।

ଓଡ଼ିଆ ସ୍ୱାଭିମାନର ଭବିଷ୍ୟତ କହିବାକୁ ଗଲାବେଳେ ଆମେ ଉପରୋକ୍ତ ମନ୍ତବ୍ୟପ୍ରତି ସଚେତନ ଦୃଷ୍ଟି ଦେବା ଆବଶ୍ୟକ । କାରଣ ସ୍ୱାଭିମାନ ଏକ ବସ୍ତୁନିଷ୍ଠ ପଦାର୍ଥ ନୁହେଁ ଯେ ଏକବିଂଶ ଶତାବ୍ଦୀବେଳକୁ ଗାଣିତିକ ସୂତ୍ରାନୁସାରେ ହିସାବନିକାଶ କରି ତରାଜୁ ତଉଲରେ ତା'ର ମୂଲ୍ୟାୟନ ଓ ସ୍ୱରୂପ ଆକଳନ କରାଯାଇପାରିବ । କାରଣ ସ୍ୱାଭିମାନ ସୀମିତ ନୁହେଁ, ଏହା ଅଙ୍କରେ ସନ୍ତୁଷ୍ଟ ରହିପାରେ ନାହିଁ । ଏହା ଏକ ସକ୍ରିୟ ଓ ଚଳମାନ ଚେତନା ପ୍ରବାହ ଅବ୍ୟାହତ ସାଧନା ।

ସ୍ୱାଭିମାନ ନଥିଲେ କୌଣସି ଜାତି କେବେ ସମୃଦ୍ଧିମନ୍ତ ହୋଇ ପାରେନା । ଓଡ଼ିଆ ସ୍ୱାଭିମାନର ଭବିଷ୍ୟତ କ'ଣ ? ଏହାର ଚଳମାନ ଭବିଷ୍ୟତ ରଥର ରଜ୍ଜୁ କ'ଣ ଆମରି ହାତରେ ? ଆମେ ଓଡ଼ିଆ ଏକ ପଛୁଆ ଜାତି ହୋଇ କେତେ ଦିନ ରହିଥିବା ? ଅଗ୍ରଣୀ ହୋଇ ପ୍ରଗତିପଥରେ ଦୌଡ଼ିବା ଉପରେ ହିଁ ଓଡ଼ିଆ ସ୍ୱାଭିମାନର ଭବିଷ୍ୟତ ନିର୍ଭରଶୀଳ । ପ୍ରତିଯୋଗୀ ମନୋଭାବ ନେଇ ଆମର ସ୍ୱାଭିମାନକୁ ଦୃଢ଼ୀଭୂତ କରିବାକୁ ହେବ । ରାଜନୀତି କ୍ଷେତ୍ରରେ ଗୋପବନ୍ଧୁ, ନୀଳକଣ୍ଠ ସାହିତ୍ୟ କ୍ଷେତ୍ରରେ ରାଧାନାଥ, ଫକୀରମୋହନ, ବିଜ୍ଞାନ କ୍ଷେତ୍ରରେ ପଠାଣି ସାମନ୍ତ,

ପ୍ରାଣକୃଷ୍ଣ ପରିଜା, କଳାକ୍ଷେତ୍ରରେ ବିଦ୍ୟାଧର ବର୍ମା, ଗୋପାଳ କାନୁନ୍‌ଗୋ ଯେପରି ସାଧନାରତ ଥିଲେ, ସେହିପରି ପ୍ରତିଦ୍ୱନ୍ଦ୍ୱୀ ବା ପ୍ରତିସ୍ପର୍ଦ୍ଧୀ ହେବାର ଚିନ୍ତାନେଇ ସେମାନଙ୍କ ଶୂନ୍ୟସ୍ଥାନ ପୂରଣ କରିବାକୁ ସଂଗ୍ରାମ କରିବାକୁ ହେବ । ଲୁପ୍ତ ଗୌରବକୁ ପୁନଶ୍ଚ ଫେରାଇ ଆଣିବାକୁ ହେବ । ସାମାନ୍ୟ ଅର୍ଥ, ଯଶ, ପ୍ରଶଂସା, ପ୍ରତିପତ୍ତି, କ୍ଷମତା ଓ ନିରାପତ୍ତାରେ ସନ୍ତୁଷ୍ଟ ହୋଇ ନିଜକୁ କୃତାର୍ଥ ମନେ କରୁଥିବା ଓଡ଼ିଆମାନଙ୍କୁ ସବୁ କ୍ଷେତ୍ରରେ ପରିପୂର୍ଣ୍ଣତାବାଦୀ ହେବାକୁ ପଡ଼ିବ ।

୧୯୩୬ ଏପ୍ରିଲ୍ ଏକ ତାରିଖରେ ଓଡ଼ିଶା ସ୍ୱାତନ୍ତ୍ର୍ୟ ପାଇଥିଲେ ମଧ୍ୟ ବସ୍ତନା, ସରାଇମନୀ, ରାୟଗଡ଼, ଫୁଲଝର, ବସ୍ତର, ଶ୍ରୀକାକୁଲମ୍, ଚିକାଲୀ, ମଞ୍ଜୁଷା, ବାରୁଆ, ସିଂହଭୂମ, ଶଢ଼େଇକଳା, ଖରସୁଆଁ, ଜାମସେଦପୁର, ମେଦିନପୁର ପ୍ରଭୃତି ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ବିଚ୍ଛିନ୍ନ ରହିଯାଇଛି । ତାହା ସାହିତ୍ୟ ସଂସ୍କୃତି ହରେଇ ବସିଥିବା ନିପେଷିତ ଦୟନୀୟ ଓଡ଼ିଆ ଭାଇମାନଙ୍କୁ ସେହି ସ୍ୱାଭିମାନର ସ୍ରୋତରେ ସାମିଲ କଲେ ଓଡ଼ିଆ ପୂର୍ଣ୍ଣାଙ୍ଗ ହୋଇ ପାରିବ । ତେଣୁ ଐକ୍ୟ ପ୍ରଚେଷ୍ଟା ଦ୍ୱାରା ଓଡ଼ିଆ ଶ୍ରେଷ୍ଠ ଭାରତୀୟ ହୋଇପାରିବ । ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପଥରେ ପ୍ରତିବନ୍ଧକ ସ୍ୱରୂପ ସମ୍ପ୍ରତି ସକଳ ଶିଶୁମାନଙ୍କୁ ଇଂରାଜୀ ଶିକ୍ଷା ଦେବା ପାଇଁ ଯେଉଁ ପ୍ରାଣାନ୍ତକ ପ୍ରୟାସ, ଅହେତୁକ ମୋହ ସର୍ବତ୍ର ଦାବାନଳ ପରି ବ୍ୟାପିବାକୁ ଲାଗିଛି, ତାକୁ ପ୍ରଶମିତ କରିବାକୁ ହେବ । ଗୋଡ଼ାଗିଆ ଓଡ଼ିଆ ଶିକ୍ଷିତ ସମାଜର ସଂକୀର୍ଣ୍ଣ ଚିନ୍ତାଧାରା, ହୀନମନ୍ୟ ଭାବକୁ ପରିବର୍ତ୍ତିତ କରିବାକୁ ହେବ । ଜୟଦେବ ସାରଳା ଦାସ, ଉପେନ୍ଦ୍ରଭଞ୍ଜ, ଗୋପାଳକୃଷ୍ଣ, ରାଧାନାଥ, ଫକୀରମୋହନ, ଗୋପବନ୍ଧୁ, ମହାରାଜା କୃଷ୍ଣଚନ୍ଦ୍ରଙ୍କ ମହାନତା ସମ୍ପର୍କରେ ଇଂରାଜୀରେ ପୁସ୍ତକ ଲେଖି ସର୍ବଭାରତୀୟ ସ୍ତରରେ ସେମାନଙ୍କ ଅବଦାନ ପ୍ରତିପାଦନ କରିବାକୁ ହେବ ।

ମହୋଦଧି ବିଧୌତ କାରୁକାର୍ଯ୍ୟ ମଣ୍ଡିତ ମନ୍ଦିର ମାଳିନୀ ଏ ରାଜ୍ୟର କଳା ଓ କୃଷ୍ଟି ଯେ ଗୌରବ ମଣ୍ଡିତ ଏହା ସର୍ବବାଦୀ ସମ୍ମତ । ମାତ୍ର କେବଳ ଅତୀତର ସଂସ୍କରଣରେ କୌଣସି ଜାତି ଅଗ୍ରସର ହୋଇପାରି ନାହିଁ । ଆମ ପୂର୍ବପୁରୁଷ କଳିଙ୍ଗ ଯୁଦ୍ଧରେ ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରିପାରିଥିଲେ । କୋଣାର୍କ, ପୁରୀ, ଭୁବନେଶ୍ୱର ମନ୍ଦିର ନିର୍ମାଣ କରି ବିଶ୍ୱରେ ବିସ୍ମୟ ସୃଷ୍ଟି କରିଥିଲେ । ଆଗଙ୍ଗା ଗୋଦାବରୀ ସୁବିସ୍ତୀର୍ଣ୍ଣ ଅଞ୍ଚଳରେ ରାଜୁତି କରି ବିଜୟ ବୈଜୟନ୍ତୀ ଉଡ଼ାଇ ଥିଲେ । ସାତ ସମୁଦ୍ର ତେର ନଈରେ ବୋଇତ ମେଲିଦେଇ ଧନ ରତ୍ନ ବୋହି ଆଣୁ ଥିଲେ ।

ଏକ ସର୍ବଗ୍ରହଣକ୍ଷମ, ସର୍ବ ପ୍ରବର୍ତ୍ତନକ୍ଷମ ମହାନ ଉଦାରତା ଆମ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ । ଏଥି ପାଇଁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ନହେଲେ ସବୁ ଆୟୋଜନ ବୃଥା ହେବ । ଇଚ୍ଛା ଶକ୍ତି ହିଁ ସ୍ୱାଭିମାନର ପରିମାପକ । ଇଚ୍ଛା ଶକ୍ତି ଦ୍ୱାରା ଅନୁପ୍ରେରିତ ହୋଇ ନିଜନିଜ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ହେବା ପାଇଁ ଆମେମାନେ ପ୍ରୟାସ ଓ ପ୍ରଯତ୍ନ କଲେ ସ୍ୱାଭିମାନର ଶ୍ରେଷ୍ଠ ସାଧନା ହୋଇପାରିବ । ଓଡ଼ିଶାର ଚେତନା କ୍ଷେତ୍ରରେ ଭବିଷ୍ୟତର ଦାୟାଦମାନେ ଈର୍ଷା ପରାୟଣ, ପରଶ୍ରୀକାତରତା ଆଦି ଦୁର୍ବଳତାକୁ ଭୁଲି ମାନସିକ ସଂହତି, ସୌହାର୍ଦ୍ଦ୍ୟ ସ୍ଥାପନ ପୂର୍ବକ ଭବିଷ୍ୟତ ପାଇଁ ଅଗ୍ରଗାମି ହୋଇ ପାରିଲେ ଆମ ପୂର୍ବସୂରୀମାନେ ଯେଉଁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖି ଥିଲେ ସେଦିନ ସେହି ସ୍ୱପ୍ନ ସତ ହେବ ।

ପ୍ରାଣନାଥ ମହାବିଦ୍ୟାଳୟ,
ଖୋର୍ଦ୍ଧା ।




ପ୍ରାଣନାଥ ମହାବିଦ୍ୟାଳୟ ୟୁନିୟନର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମଦଙ୍କ ଯୋଗଦାନ ।

# ଉତ୍କଳ ଦିବସର ତାତ୍ପର୍ଯ୍ୟ

* ଅଧ୍ୟାପକ ମନୋଜ କୁମାର ମହାପାତ୍ର

ଏପ୍ରିଲ ପ୍ରଥମ ଦିନ ଉତ୍କଳବାସୀଙ୍କ ପାଇଁ ଏକ ଗୌରବ ଓ ପବିତ୍ର ଦିବସ । ଖ୍ରୀ: ୧୯୩୬ ମସିହା ଠିକ୍ ଉକ୍ତ ଦିବସରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଭାରତ ମାନଚିତ୍ରରେ ପ୍ରଥମେ ଦେଖିବାକୁ ମିଳିଥିଲା । ତେଣୁ ଉକ୍ତଦିବସଟି ଉତ୍କଳବାସୀଙ୍କ ପକ୍ଷେ ଏକ ମୁଖ୍ୟ ସ୍ମରଣୀୟ ଦିବସ ଭାବେ ପରିଚିତ । ଓଡ଼ିଶାର ପ୍ରତିପଲ୍ଲୀ ଏହି ଦିନରେ ଆନନ୍ଦମୁଖର. ନିଜର ସମସ୍ତ ଅଭାବ, ଅନାଟନ ଭିତରେ ପ୍ରତ୍ୟେକ ଓଡ଼ିଆ ଉକ୍ତ ଦିନରେ ଟିକିଏ ଆସସ୍ତେଚେନ । ଓଡ଼ିଆ ଜାତିର ପ୍ରଗତି ପଥରେ ଏପ୍ରିଲ୍ ପହିଲାଟି ଗୋଟିଏ ଆଲୋକସ୍ତମ୍ଭ ଅତୀତ ଓ ସମ୍ପ୍ରତିକାଳ ଇତିହାସର ପୃଷ୍ଠା ମଣ୍ଡନକରି ଏହି ଦିବସଟି ଓଡ଼ିଆମାନଙ୍କ ଜାତୀୟ ଚିନ୍ତା ଓ ଚେତନା ଭାବରେ ସୁପରିଚିତ ହୋଇ ରହିବ ।

ଓଡ଼ିଶା ବହୁକାଳ ପର୍ଯ୍ୟନ୍ତ ଏକ ଦରିଦ୍ର, ନିଃସ୍ବ, ଦୁଃସ୍ଥ ଓ ଅବହେଳିତ ଅବସ୍ଥାରେ ପଡ଼ିଥିଲା । ଏହାର କୌଣସି ସ୍ୱତନ୍ତ୍ରତା ନଥିଲା । ସେତେବେଳେ ଇଂରେଜ ଶାସକମାନେ ବୁଝିଥିଲେ, ଯଦି ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରି ଅନୁନ୍ନତ ଅବସ୍ଥାରେ ରଖାଯାଏ, ତାହାହେଲେ ସ୍ୱାଧୀନତା ଲୋଭୀ ବୀର ଓଡ଼ିଆମାନଙ୍କୁ ଉପଯୁକ୍ତ ଶାସ୍ତିମିଳିବ । ତେଣୁ ଓଡ଼ିଆଙ୍କୁ ସାମରିକ ପରିସର ମଧ୍ୟରୁ ପୃଥକ କରି ଦିଆଗଲା । ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ଓଡ଼ିଆ ଜାତିର ଭାଷା ଓ ସଂସ୍କୃତିର ନିଜସ୍ୱ ବୈଶିଷ୍ଟ୍ୟର ସୁରକ୍ଷା ପାଇଁ ଭାରତବର୍ଷର ମାନଚିତ୍ରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା କରିବାର ବ୍ରତନେଇ ଉତ୍କଳଗୌରବ ମଧୁସୂଦନ ଦାସ ଓ ଅନ୍ୟମାନେ ପ୍ରଥମେ ଆପ୍ରାଣ ଉଦ୍ୟମ କରିଥିଲେ । ସେମାନଙ୍କର ତ୍ୟାଗ, ନିଷ୍ଠା ଓ ସାଧନା ଫଳରେ ଆଜିର ସ୍ୱତନ୍ତ୍ର ଓଡ଼ିଶା ଗଠିତ ।

ଓଡ଼ିଶାର କେତେକ ଅଂଶ ମଧ୍ୟପ୍ରଦେଶରେ, ବଙ୍ଗରେ, ବିହାରରେ ଓ ମାନ୍ଦ୍ରାଜରେ ରହିଥିବା ହେତୁ ସେତେବେଳେ ଓଡ଼ିଆମାନଙ୍କୁ ହିନ୍ଦି, ବଙ୍ଗଳା, ତେଲୁଗୀ ଆଦି ଭାଷା ଶିକ୍ଷା କରିବାକୁ ପଡୁଥିଲା । ତେଣୁ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ବ୍ରତ ନେଇ ମଧୁବାବୁ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି କହିଥିଲେ–

"ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ,
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ
ଦେଖି ପଡ଼ି ସିନ୍ଧୁ ନୀରେ" ।

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ କଟକ ଇଦଗାପୁର ଅଧିବେଶନରେ ମୟୁରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ବସିଥିଲା । ସେହି ସମ୍ମିଳନୀରେ ଓଡ଼ିଶାର ଦାବୀ ସପକ୍ଷରେ ବିଧିବଦ୍ଧ ଆନ୍ଦୋଳନ କରିବାକୁ ବକ୍ତାଗଣ ଆହ୍ୱାନ ଦେଇଥିଲେ । ଉକ୍ତ ଅଧିବେଶନ ହିଁ ଓଡ଼ିଆ ଜାତିପ୍ରାଣଙ୍କୁ ଏକାଠି ରହି ଆନ୍ଦୋଳନ କରିବାକୁ ଖୋରାକ ଯୋଗାଇଥିଲା । ଉତ୍କଳ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା "ବିଭିନ୍ନ ଶାସନାଧୀନରେ ଥିବା ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନଙ୍କୁ ଏକତ୍ରିକରଣ କରିବା ଏବଂ ଓଡ଼ିଶାର ଦ୍ରୁତ ଅର୍ଥନୈତିକ ଉନ୍ନତି କରିବା ତଥା ସମଗ୍ର ଓଡ଼ିଶାକୁ ଏକ ଶାସନାଧୀନ କରି ଏକ ସ୍ୱତନ୍ତ୍ର ପ୍ରଦେଶ ବୋଲି ବ୍ରିଟିଶ ସରକାରଙ୍କ ଦ୍ୱାରା ସ୍ୱୀକୃତ କରାଗଲା" । ଉତ୍କଳ ପ୍ରଦେଶ ଗଠନରେ ଯେଉଁ ମହାମାନ୍ୟ ବ୍ୟକ୍ତିଗଣ ଆହ୍ୱାନ ଦେଇଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି ଓ ଆହୁରି ଅନେକ ଦେଶପ୍ରେମୀ ସେମାନଙ୍କ ଅବଦାନ ଏ ଜାତି ପାଇଁ ଚିର ସ୍ମରଣୀୟ ।

ଉତ୍କଳର ସନ୍ତାନମାନଙ୍କୁ ଜାଗ୍ରତ କରିବା ପାଇଁ ମଧୁବାବୁଙ୍କ ଲେଖନୀ ମୁନରେ ଭାସିଉଠିଥିଲା–

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁତ କେତେ ଦିନେ,
ପୂରୁବ ଗୌରବ ପୂରୁବ ସାହସ
ପଡ଼ିବକି କେବେ ମନେ" ।

ଏବଂ ଉତ୍କଳ ଜନନୀର ଦୁଃଖ ଓ କଷ୍ଟ ସହି ନପାରି ଓଡ଼ିଆବାସୀମାନଙ୍କୁ ଆହ୍ୱାନ ଦେଇ ମଧୁବାବୁ ଲେଖିଥିଲେ–

"ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିପା ଏତେଭୀରୁ,
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡରୁ" ।

ତାଙ୍କର ପ୍ରଥମ ଉଦ୍ୟମର ଫଳରେ ଭାରତର ତଦାନୀନ୍ତନ ବଡ଼ଲାଟ ଲର୍ଡ଼ କର୍ଜନଙ୍କ ଆଦେଶରେ ସମ୍ବଲପୁର ଅଞ୍ଚଳକୁ ମଧ୍ୟପ୍ରଦେଶରୁ ଅଣାଯାଇ ଓଡ଼ିଶା ସହିତ ପ୍ରଥମେ ସାମିଲ କରାଗଲା । ଉତ୍କଳ ସମ୍ମିଳନୀର ଆହ୍ୱାନରେ ଓଡ଼ିଶାବାସୀ ଆସହରା ହୋଇପଡ଼ିଥିବା ଦେଖି ବ୍ରିଟିଶ ସରକାର ୧୯୩୬ ମସିହା ଏପ୍ରିଲ ପହିଲା ଦିନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କଲେ । ମଧୁବାବୁଙ୍କର ମୃତ୍ୟୁ ୧୯୩୪ ମସିହାରେ ହୋଇଗଲା । ତାହା ଆମ ପକ୍ଷରେ ଏକ ଦୁଃଖର ଛାୟା । ଯିଏ ଓଡ଼ିଆମାନଙ୍କୁ ଏକତ୍ର

କରିବା ପାଇଁ ପ୍ରଥମେ ଶପଥ ନେଇଥିଲେ, ସେ ମଧ୍ୟ ଓଡ଼ିଶାର ଏକତ୍ରୀକରଣ ଦେଖିପାରିଲେ ନାହିଁ । ତାଙ୍କ ମୃତ୍ୟୁର ୨ ବର୍ଷପରେ ଅର୍ଥାତ୍ ୧୯୩୬ ମସିହା ଏପ୍ରିଲ ପ୍ରଥମ ଦିବସରେ ଓଡ଼ିଶା ପ୍ରଦେଶ ଗଠନ ହେଲା । ତାଙ୍କର ଆହ୍ୱାନ, ପ୍ରେରଣା ସର୍ବଦା ଆମ ପାଖରେ ଚିରସ୍ମରଣୀୟ ହୋଇ ରହିବ । ତାଙ୍କର ସାର୍ଥକ ଦାୟାଦ ରୂପେ ଆମେ ଆମର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ସମସ୍ତେ ଏକ ସ୍ୱରରେ ଗାଇଉଠିବା–

"ଜାତୀୟ ମମତା ବିଶ୍ୱଜନ ପ୍ରୀତି
ଉତ୍କଳବାସୀର ହେଉ ଏହା ନୀତି" ।

ଆମେ ସମସ୍ତେ ଭାରତ ମାତାର ସନ୍ତାନ । ଆମ ସ୍ୱାଧୀନ ଭାରତ ୨୫ଟି ପ୍ରଦେଶ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ନେଇ ଗଠିତ । ପ୍ରତି ପ୍ରଦେଶର ଏକ ସ୍ୱତନ୍ତ୍ର ଭାଷା ଓ ପରିସୀମା ରହିଛି । ତଥାପି ଆମେ ଏକ ଓ ଅଖଣ୍ଡ ଭାରତ ମାତାର ସନ୍ତାନ ଓ ସନ୍ତତି । ତେଣୁ ଭାରତ ମାତାର ସମ୍ମାନ ଓ ଟେକ ରଖିବା ପାଇଁ ସମସ୍ତେ ଏକ ସ୍ୱରରେ ଗାଇଉଠିବା–

"ଜୟ ଭାରତର ସନ୍ତାନ ଆମେରେ
ଭୁଲିଯିବାନି କେବେରେ,
ସର୍ବେ ଏକ ହୋଇ କରିବା ବନ୍ଦନା
ଭାରତ ସ୍ତୁତି ଆମେରେ" ।

ଅତୀତରେ ଚିନ୍ତା ଦରକାର, କେବଳ ପ୍ରେରଣା ପାଇଁ । ଗତ ୫୦ ବର୍ଷ ମଧ୍ୟରେ ଗୁଣାତ୍ମକ ଓ ପରିମାଣାତ୍ମକ ଜାତୀୟ ଅଗ୍ରଗତି କେତେ ଦୂର ସାଧିତ ହୋଇପାରିଛି ତାହା ଶିକ୍ଷିତ ସମାଜ ଧୀର ସ୍ଥିର ଭାବରେ ଚିନ୍ତା କଲେ ଜାଣିହେବ । ଦାରିଦ୍ର୍ୟ, ଅଜ୍ଞତା ଓ ଅନଗ୍ରସର କବଳରୁ ମୁକ୍ତି ହୋଇ ଆମେ କ'ଣ ପ୍ରଗତିର ପଥକୁ ଅବରୋଧ କରିପାରିବା ? ତେଣୁ ଏକ ସଙ୍ଗରେ ଠିଆହୋଇ କାର୍ଯ୍ୟ କଲେ ପ୍ରଗତିରପଥ ଆଗକୁ ଆଗକୁ ଗଡ଼ିଚାଲିବ । ନଚେତ୍ ତାହା ବାଧାପ୍ରାପ୍ତ ହେବ ।

"United we Stand, devides we fall"

ଆମ ଜନ୍ମଭୂମିର ମାନ ଓ ମହତ୍ୱକୁ ବଜାୟ ଆଜିର ଦିନରେ ଶପଥ ନେବା ଦରକାର ।

"ଜନ୍ମଭୂମି ସେବା, ଜନ୍ମଭୂମି ଟେକ
ସର୍ବଦା ଆମର ମନେ,
ଲାଗିଥାଉ ଧ୍ୟାନେ ଜୀବନର ପଥେ
କରୁଛୁ ପ୍ରାର୍ଥନା ଆମେ" ।

ଯେଉଁ ଅତୀତ ପରମ୍ପରାର ଦାୟାଦରୂପେ ଆଜିର ଓଡ଼ିଆମାନେ ଆତ୍ମପରିଚୟ ଦିଅନ୍ତି ; ସେମାନେ ବର୍ତ୍ତମାନ ସହିତ ଭବିଷ୍ୟତକୁ କିପରି ସୁନ୍ଦର ତଥା ବଳିଷ୍ଠତର ଗଠନ କରିପାରିବେ, ତାହା ଆଜିର ଦିବସରେ ଚିନ୍ତା କରିବା ଉଚିତ୍ ।

ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ–

"ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ" ।

ଏହି ଉକ୍ତିର ସତ୍ୟତା ପ୍ରତିପାଦନକରି ଜଗନ୍ନାଥ ପ୍ରଭୁ ଆମକୁ ଆଶୀର୍ବାଦ ଦିଅନ୍ତୁ–"ଆମେ ଏକ ବଳିଷ୍ଠ, ସୁସ୍ଥ, ସୁନ୍ଦର ତଥା ନିରାମୟ ସମାଜ ଗଠନ କରି ସାରା ବିଶ୍ୱବାସୀଙ୍କୁ ଦେଖାଇଦେବୁ ଆମର ସୁସ୍ଥ ସମାଜର ଶାନ୍ତିମୟ ଜୀବନ" ।

"ଶାନ୍ତି, ସମତା ଆପମାନଙ୍କର ପ୍ରୟୋଜନ
ପ୍ରଭୁ ଜଗନ୍ନାଥ ଆଶିଷେ ହେଉ ପୂରଣ" ।

---

ବନ୍ଧୁଆ ସାରସ୍ୱତ କ୍ଷେତ୍ର,
ରାମଚନ୍ଦ୍ରପୁର, ବାଙ୍କୀ ।



ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସାମାଜିକ ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀ ଡଃ ଦାମୋଦର ରାଉତ ଓ ପୂର୍ବ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ।


ଦିବାକର ପରିଡ଼ା

# ରଣପୁର ପ୍ରଜା ଆନ୍ଦୋଳନ


ରଘୁନାଥ ମହାନ୍ତି

* ଶ୍ରୀ ବ୍ରଜ ପାଇକରାୟ

ବେଠିଆ ପ୍ରଜାଙ୍କ ଉପରେ ଦାରୋଗା ଦୀନବନ୍ଧୁ ମହାନ୍ତିଙ୍କ ନିର୍ଦ୍ଦେଶରେ ଚାଲିଥାଏ ଚାବୁକ ମାଡ଼ । ଏଇ ଲୋମହର୍ଷଣକାରୀ ପ୍ରହାର ପ୍ରଜାମାନଙ୍କୁ ଉତ୍କ୍ଷିପ୍ତ କରି ତୋଳୁଥିଲା । କିନ୍ତୁ ପ୍ରତିବାଦ କରିବାର ସାହାସ ନାହିଁ । ତେଜସ୍ୱୀ ଶିକ୍ଷିତ ତରୁଣ ଦିବାକର ସେଇ ବାଟରେ ଯାଉଥିଲେ । ଏଇ ଅମାନୁଷିକ କାଣ୍ଡ ତାଙ୍କ ମନରେ କ୍ରୋଧାଗ୍ନି ଜାଳି ଦେଲା । ସେ ପ୍ରତିବାଦ କରିଥିଲେ । ପ୍ରତିବାଦର ଫଳ ତତ୍କ୍ଷଣାତ୍ ମିଳିଲାନି ସତ, ହେଲେ ନିରୀହ ବେଠିଆ ପ୍ରଜାଙ୍କ ନୟନ କୋଣରୁ ଝରି ପଡୁଥିବା ବିନ୍ଦୁ ବିନ୍ଦୁ ଲୁହ ଓ ଶରୀରରୁ ବୁନ୍ଦା ବୁନ୍ଦା ତାଜାରକ୍ତ ତାଙ୍କ ମନରେ ସୃଷ୍ଟିକଲା ଗଭୀର ଉଦ୍‌ବେଳନ । ତାଙ୍କ ମନରେ ସ୍ପଷ୍ଟ ଧାରଣା ହେଲା, ଆନ୍ଦୋଳନ ବିନା ଏଇ ଅତ୍ୟାଚାରୀ ଶାସନର ବିଲୟ ସମ୍ଭବ ନୁହେଁ । ରାଜକର୍ମଚାରୀ ଭାବେ ଆନ୍ଦୋଳନ କରିବା ସହଜ ନଥିବାରୁ ସେ ରାଜକାର୍ଯ୍ୟରୁ ଇସ୍ତଫା ଦେଇ ବିଦ୍ରୋହର ବ୍ୟୂହ ରଚନା କଲେ । ରଣପୁରର ନିଷ୍ପେସିତ ଜନତାଙ୍କ ଆର୍ତ୍ତନାଦ ତାଙ୍କ ନେତୃତ୍ୱକୁ ଖୋରାକ୍ ଯୋଗାଇଲା ।

ଦିବାକରଙ୍କ ନିଜଗ୍ରାମ ଗଡ଼ ବାଣିକିଲର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଆଖଣ୍ଡେଶ୍ୱର ଦେବଙ୍କ ପୀଠରେ ରାଜ ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଏବଂ ବିଦ୍ରୋହ ଯଜ୍ଞରେ ଆତ୍ମାହୁତି ଦେବା ପାଇଁ ବିପ୍ଳବୀ ଦିବାକର ଶପଥ ନେଲେ । ଏଇ ଶପଥକୁ ଦୃଢ଼ୀଭୂତ କରିଥିଲେ ତାଙ୍କ ଅନ୍ତରଙ୍ଗ ବାଲ୍ୟବନ୍ଧୁ ରଘୁନାଥ ମହାନ୍ତି । ଏଇଭଳି ଭାବରେ ପ୍ରଜା ଆନ୍ଦୋଳନର ବୀଜ ବପନ ହେଲା ।

ବିପ୍ଳବୀ ଦିବାକର ଓ ରଘୁନାଥଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହେଲା । କ୍ରମଶଃ ରଣପୁର ଗଡ଼ଜାତର ଯୁବଶକ୍ତି, ମାଲୁଆ ଆଦିବାସୀ ଏବଂ ସାଧାରଣ ପ୍ରଜା ଉକ୍ତ ଆନ୍ଦୋଳନରେ ସାମିଲ ହୋଇ ଆନ୍ଦୋଳନକୁ ଆଗେଇ ନେଲେ ।

## ପୂର୍ବାଭାସ :

ବ୍ରିଟିଶ ଶାସନ କାଳରେ ଶାସନଗତ ସୁବିଧା ଦୃଷ୍ଟିରୁ ଓଡ଼ିଶାର ସମଗ୍ର ଅଞ୍ଚଳକୁ ମୁଖ୍ୟତଃ ଗଡ଼ଜାତ ଓ ମୋଗଲବନ୍ଦୀ ନାମରେ ଦୁଇଭାଗରେ ବିଭକ୍ତ କରି ଦିଆଯାଇ ଥିଲା । ମୋଗଲବନ୍ଦୀ ଅଞ୍ଚଳ ବ୍ରିଟିଶ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାସିତ ହେଉଥିବା ସମୟରେ ଗଡ଼ଜାତ ଅଞ୍ଚଳ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା ଉକ୍ତ ରାଜାମାନେ ବ୍ରିଟିଶ ସରକାରଙ୍କ ପ୍ରଭୁତ୍ୱ ସ୍ୱୀକାର କରିଥିଲେ । ଗଡ଼ଜାତ ରାଜାମାନଙ୍କୁ ନିୟନ୍ତ୍ରଣାଧୀନ କରି ରଖିବା ପାଇଁ ବ୍ରିଟିଶ ପଲିଟିକାଲ ଏଜେଣ୍ଟ ନିଯୁକ୍ତ ହୋଇଥିଲେ । ଓଡ଼ିଶା ଗଡ଼ଜାତ ସମୂହର ପଲିଟିକାଲ ଏଜେଣ୍ଟଙ୍କ ମୁଖ୍ୟ ମୁକାମ ସମ୍ବଲପୁରଠାରେ ଅବସ୍ଥାପିତ ହୋଇଥିଲା ।

ଗଡ଼ଜାତ ରାଜ୍ୟଗୁଡ଼ିକ ମଧ୍ୟରେ ଢେଙ୍କାନାଳ, ରଣପୁର, ତାଳଚେର ଓ ନୀଳଗିରିର ଶାସକମାନେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ପାଇଁ କୁଖ୍ୟାତ ଥିଲେ । ପ୍ରଜାମାନେ ବେଠି, ଭେଟି, ନଜରାନା ଓ କର ଭାରରେ ନିର୍ଯ୍ୟାତିତ ଓ ନିଷ୍ପେସିତ ହେଉଥିଲେ । ସାମନ୍ତବାଦୀ ଅର୍ଥନୈତିକ ଶୋଷଣ, ସାମାଜିକ ଜୀବନ ନିର୍ବାହରେ କଟକଣା, ଭୟ ଓ ଉଦ୍‌ବେଗ ସର୍ବଦା ପ୍ରଜାମାନଙ୍କୁ ଆତଙ୍କିତ କରି ରଖୁଥିଲା । ଏହା ସହିତ ଦେୱାନ୍, ଦାରୋଗା, ଅମଲା ଓ ଜଙ୍ଗଲ ବିଭାଗ କର୍ମଚାରୀ ସେମାନଙ୍କୁ ଅତିଷ୍ଠ କରୁଥିଲେ ।

## ବେଠି :

ରଣପୁର ଗଡ଼ଜାତ ରାଜ୍ୟର ପ୍ରଜାମାନେ ଏକ ଭୁଲ୍ ଧାରଣାର ବଶବର୍ତ୍ତୀ ହୋଇ ରାଜପ୍ରସାଦ ବେଠି, ପାରିଧି ବେଠି, ସଡ଼କ ବେଠି ଓ ରଥ ନିର୍ମାଣ ବେଠି ଇତ୍ୟାଦିରେ ଖଟୁଥିଲେ । ଏତଦ୍ ବ୍ୟତୀତ ରାଜବଂଶରେ ବିବାହ କାର୍ଯ୍ୟ ହେଲେ ବେଠି ଖଟିବା ଏକ ସାଧାରଣ କଥା ଥିଲା । କାରଣ ପ୍ରଜାମାନଙ୍କ ମନରେ ଅଜବ ଯୁକ୍ତିହୀନ ଧାରଣା ଜନ୍ମାଇ ଦିଆଯାଇଥିଲା ଯେ, ରାଜା ହିଁ ଭଗବାନଙ୍କ ଅବତାର । ରଣପୁରରେ କୌଣସି ଆଇନର ଶାସନ ଚାଲୁ ନଥିବାରୁ ରାଜାଙ୍କ ମୁଖ ନିଃସୃତ ବାଣୀକୁ ଆଇନଠାରୁ ଅଧିକ ସମ୍ମାନ ଦିଆଯାଉଥିଲା । ତେଣୁ ବେଠି ଖଟିବା ପ୍ରଜାମାନଙ୍କର ଜନ୍ମଗତ କର୍ତ୍ତବ୍ୟ ବୋଲି ଅତ୍ୟାଚାରୀ ରାଜ କର୍ମଚାରୀମାନେ ଧରି ନେଇଥିଲେ ଏବଂ ରାଜାଙ୍କ ତୋଷାମଦକାରୀ ସାଜି ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଉ ଥିଲେ ।

## ରାଜପ୍ରାସାଦ ବେଠି :

ରଣପୁରର ରାଜା ଗ୍ରୀଷ୍ମକାଳୀନ ଚିଲିକା ହାୱାରେ ଦିନ କଟାଇବା ପାଇଁ ରମ୍ଭାଠାରେ ଏକ ପ୍ରାସାଦ ନିର୍ମାଣ କରାଇ ଥାଆନ୍ତି । ଏଇ ପ୍ରାସାଦ କାର୍ଯ୍ୟ ପାଇଁ ପ୍ରଜାମାନଙ୍କୁ ମାଡ଼ ଦିଆଯାଇ ଜବରଦସ୍ତ ବେଠି ଖଟା ଯାଉଥିଲା । ସେମାନେ ପଥର କାଟିବା, ଜଙ୍ଗଲରୁ ଗେଣ୍ଡୁଚି ଚୂନ ସଂଗ୍ରହ କରିବା, ବାଲି ବୋହିବା, ଶାଳ, ପିଆଶାଳ କାଠ ଆଣିବା ସମେତ ଚୂନ ଘଣାର ପଥର ଚକିରେ ବଳଦଙ୍କ ସହ ଯୋଚା ହୋଇ କାମ କରୁଥିଲେ ।

କାମରେ ଟିକିଏ ଅବହେଳା ହେଲେ ଗୁରୁତ୍ୱମାଡ଼ ଖାଉଥିଲେ ।

## ପାରିଧି ବେଠି :

ରାଜା ଜଙ୍ଗଲକୁ ପାରିଧିରେ ଗଲାବେଳେ ତାଙ୍କ ସଙ୍ଗରେ ବାଗୁଆ, ପରି ବାଗୁଆ ଓ ବେଠିଆ ପ୍ରଜାଙ୍କୁ ନେଉଥିଲେ । ଆଗରୁ ବନ୍ଧା ହୋଇଥିବା ମଞ୍ଚ ଉପରେ ରାଜା ଓ ବାଗୁଆ ବସି ପଶୁ ଶିକାର ପାଇଁ ଅପେକ୍ଷା କରିଥିବା ବେଳେ ବେଠିଆ ପ୍ରଜାମାନେ ଟିଣ, ଢୋଲ ଆଦି ବାଡ଼େଇ ପଶୁମାନଙ୍କୁ ଘଉଡ଼ାଇ ଆଣୁଥିଲେ । ରାଜାଙ୍କ ଗୁଳିରେ କେବଳ ପଶୁ ନୁହେଁ, ବେଠିଆ ପ୍ରଜାମାନେ ବି ମରୁଥିଲେ । ହେଲେ ମୃତ ପ୍ରଜାଙ୍କୁ ଜଙ୍ଗଲରୁ ଘରକୁ ଅଣାନଯାଇ ଖବର ଦିଆଯାଉଥିଲା ଯେ "ବାଘ ଖାଇଗଲା" ପାରିଧି ବେଠି ପ୍ରଜାମାନଙ୍କ ପାଇଁ ଥିଲା ସବୁଠାରୁ ଅଧିକ ଆତଙ୍କପ୍ରଦ ।

## ସଡ଼କ ବେଠି :

ରାଜାଙ୍କ ସବାରୀ ଏବଂ ପାଲିଙ୍କି ଯିବା ଆସିବା କରିବା ପାଇଁ ଏବଂ ରାଜ କର୍ମଚାରୀଙ୍କ ଘୋଡ଼ା ଦୌଡ଼ ପାଇଁ ନୂଆ ସଡ଼କ ତିଆରି ସମୟରେ ପ୍ରଜାମାନଙ୍କୁ ବିନା ମଜୁରୀରେ ନିୟୋଜିତ କରାଯାଉଥିଲା । ହେଲେ ରାଜା ଓ ତାଙ୍କ ପରିବାରବର୍ଗଙ୍କ ଲାଗି ଉଦ୍ଦିଷ୍ଟ ସଡ଼କରେ ଜନସାଧାରଣ ଚାଲିବା ନିଷିଦ୍ଧ ଥିଲା ।

## ଭେଟି ଓ ନଜରାନା :

ମୁନିଆ ସମୟରେ, ରାଜପରିବାରର ବିବାହ ଓ ଶ୍ରାଦ୍ଧକ୍ରିୟା ସମୟରେ ଏବଂ ଦ୍ୱିତୀୟା ଓଷା, ଛାଡ଼ଖାଇ, ରାଧାଷ୍ଟମୀ, ଗୁଣ୍ଡିଚ୍ଛାଘର ଭୋଜି ପ୍ରଭୃତି ଭୋଜିମାନଙ୍କରେ ସରବରାହକାରୀମାନଙ୍କ ଜରିଆରେ ପ୍ରଜାମାନଙ୍କଠାରୁ ଫଳ, ପନିପରିବା, ଦୁଧ, ଦହି, ଘିଅ ପ୍ରଭୃତି ଭେଟି ଓ ନଜରାନା ସ୍ୱରୂପ ଆଦାୟ ହେଉଥିଲା । ଏହା ବ୍ୟତୀତ ବାହାରୁ କେହି ହାକିମ ହୁକୁମା ରଣପୁରକୁ ଆସିଲେ ବିନା ମୂଲ୍ୟରେ ପ୍ରଜାମାନଙ୍କଠାରୁ କୁକୁଡ଼ା, ଅଣ୍ଡା, ପନିପରିବା ଓ ଜାଳେଣି କାଠ ଆଦାୟ କରାଯାଉଥିଲା । କୁମ୍ଭାର କେଉଟ ଓ ତେଲି ପ୍ରଭୃତି ବ୍ୟବସାୟ ଚଳାଇବାକୁ ଫିସ୍ ଦେବା ବାଧ୍ୟତାମୂଳକ ଥିଲା । ଯୋଗ୍ୟତାପ୍ରାପ୍ତ ଗୁଜରା ଓ ଜମି ଦଖଲ୍ ଖାରଜ୍ ପାଇଁ ରାଜାଙ୍କ ତରଫରୁ ନଜରାନା ଆଦାୟ କରାଯାଉଥିଲା ।

## ନାଗରିକ ସ୍ୱାଧୀନତାର କଟକଣା :

ପ୍ରଜାମାନେ ନିଜ ରୁଚି ଅନୁଯାୟୀ ଗୃହ, ପୋଖରୀ, ତଳରା, ଘର ପାଖରେ ସଢ଼ିଜୀ ଆଦି ତିଆରି କରି ପାରୁନଥିଲେ । ସବାରୀ, ପାଲିଙ୍କି, ଛତ୍ରୀ, ମଶାଲ ଓ ଘୋଡ଼ା ବ୍ୟବହାର ପାଇଁ ଦରବାରରୁ ଅନୁମତି ନେବାକୁ ପଡୁଥିଲା । ନିଜ ସମ୍ପତ୍ତି ଜାଗାରୁ ପଥର କାଟିବା, ପୋଖରୀରୁ ମାଛମାରିବା, ଆମ୍ବ, ପଣସ ଗଛରୁ ଫଳ ତୋଳି ଖାଇବା ମନା ଥିଲା । ଏପରିକି ସଭାସମିତି କରିବା, ଖବରକାଗଜ ଓ ସାମୟିକ ପତ୍ରିକା ପଢ଼ିବା ଅପରାଧ ରୂପେ ଗଣା ଯାଉଥିଲା । ସାଧାରଣଲୋକେ ବାହାର ଦୁନିଆର ଖବର ଜାଣିବା ପାଇଁ ସମୟ ହେଉ ନଥିବାରୁ ଗଡ଼ଜାତ ରାଜ୍ୟଗୁଡ଼ିକୁ "ଅନ୍ଧାରୀ ମୁଲକ" ବୋଲି କୁହାଯାଉଥିଲା ।

## ଜାଗିରି ପ୍ରଦାନ :

ରଣପୁର ରାଜ ପରିବାରର ଆରାଧ୍ୟା ଦେବୀ ମଣିନାଗ ଠାକୁରାଣୀଙ୍କ ପାଖରେ ପ୍ରତିବର୍ଷ ନରବଳି ଦେବା ଏକ ପ୍ରଥାଥିଲା । କେତେକ ପରିବାରଙ୍କୁ ନରବଳି ଦେବା ପାଇଁ ରାଜପ୍ରଦତ୍ତ "ରକ୍ତପଟା" ଜାଗିରି ପ୍ରଦାନ କରାଯାଉଥିଲା । ମଣିନାଗଙ୍କ ପାଖରେ ପୌଷ ପୂର୍ଣ୍ଣିମା ଦିନ ପୂଜା ହୋଇଥିବା ମଣ୍ଡାପିଠା ଖାଇ ଉକ୍ତ ହତ୍ୟାକାରୀମାନେ ନରବଳି ଆଣୁ କରୁଥିଲେ । ଲୋକମୁଖରେ ଏମାନେ "ତଣ୍ଟିକଟା" ଓ ମାଘମାସିଆ ଭାବରେ ପରିଚିତ । ସାରା ମାଘମାସ ନରବଳି ଦିଆଯାଉଥିବାରୁ ଏହା ପ୍ରଜାମାନଙ୍କ ପକ୍ଷେ ଅତ୍ୟନ୍ତ ଆତଙ୍କପ୍ରଦ ଥିଲା ।

ରାଜାଙ୍କ ଘରେ ଶୁଭ କାର୍ଯ୍ୟମାନଙ୍କରେ ହୁଳହୁଳି ଦେବା ଏବଂ ରାଜାଙ୍କ ଆତ୍ମୀୟ କିମ୍ବା ରାଜବଂଶର କେହି ମରିଗଲେ କାନ୍ଦିବା ପାଇଁ ଯଥାକ୍ରମେ "ହୁଳହୁଳି ଜାଗିରି" ଓ "କାନ୍ଦବୋବାଳି" ଜାଗିରି ପ୍ରଦାନ କରାଯାଇ ଥିଲା ।

ପରାଧୀନ ଭାରତ ଓ ଗଡ଼ଜାତ ରଣପୁରର ଅନ୍ଧାରି ଶାସନତଳେ ପ୍ରଜାମାନେ କିଭଳି ନିର୍ମମ ଅତ୍ୟାଚାର ଓ ନିର୍ଯ୍ୟାତନା ଭୋଗ କରୁଥିଲେ, ତାହା ଆଜିର ସ୍ୱାଧୀନ ରଣପୁର ତଥା ସମଗ୍ର ଦେଶବାସୀ ହୁଏତ ସ୍ୱପ୍ନରେ ମୁଦ୍ଧା କଳ୍ପନା କରି ପାରିବେ ନାହିଁ । କିନ୍ତୁ ଇତିହାସ ମନେରଖିବ ଏଇ ନିର୍ଯ୍ୟାତନା ଏବଂ ସଂଗ୍ରାମୀ ଯୁବନେତା ଦିବାକର ପରିଡ଼ା ଏବଂ ରଘୁନାଥ ମହାନ୍ତିଙ୍କୁ । ବିପ୍ଳବୀ ଦିବାକର ଏବଂ ରଘୁନାଥ ଏଇ ନିର୍ଯ୍ୟାତନାର ପ୍ରତିବାଦ କରି ଯେଉଁ ଆନ୍ଦୋଳନ ଆରମ୍ଭ କଲେ ତାହା ବନାଗ୍ନି ସଦୃଶ ରଣପୁରର ମୁଣପଲ୍ଲୀରେ ବ୍ୟାପୀ ଯାଇଥିଲା । ଆନ୍ଦୋଳନର ଭୟଙ୍କରତା ଉପଲବ୍ଧିକରି ରାଜା, ଦେୱାନ୍ ଅତ୍ୟାଚାରୀ ରାଜକର୍ମଚାରୀଗଣ ପ୍ରମାଦ ଗଣିଲେ । ଆନ୍ଦୋଳନକୁ ଭଣ୍ଡୁର କରି ଦେବା ପାଇଁ ବିଦ୍ରୋହୀ ଦିବାକର ଓ ସଂଗ୍ରାମୀ ରଘୁନାଥଙ୍କୁ ଅର୍ଥର ପ୍ରଲୋଭନ ଦେଖାଇଥିଲେ ଦେୱାନ୍ ଜଗନ୍ନାଥ ମହାନ୍ତି । କିନ୍ତୁ ରାଜ ଦରବାରରେ ସମସ୍ତ ଚେଷ୍ଟା ବିଫଳ ହୋଇଥିଲା । ପ୍ରଜାମଣ୍ଡଳ ପକ୍ଷରୁ ପ୍ରକାଶିତ ଏକ ବୁଲେଟିନ୍‌ରେ ସେମାନେ ଜନସାଧାରଣଙ୍କ ଅଧିକାର ଦାବୀ କରିବାରୁ ଦରବାର ତରଫରୁ ପ୍ରଜା ଆନ୍ଦୋଳନର ନେତା ଓ କର୍ମୀଙ୍କ ବିରୁଦ୍ଧରେ ଗିରଫ ପରୱାନା ବାହାରିଥିଲା । ଦମନ ବିରୁଦ୍ଧରେ ପ୍ରତିବାଦକରି ପ୍ରଜାମାନେ ସଂଗଠିତ ଭାବେ ରଣପୁର ଗଡ଼ ଆଡ଼କୁ ଶୋଭାଯାତ୍ରାରେ ମାଡ଼ି ଆସିବାରୁ ଦେୱାନ୍ ଜଗନ୍ନାଥ ଭୟରେ ରଣପୁର ଛାଡ଼ି ଚାଲି ଯାଇଥିଲେ ।

ଆନ୍ଦୋଳନ କ୍ଷିପ୍ରଗତିରେ ଆଗେଇ ଚାଲିଥାଏ । ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ଶାସନ ଚାଲିଥିବାବେଳେ ରଣପୁର ଗଡ଼ଜାତକୁ ଲାଗିଥିବା ଖୋର୍ଦ୍ଧା ଓ ବାଣପୁରର ଲୋକମାନେ ସ୍ୱାୟତ୍ତ ଶାସନ ଉପଭୋଗ କରୁଥିଲେ । କିନ୍ତୁ ରଣପୁରରେ ଅନ୍ଧାରି ଶାସନର ସେ ପର୍ଯ୍ୟନ୍ତ ଅବସାନ ଘଟି ନଥିଲା ।

## ଦମନ ବିରୁଦ୍ଧରେ ପ୍ରତିବାଦ ସଭା :

୧୯୩୯ ମସିହା ଜାନୁଆରୀ ମାସ ୫ ତାରିଖ ପୌଷ ପୂର୍ଣ୍ଣିମା ରଣପୁର ତଥା ସମଗ୍ର ଦେଶ ପାଇଁ ଏକ ସ୍ମରଣୀୟ ଦିବସ ।



ସ୍ମୃତିଗ୍ରନ୍ଥ ଉନ୍ମୋଚନୀ ଉତ୍ସବରେ ବିଶ୍ୱପତି ଶ୍ରୀ ହରିହର ମହାପାତ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ କେତେକ ପୁସ୍ତକ ପ୍ରଦାନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ଉତ୍ସବରେ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ବଳରାମ ଝାଖର ମହିଳାମାନଙ୍କ ପାଇଁ ଜାତୀୟ କୃଷି ଗବେଷଣା କେନ୍ଦ୍ରର ଶିଳାନ୍ୟାସ କରୁଛନ୍ତି ।




ଭୁବନେଶ୍ୱରଠାରେ ଆୟୋଜିତ 'ମହିଳା ସମବାୟ ଏବଂ ସମବାୟ କ୍ଷେତ୍ରରେ ମହିଳା' ଆଞ୍ଚଳିକ ଆଲୋଚନା ଚକ୍ରକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।



ଶିଳ୍ପ ମନ୍ତ୍ରୀ ଶ୍ରୀ ଦିଲ୍ଲୀପ ରାୟ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭାରତ ଶିଳ୍ପ ଅର୍ଥ ନିଗମର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍. ପି. ବାନାର୍ଜୀଙ୍କ ସହିତ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଆର୍ଥିକ ସହାୟତା ସମ୍ପର୍କରେ ଆଲୋଚନା କରୁଛନ୍ତି ।



ଗୋପାଳପୁରଠାରେ ଦ୍ୱିତୀୟ ଇସ୍ପାତ କାରଖାନାର ସ୍ଥାପନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଶିଳ୍ପପତି
ଶ୍ରୀ ସ୍ୱରାଜ ପାଲ୍‌ଙ୍କ ସହିତ ଆଲୋଚନା କରୁଛନ୍ତି ।



ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରସାର ପାଇଁ ରାଜ୍ୟ ସରକାର ଏବଂ 'ଇନ୍‌ଟାକ୍' ମଧ୍ୟରେ ସମନ୍ୱୟ ରକ୍ଷା
କରିବା ପାଇଁ ଆହୂତ ଏକ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ରବି ନାରାୟଣ ଦାସ ।



ସୂଚନା ଭବନଠାରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଖାଉଟି ସୁରକ୍ଷା ପରିଷଦର ଏକ
ବୈଠକକୁ ଉଦ୍‌ଘାଟନ କରୁଛନ୍ତି ।



'ଓଡ଼ିଶା ଦିବସ' ପାଳନ ସମ୍ପର୍କରେ ଆହୂତ ଏକ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ
ଶ୍ରୀ ବୈରାଗୀ ଜେନା ସଭାପତିତ୍ୱ କରୁଛନ୍ତି ।

ସେଦିନ ପ୍ରଜାମଣ୍ଡଳର ଆହ୍ୱାନ କ୍ରମେ ରଣପୁର ଗଡ଼ରେ ବିପୁଳ ଜନ ସମାବେଶ ହୋଇଥାଏ । ପ୍ରଜାମଣ୍ଡଳରେ କୃପାସିନ୍ଧୁ ମିଶ୍ର ଓ ଅନ୍ୟ ନେତାମାନେ ବନ୍ଦୀ ହୋଇ ଜେଲ୍‌ରେ ଥାଆନ୍ତି । ବିପ୍ଳବୀ ଦିବାକର, ସଂଗ୍ରାମୀ ରଘୁନାଥ ଓ ଦେୱାନ୍ ଚକ୍ରୀ ମିଶ୍ରଙ୍କ ମଧ୍ୟରେ ବନ୍ଦୀମୁକ୍ତି ଓ ପ୍ରଜାମାନଙ୍କ ଦାବୀପୂରଣ ସମ୍ପର୍କରେ ଆଲୋଚନା ଚାଲିଥାଏ । ନୟାଗଡ଼ଠାରୁ ପଲିଟିକାଲ୍ ଏଜେଣ୍ଟ ମେଜର୍ ବେଜେଲଗେଟ ବ୍ରିଟିଶ ସାମରିକ ବାହିନୀ ଜୱାନ୍‌ଙ୍କ ସହ ରଣପୁର ଗଡ଼ ଉତ୍ତର ଦିଗରେ ଅବସ୍ଥିତ ଲୋଧାଚୁଆ ଗ୍ରାମଠାରେ ଅଟକି ଯାଆନ୍ତି । ପ୍ରଜାମାନେ ଗଛକାଟି ରାସ୍ତା ଅବରୋଧ କରି ଥାଆନ୍ତି । ଲୋଧାଚୁଆରୁ ୨, ୩ ଜଣଙ୍କ ବ୍ୟତୀତ ଅନ୍ୟମାନେ ଚାଲି ଯାଇଥାଆନ୍ତି ରଣପୁର ସଭାକୁ ।

ବେଜେଲଗେଟ ଉପସ୍ଥିତ ଗ୍ରାମବାସୀମାନଙ୍କୁ ରାସ୍ତାରୁ ଗଛ ସଫା କରିବାକୁ ନିର୍ଦ୍ଦେଶ ଦେଲେ । ଗ୍ରାମବାସୀମାନେ ତାଙ୍କ କଥା ନମାନିବାରୁ ସେ ଉତ୍କ୍ଷିପ୍ତ ହୋଇ ନିଜ ସୈନ୍ୟଙ୍କ ଦ୍ୱାରା ବନ୍ଧୁକ ମାଡ଼ ଓ ବାୟୋନେଟ୍‌ରେ ଗୁରୁତର ଭାବେ ଆହତ କରି ରାସ୍ତା ସଫା କାର୍ଯ୍ୟରେ ପ୍ରବର୍ତ୍ତନ କଲେ ।

ବେଜେଲଗେଟ ରଣପୁରରେ ପହଞ୍ଚି ଉପସ୍ଥିତ ଜନସମୂହକୁ ଦେଖି ବନ୍ଧୁକ ଧରି ରାଜବାଟୀ ଆଡ଼କୁ ଆଗେଇ ଚାଲିଲେ । ଲୋଧାଚୁଆ ଗ୍ରାମର ଆହତ ଲୋକମାନଙ୍କୁ ରଣପୁର ଗଡ ଦେଇ ନୟାଗଡ଼ ଡାକ୍ତରଖାନାକୁ ନେବାକୁ ସେ ବାରଣ କରିବାରୁ ଧସ୍ତାଧସ୍ତି ହେଲା । ଏହି ଧସ୍ତାଧସ୍ତି ମଧ୍ୟରେ ବେଜେଲଗେଟ୍ ନିଜ ରିଭଲଭରରୁ ଗୁଳି ଚଳାଇବାରୁ ଅର୍ଜୁନ ରାଉତ ନାମକ ଯୁବକର ମୃତ୍ୟୁ ହେଲା । ଶାନ୍ତ ଜନତା ଏ ଅହେତୁକ ଆକ୍ରମଣରେ ଉତ୍କ୍ଷିପ୍ତ ହୋଇ ବେଜେଲଗେଟ୍‌ଙ୍କୁ ପିଟି ପିଟି ମାରି ଦିଅନ୍ତି । ସେଦିନ ଥିଲା ପୌଷ ପୂର୍ଣ୍ଣିମା । ତଣିକଟାମାନେ ମଣିନାଗ ନିକଟରେ ପୂଜା ମଣ୍ଡା ଖାଇ ନରବଳି ଆରମ୍ଭ କରିବା ଦିନଟିରେ ଅତ୍ୟାଚାରୀ ରାଜାର ସାହାଯ୍ୟକାରୀ ପଲିଟିକାଲ ଏଜେଣ୍ଟ ବେଜେଲଗେଟ୍‌ର ରକ୍ତରେ ରଣପୁର ଦାଣ୍ଡ ଲାଲ ହୋଇଗଲା । ସତେ ଯେପରି ମଣିନାଗ ଠାକୁରାଣୀ ବିଦ୍ରୋହୀ ପ୍ରଜାର ରକ୍ତ ପାଇଁ ଲାଳାୟିତ ନହୋଇ ଅତ୍ୟାଚାରୀ ଶାସକବର୍ଗଙ୍କ ରକ୍ତପାଇଁ ଲାଳାୟିତ । ବେଜେଲଗେଟ୍ ମୃତ୍ୟୁ ସମ୍ବାଦ ରାଜାଙ୍କୁ ଉଦ୍‌ଭ୍ରାନ୍ତ କରି ଦେଇଥିଲା । ସେ ପାଗଳଙ୍କ ଭଳି ଜେଲ୍‌ର ଫାଟକ ଖୋଲି ଦେଇଥିଲେ । ବନ୍ଦୀମାନେ ମୁକ୍ତ ହୋଇ ଯାଇଥିଲେ । ପ୍ରଜାମଣ୍ଡଳର ନେତୃବୃନ୍ଦଙ୍କ ନିର୍ଦ୍ଦେଶରେ ଜନସାଧାରଣ ଜୀବନ ରକ୍ଷା ଲାଗି ପରିବାର ବର୍ଗ ସହ ଘରଦ୍ୱାର ଛାଡ଼ି ଖୋର୍ଦ୍ଧାର ଆଖପାଖ ଅଞ୍ଚଳକୁ ପଳାଇ ଯାଇଥିଲେ । ବ୍ରିଟିଶ୍ ସୈନ୍ୟବାହିନୀ ରଣପୁର ଆସି କାହାରିକୁ ନପାଇ ପ୍ରତିଶୋଧ ନେବାକୁ ଅସମର୍ଥ ହୋଇଥିଲେ । ବ୍ରିଟିଶ୍ ସରକାରର ଏକାନ୍ତ ଅନୁଗତ ଦେଶଦ୍ରୋହୀ ପୋଲିସ୍ ଇନସ୍‌ପେକ୍ଟର ମନବୋଧ ପଣ୍ଡା ଓ ସବ୍ ଇନସ୍‌ପେକ୍ଟର ଗଙ୍ଗାଧର ଦ୍ୱିବେଦୀ ବିପ୍ଳବୀ ଦିବାକର ଓ ରଘୁନାଥଙ୍କୁ ବେଜେଲ୍‌ଗେଟ୍ ହତ୍ୟାକାଣ୍ଡର ମୁଖ୍ୟ ଆସାମୀଭାବେ ଚାର୍ଜସିଟ୍‌ରେ ଉଲ୍ଲେଖ କରି ମିଥ୍ୟା ସାକ୍ଷ୍ୟ ଦେବାକୁ ପ୍ରଜାମାନଙ୍କୁ ପ୍ରବର୍ତ୍ତାଇ ଥିଲେ । ସେମାନଙ୍କ ବିରୁଦ୍ଧରେ ମିଥ୍ୟାସାକ୍ଷ୍ୟ ଦେବାକୁ ଅମଙ୍ଗ ହେଉଥିବା ଲୋକମାନଙ୍କ ଉପରେ ଚାଲିଲା ଅକଥନୀୟ ଅତ୍ୟାଚାର ।

ବିହାର ଅନ୍ତର୍ଗତ ଗୟାର ଦୌଲାବାଦ୍ ସିଥରର୍ ସାହେବ ଉକ୍ତ ମୋକଦ୍ଦମା ବିଚାର କରିବାକୁ ନିଯୁକ୍ତ ହେଲେ । ବିପ୍ଳବୀ ଦିବାକର ଓ ରଘୁନାଥଙ୍କ ତରଫରୁ ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍ ସ୍ୱର୍ଗତ ଦୀନବନ୍ଧୁ ସାହୁ, ଆଡ୍ ଭୋକେଟ ଗଦାଧର ଦେନା ଓ ଅବଦୁଲ୍ ହାଫିଜ୍ ପ୍ରମୁଖ ମୋକଦ୍ଦମା ଲଢ଼ୁଥିଲେ । ରଣପୁର ଅନ୍ତର୍ଗତ ରାଜ ସୁନାଖଳାର ରାଜା ଅନୁଗତ ପ୍ରାଣ କୃଷ୍ଣଚନ୍ଦ୍ର ମିଶ୍ର ଅନ୍ୟତମ ଆସେସର୍ ଭାବରେ ଥାଇ ବିପ୍ଳବୀ ଦ୍ୱୟଙ୍କୁ ଫାଶୀ ଦିଆଯିବା ଲାଗି ସୁପାରିଶ୍ କରିଥିଲେ । ରଣପୁରର ବର୍ତ୍ତମାନ ତହସିଲ ଅଫିସ୍ ସେତେବେଳେ ଜେଲ ଥିଲା ଏବଂ ତହସିଲ୍ ହତାରେ ଏକ ଅସ୍ଥାୟୀ କୋର୍ଟବସିଲା ଏହି ଐତିହାସିକ ମୋକଦ୍ଦମାର ବିଚାର ଲାଗି । ଶେଷରେ, ଇଂରେଜ ବିଚାରପତି ବିଚାର ନାମରେ ଚାଲିଥିବା ପ୍ରହସନର ରାୟ ଦେଲେ । ବିପ୍ଳବୀ ଦିବାକର ଓ ରଘୁନାଥଙ୍କୁ ବେଜେଲ୍‌ଗେଟ୍ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡ ଦେବାକୁ ରାୟ ମିଳିଲା । ୧୯୪୦ ମସିହା ଅପ୍ରେଲ ୪ ତାରିଖ ଦିନ ବିହାର ରାଜ୍ୟର ଭାଗଲପୁର ଜେଲ ପ୍ରାଙ୍ଗଣରେ ରଣପୁର ପ୍ରଜା ଆନ୍ଦୋଳନ ତଥା ଓଡିଶା ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ ବିପ୍ଳବୀ ଦିବାକର ପରିଡ଼ା ଏବଂ ସଂଗ୍ରାମୀ ରଘୁନାଥ ମହାନ୍ତିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆ ଯାଇଥିଲା ।

ଉତ୍କଳର ବରପୁତ୍ର ଦିବାକର ଓ ରଘୁନାଥ ଏବେ ଆମମାନଙ୍କ ମଧ୍ୟରେ ନାହାନ୍ତି । ଓଡ଼ିଶାର ପ୍ରତିପଲ୍ଲୀରେ ରହି ରହି ସେମାନଙ୍କ ବିପ୍ଳବର ସ୍ୱର ନିନାଦିତ ହେଉଛି । ବୀର ଶହୀଦ କଣ୍ଠର ଅଗ୍ନିଳା ସଂଗୀତ ଭାସି ଆସୁଛି ନିସ୍ତବ୍ଧତାକୁ ଚିରି--

"ମାର୍ ତୁ ଯେତେ ଗୁଳି
ହୁଙ୍କାପିଟା ଶାସନ ଆମେ ପାଦରେ ଦେବୁ ଦଳି
ରଖତୋଲାଠି, କାଠର ଲାଠି
ହାଡ଼ର ଆମ ଛାତି
ମରଣ ଆମ ମୈତ୍ରୀ ଜାଣ, କଷଣ ଆମ ସାଥୀ" ।

ଆଡ୍‌ଭୋକେଟ୍,
ବି/୨୮-ଏସ୍.ବି.ଆର୍. କଲୋନୀ,
ୟୁନିଟ୍-୪, ଭୁବନେଶ୍ୱର ।

# ଜନନୀ ଆଖିରେ ଲୁହ

* ବିକ୍ରମ କେଶରୀ ବର୍ମା

ଦିଲ୍ଲୀ ଦରବାରର ସର୍ବବିଶେଷ ପାହାଡରେ ସାତସିଆଁ ଛିଣ୍ଡାକନା ପିନ୍ଧି ଯେଉଁ ପକ୍ୱକେଶା, ଆଲୁଳାୟିତ, କୁନ୍ତଳା, ଜରାଜୀର୍ଣ୍ଣ, ବୃଦ୍ଧାରମଣୀଟି ଠିଆହୋଇ ତାଙ୍କର ଦୁଇ ଚକ୍ଷୁରୁ ଗଙ୍ଗା ଯମୁନାର ଧାର ଛୁଟାଉଛନ୍ତି ସେ ଆଉ କେହି ନୁହନ୍ତି, ତିନିକୋଟି ଓଡ଼ିଆଙ୍କ ଗର୍ଭଧାରିଣୀ ଉତ୍କଳ ଜନନୀ । ତାଙ୍କର ଅନ୍ୟାନ୍ୟ ଭଗିନୀଗଣ ଯଥା– ବଙ୍ଗମାତା, ଆନ୍ଧ୍ରମାତା, କେରଳ ଜନନୀ, ମହାରାଷ୍ଟ୍ର ଜନନୀ ଓ ହରିଆନା ମାତା ପ୍ରମୁଖ ସ୍ୱର୍ଣ୍ଣ ରତ୍ନ ଅଳଙ୍କାରରେ ବିମଣ୍ଡିତା ହୋଇ ଦିଲ୍ଲୀ ଦରବାରରେ ଆଗଧାଡ଼ିରେ ସ୍ୱର୍ଣ୍ଣମୟ ସିଂହାସନମାନଙ୍କରେ ଉପବେଶନ କରି ହାସ୍ୟର ଲହରୀ ସୃଷ୍ଟି କରିଥିବାବେଳେ ଉତ୍କଳ ଜନନୀର ଏହି ଦୟନୀୟ ଅବସ୍ଥା ଦେଖି କାହାର ହୃଦୟ ଦୁଃଖରେ ବିଦାରିତ ନ ହେବ ?

ଅତୀତରେ ସ୍ୱର୍ଣ୍ଣଗର୍ଭା ଉତ୍କଳଜନନୀ ରାଜମୁକୁଟ ପରିଧାନକରି ବିଶ୍ୱ ଦରବାରରେ ଯଥାଯୋଗ୍ୟ ଆସନ ଗ୍ରହଣ କରିଥିବାବେଳେ, ଉତ୍କଳ ଜନନୀର ଏବର ଏ ଦୟନୀୟ ଅବସ୍ଥା କି ହୃଦୟବିଦାରକ ତାହା ଭାଷାରେ ବର୍ଣ୍ଣି ହେବ ନାହିଁ ।

ଉତ୍କଳ ଜନନୀ କାନ୍ଦି କାନ୍ଦି ଯେପରି ଜିଜ୍ଞାସା କରୁଛନ୍ତି 'ହେ ହତଭାଗା କୁଳାଙ୍ଗାର ସନ୍ତାନଗଣ ! ତୁମମାନଙ୍କ ପାଇଁ ମୋ ଗର୍ଭରେ ଲୁହା, କୋଇଲା, ମାଙ୍ଗାନିଜ, ଅଭ୍ର, କ୍ରୋମ, ଚୂନପଥର, ସ୍ୱର୍ଣ୍ଣ, ମୂଲ୍ୟବାନ କାଷ୍ଠ ଓ ପ୍ରସ୍ତର କ'ଣ ସାଇତି ନ ରଖିଛି ? ଗଙ୍ଗାନଦୀ କୂଳରେ ବସିଥିବା ଅକର୍ମା ତୃଷାର୍ତ୍ତ ରହିବା ପରି ତୁମେମାନେ କର୍ମବିମୁଖ, ଆଳସ୍ୟପରାୟଣ, ପରିଶ୍ରୀକାତର ଓ ହୀନବଳ ହୋଇ ଭୋକ ଉପବାସରେ ରହିବାଠାରୁ ଲଜ୍ଜାକର ବିଷୟ କ'ଣ ଥାଇପାରେ ?

ବାନର ରାଜା ବାଳୀ ଭୟରେ ପାହାଡ଼ ଖୋଲରେ ଲୁଚି ରହିଥିବା ବୀର ହନୁମାନଙ୍କୁ ପ୍ରଥମ ଦର୍ଶନରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଶ୍ନ କରିଥିଲେ 'ତୁମେ କ'ଣ ସେହି ଅଞ୍ଜନା ନନ୍ଦନ ହନୁମାନ' । ଯେ ଡକ୍ତୁ ହେବାମାତ୍ରେ ସୂର୍ଯ୍ୟଙ୍କୁ ଭକ୍ଷଣ କରିବା ପାଇଁ ଲ ପ୍ରଦାନ କରିଥିଲା ଓ ଦେବରାଜ ଇନ୍ଦ୍ରଙ୍କ ବଜ୍ରାଘାତରେ ଯାହାର ବି ଅଙ୍ଗ ନଷ୍ଟ ହୋଇ ନ ଥିଲା । ପ୍ରଭୁ ରାମଚନ୍ଦ୍ରଙ୍କର ଏହି ପ୍ରଶ୍ନ ଶୁଣି ବୀର ହନୁମାନଙ୍କର ପୂର୍ବ ବଳବୀର୍ଯ୍ୟ କଥା ସ୍ମରଣ ଆସିଯାଇଥିଲା ଓ ରୋମାବଳୀ ପୁଲକିତ ହୋଇ ଉଠିଥିଲା ।

ସେ ଉତ୍ତରରେ କହିଥିଲେ, ପ୍ରଭୁ ମୁଁ ସେହି ହନୁମାନ, ଋଷିଙ୍କ ଅଭିଶାପରୁ ବିସ୍ମୃତ ହୋଇଯାଇଥିବା ମୋର ପୂର୍ବ ବଳବୀର୍ଯ୍ୟ ଆପଣଙ୍କ ଦର୍ଶନରେ ପୁନର୍ବାର ଫେରି ପାଇଲି ।

ଉତ୍କଳ ଜନନୀ ସେହିପରି ଆଜି ତିନିକୋଟି ଓଡ଼ିଆ ସନ୍ତାନଙ୍କୁ ବାଷ୍ପରୁଦ୍ଧ କଣ୍ଠରେ ପ୍ରଶ୍ନ କରୁଛନ୍ତି–'ସମୁଦ୍ରର ଉତ୍ତାଳ ତରଙ୍ଗକୁ ଖାତିର ନ କରି ମୋର ଯେଉଁ ଯୁବ ସନ୍ତାନମାନେ ବୋଇତ ବାହି ନେଇ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଏବଂ ସିଂହଳ ଆଦି ଦ୍ୱୀପରେ ବାଣିଜ୍ୟ କରି ମଣିମୁକ୍ତା ବୋହି ଆଣୁଥିଲେ ତୁମେମାନେ କ'ଣ ସେହି ପ୍ରଚଣ୍ଡ ସାହାସୀ ଜାତିର ଦାୟାଦ ? ବିଶ୍ୱ ବିଖ୍ୟାତ କୋଣାର୍କ ମନ୍ଦିରର ଚୂଳି ମାରିଥିବା ସେହି ବାରବର୍ଷର ବାଳୁତ ଧର୍ମାର ଅଦ୍ଭୁତ କାର୍ଯ୍ୟ ତୁମମାନଙ୍କର ସ୍ମୃତିପଥରେ କ'ଣ ଜାଗ୍ରତ ହେଉ ନାହିଁ ? ମଗଧାଧିପତି ଚଣ୍ଡାଶୋକଙ୍କ ବିରୋଧରେ ଲଢ଼େଇକରି ହସି ହସି ଆତ୍ମବଳି ଦେଇଥିବା ମୋର ଲକ୍ଷାଧିକ ବୀର ସନ୍ତାନମାନଙ୍କର ଦାୟାଦ ହେବା ପାଇଁ ତୁମମାନଙ୍କୁ କ'ଣ ଲଜ୍ଜା ଲାଗୁନାହିଁ ? ମୋର ଯୋଗ୍ୟତମ ସନ୍ତାନ ଐର ମେଘବାହାନ ଖାରବେଳଙ୍କ ନାମ ଶ୍ରବଣ କରି ଗ୍ରୀକ ସମ୍ରାଟ ଡେମିଟ୍ରିଅସ ଭାରତ ବିଜୟର ସ୍ୱପ୍ନ ପରିତ୍ୟାଗ କରି ମଥୁରାଠାରୁ ପଳାୟନ କରିଥିଲେ, ତାହା କ'ଣ ତୁମେମାନେ ଇତିହାସ ପୃଷ୍ଠାରୁ ପଢ଼ିନାହଁ ? ତ୍ରିଭୁବନପତି ଶ୍ରୀ ଜଗନ୍ନାଥ ତୁମମାନଙ୍କର ଆରାଧ୍ୟ ଦେବତା ହୋଇଥିବା ବେଳେ ଆଉ କାହାକୁ ଭୟ କରୁଛ ?

ନିଦ୍ରା ଓ ଆଳସ୍ୟ ପରିତ୍ୟାଗ ସପ୍ତସିଂହର ବଳଧରି ତିନିକୋଟି ସନ୍ତାନ ଜାଗ୍ରତ ହୁଅ, ବିଶ୍ୱ ଦରବାରରେ ମୋତେ ସୁପ୍ରତିଷ୍ଠିତ କରାଅ । ମୋ ଅଙ୍ଗରେ ରତ୍ନ ଅଳଙ୍କାର ଖଞ୍ଜି ଦିଅ, ମୋ କପାଳରେ ଗୌରବର ଟୀକା ଲଗାଇଦିଅ ଓ ମୋ ଶିରରେ ବିଜୟ ମୁକୁଟ ଦାଉ ଦାଉ ହୋଇ ଜଳିଉଠୁ ।

---

ପଧାନ, ବିହନ ନିଗମ ।

# ଏହି ସେ କଳିଙ୍ଗ ଭୂଇଁ

* ସୁଚେତା ସ୍ୱାଇଁ

ଏହି ସେ କଳିଙ୍ଗ  ଏହି ସେ ଉତ୍କଳ  ଏହି ସେ ଓଡ଼ିଶା ଭୂଇଁ,
ଗଙ୍ଗା ନଦୀଠାରୁ  ଗୋଦାବରୀ ଯାଏ  ସୀମା ଯାର ଥିଲା ଛୁଇଁ ।
ଶତ ନଦନଦୀ  ଗିରି ଝର ବନ  ସୁନାର ଫସଲ କ୍ଷେତ,
ପ୍ରକୃତି ରାଣୀର  ଅପରୂପ ଶୋଭା  ଲାଖି ରହେ ଆମ ନେତ୍ର ।
ଏହା ଦେବ ଭୂମି  ଏହା କୋଳେଛନ୍ତି  ଜଗତର ଜଗନ୍ନାଥ,
ଏହାଙ୍କ ମହିମା  ଏ ବିଶ୍ୱର କୋଣେ  ଅନୁକୋଣେ ଅଟେ ଖ୍ୟାତ ।
ଏ ଦେଶ ସମ୍ମାନ  ରକ୍ଷା ପାଇଁ ଦିନେ  ଜଗନ୍ନାଥ ବଳରାମ,
କାଞ୍ଚି ଯୁଦ୍ଧେ ଗଲେ  ରାଜା ଜିଣାଇଲେ  ରଖିଲେ କଳିଙ୍ଗ ନାମ ।
ଜନ୍ମି ଥିଲେ ଏଥି  କେତେ ସୁଶାସକ  ଥିଲେ ସିଂହାସନ ମଣ୍ଡି,
ବୀର ଖାରବେଳ  ମୁକୁନ୍ଦ ଅନଙ୍ଗ  କପିଳ ଓ ରାଣୀଦଣ୍ଡୀ ।
ଏହି ସେ ଉତ୍କଳ  କଳାରେ ଉତ୍କୃଷ୍ଟ  ଶ୍ରେଷ୍ଠ ଏହା ଶିଳ୍ପୀ କୁଳ,
ପୁରୀ କୋଣାରକ  ଏକାମ୍ର ମନ୍ଦିରେ  ଫୁଟାଇଛି କଳାଫୁଲ ।
ପଥର ମୁଖରେ  ଦେଇଛି ସେ ଭାଷା  ପ୍ରତିମା କହନ୍ତି କଥା,
ଯା ଶିଳ୍ପ ଚାତୁରୀ  ଦେଖି ବିଦେଶୀଙ୍କ  ଏବେ ବି ଘୁରଇଁ ମଥା ।
ଏ କଳିଙ୍ଗ ପୁତ୍ର  ଧନ ବଉଳତେ  ଦେଶ ଦେଇଥିଲା ଭରି,
ନଡ଼ରି ସାଗରେ  ଜାଭା ସୁମାତ୍ରାକୁ  ଯାଉଥିଲା ନାବ ଧରି ।
ଏ ଉତ୍କଳ ପୁତ୍ର  ଜାତି ସେବି ବୀର  ନିଜ ଜାତି ରକ୍ଷା ପାଇଁ,
ନିଜର ଜୀବନ  ହସି ହସି ଦିଏ  ଏହାପରି କେହି ନାହିଁ ।
ବୀର ଧର୍ମପଦ  ବାଜିଆ ରାଉତ  ବାଳକ ପରିକେ ହେବ,
ଜାତି ପାଇଁ ହସି  ଅକାଳରେ କିଏ  ନିଜର ଜୀବନ ଦେବ ।
ଏହି ସେ କଳିଙ୍ଗ  ଯୋଦ୍ଧା ଜନ୍ମଭୂଇଁ  ଏହାର କଳିଙ୍ଗ ବୀର,
ଏ ଜାତି ସମ୍ମାନ  ରକ୍ଷା ପାଇଁ ଦିନେ  ନେଇଛି ଦେଇଛି ଶିର ।
ଗଡ଼ ବାରବାଟୀ  ରାଇ ବଣିଆର  ମାଟି କହୁଅଛି କଥା,
ଦେଖିଛି ସେ ନେତେ  ଅରି କେତେ କେତେ  ଦେଇ ଯାଇଛନ୍ତି ମଥା ।
ଦୟା ନଦୀ କହେ  ଚଣ୍ଡାଶୋକ ଏଥି  ବିସ୍ମୀତ ହୋଇଛି ଲଢ଼ି,
କଳିଙ୍ଗ ସାହସୀ  ଯୋଦ୍ଧା ସମ କିଏ  ଯୁଦ୍ଧରେ ଯିବରେ ଜଡ଼ି ।
ଏ ଧରମ ଭୂଇଁ  ଯୁଗେ ଯୁଗେ ଏଥି  ଧର୍ମର ହୋଇଛି ଜୟ,
ହିଂସ୍ର ଚଣ୍ଡାଶୋକ  ପାଷାଣ ହୃଦକୁ  ରଖିଲା ଧର୍ମରେ ଲୟ ।
ଏହି ସେହି ମାଟି  କେତେ ଦେଶ ସେବି  କେତେ କେତେ ଜ୍ଞାନୀ ଗୁଣୀ,
ନିଜ ସୁକରମେ  ରଖି ନିଜ ନାମ  ଫେରିଛନ୍ତି ଏଥି ପୁଣି ।
କବି ଉପେନ୍ଦ୍ର  ଜୟଦେବ କବି  ଶାରଳା ମେହର ପରି,
ଜନ୍ମି କେତେ କବି  କାବ୍ୟ କବିତାରେ  ଯାଇଛନ୍ତି ନାମକରି ।
ଏହି ସେ କଳିଙ୍ଗ  ଏହି ସେ ଉତ୍କଳ  ଏହି ସେ ଓଡ଼ିଶା ଭୂଇଁ,
କରିବି ସୁକର୍ମ  ଏ ମାଟିର ପାଇଁ  ଜନମିଛି ଏଠି ମୁହିଁ ।

---

ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଫୁଲବାଣୀ ।

# ପ୍ରଗତି ପଥେ ଓଡ଼ିଶାର କୃଷି

* ଶ୍ରୀ ଏଚ୍: ଏସ୍: ଚହର

ଖାଦ୍ୟ ଉତ୍ପାଦନରେ ଯେଉଁ ଦେଶ ଯେତେ ପ୍ରଗତି ଶୀଳ ଓ ସ୍ୱାବଲମ୍ବୀ ସେ ଦେଶର ନାଗରିକ ସେତେ ଉନ୍ନତ ଓ ବିଜ୍ଞାନୀ ତଥା ସେ ଦେଶ ସେତେ ବିତ୍ତଶାଳୀ । ଏହି ମହାନ୍ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପୃଥିବୀର ଅନ୍ୟାନ୍ୟ ବିକାଶଶୀଳ ଦେଶ ଭଳି ଆମ ଦେଶର ମଧ୍ୟ ଏ ଦିଗରେ ନାନା ପ୍ରକାର ଯୋଜନା ପ୍ରଣୟନ କରାଯାଉ ଅଛି । ଆମ ରାଜ୍ୟର ଶତକଡ଼ା ୭୦ ଭାଗରୁ ଉର୍ଦ୍ଧ୍ୱ ଅଧିବାସୀ ମୁଖ୍ୟତଃ କୃଷି ଜୀବୀ । ଏଣୁ କୃଷି ଆମ ରାଜ୍ୟର ଅର୍ଥ ନୈତିକ ଉନ୍ନତିର ମାପ କାଠି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷି ଓ କୃଷକର ଉନ୍ନତି ବିନା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି କଳ୍ପନା କରିବା ଅସମ୍ଭବ । ଏହି ଦୃଷ୍ଟିକୋଣରୁ ବର୍ତ୍ତମାନର ସରକାର ଅଗ୍ରାଧିକାର ଭିତ୍ତିରେ କୃଷି ଉନ୍ନୟନ ପାଇଁ ବ୍ୟାପକ ପଦକ୍ଷେପ ମାନ ନେଉଛନ୍ତି ।

ଆମ ରାଜ୍ୟର ମୋଟ କ୍ଷେତ୍ରଫଳ ୧୫·୫ ନିୟୁତ ହେକ୍ଟର ମଧ୍ୟରୁ ଚାଷ ଜମିର ପରିମାଣ ୬·୩ ନିୟୁତ ହେକ୍ଟର, ଜଳସେଚନର ସୁବିଧା ଥିବା ଚାଷ ଜମିର ପରିମାଣ କେବଳ ୨·୯ ନିୟୁତ ହେକ୍ଟର । ତେଣୁ ବର୍ଷା ଉପରେ ନିର୍ଭର କରି ଅଧିକାଂଶ ଜମିରେ ଚାଷ କରାଯାଉଅଛି । ମୌସୁମୀ ବର୍ଷା ଆମର ଆୟତ୍ତ ବାହାରେ ହୋଇଥିବାରୁ କେତେବେଳେ ଅନାବୃଷ୍ଟି ତ କେତେ ବେଳେ ଅତି ବୃଷ୍ଟି । କୃଷି ଉତ୍ପାଦନର ଲକ୍ଷ୍ୟ ହାସଲ କରିବା ବହୁତ କଷ୍ଟକର ହୋଇ ପଡୁଛି । ଅନ୍ୟ ପକ୍ଷରେ ଶିଳ୍ପ ସଂସ୍ଥା, ସହରାଞ୍ଚଳ ରାସ୍ତାଘାଟ ତଥା ଘର ବାଡ଼ିର ପ୍ରସାର ପାଇଁ ଚାଷ ଉପଯୋଗୀ ଜମିର ପରିମାଣ କ୍ରମଶ ହ୍ରାସ ପାଇବାରେ ଲାଗିଛି । ଫଳରେ କ୍ରମ ବର୍ଦ୍ଧିଷ୍ଣୁ ଜନ ସମୂହଙ୍କ ପାଇଁ ଖାଦ୍ୟ ସଂସ୍ଥାନ ଆମ ସମସ୍ତଙ୍କ ପାଇଁ ଏକ ସମସ୍ୟା ହୋଇ ଉଠିଛି ।

ସୁଖର କଥା– ଆମ ରାଜ୍ୟର ଚାଷୀ ଭାଇମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଆମେ କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇ ପାରିଛେ । ଆଜି ଆମେ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ।

କୃଷି ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇ ପାରିଛି । ଏହି ସଫଳତା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ । ଆମ ରାଜ୍ୟର ଚାଷୀମାନେ ଆଜି ସେମାନଙ୍କର ଆତ୍ମ ପ୍ରତ୍ୟୟର ଦୃଢ଼ ପରିଚୟ ଦେଉଛନ୍ତି । ପ୍ରାକୃତିକ ପ୍ରତିବନ୍ଧକ ସତ୍ତ୍ୱେ ବିଜ୍ଞାନ ସମ୍ମତ କୃଷି ପଦ୍ଧତି ଅବଲମ୍ବନ କରି କୃଷି ଉତ୍ପାଦନ ବୃଦ୍ଧି କରାଯାଇ ପାରିବ, ଏହା ସେମାନେ ପ୍ରମାଣିତ କରିଛନ୍ତି । ସେଥିପାଇଁ ରାଜ୍ୟର ପ୍ରତ୍ୟେକ ଅଧିବାସୀ ଯେଉଁମାନେ ଚାଷ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ, ସମସ୍ତେ ଧନ୍ୟବାଦ ଯୋଗ୍ୟ ।

ଗତ ତିନିବର୍ଷ ମଧ୍ୟରେ ରାଜ୍ୟର ଖାଦ୍ୟ ଉତ୍ପାଦନ ପରିମାଣ ଚମକ ପ୍ରଦ ଭାବେ ବୃଦ୍ଧି ପାଇଛି । ଧାନ ଆମ ରାଜ୍ୟର ମୁଖ୍ୟ ଫସଲ, ୧୯୮୯–୯୦ ବର୍ଷରେ ଚାଉଳ ଉତ୍ପାଦନ ପରିମାଣ ୬୨·୮୪ ଲକ୍ଷ ଟନ୍ ଥିବା ବେଳେ ୧୯୯୨–୯୩ ବର୍ଷରେ ସର୍ବାଧିକ ୬୬·୬୦ ଲକ୍ଷ ଟନ୍ ଚାଉଳ ଉତ୍ପାଦନ କରାଯାଇ ଏକ ରେକର୍ଡ ସୃଷ୍ଟି ହୋଇ ପାରିଛି । ଏହା ଆମ ପାଇଁ ଏକ ବଡ଼ସଫଳତା । ଅନ୍ୟାନ୍ୟ ଶସ୍ୟ ଜାତୀୟ ଫସଲ ଆଦାୟରେ ମଧ୍ୟ ଉନ୍ନୋତି ଘଟିଛି । ୧୯୮୯–୯୦ ବର୍ଷରେ ମୋଟ ଖାଦ୍ୟ ଶସ୍ୟ ଉତ୍ପାଦନ ପରିମାଣ ୭୯·୭୩ ଲକ୍ଷ ଟନ୍ ଥିବା ବେଳେ ୧୯୯୨–୯୩ ବର୍ଷରେ ଏହା ୮୩·୮୯ ଲକ୍ଷ ଟନ୍ ହୋଇପାରିଛି । ବିଗତ ବର୍ଷମାନଙ୍କ ତୁଳନାରେ ଏହା ଯଥେଷ୍ଟ ଅଧିକ ଅଟେ । ଅଷ୍ଟମ ଯୋଜନା ଶେଷ ସୁଦ୍ଧା ରାଜ୍ୟର ଖାଦ୍ୟ ଶସ୍ୟ ଉତ୍ପାଦନ ୯୯·୬୨ ଲକ୍ଷ ଟନ୍‌ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଅଛି । ଏହି ଲକ୍ଷ୍ୟକୁ ସଫଳ ରୂପାୟନ ପାଇଁ ରାଜ୍ୟର ସମସ୍ତ ୩୧୪ ଗୋଟି ବ୍ଲକରେ ସମନ୍ୱିତ ଧାନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଅଛି ।

ଧାନ ପରେ ଡାଲି ହେଉଛି ଦ୍ୱିତୀୟ ପ୍ରଧାନ ଫସଲ । ୧୯୮୯–୯୦ ବର୍ଷରେ ଡାଲି ଉତ୍ପାଦନ ୧୧·୨୬ ଲକ୍ଷ ଟନ୍ ହୋଇଥିବା ବେଳେ ୧୯୯୨–୯୩ ବର୍ଷରେ ଏହା ୧୨·୧୭ ଲକ୍ଷ ଟନ୍ ହୋଇ ଅଛି । ୧୯୯୬–୯୭ ବର୍ଷ ସୁଦ୍ଧା ରାଜ୍ୟର ଡାଲି ଉତ୍ପାଦନ ୧୫·୨୩ ଲକ୍ଷ ଟନ୍‌ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଅଛି । ଏହି ଲକ୍ଷ୍ୟ ହାସଲରେ ଚାଷୀମାନଙ୍କୁ ସହାୟତା କରିବା ପାଇଁ ରାଜ୍ୟରେ ୯ ଗୋଟି ଜିଲ୍ଲା ଯଥା– ବାଲେଶ୍ୱର, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, କୋରାପୁଟ, ପୁରୀ, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ଜାତୀୟ ଡାଲି ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉ ଅଛି ।

ରାଜ୍ୟ ତଥା ଦେଶର ଖାଇବା ତେଲର ବ୍ୟାପକ ଅଭାବ ଯୋଗୁଁ ରାଜ୍ୟ ସରକାର ବିଭିନ୍ନ ତୈଳବୀଜ ଫସଲର ଉତ୍ପାଦନ ବୃଦ୍ଧି ଉପରେ ସ୍ୱତନ୍ତ୍ର ଭାବରେ ଗୁରୁତ୍ୱ ଦେଉଛନ୍ତି । ୧୯୮୯–୯୦ ବର୍ଷରେ ତୈଳବୀଜ ଉତ୍ପାଦନ ୭·୬୯ ଟନ୍ ଥିବାବେଳେ ୧୯୯୨–୯୩ ବର୍ଷରେ ଏହା ୯·୫୭ ଲକ୍ଷ ଟନ୍ ହୋଇ ପାରିଛି । ଚିନାବାଦାମ ଏକର ପ୍ରତି ଅମଳ ପରିମାଣ କ୍ଷେତ୍ରରେ ଆମ ରାଜ୍ୟର ସ୍ଥାନ ଦେଶରେ ପ୍ରଥମ । ସରକାରୀ ଯୋଜନା ପରି

ଚାଷୀମାନଙ୍କର ଯଦି ସହଯୋଗ ଏହିପରି ଭାବରେ ଚାଲୁ ରହେ, ଅନ୍ୟାନ୍ୟ ତୈଳବୀଜ ଫସଲ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆମେ ଚିନାବାଦାମ ଭଳି ସୁନାମ ଅର୍ଜନ କରି ପାରିବା । ୧୯୯୨-୯୩ ଶେଷ ସୁଦ୍ଧା ତୈଳବୀଜ ଉତ୍ପାଦନ ୨୦.୦୯ ଲକ୍ଷ ଟନ୍‌ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ସ୍ଥିର କରାଯାଇ ଅଛି । ରାଜ୍ୟର ୧୩ ଗୋଟି ଜିଲ୍ଲାରେ କେନ୍ଦ୍ରୀୟ ଆର୍ଥିକ ସହାୟତାରେ ତୈଳବୀଜ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉ ଅଛି ।

ତନ୍ତୁ ଜାତୀୟ ଫସଲ ଉତ୍ପାଦନ କ୍ଷେତ୍ରରେ ବର୍ତ୍ତମାନ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଅଛି । ରାଜ୍ୟର ପାଞ୍ଚ ଗୋଟି ଜିଲ୍ଲା ଯଥା- କଟକ, ବାଲେଶ୍ୱର, ଗଞ୍ଜାମ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସ୍ୱତନ୍ତ୍ର ଝୋଟ ଉନ୍ନୟନ ଯୋଜନା କାର୍ଯ୍ୟ କାରୀ ହେଉଅଛି । ସମ୍ବଲପୁର, କୋରାପୁଟ ଓ ଢେଙ୍କାନାଳ ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ସରକାର ପ୍ରସ୍ତାବ ରଖିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ସଘନ କପା ଉନ୍ନୟନ ଯୋଜନା କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନା ପ୍ରଣୟନ ଫଳରେ ଉକ୍ତ ଜିଲ୍ଲାମାନଙ୍କରେ କପା ଚାଷୀମାନଙ୍କ ମଧ୍ୟରେ କପା ଚାଷର ପ୍ରସାର ପାଇଁ ଯଥେଷ୍ଟ ଆଗ୍ରହ ପ୍ରକାଶ ପାଇଛି ।

ଆଖୁ ଆମ ରାଜ୍ୟର ଅନ୍ୟ ଏକ ମୁଖ୍ୟ ଅର୍ଥକାରୀ ଫସଲ. ୧୯୮୯-୯୦ ବର୍ଷରେ ୪୭.୫ ହଜାର ହେକ୍ଟର ଜମିରେ ଆଖୁ ଚାଷ କରାଯାଇ ୩୩.୨୫ ଲକ୍ଷ ଟନ୍ ଆଖୁ ଅମଳ କରାଯାଇଥିବା ବେଳେ ୧୯୯୨-୯୩ ବର୍ଷରେ ୫୮ ହଜାର ହେକ୍ଟର ଜମିରେ ଆଖୁ ଚାଷ କରାଯାଇ ୩୬.୩୦ ଲକ୍ଷ ଟନ୍ ଆଖୁ ଉତ୍ପାଦନ ସମ୍ଭବ ହୋଇ ପାରିଛି । ହେକ୍ଟର ପିଛା ଅମଳ ମଧ୍ୟ ଯଥେଷ୍ଟ ବୃଦ୍ଧି ଘଟିଛି । ରାଜ୍ୟରେ ବର୍ତ୍ତମାନ ୫ ଗୋଟି ଚିନି କଳ ରହିଅଛି ଓ ଭବିଷ୍ୟତରେ ଆଉ ୮ ଗୋଟି ଚିନି କଳ ସ୍ଥାପନ କରାଯିବାର ଯୋଜନା ରହିଛି ।

କୃଷି ସାମଗ୍ରୀ ଯୋଗାଣରେ ଯଥେଷ୍ଟ ଉନ୍ନତି ହୋଇପାରିଛି । ରାଜ୍ୟରେ ୬୨୮ ଗୋଟି ବିଭାଗୀୟ ବିହନ ବିକ୍ରୟ କେନ୍ଦ୍ର ମାଧ୍ୟମରେ ୧୯୯୨-୯୩ ବର୍ଷରେ ୧ ଲକ୍ଷ ୫୬ ହଜାର ୨୬ କୁଇଣ୍ଟାଲ ବିହନ ଯୋଗାଇ ଦିଆ ଯାଇଥିବା ବେଳେ ୧୯୮୯-୯୦ ବର୍ଷରେ ଏହା ୧ ଲକ୍ଷ ୨ ହଜାର ୧୩୩ କୁଇଣ୍ଟାଲ ଥିଲା ସେହିଭଳି ରାସାୟନିକ ସାର ବ୍ୟବହାର କ୍ଷେତ୍ରରେ ମଧ୍ୟ ଚାଷୀମାନଙ୍କର ଯଥେଷ୍ଟ ଭାବରେ ଆଗ୍ରହ ବୃଦ୍ଧି ପାଇଛି । ସାର ବ୍ୟବହାର ଆଖି ଦୃଶିଆ ହୋଇପାରିନାହିଁ । ଏହାର ମୁଖ୍ୟ କାରଣ ହେଉଛି ଫସଫରସ୍ ଓ ପଟାସ ଜାତୀୟ ଖାଦ୍ୟ ସାରର ସୀମିତ ଯୋଗାଣ । ରାସାୟନିକ ସାର, କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି ପ୍ରଭୃତି ଚାଷୀମାନଙ୍କୁ ସହଜରେ ଓ ନିକଟରେ ଉପଲବ୍ଧ ହେବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇ ଅଛି ।

ସର୍ବୋପରି କୃଷି ସାମଗ୍ରୀ ମଧ୍ୟରେ ସବୁଠାରୁ ମୂଲ୍ୟବାନ ସାମଗ୍ରୀ ବୈଷୟିକ ଜ୍ଞାନ ଚାଷୀମାନଙ୍କ ନିକଟରେ ପହଞ୍ଚାଇ ଦେବା ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ କୃଷି ବିଭାଗ ତରଫରୁ ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ସହିତ ବିଭିନ୍ନ ଯୋଜନା ମାଧ୍ୟମରେ କୃଷକ ତଥା କୃଷକ ମହିଳା ତାଲିମ କାର୍ଯ୍ୟମାନ କରାଯାଇ ନୂତନ ଜ୍ଞାନ କୌଶଳ ଚାଷୀମାନଙ୍କ ନିକଟରେ ପହଞ୍ଚାଇ ଦେବାର ସବୁପ୍ରକାର ବ୍ୟବସ୍ଥା କରାଯାଇ ଅଛି । କୃଷି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ତଥା କେନ୍ଦ୍ରୀୟ ଧାନ ଗବେଷଣା ସଂସ୍ଥାର ବୈଜ୍ଞାନିକମାନଙ୍କ ସହଯୋଗ ଏଥିପାଇଁ ଖୁବ୍ ପ୍ରଶଂସନୀୟ ।

କେବଳ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ଆମର ଚେଷ୍ଟା ସୀମିତ ନୁହେଁ । ରାଜ୍ୟବାସୀ କିପରି ପୁଷ୍ଟିଯୁକ୍ତ ଖାଦ୍ୟ ଆବଶ୍ୟକ ମୁତାବକ ପାଇ ପାରିବେ ସେଥିପାଇଁ ରାଜ୍ୟ ଉଦ୍ୟାନ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି । ରାଜ୍ୟର ମୃତ୍ତିକା ଓ ଜଳବାୟୁ ଫଳଚାଷ ପାଇଁ ଖୁବ୍ ଅନୁକୂଳ । ଫଳଚାଷର ସମୃଦ୍ଧ ବିକାଶ ପାଇଁ ବର୍ତ୍ତମାନର ସରକାର ଯଥେଷ୍ଟ ପ୍ରାଧାନ୍ୟ ଦେଉଛନ୍ତି । ବିଭିନ୍ନ ଫଳ ଓ ପନିପରିବା ଉତ୍ପାଦନ ପାଇଁ ଏକ ଚକିଆ (Compact area) କ୍ଷେତ୍ର ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟାନ ବିଭାଗ ତରଫରୁ ଗୁରୁତ୍ୱ ପ୍ରଦାନ କରାଯାଉଅଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ନଡ଼ିଆ ଚାଷ ଏବଂ ଏକ ଚକିଆ କଦଳୀ ଚାଷ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଅଛି । ସହର ତଳି ଅଞ୍ଚଳରେ ବ୍ୟାପକ ପନିପରିବା ଚାଷ ପାଇଁ ମଧ୍ୟ ଉତ୍ସାହ ପ୍ରଦାନ କରାଯାଉଅଛି । ଅପେକ୍ଷାକୃତ ବେଶୀ ଥଣ୍ଡା ଜଳବାୟୁ ଦେଖା ଦେଉଥିବା ପାହାଡ଼ିଆ ଅଞ୍ଚଳରେ କମଳା ଲେମ୍ବୁ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଅଛି । ମରୁଡ଼ି ପ୍ରବଣ ଅଞ୍ଚଳରେ ଆମ୍ବ ଚାଷ ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଅଛି । ବର୍ତ୍ତମାନ ରାଜ୍ୟରେ ୭ ଲକ୍ଷ ହେକ୍ଟର ଜମିରେ ପରିବା ଚାଷ କରାଯାଇ ବାର୍ଷିକ ୭୦ ଲକ୍ଷ ଟନ୍ ପରିବା ଉତ୍ପାଦନ ସମ୍ଭବ ହୋଇପାରିଛି । ବିଶେଷ ଭାବରେ ଅଧିକ ଅମଳ କ୍ଷମ ପରିବା ବିହନ ଚାଷୀମାନଙ୍କୁ ବିଭାଗୀୟ ବିକ୍ରୟ କେନ୍ଦ୍ର ଜରିଆରେ ଯୋଗାଣର ବ୍ୟବସ୍ଥା କରାଯାଉଅଛି । ଭିତ୍ତି ବିହନ (Foundation seed) ଚାଷୀମାନଙ୍କୁ ଯୋଗାଇ ଦେଇ ସେହି କିସମ ବିହନର ଅଧିକ ଉତ୍ପାଦନ ତଥା ପ୍ରସାର ନିମନ୍ତେ ଅନେକ କାର୍ଯ୍ୟକ୍ରମ କରାଯାଇ ଅଛି । ମସଲାଜାତୀୟ ଫସଲ ଯଥା- ଅଦା, ହଳଦୀ, ଲଙ୍କା, ପିଆଜ, ରସୁଣ ପ୍ରଭୃତିର ପ୍ରସାର ପାଇଁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଅଛି । ଫଳ ଓ ପନିପରିବା ସାଇତି ରଖିବା ପାଇଁ ଗୃହିଣୀମାନଙ୍କୁ ତାଲିମର ମଧ୍ୟ ବ୍ୟବସ୍ଥା ରହିଛି । ରାଜ୍ୟର ରାଜଧାନୀ ଭୁବନେଶ୍ୱର ତଥା ଅନ୍ୟାନ୍ୟ ଜିଲ୍ଲାରେ ୧୯ ଗୋଟି Canning Centre ରହିଅଛି । ଫଳ ଓ ପନିପରିବା ଚାଷ ସହିତ ଫୁଲ ଚାଷର ଗୁରୁତ୍ୱ ଚାଷୀମାନେ ଉପଲବ୍ଧି କଲେଣି । ଉଦ୍ୟାନ ବିଭାଗ ଭୂମିକା ଏ କ୍ଷେତ୍ରରେ ବେଶ୍ ପ୍ରଶଂସନୀୟ । ତାଳ ତେଲ (Oil Palm) ଚାଷ କୃଷି ଅଗ୍ରଗତିରେ ଅନ୍ୟ ଏକ ଅଧ୍ୟାୟ । ସୁକିନ୍ଦା ଫାର୍ମରେ ଚଳିତ ବର୍ଷ ୩୦୦ ଏକର ଜମିରେ ବିଦେଶରୁ ଚାରା ଅଣାଯାଇ ନୂତନ ଭାବରେ ଏହି ଚାଷ ଆରମ୍ଭ କରାଯାଇଅଛି । ଭବିଷ୍ୟତରେ ଏହା ପାମୋଲିନ୍ ତେଲର ଆବଶ୍ୟକତା ମେଣ୍ଟାଇବା ସଙ୍ଗେ ସଙ୍ଗେ କୃଷି ଅର୍ଥନୀତି ଏକ ନୂତନ ମୋଡ଼ ନେବ ବୋଲି ଯଥେଷ୍ଟ ବିଶ୍ୱାସ ରହିଛି ।

ମାଟି, ପାଣି ଓ ପବନ ଏ ତିନୋଟି ଜୀବନ ଧାରଣର ମୌଳିକ ଆବଶ୍ୟକତା ଅଟେ । ଯେହେତୁ ପବନ ସହଜଲଭ୍ୟ ତେଣୁ,

ପ୍ରକୃତିର ପରିବେଶ ଗତ ସମତା ରକ୍ଷା କରିବା ପାଇଁ ମୃତ୍ତିକା ସଂରକ୍ଷଣ ଓ ଜଳ ସମ୍ପଦର ସଦୁପଯୋଗ ଉପରେ ବର୍ତ୍ତମାନ ପ୍ରାଧାନ୍ୟ ଦିଆଯାଉଅଛି । ଓଡ଼ିଶାର ଭୌଗଳିକ ଆୟତନର ପ୍ରାୟ ୫୭ ଶତାଂଶ ଜମିରୁ ମୃତ୍ତିକା କ୍ଷୟ ଦ୍ୱାରା ହେକ୍ଟର ପିଛା ଆନୁମାନିକ ୧୫ରୁ ୨୦ ଟନ୍ ମୃତ୍ତିକା କ୍ଷୟ ଘଟୁଥିବାର ଜଣାଯାଏ । ଏହି ମୃତ୍ତିକା କ୍ଷୟଦ୍ୱାରା ଆମ ରାଜ୍ୟର ବର୍ଷକୁ ୭୮ ହଜାର ହେକ୍ଟର ଜମିରୁ ଉର୍ବରତା ନଷ୍ଟ ହେବା ସଙ୍ଗେ ସଙ୍ଗେ କୋଟି କୋଟି ଟଙ୍କାର ଖତ ଓ ସାର ନଷ୍ଟ ହେଉ ଅଛି । ଏହି ମୃତ୍ତିକା କ୍ଷୟରୁ ରକ୍ଷା ପାଇବା ପାଇଁ ଆମ ସରକାର ଗତ ୩ ବର୍ଷ ମଧ୍ୟରେ ៥୦.୬୨ କୋଟି ଟଙ୍କା ବ୍ୟୟ କରି ସାରା ଓଡ଼ିଶାରେ ଭୂ-ଉନ୍ନୟନ, କାଜୁବାଦାମ, ମୃଗା ଓ ବିବିଧ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ଜଳ ଅମଳ ପ୍ରକଳ୍ପ ନିର୍ମାଣ, ଗୋଚର ଉନ୍ନୟନ ଓ ଧୋଡ଼ା ନିୟନ୍ତ୍ରଣ ଇତ୍ୟାଦି ବିବିଧ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇ ରାଜ୍ୟର ସମୁଦାୟ ୫୭ ହଜାର ୨୦୦ ହେକ୍ଟର ଜମିରେ ମୃତ୍ତିକା କ୍ଷୟ ନିରୋଧ କରାଯାଇ ପାରିଛି । ଏହା ବ୍ୟତୀତ ଭାରତ ସରକାରଙ୍କ ଆନୁକୂଲ୍ୟରେ ଓଡ଼ିଶାର ୨୬୮ ଗୋଟି ବ୍ଲକରେ ଜାତୀୟ ଜଳ ବିଭାଜିକା ଉନ୍ନୟନ ଯୋଜନା ମାଧ୍ୟମରେ ଚାଷୀମାନଙ୍କ ଜମିରେ ବିଭିନ୍ନ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଏହାର ଉତ୍ପାଦିକା ଶକ୍ତିକୁ ବୃଦ୍ଧି କରା ଯାଉଅଛି । ତା ଛଡ଼ା ବିଶ୍ୱବ୍ୟାଙ୍କ ଏବଂ ଡେନ୍‌ମାର୍କ ସରକାରଙ୍କ ସହାୟତାରେ ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଗଞ୍ଜାମ ଜିଲ୍ଲାର ୨ ଗୋଟି, ଫୁଲବାଣୀ ଜିଲ୍ଲାର ୪ ଗୋଟି କୋରାପୁଟ ଜିଲ୍ଲାର ୫ ଗୋଟି, ଏବଂ ମାଲ୍‌କାନ୍‌ଗିରି ଜିଲ୍ଲାର ୭ ଗୋଟି ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଅଛି ।

ହୀରାକୁଦ, ମାଛକୁଣ୍ଡ-ସିଲେରୁ, ରେଙ୍ଗାଲି-ମନ୍ଦିରା ଇତ୍ୟାଦି ନଦୀ ଅବବାହିକାରେ ଜଳ ବିଭାଜିକା ମଧ୍ୟରେ ବିଭିନ୍ନ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ କରି ଜଳ ଭଣ୍ଡାରଗୁଡ଼ିକୁ ପଟୁମାଟି ଦ୍ୱାରା ପୋତି ହେବାରୁ ରକ୍ଷା କରାଯାଇ ଜଳ ଭଣ୍ଡାରର ଆୟୁଷ ବୃଦ୍ଧି କରାଯାଇ ପାରିଛି ।

ବର୍ତ୍ତମାନର ଲୋକପ୍ରିୟ ସରକାର ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ନିଜସ୍ୱ ପାଣ୍ଠି ଓ ଭାରତ ସରକାରଙ୍କଠାରୁ ପାଉଥିବା ପାଣ୍ଠି ବ୍ୟତୀତ ବିଶ୍ୱ ବ୍ୟାଙ୍କ୍ ଓ ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କଠାରୁ ସାହାଯ୍ୟ ଯୋଗାଡ଼ କରିବାରେ ସକ୍ଷମ ହୋଇ ପାରିଛନ୍ତି ।

ବର୍ତ୍ତମାନ କୃଷି, ଉଦ୍ୟାନ ତଥା ମୃତ୍ତିକା ସଂରକ୍ଷଣ ବିଭାଗର ସମସ୍ତ କର୍ମଚାରୀମାନଙ୍କ ସମ୍ମୁଖରେ ଏକ ବିରାଟ ଆହ୍ୱାନ । ତ୍ରୁଟିକୁ ସଂଶୋଧନ କରି ଆମକୁ ଏହି ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ । କୃଷି ଉତ୍ପାଦନ ବୃଦ୍ଧି ପାଇଁ ବହୁ ପ୍ରତିବନ୍ଧକ ରହିଛି । ସେ ସବୁକୁ ଦୂର କରି ଆଗକୁ ଚାଲିବାକୁ ପଡ଼ିବ । ବିରାଟ କର୍ତ୍ତବ୍ୟର ଆହ୍ୱାନରେ ଦେଶର ଆବଶ୍ୟକତା କୃଷି ଉତ୍ପାଦନର ଅଭିବୃଦ୍ଧି ଚାଷୀଙ୍କ ସେବାରେ ନିଯୁକ୍ତ କୃଷି ବିଭାଗର ସମସ୍ତ କର୍ମୀ ସେହି ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ଆଗେଇ ଯାଆନ୍ତୁ ।

କମିଶନର ତଥା ଶାସନ ସଚିବ,
କୃଷି ବିଭାଗ, ଓଡ଼ିଶା ।



ଧାମନଗରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସ୍ୱର୍ଗତ ଦୁର୍ଗାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

# ଓଡ଼ିଶାରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା– ଶିକ୍ଷକ ଏବଂ ଜନସାଧାରଣଙ୍କ ଭୂମିକା

* ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି

ପ୍ରତି ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସେତେକ ନିର୍ଦ୍ଦିଷ୍ଟ କୌଶଳର ଆବଶ୍ୟକତା ରହିଛି । ଏହି କୌଶଳର ବିଭିନ୍ନ ଅଙ୍ଗଗୁଡ଼ିକ ହେଲା, ଜନବଳ, ବସ୍ତୁବଳ, ପଦ୍ଧତି ଏବଂ ମାଧମ । ଏଗୁଡ଼ିକର ଉତ୍ତମ ସମନ୍ୱୟ ରକ୍ଷା କରାଗଲେ ହିଁ ପ୍ରାଥମିକ ଶିକ୍ଷା ସାର୍ବଜନୀନ କରାଇବାରେ ପୂର୍ଣ୍ଣ ସଫଳତା ମିଳିପାରିବ ।

ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ନିସ୍ୱାର୍ଥପର ମନବୃତ୍ତି ସ ନ୍ନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ । ସେମାନେ ନିର୍ଦ୍ଦିଷ୍ଟ ଭାବରେ ନୂତନ ଶିକ୍ଷାଦାନ କୌଶଳ, ଭାବ ବିନିମୟର ଦକ୍ଷତା ଏବଂ ଶିଶୁ ମନୋବିଜ୍ଞାନ ଭିତ୍ତିକ ଜ୍ଞାନ ସ କର୍ରେ ସୁ'ଚିନ୍ତିତ ତାଲିମ ନେବାଉଚିତ୍ । ଉଭୟ ସରକାରୀ ଓ ବେ'ସରକାରୀ ସଂଗଠନଗୁଡ଼ିକ ଏହାର ସମାଧାନର ସର୍ବନିମ୍ନ ଆବଶ୍ୟକତା ଉପରେ ଜନ ଚେତନା ସୃଷ୍ଟି କରିବା ଦରକାର । ଶିଶୁ, ନିଜଘର ଛାଡ଼ି ସ୍କୁଲକୁ ଆସିଲେ, ଯେପରି ସ୍କୁଲକୁ ନିଜର ଘରଭଳି ଭାବିବ, ସେଥି ପାଇଁ ପ୍ରଚେଷ୍ଟାର ଆବଶ୍ୟକତା ରହିଛି । କୋମଳମତି ଶିଶୁମାନଙ୍କ ମଧ୍ୟରେ, ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କ ମନକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ରଙ୍ଗ ବେରଙ୍ଗର ଶିକ୍ଷା ସାମଗ୍ରୀ ବ୍ୟବହାର କରାଯିବା ଆବଶ୍ୟକ । ଶିଶୁକୁ ଆବଶ୍ୟକୀୟ ଶିକ୍ଷା ଅନୁଭୂତି ଦେବା ପାଇଁ ଲେଖକ, ଚିତ୍ରକାର, କବି ପ୍ରଭୃତି ବ୍ୟକ୍ତିମାନେ ଶିଶୁ କେନ୍ଦ୍ରିକ ବିଷୟ ବସ୍ତୁ ପ୍ରସ୍ତୁତ କରିବା ଦରକାର ।

ରେଡ଼ିଓ, ଟେଲିଭିଜନ ସିନେମା ଏବଂ ଖବର କାଗଜ ଆଦି ଗଣମାଧ୍ୟମଗୁଡ଼ିକ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ପ୍ରାଥମିକ ବିଦ୍ୟାଳୟର ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ପାଠ୍ୟଦାନ ସମୟର ପରିବର୍ତ୍ତନ କରିପାରିବେ ଏବଂ ପ୍ରତ୍ୟେକ ଅଭିଭାବକଙ୍କ ଘରବୁଲାରେ ବିଦ୍ୟାଳୟ ଅନାଗତ ଶିଶୁମାନଙ୍କ ପରିଚୟ ଜାଣି ସେମାନଙ୍କ ପରିବାରବର୍ଗଙ୍କ ସହ ସୁ'ସ ର୍କ ସ୍ଥାପନ କରିବେ । ପ୍ରାଥମିକ ଶିକ୍ଷା ଶିଶୁ ବିକାଶର ଏକ ନିର୍ଦ୍ଦିଷ୍ଟ ଏବଂ ପ୍ରମୁଖ ସ୍ତର ହୋଇଥିବାରୁ ଯଥେଷ୍ଟ ପରିମାଣରେ ଶିଶୁର ମାନସିକ ଓ ଶାରୀରିକ ଅନୁଭୂତିରେ ଜାଗରଣ ଆଣିପାରିଲେ ଏହିସ୍ତର ସ ୂର୍ଣ୍ଣ ହୋଇପାରିବ ।

କୃଷି, ଶିଳ୍ପ ଆଦିକ୍ଷେତ୍ରରେ କାର୍ଯ୍ୟରତ ଏବଂ ବିଦ୍ୟାଳୟତ୍ୟାଗ କରିଥିବା ଶିଶୁମାନଙ୍କ ପ୍ରବେଶ ପାଇଁ ବିଦ୍ୟାଳୟ ଦ୍ୱାର ଉନ୍ମୁକ୍ତ ରହିବା ଦରକାର । ସାର୍ବଜନୀନ ପ୍ରାଥମିକ ଶିକ୍ଷା କାର୍ଯ୍ୟକାରୀ କରିବା ପାଇଁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ସ୍ତରର ଆବଶ୍ୟକତା ରହିଛି । ସେଗୁଡ଼ିକ ହେଲା, ବହୁଳଭାବେ ଜନଚେତନା ସୃଷ୍ଟିକରିବା, ଆବଶ୍ୟକୀୟ ଅର୍ଥ ସଂଗ୍ରହ କରିବା, ସାର୍ବଜନୀକରଣ ପାଇଁ ଯୋଜନା କରିବା ଉପଯୁକ୍ତ ଶିକ୍ଷକ ମନୋନୟନ ଓ ସେମାନଙ୍କ ତାଲିମ, ଶିକ୍ଷକମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ, ଶିକ୍ଷା ଅନୁଭୂତି ଦେବା ପାଇଁ ଶିକ୍ଷକଙ୍କଦ୍ୱାରା ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ଆୟୋଜନ, ପୂର୍ବ ଯୋଜନା ଅନୁସାରେ ନିର୍ଦ୍ଦିଷ୍ଟ ଶିକ୍ଷାଦାନ ବ୍ୟବସ୍ଥା, କାର୍ଯ୍ୟକ୍ରମର ଅଗ୍ରଗତି ସ କର୍ରେ କ୍ରମ ମୂଲ୍ୟାୟନ ଏବଂ ମୂଲ୍ୟାୟନର ବିବରଣୀ ପ୍ରସ୍ତୁତକରି ତାହା ସମ୍ବାଦପତ୍ର ଓ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଲୋକ ଲୋଚନକୁ ଆଣିବା । ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ଶିକ୍ଷକମାନଙ୍କ ପାଇଁ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଆହ୍ୱାନ । ଏହାର ସମ୍ମୁଖୀନ ହେବାପାଇଁ ଶିକ୍ଷକ ସ୍ୱତଃ ଆଗଭର ହୋଇ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରିବା ଆବଶ୍ୟକ । ସମସ୍ତ ଶିକ୍ଷକ, ଜଣେ, ଜଣେ ନେତା ସେମାନେ ଶିକ୍ଷା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କୁ ନେତୃତ୍ୱ ଦେବାପାଇଁ ଆଗେଇ ଆସିବା ଉଚିତ । ଛାତ୍ର ମଧ୍ୟରେ ଅନ୍ତର୍ନିହିତ ଶକ୍ତିର ବିକାଶ ଘଟାଇବା, ସେମାନଙ୍କୁ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବାପାଇଁ ସାହାଯ୍ୟ କରିବା, ଛାତ୍ରମାନଙ୍କ ଅନୁସନ୍ଧିତ୍ସା ଶକ୍ତିକୁ ଜାଗ୍ରତ କରିବା ଉତ୍ତମ ଜ୍ଞାନ ଓ ବୁଝାମଣା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ନିଜ ଜୀବନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଚିହ୍ନଟ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ । ଶିକ୍ଷାଦାନ ପ୍ରତି ଅଙ୍ଗୀକାରବଦ୍ଧ ଶିକ୍ଷକ ଉପରେ ସମାଜ ଯେଉଁ ଗୁରୁଦାୟିତ୍ୱ ନ୍ୟସ୍ତ କରିଛି, ସେ ଗୁରୁଦାୟିତ୍ୱ ବ୍ୟତିକ୍ରମ ନକରି ଅସତ୍ ଆଚରଣ କରୁଥିବା ଶିକ୍ଷକମାନଙ୍କୁ ଚିହ୍ନଟକରି, ସେମାନଙ୍କୁ ସୁପରାମର୍ଶ ଦେଇ ଶିକ୍ଷକତାର ମୂଲ୍ୟ ବୃଦ୍ଧିର ବିକାଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ଉତ୍ତମ ଦାୟିତ୍ୱବୋଧ ଜ୍ଞାନ ସୃଷ୍ଟି କରିବା ଆବଶ୍ୟକ । ଏହାଦ୍ୱାରା ଦେଶ ତଥା ଦେଶବାସୀ ଉପକୃତ ହୋଇପାରିବେ ।

ଭାରତରେ, ସାର୍ବଜନୀନ ପ୍ରାଥମିକ ଶିକ୍ଷା ଆନ୍ଦୋଳନର ଉତ୍ପତ୍ତି ବିଂଶ ଶତାବ୍ଦୀର ଆରମ୍ଭରେ ହୋଇଥିଲେ ମଧ୍ୟ ଆଜି ମାତ୍ର ଅର୍ଦ୍ଧେକ ସଂଖ୍ୟକ ଶିଶୁ ଏହି ଶିକ୍ଷାଗତ ଅଧିକା ଉପଭୋଗ କରିବାରେ ସମର୍ଥ ହୋଇଛନ୍ତି । ଆମ ସମ୍ବିଧାନର ୪୫ ଧାରା ସ୍ପଷ୍ଟ କରିଦେଇଛି ଯେ, ସମ୍ବିଧାନ କାର୍ଯ୍ୟକାରୀ ହେବାର ଦଶବର୍ଷ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ତା'ର ଶିଶୁମାନଙ୍କୁ ୧୪ ବର୍ଷ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଶିକ୍ଷାପ୍ରଦାନ କରିବା ନିମନ୍ତେ ପ୍ରୟାସ କରିବେ । ୪ ଦଶନ୍ଧିପରେ ଶିକ୍ଷା ଯେଉଁ ସ୍ତରରେ ପହଞ୍ଚିଛି ତାହା ଉଣା ଅଧିକେ ସମସ୍ତଙ୍କୁ ଜଣା ।

ଶିକ୍ଷାକୁ ସାର୍ବଜନୀନ କରିବାପାଇଁ ରାଜ୍ୟର ସମସ୍ତ ପ୍ରକାର ଚେଷ୍ଟାସତ୍ତ୍ୱେ ୧୯୯୧ ମସିହା ଜନଗଣନା ଅନୁଯାଇ ରାଜ୍ୟର

ସାକ୍ଷରତା ହାର ଶତକଡ଼ା ୪୮·୬୫ ଏବଂ ମହିଳା ସାକ୍ଷରଙ୍କ ଅନୁପାତ ଶତକଡ଼ା ୩୦·୪୦। ସମଗ୍ର ଭାରତର ସାକ୍ଷରତା କ୍ଷେତ୍ରରେ ଆମ ରାଜ୍ୟ ୨୩ତମ ସ୍ଥାନ ଅଧିକାର କରିଛି। ହରିଜନ ଓ ଆଦିବାସୀଙ୍କ ସାକ୍ଷରତା ହାର ଆମରାଜ୍ୟର ସାକ୍ଷରତା ହାର ତୁଳନାରେ ବହୁତଳେ ପଡ଼ିଛି। ଜନଗଣନା ଅନୁସାରେ ରାଜ୍ୟର ୬ରୁ ୧୦ ବର୍ଷ ବୟସର ଶିଶୁଙ୍କ ସଂଖ୍ୟା ହେଲା ୪୬ ଲକ୍ଷ। ସେମାନଙ୍କ ମଧ୍ୟରୁ ୯ ଲକ୍ଷ ଶିଶୁ ପ୍ରାଥମିକ ସ୍କୁଲକୁ ପ୍ରବେଶ କରିନାହାନ୍ତି। ୭ ଲକ୍ଷ ୩୨ ହଜାର ବାଳିକା ମଧ୍ୟ ପ୍ରବେଶ କରିନାହାନ୍ତି। ୬ ବର୍ଷରୁ ୧୧ ବର୍ଷ ବୟସ ମଧ୍ୟରେ ନାମ ଲେଖାଇଥିବା ଶିଶୁଙ୍କ ସଂଖ୍ୟା ଶତକଡ଼ା ୭୩ ଏବଂ ବାଳିକାମାନଙ୍କର ଶତକଡ଼ା ୩୪। ୧୧ରୁ ୧୪ ବର୍ଷ ବୟସ ମଧ୍ୟରେ ଶତକଡ଼ା ୫୪ ଶିଶୁଙ୍କର ଉଚ୍ଚ ପ୍ରାଥମିକ ଶିକ୍ଷାରେ ପ୍ରବେଶ ଅଧିକାର ନାହିଁ। ବାଳିକାମାନଙ୍କ କ୍ଷେତ୍ରରେ ଏହାର ହାର ଶତକଡ଼ା ୬୫. ୫ମ ଶ୍ରେଣୀ ମଧ୍ୟରେ ବିଦ୍ୟାଳୟ ପରିତ୍ୟାଗ କରିଯାଇଥିବା ସାଧାରଣ, ହରିଜନ ଓ ଆଦିବାସୀଙ୍କ ସଂଖ୍ୟା ଶତକଡ଼ା ୪୬, ଶତକଡ଼ା ୫୭ ଓ ଶତକଡ଼ା ୭୧। ଅଷ୍ଟମ ଶ୍ରେଣୀ ସୁଦ୍ଧା ବିଦ୍ୟାଳୟ ଛାଡ଼ିଯାଇଥିବା ସାଧାରଣ ହରିଜନ ଓ ଆଦିବାସୀ ଶିଶୁଙ୍କ ସଂଖ୍ୟା ଯଥାକ୍ରମେ ଶତକଡ଼ା ୭୦ ଶତାଂଶ, ୮୧ ଶତାଂଶ ଏବଂ ୮୯ ଶତାଂଶ। ପ୍ରାଥମିକ ସ୍ତରରେ ପିଲାମାନଙ୍କଠାରୁ ଆଶା କରାଯାଉଥିବା ସର୍ବାଧିକ ଶିକ୍ଷଣ ପ୍ରକ୍ରିୟାର ସ୍ତରରେ ଅଧିକାଂଶ ପିଲା ପହଞ୍ଚିପାରୁ ନଥିବାରୁ ଶିଶୁମାନେ ହାସଲ କରୁଥିବା ଜ୍ଞାନର ପରିମାଣ ବା ଗୁଣାତ୍ମକ ମାନପ୍ରତି କ୍ୱଚିତ୍ ଦୃଷ୍ଟି ଦିଆଯାଉଛି। ରାଜ୍ୟରେ ପ୍ରାୟ ୪୧ ହଜାର ୫୦୦ ପ୍ରାଥମିକ ବିଦ୍ୟାଳୟ ଅଛି। ଯାହା ଘରଠାରୁ ୧ କି.ମି: ଦୂରରେ ଅବସ୍ଥିତ ଏହି ବିଦ୍ୟାଳୟରେ ପଢ଼ିବାପାଇଁ ଶତକଡ଼ା ୭୦ ଶିଶୁ ସକ୍ଷମ ହେଉଛନ୍ତି। ୧ କି.ମି. ବ୍ୟାସାର୍ଦ୍ଧରେ ଏପର୍ଯ୍ୟନ୍ତ ୧୦ ହଜାର ଗ୍ରାମାଞ୍ଚଳରେ ପ୍ରାଥମିକ ସ୍କୁଲ ନାହିଁ। ୩ କି.ମି: ବ୍ୟାସାର୍ଦ୍ଧରେ ୧୯,୪୩୪ ଗ୍ରାମାଞ୍ଚଳରେ ମଧ୍ୟ ଇଂରେଜୀ ବିଦ୍ୟାଳୟ ନାହିଁ। ୧,୨୫୩ ଗ୍ରାମପଞ୍ଚାୟତରେ ହାଇସ୍କୁଲ ନାହିଁ। ୨୦ଟି ବ୍ଲକରେ ହାଇସ୍କୁଲ ନାହିଁ। ଗୋଟିଏ ଶିକ୍ଷକ ଥିବା ସ୍କୁଲ ସଂଖ୍ୟା ୨,୬୫୭। ଗୋଟିଏ ଗୃହଥିବା ସ୍କୁଲ ସଂଖ୍ୟା ୨,୦୩୧। ନିମ୍ନପ୍ରାଥମିକ ସ୍କୁଲସଂଖ୍ୟା ୬,୮୬୫। ଗୃହନଥିବା ପ୍ରାଥମିକ ସ୍କୁଲସଂଖ୍ୟା ୮,୧୯୭। ଗୃହନଥିବା ଉଚ୍ଚ-ଏମ୍.ଇ. ସ୍କୁଲସଂଖ୍ୟା ୩,୧୩୮। ଏ ହେଉଛି ରାଜ୍ୟର ଚିତ୍ରପଟ।

ଅଷ୍ଟମ ଯୋଜନାରେ ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଅନୁଯାୟୀ ହରିଜନ ଆଦିବାସୀ ଓ ବାଳିକା ସମେତ ସମସ୍ତ ଶିଶୁଙ୍କର ସାର୍ବଜନୀନ ନାମଲେଖା ବ୍ୟବସ୍ଥା କରାଯିବ। ସେମାନଙ୍କର ପ୍ରାଥମିକ ଶିକ୍ଷା ସମାପ୍ତିପର୍ଯ୍ୟନ୍ତ ସାର୍ବଜନୀନ ସହଯୋଗର ବ୍ୟବସ୍ଥା ପ୍ରଥମରୁ ୫ମ ଓ ପ୍ରଥମରୁ ୮ମ ଶ୍ରେଣୀ ମଧ୍ୟରେ ବିଦ୍ୟାଳୟ ପାଠପଢ଼ାଛାଡ଼ି ଯିବାରୁ ରହିଯାଉଥିବା ପିଲା ସଂଖ୍ୟାର ବର୍ତ୍ତମାନ ହାର ଯଥାକ୍ରମେ ୪୬ ଶତାଂଶ ଓ ୭୦ ଶତାଂଶରୁ ଏହାକୁ ୨୦ ଶତାଂଶ ଓ ୪୦ ଶତାଂଶକୁ କମାଇବା ପାଇଁ ବ୍ୟବସ୍ଥା କରାଯାଉଛି। ନ୍ୟୁନତମ ପରିମାଣର ଜ୍ଞାନ ଆହରଣ ସ୍ତରରେ ସାର୍ବଜନୀନ ଲକ୍ଷ୍ୟ ହାସଲ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଦେଶର ବିକାଶ ପାଇଁ ପ୍ରାଥମିକ ଶିକ୍ଷାର ସାର୍ବଜନୀନ କରଣ ଏକ ମହାନ ପଦକ୍ଷେପ। ଶିକ୍ଷାର ବିକାଶ ପାଇଁ କାର୍ଯ୍ୟରତ ଶିକ୍ଷା ଯୋଜନାକାରୀ, ଶିକ୍ଷା ପ୍ରଶାସକ, ଗବେଷକ ଏବଂ ବିଶେଷଜ୍ଞମାନେ ଏହାର ଉପାଦେୟତା ଅନୁଭବକରି ହାତକୁ ହାତ ମିଳାଇ କାର୍ଯ୍ୟ କରିଲେ, ଏକବିଂଶ ଶତାବ୍ଦୀର ଆହ୍ୱାନ ତଥା ଏହି ଯୋଜନା ସୁଫଳ ହୋଇ ପାରିବ।

ତେଣୁ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଦାୟିତ୍ୱ ଶିକ୍ଷକଙ୍କୁ ହିଁ ତୁଲାଇବାକୁ ପଡ଼ିବ। ଲୋକମାନେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷିତ କରାଇବାର ସ୍ୱାଭାବିକ ମନୋବୃତ୍ତି ଉପରେ ସାଧାରଣତଃ ନିର୍ଭର କରାଯାଇଥାଏ। ସେଥିପାଇଁ ବିଦ୍ୟାଳୟମାନ ଖୋଲିଦିଆ ଯାଉଛି, ପିତା ମାତାମାନେ ସେମାନଙ୍କର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ବିଦ୍ୟାଳୟକୁ ପଠାଇବେ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଦୁର୍ଭାଗ୍ୟର କଥା ପ୍ରାଥମିକ ସ୍ତରରେ ୪୧,୨୦୪ଟି ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇ ଲକ୍ଷାଧିକ ଶିକ୍ଷକ ନିଯୁକ୍ତି କରାଯାଇଥିଲେ ମଧ୍ୟ ଶିକ୍ଷାର ଫଳା ଫଳ ଅତ୍ୟନ୍ତ ନୈରାଶ୍ୟ ଜନକ ହୋଇପଡ଼ିଛି। ଦୁଇ ହଜାର ମସିହା ସୁଦ୍ଧା ରାଜ୍ୟର ସମସ୍ତ ଶିଶୁଙ୍କୁ ପ୍ରାଥମିକ ଶିକ୍ଷାଳୟକୁ ଆଣିବା ପ୍ରାଥମିକ ଶିକ୍ଷା ଶେଷ ପର୍ଯ୍ୟନ୍ତ ରଖିବା ଏବଂ ସେମାନଙ୍କୁ ସର୍ବନିମ୍ନ ଜ୍ଞାନ ଆହରଣ କରାଇବା କ୍ଷେତ୍ରରେ ସରକାରୀ ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମକୁ ଆନ୍ତରିକତା ସହିତ ରୂପାୟନ କରିବା ପାଇଁ ଅମଲାତନ୍ତ୍ର, ରାଜନୀତିଜ୍ଞ, ଶିକ୍ଷକ ଏବଂ ଜନସାଧାରଣ ଦୃଢ଼ ସଂକଳ୍ପ ନେବା ଆବଶ୍ୟକ। ସବୁ ଶିଶୁଙ୍କୁ ପ୍ରାଥମିକ ସାର୍ବଜନୀନ ଶିକ୍ଷା କ୍ଷେତ୍ରକୁ ଆଣିବା ଏବଂ ଅପର ପକ୍ଷରେ ବ୍ୟାପକ ସାକ୍ଷରତା ଅଭିଯାନ କରି ସମସ୍ତଙ୍କୁ ସାକ୍ଷର କରିବା ଭଳି କାର୍ଯ୍ୟକ୍ରମ ସମାନ୍ତରାଳ ଭାବେ ନଚାଲିଲେ "ସମସ୍ତଙ୍କ ପାଇଁ ଶିକ୍ଷା" କାର୍ଯ୍ୟକ୍ରମ ବିଫଳ ହେବ।

ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ରାଜ୍ୟ ସରକାରଙ୍କ ଆହ୍ୱାନକୁ ଫଳବତୀ କରିବାକୁ ହେଲେ ସବୁ ସ୍ତରରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେବାକୁ ହେବ। ତା'ହେଲେ ଦୁଇ ହଜାର ମସିହା ସୁଦ୍ଧା ଏହାର ସୁଫଳ ମିଳିପାରିବ।

ସାଥାଦିବ,
କ୍ୱାର୍ଟ:-ଡି.ଏ. ୪/୧
ୟୁନିଟ୍-୨, ଭୁବନେଶ୍ୱର-୯।

# ନାରୀ ଆତ୍ମ ନିଯୁକ୍ତି ଓ କୁଟୀର ଶିଳ୍ପ

* ସାବିତ୍ରୀ ପାଢ଼ୀ

ଦେଶର ଜନଗଣନା ଅନୁଧ୍ୟାନ କଲେ ଜଣାଯାଏ, ଅଧା ସଂଖ୍ୟାରେ ପୁରୁଷ ଓ ନାରୀ ଥିବା ସ୍ଥଳରେ ମୋଟ ଏକ କୋଟି ପାଖାପାଖି ନାରୀଙ୍କ ସଂଖ୍ୟାରୁ ଶିକ୍ଷିତା ହୋଇ କର୍ମନିଯୁକ୍ତି ପାଇଥିବା ନାରୀମାନଙ୍କ ସଂଖ୍ୟା ଅତି ନଗଣ୍ୟ । ଅନ୍ୟ ପ୍ରଦେଶ ତୁଳନାରେ ଓଡ଼ିଶାର ବହୁ ଭାଗ ନାରୀ ନିରକ୍ଷର, ଅନୁନ୍ନତ ଓ ଅଳ୍ପ ସାକ୍ଷର । ଏହାର କାରଣ ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ଆଗ୍ରହ ଥିଲେ ମଧ୍ୟ କର୍ମନିଯୁକ୍ତି ଆଶା ନ ଥିବାରୁ ସେମାନେ ଶିକ୍ଷାରୁ ବଞ୍ଚିତା ହେଉଛନ୍ତି । ସେମାନେ କର୍ମଦକ୍ଷ ନୁହନ୍ତି ତା' ନୁହେଁ, ଗୁଣ ଓ ପ୍ରତିଭା ବିକାଶର ଅବକାଶ ଅଭାବରୁ, ଗଠନମୂଳକ (Productive Work) କରି G. D. P. (Gross Domestic Productive) ଦ୍ୱାରା ନିଜେ ଆତ୍ମନିର୍ଭରଶୀଳା ହୋଇ ଦେଶର ଉନ୍ନତି କରିବା ସେମାନଙ୍କ ପକ୍ଷରେ ଅସମ୍ଭବ ହେଉଛି । ଗ୍ରାମ ଓ ସହରାଞ୍ଚଳର କେତେକ ନାରୀ ସ୍ୱଳ୍ପ ଶିକ୍ଷିତା ହୋଇ ସମାଜ ସେବିକା ରୂପେ ସରକାରୀ ଅନୁଦାନ ଦ୍ୱାରା ଜନକଲ୍ୟାଣ ମାଧ୍ୟମରେ ଜୀବିକା ନିର୍ବାହ କରୁଛନ୍ତି । ଏହାଛଡ଼ା ଗ୍ରାମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅନୁନ୍ନତ ଓ ଗରିବ ନାରୀ କିଛି ଭାଗ ମୂଲ ମଜୁରି ଦ୍ୱାରା ଅର୍ଥୋପାର୍ଜନ କରୁଛନ୍ତି । ଦେଶର ସର୍ବମୋଟ ନାରୀ ସଂଖ୍ୟାର ଅଳ୍ପ କିଛି ଭାଗ ନାରୀ କର୍ମରତା ଏପରି ଭାବେ ହେଉଛନ୍ତି । ଏହା ସତ୍ତ୍ୱେ ନାରୀ ସଂଖ୍ୟାର ଅବଶିଷ୍ଟ ଭାଗ, ମଧ୍ୟବିତ୍ତ ବା ରକ୍ଷଣଶୀଳ ପରିବାରର ନାରୀମାନେ ସମସ୍ତେ ସାକ୍ଷର ବା ଉଚ୍ଚ ଶିକ୍ଷିତା ନ ହୋଇଥିବାରୁ ଆର୍ଥିକ ଅନଟନର ବଶବର୍ତ୍ତୀ ହେଲେ ମଧ୍ୟ ନିଜେ ଯାଇ ନିଜର ଆତ୍ମ ନିଯୁକ୍ତି କରିପାରୁ ନାହାଁନ୍ତି । ତେଣୁ ବୃଦ୍ଧି ପାଉଥିବା ଜନସଂଖ୍ୟାରୁ ଖାଉଟି ସଂଖ୍ୟାକୁ ଦୃଷ୍ଟି ଦେଇ କିପରି ଉତ୍ପାଦନ ବୃଦ୍ଧି ହେବ, ସେଥିପାଇଁ ଦେଶର ଧନ ସୁରକ୍ଷିତ କରି ମିତବ୍ୟୟ ଦ୍ୱାରା ସମସ୍ତେ କର୍ମକ୍ଷମ ହେଲେ ଆମେ ସମସ୍ତେ ଅସୁବିଧାର ସମ୍ମୁଖୀନ ହୁଅନ୍ତୁ ନାହିଁ ।

ନାରୀ ଗୋଷ୍ଠୀଙ୍କର କର୍ମନିଯୁକ୍ତି ପାଇଁ କେବଳ କୁଟୀର ଶିଳ୍ପ ମାଧ୍ୟମ ହିଁ ସମସ୍ୟା ସମାଧାନ କରିବ ଏବଂ ମୁଣ୍ଡପିଛା ଆୟ ବୃଦ୍ଧି କରି ପାରିବ । ଏହି କୁଟୀର ଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ଦେଶରେ ମହିଳା ନିଗମର ଗ୍ରାମ୍ୟ ବ୍ୟାଙ୍କ୍, ମହିଳା କଞ୍ଚାମାଲ୍ ଯୋଗାଇବା ନିଗମ ଏବଂ ମହିଳା ପ୍ରସ୍ତୁତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟ ନିଗମ ଏପରି ତିନୋଟି ସମବାୟ ନିଗମ ସଂସ୍ଥା ଗଢ଼ାଗଲେ ନାରୀ ଆତ୍ମ ନିଯୁକ୍ତି ସମ୍ଭବପର ହେବ ।

ପ୍ରଥମତଃ ମହିଳା ସମବାୟ ନିଗମ ଋଣ ଦେଉଥିବାରୁ ବହୁ ନାରୀ ଅଳ୍ପ ହାର ସୁଧରେ ଋଣ ନେଇ ମହିଳା ସମବାୟ ସମିତି ଗଢ଼ି ଲାଭବାନ୍ ହେଉଛନ୍ତି । ଗାଁମାନଙ୍କରେ ବିଭିନ୍ନ ପେଶା କରୁଥିବା ଲୋକମାନଙ୍କ ସହଯୋଗରେ (village industries) କୁଟୀର ଶିଳ୍ପର ପ୍ରସାର ହୋଇପାରିବ । ନାରୀମାନେ ଗୁଡ଼ିଆ, ତନ୍ତୀ, କୁମ୍ଭାର, କମାର, କଂସାରି, ବାରିକ, ବଢ଼େଇ, ଗଉଡ଼, ବ୍ରାହ୍ମଣ ଆଦି ଘରର ହୋଇଥିବାରୁ ଗୃହୋପଯୋଗୀ ବିଭିନ୍ନ ପ୍ରକାରର କୁଟୀର ଶିଳ୍ପ ସେମାନେ ଘରେ ବସି କରିପାରିବେ ଓ କର୍ମନିଯୁକ୍ତିରୁ ପାରିଶ୍ରମିକ ପାଇ ଉପକୃତ ହେବେ । ସରକାର କର୍ମନିଯୁକ୍ତି ନାରୀମାନଙ୍କର ନିରାପତ୍ତା ପାଇଁ ଆଇନ ଶୃଙ୍ଖଳା ସନ୍ତୋଷଜନକ ଭାବେ କରାଇ, ପ୍ରଶାସନିକ ପ୍ରଣାଳୀରେ ରାଜନୈତିକ ହସ୍ତକ୍ଷେପ ଓ ଦଲାଲି ଓ ମଧ୍ୟସ୍ଥି ଦୂର କରିବା ପାଇଁ ଦୃଢ଼ ପଦକ୍ଷେପ ନେଇ ପାରିଲେ ଗ୍ରାମ୍ୟ ନାରୀମାନେ ନିଗମରେ କର୍ମନିଯୁକ୍ତି ପାଇଥିବା ଶିକ୍ଷିତା ନାରୀମାନଙ୍କ ସଂସ୍ପର୍ଶରେ ଆସି ସାକ୍ଷର ହେବା ପାଇଁ ଆଗ୍ରହୀ ହୁଅନ୍ତେ, ତେଣୁ ସାକ୍ଷରତା ଅଭିଯାନ ପାଇଁ ସରକାରଙ୍କର ଯେଉଁ ଧନ ତୋଷରପାତ ହେଉଛି ତାହା ମଧ୍ୟ ଆବଶ୍ୟକ ହୁଅନ୍ତା ନାହିଁ । ଅଳ୍ପ ଶିକ୍ଷିତା ନାରୀମାନେ ଟାଇପ୍ ମେସିନ୍, ସିଲେଇ ମେସିନ୍, ଜେରକ୍ସ ମେସିନ୍, ଅଟାକଳ ମେସିନ୍ ଆଦି ମଧ୍ୟ କିଣିବା ପାଇଁ ଋଣ ନେଇ ଋଣ ପରିଶୋଧ କରି ଲାଭବାନ୍ ହୋଇ ପାରିବେ ।

ଦ୍ୱିତୀୟରେ ମହିଳା ପରିଚାଳିତ ନିଗମ ସଂସ୍ଥା ଦ୍ୱାରା ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ କଞ୍ଚା ଦ୍ରବ୍ୟ (raw materials) ସୁଲଭ ଦରରେ ଗାଁମାନଙ୍କରେ ଯୋଗାଇବା ସୁବିଧା କରାଇବା, ଏହା ଦ୍ୱାରା ନାରୀମାନେ ନିଗମରୁ ଯା'ର ଯାହା ଆବଶ୍ୟକ ସେହି କଞ୍ଚାମାଲ କିଣି ନେଇ ଘରେ ବସି ଅବସର ସମୟ ବିନିଯୋଗରେ କର୍ମରତା ହେବେ । ନିଗମ କେନ୍ଦ୍ରରୁ ହଳଦି, ତୁଳା, ଖୋଟ, ଖଡ଼ିକା, କେନ୍ଦୁପତ୍ର, କାଇଁଚ, ମହୁ, ବାଉଁଶ, ତେନ୍ତୁଳି, ଔଷଧରେ ବ୍ୟବହୃତ ଚେରମୂଳ, ଗହମ, ବିରି, ସୋରିଷ, ଜିରା, ତେଲ, ଅଟା, କାର୍ପାସ୍ ଓ ପାଟସୂତା, ନଡ଼ିଆକତା, କପଡ଼ା ଇତ୍ୟାଦି ନେଇ ସେଗୁଡ଼ିକୁ ବ୍ୟବହାର୍ଯ୍ୟ ଜିନିଷରେ ରୂପାୟିତ କରିବା ଓ ରୁଚିସମ୍ପନ୍ନ ହେବା ନାରୀ କର୍ମଦକ୍ଷତାର ପ୍ରତୀକ । ସେମାନେ ଏଥିରୁ ପାଁପୋଛ, ଗଦି, ତକିଆ, ବିଡ଼ି, ଖେଳନା ଓ ରନ୍ଧନ ସାମଗ୍ରୀ, ପ୍ରସାଧନ ସାମଗ୍ରୀ, ଗୃହ ସଜ୍ଜା ସାମଗ୍ରୀ, ଶାଢ଼ୀ ବୁଣା, ମଫଲର୍ ଇତ୍ୟାଦି ବିଭିନ୍ନ ଦୈନନ୍ଦିନ ବ୍ୟବହାର କରିବା ଜିନିଷ ପ୍ରସ୍ତୁତ କରି ଏହାର ବିନିମୟରେ ନିଜେ ନିଜେ ରୋଜଗାରକ୍ଷମ ହେବାରୁ ଦାରିଦ୍ର୍ୟତା ଘୁଞ୍ଚିବା ସହ ସ୍ୱାମୀ ଓ ପରିବାରବର୍ଗଙ୍କର ଅବିଶ୍ୱାସର ପାତ୍ରୀ ହେବେ ନାହିଁ ଓ ସାମାଜିକ ଜୀବନ ସୁସ୍ଥ ହେବ ।

ତୃତୀୟତଃ ମହିଳା ପରିଚାଳିତ ନିଗମ ସଂସ୍ଥା ପ୍ରସ୍ତୁତ ବ୍ୟବହାରଯୋଗ୍ୟ (finished goods) ସଂଗ୍ରହ କରି ବାହାରକୁ ନେବା ଓ ବିକ୍ରୟ କେନ୍ଦ୍ରମାନଙ୍କରେ ସେଗୁଡ଼ିକୁ ବିକ୍ରୟ କରିବା. ବଡ଼ ଯନ୍ତ୍ର ଚାଳିତ କଳ କାରଖାନା ଓ ଶିଳ୍ପର ପ୍ରସାର ହେବା ଦ୍ୱାରା ଧନୀକ ଗୋଷ୍ଠୀ ଲାଭବାନ୍ ହେଉଛନ୍ତି ଓ ଦେଶର ପ୍ରଚୁର ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ହେବା ସହ ପାନୀୟ ଜଳ ଦୂଷିତ ପ୍ରଚୁର ମାତ୍ରାରେ ହେଉଛି । କୁଟୀର ଶିଳ୍ପ ବାଧାପ୍ରାପ୍ତ ହେବାରୁ ବହୁଭାଗ ନାଗରିକ ନିଯୁକ୍ତି ନ ପାଇ ଦେଶର ଉନ୍ନତି ଓ ଉତ୍ପାଦନ ବୃଦ୍ଧି ବାଧା ହେବା ଦ୍ୱାରା ଆମେ ସମସ୍ତେ ଅସ୍ୱାସ୍ଥ୍ୟକର ପରିବେଶରେ ଅଶାନ୍ତିରେ କାଳାତିପାତ କରୁଛୁ । ଜନସାଧାରଣଙ୍କର କୁଟୀର ଶିଳ୍ପ ପ୍ରତି ଆଗ୍ରହ ଥିବା ଓ ଚାହିଦା (demand) ଥିବା ଜଣାଯାଏ ବିଭିନ୍ନ ସ୍ଥାନରେ ହେଉଥିବା ହସ୍ତଶିଳ୍ପ ପ୍ରଦର୍ଶନୀମାନଙ୍କରୁ । କୁଟୀର ଶିଳ୍ପରୁ ଲୋକ ଚାହିଦା ଅନୁପାତରେ ଜିନିଷ ଯୋଗାଯୋଗ ନପାଉଥିବାରୁ ସର୍ବସାଧାରଣ ଦେଶ ବିଦେଶ ତିଆରି କଳକାରଖାନା ପ୍ରସ୍ତୁତ ସୁନ୍ଦର ଚିତ୍ତାକର୍ଷକ ଦ୍ରବ୍ୟ ପ୍ରତି ଆସକ୍ତ ହେଉଛନ୍ତି । କଳକାରଖାନା ଦ୍ୱାରା ପ୍ରସ୍ତୁତ ଗୃହୋପଯୋଗୀ ପଦାର୍ଥ ଅଳ୍ପ ସମୟରେ ବହୁତ ପ୍ରସ୍ତୁତ ଏକାଥରକେ ହୋଇପାରୁ ଥିବାରୁ ତାହା ବଜାରରେ ଶୀଘ୍ର ବିକ୍ରୟ ନ ହୋଇପାରି କେତେକ କ୍ଷେତ୍ରରେ ଅବ୍ୟବହୃତ (surplus) ରହିଯାଏ ଓ ବେପାରୀମାନେ ପ୍ରଚୁର ଲାଭ ଆଶା ରଖି ମାର୍କା ବଦଳାଇ ଲୋକ ଆଦୃତ କରିବା ପାଇଁ ଭେଜାଲ ଦ୍ରବ୍ୟ ମଧ୍ୟ ଖାଉଟି ମହଲକୁ ପଠାଉଥାନ୍ତି । ଏହା କିନ୍ତୁ କୁଟୀର ଶିଳ୍ପଜାତ ଦ୍ରବ୍ୟରେ ହୋଇ ନପାଏ । ନାରୀମାନେ ସତର୍କତାର ସହ ଭଲ ଜିନିଷ ତିଆରି (standard goods) କରି ବଜାରକୁ ଛାଡ଼ନ୍ତି ଯାହା ଦ୍ୱାରା ଜିନିଷପତ୍ରରେ ଠକି ହେବାର ସମ୍ଭାବନା ବହୁତ କମ୍ ଥାଏ ଓ ସେଗୁଡ଼ିକ ଶୀଘ୍ର ବିକ୍ରୟ ହୋଇଯାଏ ।

ଉପରୋକ୍ତ ତିନୋଟି ମହିଳା ନିଗମର ପ୍ରଶାସନିକ ଭାର ଉଚ୍ଚଶିକ୍ଷିତା ନାରୀ ନିଯୁକ୍ତି ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ଏହାଛଡ଼ା ସମବାୟ ନିଗମ ସଂସ୍ଥାର କାର୍ଯ୍ୟକଳାପ, ପ୍ରତି ଛ'ମାସ ବା ବର୍ଷିକିଆ ଭାବରେ ଯାଞ୍ଚକାରୀ ପତ୍ର (report of half yearly or annual) ବିଶଦ ବିବରଣୀ, ହିସାବ ନିକାଶ ଦ୍ୱାରା ସରକାରଙ୍କର ଅବଗତ ନିମନ୍ତେ ପଠାଯିବା ବିଧେୟ । ଏହି ତିନୋଟି ନିଗମର ପରିଚାଳନା, ନିରପେକ୍ଷ ରୂପେ ହୋଇ, ସମ୍ପୂର୍ଣ୍ଣ ରାଜନୈତିକ ବ୍ୟାପାର ମୁକ୍ତ ହେଲେ ସେଗୁଡ଼ିକ ସୁଚାରୁ ରୂପେ କର୍ମକ୍ଷମ ହୋଇ ପାରିବ । କୌଣସି ସମବାୟ ସଂସ୍ଥା କ୍ଷତିଗ୍ରସ୍ତ ବା ପରିଚାଳନାରେ ବିଭ୍ରାଟ ଦେଖାଦେଲେ ତାହା କିପରି ସୁଷ୍ଠୁରେ କର୍ମ କରିପାରିବ ସେଥିପାଇଁ କୁଟୀର ଶିଳ୍ପ ଦାୟିତ୍ୱରେ ଥିବା ନିର୍ଦ୍ଦେଶିକାଙ୍କର ଯାଞ୍ଚକାରୀ ପତ୍ର (report) ଓ ସରକାରଙ୍କର ତଦାରଖ ରିପୋର୍ଟକୁ ଭିତ୍ତିକରି, ସରକାର ବିଶେଷଜ୍ଞ ଅନୁସନ୍ଧାନ ତଦନ୍ତକାରୀଙ୍କ (export committee or special squard) ଦ୍ୱାରା ଅନୁସନ୍ଧାନ କରାଇ ସଂସ୍ଥାର ପୁନରୁଦ୍ଧାର କଲେ, ଦେଶର ବେକାର ସମସ୍ୟା ଦୂର ହେବା ସହ ଅରାଜକତା ହ୍ରାସ ହେବ ଏବଂ ନାରୀ ଆସ ନିଯୁକ୍ତି ଦ୍ୱାରା ଦେଶର ମୁଣ୍ଡପିଛା (per-capita) ଆୟ ବୃଦ୍ଧି ପାଇବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

---

ଗୌତମ ନଗର, ଭୁବନେଶ୍ୱର ।



ସୂଚନା ଭବନଠାରେ ଅନୁଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଖୁଣ୍ଟିଆଙ୍କ ଜୟନ୍ତୀ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ।

# ଓଡ଼ିଶାର
# ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମରେ ପ୍ରଗତି

*** ଶ୍ରୀ ବିଜୟ କୁମାର ପଣ୍ଡା**

ଗ୍ରାମାଞ୍ଚଳର ବିକାଶ ଓ ଦାରିଦ୍ର୍ୟ ହ୍ରାସ କର୍ଯ୍ୟକ୍ରମ ହେଉଛି ଭାରତର ଉନ୍ନୟନ ମୂଳକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ଉପରେ ରାଜ୍ୟ ସରକାରମାନଙ୍କ ନିୟନ୍ତ୍ରଣ କୋହଳ ହେବାପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶର ଗରିବ ବିଶେଷତଃ ଗ୍ରାମାଞ୍ଚଳର ଦରିଦ୍ର ଜନସାଧାରଣଙ୍କ ଅବସ୍ଥା ସୁଧାରିବା ଲାଗି ସ୍ୱତନ୍ତ୍ର ଉଦ୍ୟମମାନ କରାଯାଉଛି ।

ଅଷ୍ଟମ ଯୋଜନା କାଳରେ ଗ୍ରାମାଞ୍ଚଳର ବିକାଶ ଲାଗି ମୋଟ ୩୦ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ପୂର୍ବରୁ ସପ୍ତମ ଯୋଜନା କାଳରେ ଗ୍ରାମାଞ୍ଚଳର ବିକାଶ ଲାଗି ମାତ୍ର ୧୦ ହଜାର ୯୬୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଗ୍ରାମାଞ୍ଚଳର ଉନ୍ନୟନ ଦିଗରେ ଅତିରିକ୍ତ ଅର୍ଥ ବରାଦ କରାଯାଇ ଗ୍ରାମାଞ୍ଚଳର ୩ କୋଟି ଦରିଦ୍ର ଜନସାଧାରଣଙ୍କ ଆର୍ଥିକ ଉନ୍ନତି ଲାଗି ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇଛି । ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ବଳକା ଜମି ଭୂମିହିନ ଗରିବ ଲୋକମାନଙ୍କ ମଧ୍ୟରେ ବିତରଣ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି । ଏହାଫଳରେ ଗତ ୧୯୯୧ ଅକ୍ଟୋବର ମାସ ସୁଦ୍ଧା ପ୍ରାୟ ଏକଲକ୍ଷ ୬୮ ହଜାର ଏକର ବଳକା ଜମି ଭୂମିହୀନ ଗରିବ ଲୋକମାନଙ୍କୁ ପ୍ରଦାନ କରାଯାଇଛି । ଆଗରୁ ଦାରିଦ୍ର୍ୟ ସୀମାରେଖା ଲାଗି ପାରିବାରିକ ଆୟ ୬ ହଜାର ୪୦୦ ଟଙ୍କା ନିର୍ଦ୍ଧାରିତ ହୋଇଥିଲା । ଗତ ୧୯୯୨ ଅପ୍ରେଲ ମାସଠାରୁ ଏହାକୁ ୧୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଯେକୌଣସି ପରିବାରର ବାର୍ଷିକ ଆୟ ୧୧ ହଜାର ଟଙ୍କାରୁ କମ୍ ହେଲେ ସେ ପରିବାରକୁ ଆର୍ଥିକ ଦିଗରୁ ଦୁର୍ବଳ ଶ୍ରେଣୀଭାବେ ପରିଗଣିତ କରାଯାଇଛି ।

ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ଆର୍ଥିକ ଦିଗରୁ ଦୁର୍ବଳ ଶ୍ରେଣୀର ଜନସାଧାରଣଙ୍କୁ ଅଧିକ ଆୟ ସୃଷ୍ଟି କରିବାଭଳି ସରଞ୍ଜାମ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହି ସହାୟତା ଲାଗି ପ୍ରତି ପରିବାରର ବାର୍ଷିକ ଆୟ ଆଗରୁ ହେବାର ୮ ଶହ ଟଙ୍କା ରହିଥିବା ବେଳେ ତାହା ୮ ହଜାର ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ଯୋଜନା ଅଧୀନରେ ୨୫-୧୭ ଲକ୍ଷ ଗରିବ ପରିବାରଙ୍କୁ ୧୯୯୧-୯୨ ବର୍ଷରେ ସହାୟତା ଦିଆଯାଇ ସେମାନଙ୍କର ଜୀବନ ଧାରଣ ମାନରେ ଉନ୍ନତି ଅଣାଯାଇଛି ।

ଗତ ୧୯୯୧-୯୨ ବର୍ଷରେ ଜବାହର ରୋଜଗାର ଅଧୀନରେ ୨୬୧୧-୧୬ କୋଟି ଟଙ୍କା ବ୍ୟୟ କରାଯାଇ ୮୦୮-୧୦ ନିୟୁତ ଶ୍ରମ ଦିବସ ତଫସିଲଭୁକ୍ତ ଜାତି ଓ ଉପଜାତିର ଜନ ସାଧାରଣଙ୍କ ଲାଗି ୧୯୫-୨୯ ନିୟୁତ ଶ୍ରମ ଦିବସ ସୃଷ୍ଟି ହୋଇଛି । ଜବାହର ରୋଜଗାର ଯୋଜନାରେ ବ୍ୟୟ ପାଇଁ ବର୍ତ୍ତମାନ ସୁଦ୍ଧା ୧୬୫୫-୩୬ କୋଟି ଟଙ୍କା ମଜୁରୀ ପ୍ରଦାନ କରାଯାଇଛି । ମଜୁରି ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ଏହି ଅର୍ଥ ବ୍ୟୟ କରାଯାଇଛି ।

ଜବାହର ରୋଜଗାର ଯୋଜନା ଅଧୀନରେ ଗତ ୧୯୯୧-୯୨ ବର୍ଷରେ ୧୦୩୮୨୦ କିଲୋମିଟର ଗ୍ରାମାଞ୍ଚଳ ରାସ୍ତା, ୩୩ ହଜାର ୮୪୮ଟି ବିଦ୍ୟାଳୟ ଗୃହ, ୧୦ ହଜାର ୧୭୧ଟି ପଞ୍ଚାୟତ ଗୃହ ନିର୍ମିତ ହୋଇଛି । ଏହି ସମୟରେ ଜବାହର ରୋଜଗାର ଯୋଜନା ଦ୍ୱାରା ୯୩ ହଜାର ୩୨୬-୬୧ ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି ।

ଗ୍ରାମାଞ୍ଚଳ ବେକାର ଯୁବକଙ୍କଲାଗି ପ୍ରଶିକ୍ଷଣ ତଥା ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ବା 'ଟ୍ରାଇଜେମ୍' ଅନୁସାରେ ଏହି ୧୯୯୧-୯୨ ବର୍ଷରେ ପ୍ରାୟ ୨-୪ ଲକ୍ଷ ଯୁବକଙ୍କୁ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ଆତ୍ମନିଯୁକ୍ତି ଲାଗି ବିଭିନ୍ନ ସହାୟତା ଦିଆଯାଇଛି । ଚଳିତ ଆର୍ଥିକ ବର୍ଷ (୧୯୯୨-୯୩) ସକାଶେ ୩ ଲକ୍ଷ ଯୁବକଙ୍କୁ ତାଲିମ ଓ ସହାୟତା ଦିଆଯିବା ଲାଗି ମଧ୍ୟ ଲକ୍ଷ୍ୟ ରହିଛି । ଗତ ୧୯୯୨ ସେପ୍ଟେମ୍ବର ମାସ ସୁଦ୍ଧା ୬୪ ହଜାର ୬୦୦ ଯୁବକଙ୍କୁ ଏହି ସହାୟତା ଦିଆଯାଇଛି । ଗତ ୧୯୯୧-୯୨ ବର୍ଷରେ ଗ୍ରାମାଞ୍ଚଳର ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧୀନରେ ୯,୨୦୭ଟି ମହିଳା ଗୋଷ୍ଠୀ ଗଠନ କରାଯାଇଛି । ଏହି ଗୋଷ୍ଠୀଗୁଡ଼ିକର ୨ ଲକ୍ଷ ୮ ହଜାର ୪୯୨ ଜଣ ମହିଳା ପଞ୍ଜିକୃତ ସଦସ୍ୟା ହୋଇଛନ୍ତି । ଚଳିତ ବର୍ଷ ୨,୦୨୭ଟି ମହିଳା ଗୋଷ୍ଠୀ ଗଠନ କରାଯାଇଛି । ଏଥିରେ ୨୬ ହଜାର ୨୧୫ ଜଣ ମହିଳା ସଦସ୍ୟାଭୁକ୍ତ ହୋଇଛନ୍ତି ।

ଗ୍ରାମାଞ୍ଚଳକୁ ସ୍ୱାସ୍ଥ୍ୟ ଉପଯୋଗୀ ପାନୀୟ ଜଳଯୋଗାଣ ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି । ଗତ ୧୯୯୧-୯୨ ବର୍ଷରେ ଆଦୌ ଜଳ ଉତ୍ସ ନଥିବା ସମସ୍ୟା କ୍ଲିଷ୍ଟ ୫,୩୩୩ ଗ୍ରାମକୁ ଦୁଇବର୍ଷ ମଧ୍ୟରେ ସ୍ୱଚ୍ଛ ପାନୀୟ ଜଳଯୋଗାଣ ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୧୯୯୧-୯୨ ବର୍ଷରେ ଏଭଳି ୨୩୬୫ଟି ଗ୍ରାମରେ ନିରାପଦ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ଜବାହର ରୋଜଗାର ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଉପଯୋଜନା ଭାବେ ଇନ୍ଦିରା ଆବାସ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଇନ୍ଦିରା ଆବାସ ଯୋଜନା ଅଧୀନରେ

ତଫସିଲଭୁକ୍ତ ଜାତି ଓ ଉପଜାତିର ଗରିବ ଜନସାଧାରଣ ତଥା ମୁକ୍ତ ହୋଇଥିବା ଗୋତି ଶ୍ରମିକଙ୍କୁ ଆବାସ ଗୃହ ଦିଆଯାଇଛି । ୧୯୯୧-୯୨ ବର୍ଷ ଏଭଳି ୨ ଲକ୍ଷରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମାଣ କରାଯାଇ ଗରିବ ଲୋକମାନଙ୍କ ମଧ୍ୟରେ ବିତରଣ କରାଯାଇଛି । ଅଣଜଙ୍ଗଲ ଅଞ୍ଚଳରେ ପତିତ ଜମିର ପୁନରୁଦ୍ଧାର ଓ ଉନ୍ନୟନଲାଗି ସ୍ୱତନ୍ତ୍ର ବ୍ୟବସ୍ଥାମାନ କାର୍ଯ୍ୟକାରୀ କରାଯାଉଛି ।

ଏହି ଲକ୍ଷ୍ୟନେଇ କେନ୍ଦ୍ର ସରକାର ଗତ ୧୯୯୨ ଜୁଲାଇ ମାସରେ ପତିତ ଜମି ଉନ୍ନୟନ ବିଭାଗ ଗଠନ କରିଛନ୍ତି । ଏହା ସହିତ ଗତ ଅଗଷ୍ଟ ମାସରେ ଜାତୀୟ ପତିତ ଜମି ଉନ୍ନୟନ ବୋର୍ଡ଼କୁ ମଧ୍ୟ ପୁନର୍ଗଠିତ କରାଯାଇଛି । ଜଙ୍ଗଲ ନଥିବା ଅଞ୍ଚଳରେ ପତିତ ଜମିଗୁଡ଼ିକର ଉନ୍ନୟନ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା, ବିଭିନ୍ନ ବିଭାଗୀୟ ପ୍ରତିଷ୍ଠାନ ଓ କର୍ପୋରେଟ୍ କ୍ଷେତ୍ର ମଧ୍ୟରେ ସମନ୍ୱୟ ରକ୍ଷାକରି ପତିତ ଜମିର ଉନ୍ନତି ସାଧନ କରିବା ତଥା ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ଚାହିଦାପୂରଣ ହୋଇପାରିବା ଭଳି ବ୍ୟବସ୍ଥା ଗ୍ରହଣ କରାଯିବା ଆଦି କାର୍ଯ୍ୟକ୍ରମ ଏଥିରେ ଅନ୍ତର୍ଭୁକ୍ତ ।

କ୍ୱାଟର ନମ୍ବର-୨ ଆର.ବି.-୪,
ୟୁନିଟ-୩, ଭୁବନେଶ୍ୱର ।



ଭୁବନେଶ୍ୱର ଶହୀଦ୍ ନଗରଠାରେ କର୍ମଚାରୀ ବିମା ହସ୍ପିଟାଲକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ୱାର୍ଡ ବୁଲି ଦେଖୁଛନ୍ତି ।

# କୁଷ୍ଠ ରୋଗ ନିରାକରଣ ଯୋଜନା ଓ ସାମାଜିକ ସଚେତନତା

* ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି

କୁଷ୍ଠ ରୋଗ ଏପରି ଏକ ରୋଗ, ଯାହା ମନରେ ଅହେତୁକ ଭୟ ସଞ୍ଚାର କରିବା ସହିତ ଏକ ଅବଶ୍ୟମ୍ଭାବୀ ମୃତ୍ୟୁର ଚିନ୍ତାରେ ରୋଗୀର ମନ ସର୍ବଦା ବିଷଣ୍ଣ ରହେ । ଥରେ କୁଷ୍ଠ ହୋଇଛି ବୋଲି ଜଣାପଡ଼ିଲେ ସାରା ସଂସାର ସତେ ଯେପରି ବିଷାକ୍ତବୋଧ ହୁଏ । କେବଳ ରୋଗୀ ଯେ ଏଥିପାଇଁ ଚିନ୍ତା କରେ ତାହା ନୁହେଁ, ପରିବାରର ଲୋକମାନେ ମଧ୍ୟ ଅଧିକରୁ ଅଧିକ ଏଥିପାଇଁ ଚିନ୍ତା କରିଥାନ୍ତି । ରୋଗର ନାମ ଶୁଣିବା ମାତ୍ରେ ଅନେକଙ୍କର ହୃତ୍କମ୍ପନ ହୋଇଥାଏ ଓ ରୋଗୀଟିଏ ଦେଖିଲେ ଘୃଣାରେ ଦେହ ଶିହରି ଉଠେ । ଜନସାଧାରଣଙ୍କର କୁଷ୍ଠ ରୋଗ ପ୍ରତି ଭୟ, ରୋଗୀ ପ୍ରତି ଏକ ପ୍ରକାର ଘୃଣା ଭାବ ଥିବାରୁ କାହାକୁ କୁଷ୍ଠ ରୋଗ ହୋଇଛି ବୋଲି ଜଣାପଡ଼ିଲେ ତାକୁ ପରିବାର ଓ ସମାଜରୁ ବିତାଡ଼ିତ ହୋଇ ଦୟନୀୟ ଜୀବନ ଯାପନ କରିବାକୁ ପଡ଼େ । ରୋଗଜନିତ କଷ୍ଟ ସହିତ ସାମାଜିକ ଓ ମାନସିକ ପୀଡ଼ା ରୋଗୀର ଜୀବନକୁ ଦୁର୍ବିସହ କରିଥାଏ । ତେଣୁ ରୋଗୀ ଲୁଚ୍ଛାଇବାକୁ ଚେଷ୍ଟା କରେ ଓ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯିବାକୁ ଅନେକ ଦିନ ଗଡ଼େଇ ଦିଏ । ଦୁର୍ଭାଗ୍ୟବଶତଃ ଚିକିତ୍ସାର ଏ ପ୍ରକାର ବିଳମ୍ବ ଯୋଗୁ ଅନ୍ୟ ସୁସ୍ଥ ଲୋକଙ୍କୁ ରୋଗ ସଂକ୍ରମଣର ସମ୍ଭାବନା ଅଧିକ ବୃଦ୍ଧି ପାଏ ଓ ସ୍ନାୟୁ କ୍ଷତିଗ୍ରସ୍ତ ହୋଇ ରୋଗୀ ମଧ୍ୟ ବିକଳାଙ୍ଗ ହୁଏ । ଭ୍ରାନ୍ତ ଧାରଣା ଓ ଅନ୍ଧ ବିଶ୍ୱାସ ଯୋଗୁଁ ଭାରତବର୍ଷରେ ଏବେ ବି କୁଷ୍ଠ ରୋଗ ଏକ ପ୍ରଧାନ ଜନସ୍ୱାସ୍ଥ୍ୟ ତଥା ସାମାଜିକ ସମସ୍ୟା ହୋଇ ରହିଛି ।

ଅନ୍ୟ ସଂକ୍ରାମକ ରୋଗ ଭଳି କୁଷ୍ଠ ରୋଗ ଏକ ଜୀବାଣୁ ଜନିତ ରୋଗ । ଏହା ବଂଶଗତ କିମ୍ବା ଅଭିଶାପର ଫଳ ନୁହେଁ, କୌଣସି ପ୍ରକାର ଜଳବାୟୁ, ଆର୍ଥିକ ଓ ସାମାଜିକ ଅବସ୍ଥା, ପେଶା ବା ବୃତ୍ତି, ଜାତି ବା ଧର୍ମ, ଖାଦ୍ୟ ବା ଶରୀରର ପୁଷ୍ଟି ଅବସ୍ଥା ସହିତ ସମ୍ପୃକ୍ତ ନୁହେଁ । ୧୮୭୩ ମସିହାରେ ନରୱେ ଦେଶର ଡାକ୍ତର ଆର୍ମର୍ ହାନ୍‌ସେନ୍ କୁଷ୍ଠ ରୋଗର ଜୀବାଣୁ ପ୍ରଥମେ ଆବିଷ୍କାର କରିଥିଲେ । ତେଣୁ କୁଷ୍ଠ ରୋଗକୁ ହାନ୍‌ସେନ୍ ରୋଗ ବୋଲି ମଧ୍ୟ କୁହାଯାଏ । ଏହି ଜୀବାଣୁଟିର ନାମ "ମାଇକ୍ରୋ ବ୍ୟାକ୍ଟେରିମ୍ ଲେପ୍ରି" । ଏହି ଜୀବାଣୁର ଆକାର ଓ ପ୍ରକୃତି ଅନେକାଂଶରେ ଯକ୍ଷ୍ମା ରୋଗର ଜୀବାଣୁ ସଦୃଶ । କୁଷ୍ଠ ରୋଗର ଜୀବାଣୁ ମୁଖ୍ୟତଃ ଚର୍ମ ଓ ସ୍ନାୟୁରେ ରହିବାକୁ ପସନ୍ଦ କରନ୍ତି । ତେଣୁ କୁଷ୍ଠ ରୋଗର ଲକ୍ଷଣମାନ ଚର୍ମରେ ଛିଉ ଦାଗ ଏବଂ ସ୍ନାୟୁର କ୍ଷତ ଜନିତ ବିକାର ଭାବେ ପ୍ରକାଶ ପାଇଥାଏ ।

କୁଷ୍ଠ ଜୀବାଣୁ ଶରୀରରେ ପ୍ରବେଶ କରିବା ଦିନଠାରୁ ରୋଗର ଲକ୍ଷଣ ପ୍ରକାଶ ପାଇବା ମଧ୍ୟରେ ପ୍ରାୟ ୨ରୁ ୫ ବର୍ଷ ବ୍ୟବଧାନ ରହିଥାଏ । ଏହି ବ୍ୟବଧାନ ସମୟକୁ ରୋଗର ସୁପ୍ତାବସ୍ଥା କୁହାଯାଏ । ସଂକ୍ରମଣ ସମୟଠାରୁ ରୋଗ ପ୍ରକାଶ ପାଇବା ମଧ୍ୟରେ ବର୍ଷାଧିକ ସମୟ ବ୍ୟବଧାନ ରହୁଥିବାରୁ କାହାଠାରୁ କିପରି ଭାବେ ସଂକ୍ରମଣ ହେଲା ତାହା ରୋଗୀ ପକ୍ଷେ ଜାଣିବା ସମ୍ଭବପର ନୁହେଁ । ସବୁ କୁଷ୍ଠ ରୋଗୀଙ୍କଠାରୁ ରୋଗ ଅନ୍ୟକୁ ସଂକ୍ରମିତ ହୋଇନଥାଏ । କେବଳ ସଂକ୍ରାମକ ଅବସ୍ଥାରେ ଥିବା କୁଷ୍ଠ ରୋଗୀମାନଙ୍କର ସିଙ୍ଘାଣି କିମ୍ବା ଚର୍ମର ଲସାରେ କୁଷ୍ଠ ଜୀବାଣୁ ବହୁ ପରିମାଣରେ ଥାଆନ୍ତି । ସଂକ୍ରାମକ ଅବସ୍ଥାରେ ଥିବା କୁଷ୍ଠ ରୋଗୀମାନଙ୍କର ସିଙ୍ଘାଣି ଓ ଛିଙ୍କରେ ବହୁ ପରିମାଣରେ ଜୀବାଣୁ ବାହାରକୁ ଆସି ବାୟୁରେ ଉଡ଼ି ବୁଲି ସୁସ୍ଥ ଲୋକର ପ୍ରଶ୍ୱାସରେ ନାଶା ପଥ ଦେଇ ଶରୀର ମଧ୍ୟରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାନ୍ତି । କେତେକ କ୍ଷେତ୍ରରେ ସଂକ୍ରାମକ ରୋଗୀର ଚର୍ମ ଓ ଲସାରୁ ଜୀବାଣୁ ବାହାରି ସୁସ୍ଥ ଲୋକଙ୍କୁ ସଂକ୍ରମଣ କରିବାର ଦେଖାଯାଇଥାଏ । ଚିକିତ୍ସିତ ହେଉଥିବା ବାପା, ମା'ଙ୍କ ସହିତ ଦୀର୍ଘ ଦିନ ଧରି ରହିବା ଓ ଅସ୍ୱାଭାବିକ ପରିବେଶ ପ୍ରଭାବରୁ ସନ୍ତାନମାନଙ୍କୁ ରୋଗ ହୋଇଥାଏ । ତେଣୁ ଆମେ କୁଷ୍ଠକୁ ଭ୍ରମବଶତଃ ଏକ ବଂଶଗତ ରୋଗ ବୋଲି କହିଥାଉ । ସଂକ୍ରାମକ ଅବସ୍ଥାରେ ଥିବା ରୋଗୀ ନିୟମିତ ଭାବେ ଚିକିତ୍ସା ହେଲେ ଶରୀରରେ ଥିବା ଜୀବାଣୁ ସବୁ ମରିଯାନ୍ତି ଓ ଆଉ ସଂକ୍ରମଣର ଭୟ ନଥାଏ ।

ଅନ୍ୟାନ୍ୟ ସଂକ୍ରାମକ ରୋଗ ଭଳି କୁଷ୍ଠ ରୋଗୀର ସଂସର୍ଶରେ ଆସୁଥିବା ସମସ୍ତ ବ୍ୟକ୍ତି ସମାନ ଭାବରେ କୁଷ୍ଠ ରୋଗରେ ଆକ୍ରାନ୍ତ ହୁଅନ୍ତି ନାହିଁ । ଶରୀରରେ ଥିବା ରୋଗ ପ୍ରତିଷେଧକ ଶକ୍ତିର ବୈଷମ୍ୟ ଏହାର ମୁଖ୍ୟ କାରଣ । ଅତି ଉଚ୍ଚ ମାନର ରୋଗ ପ୍ରତିଷେଧକ ଶକ୍ତି ଥିବା ବ୍ୟକ୍ତି ରୋଗ ସଂକ୍ରମିତ ହେଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ କୁଷ୍ଠ ରୋଗକୁ ପ୍ରତିହତ କରିପାରୁଥିବା ହେତୁ ନିରୋଗ ରହନ୍ତି । କିନ୍ତୁ ଯେଉଁମାନଙ୍କର ରୋଗ ପ୍ରତିଷେଧକ ଶକ୍ତି ଅଳ୍ପ ଥାଏ କିମ୍ବା ଆଦୌ ନଥାଏ, ସେମାନଙ୍କୁ ରୋଗ ବ୍ୟାପକ ଭାବରେ ଆକ୍ରମଣ କରିଥାଏ । ସ୍ତ୍ରୀମାନଙ୍କ ଅପେକ୍ଷା ପୁରୁଷମାନେ ଅଧିକ ମାତ୍ରାରେ କୁଷ୍ଠ ରୋଗରେ ଆକ୍ରାନ୍ତ ହେବା ଦେଖାଯାଇଥାଏ ।

କୁଷ୍ଠ ରୋଗ ଗୋଟିଏ ସଂକ୍ରାମକ ରୋଗ ହୋଇଥିଲେ ମଧ୍ୟ ଅନ୍ୟ ଯେ କୌଣସି ସଂକ୍ରାମକ ରୋଗ ତୁଳନାରେ ଏହାର

ସଂକ୍ରମଣ ଶକ୍ତି କମ୍। କୁଷ୍ଠ ରୋଗର ଜୀବାଣୁ ସଂସ୍ପର୍ଶରେ ଆସିଥିବା ଶହେ ଜଣ ଲୋକଙ୍କ ମଧ୍ୟରେ ୯୫ ଜଣ ରୋଗ ପ୍ରତିଷେଧକ ଶକ୍ତି ଥିବା ଯୋଗୁଁ କୁଷ୍ଠ ରୋଗରେ ଆଦୌ ଆକ୍ରାନ୍ତ ହୁଅନ୍ତି ନାହିଁ। ଅବଶିଷ୍ଟ ପାଞ୍ଚ ଜଣଙ୍କ ମଧ୍ୟରୁ ପ୍ରାୟ ଚାରି ଜଣଙ୍କ ମଧ୍ୟ (ଶତକଡ଼ା ୭୦) ରୋଗର ଉପକ୍ରମ ଦେଖାଦେଲେ ମଧ୍ୟ ଆପଣା ଛାଏଁ ବିନା ଚିକିତ୍ସାରେ ଅଳ୍ପ ଦିନ ଭିତରେ ତାହା ଅପସରି ଯାଏ ଓ ସେମାନେ ରୋଗମୁକ୍ତ ରହନ୍ତି। ତେଣୁ ଶତକଡ଼ା ମାତ୍ର ଜଣେ ଲୋକକୁ କୁଷ୍ଠ ରୋଗ ହେବାର ସମ୍ଭାବନା ରହିଛି। ରୋଗୀ ଯେଉଁ ସବୁ ଶାରୀରିକ ବିକାର ନିଜେ ଜାଣିପାରେ, ସେଗୁଡ଼ିକର ଲକ୍ଷଣ ଓ ଯେଉଁ ସବୁ ବିକାର ଚିକିତ୍ସକ ପରୀକ୍ଷା କରି ଜାଣନ୍ତି ସେଗୁଡ଼ିକୁ ଉପସର୍ଗର ଉପକ୍ରମ କହନ୍ତି।

ଶରୀରରେ ନିମ୍ନଲିଖିତ ଲକ୍ଷଣ ପ୍ରକାଶ ପାଇଲେ, କୁଷ୍ଠ ରୋଗ ହୋଇଛି ବୋଲି ସନ୍ଦେହ କରାଯାଇପାରେ।

(କ) ଶରୀରରେ କୌଣସି ସ୍ଥାନରେ କୁଣ୍ଡାଇ ହେଉନଥିବା ଏକ ବା ଅଧିକ ଛଉ ଦେଖାଗଲେ,

(ଖ) ପାଦ ବା ହାତର ଆଙ୍ଗୁଠି ଦୁର୍ବଳ ବୋଧ ହେଲେ,

(ଗ) ଚର୍ମର ଯେ କୌଣସି ଅଂଶ ଚିକ୍କଣ ବା ତେଲିଆ ବା ଚକ୍‌ଚକ୍ ଦେଖାଗଲେ ଓ

(ଘ) ଶରୀରର କୌଣସି ଅଂଶ ବଧିରା ଲାଗିଲେ।

ଅଧିକାଂଶ ସମୟରେ ରୋଗର ପ୍ରଥମ ଲକ୍ଷଣ ଚର୍ମର ଛଉ ଆକାରରେ ପ୍ରକାଶ ପାଏ। ଏ ଛଉ ଶରୀରର ଯେ କୌଣସି ସ୍ଥାନରେ ଛୋଟ କିମ୍ବା ବଡ଼ ଆକାରରେ ହୋଇପାରେ। ଛଉ ଉପରେ ବଧିରା ଜଣାପଡ଼ିଲେ ଲୋମ ଉପୁଡ଼ି ଯାଏ ଓ ସେଥିରୁ ଝାଳ ବାହାରେ ନାହିଁ। ଛଉ କୁଣ୍ଡାଇ ହୁଏ ନାହିଁ କିମ୍ବା ଏହି ସ୍ଥାନରେ ସ୍ପର୍ଶ ଅନୁଭୂତ ହୁଏ ନାହିଁ।

ଅନେକଙ୍କ ଧାରଣା ଯେ କୁଷ୍ଠ ରୋଗରେ ରୋଗୀ ବିକଳାଙ୍ଗ ହୋଇଯାଏ, କିନ୍ତୁ ରୋଗ ଆରମ୍ଭ ହୋଇ ବିକଳାଙ୍ଗ ଅବସ୍ଥାକୁ ଆସିବା ମଧ୍ୟରେ ଦୀର୍ଘ ୫ ବର୍ଷରୁ ୧୦ ବର୍ଷ ବ୍ୟବଧାନ ଥାଏ। ଏହି ସମୟ ମଧ୍ୟରେ ରୋଗକୁ କୁଶଳ ଚିକିତ୍ସା ନହେବା କିମ୍ବା ଅନିୟମିତ ଚିକିତ୍ସା ହେବା ଓ ସମ୍ପୃକ୍ତ ଅଂଶଗୁଡ଼ିକର ଉପଯୁକ୍ତ ଯତ୍ନ ନନେବା ହେତୁ ବିକଳାଙ୍ଗ ହେବାର ଆଶଙ୍କା ଥାଏ।

ଭାରତରେ ୧୯୫୦ ମସିହା ପର୍ଯ୍ୟନ୍ତ ଏ ରୋଗର ଚିକିତ୍ସା ପାଇଁ କୌଣସି ସୁବ୍ୟବସ୍ଥା ନଥିଲା। ରୋଗୀ ଅତି ମାତ୍ରାରେ ମାନସିକ ଯନ୍ତ୍ରଣା ଓ ସାମାଜିକ ବାସନ୍ଦର ଶିକାର ହେଉଥିଲା। ପ୍ରଥମେ ଚିକିତ୍ସାର ଏକମାତ୍ର ଔଷଧ ରୂପେ ଚିତନୋ ବାଇଗ ତେଲ ରୋଗୀ ଦ୍ୱାରା ବ୍ୟବହୃତ ହେଉଥିଲା। କିନ୍ତୁ ଏହି ତେଲ ରୋଗ ସଂକ୍ରମଣର କ୍ଷିପ୍ରତାକୁ ଆୟତ୍ତ କରିବାରେ ବିଫଳ ହେଲା। ତେବେ ସେ ଯାହା ହେଉ ନା ଚିକିତ୍ସା ଶାସ୍ତ୍ରର ଗବେଷଣା ଏତେ ବ୍ୟାପକ ଯେ ଯେତେବେଳେ ପ୍ରଥମେ ସଲ୍‌ଫାନୋ ଔଷଧର ବ୍ୟବହାର ଡାପ୍‌ସନ୍ ଡ୍ରଗ୍ ଚିକିତ୍ସା ପଦ୍ଧତି ଦ୍ୱାରା କରାଗଲା ଭାରତରେ କେମୋଥେରାପି ଦ୍ୱାରା କୁଷ୍ଠ ନିରାକରଣର ପଥ ସୁଗମ ହେଲା। ଏହି ଚିକିତ୍ସା ପଦ୍ଧତି ପ୍ରଚଳନ ଫଳରେ କୁଷ୍ଠ ରୋଗର ଚିକିତ୍ସା ସଙ୍ଗେ ସଙ୍ଗେ ବ୍ୟାଧିର ସଂକ୍ରମଣକୁ ଆୟତ୍ତ କରିବା ଥିଲା ମୂଳ ଲକ୍ଷ୍ୟ। ମାତ୍ର ଏ ଉଦ୍ଦେଶ୍ୟ ସାଧିତ ହୋଇପାରିଲା ନାହିଁ। କାରଣ ଡାପ୍‌ସନ୍ ମନୋଥେରାପି ଦ୍ୱାରା ଚିକିତ୍ସିତ ରୋଗୀ ଜୀବାଣୁର ଏହି ଔଷଧ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଲା। ପରବର୍ତ୍ତୀ ସମୟରେ ଅନେକ ଚେଷ୍ଟାର ଫଳ ସ୍ୱରୂପ ଜନ୍ମ ନେଲା 'ମଲ୍‌ଟି ଡ୍ରଗ୍' ଚିକିତ୍ସା ପଦ୍ଧତି। ୧୯୮୨ ମସିହାଠାରୁ ମଲ୍‌ଟି ଡ୍ରଗ୍ ଚିକିତ୍ସା ପଦ୍ଧତି ଆମ ଦେଶରେ ଅନୁସୃତ ହେଲା। ଏହି ପଦ୍ଧତି ଅନୁସୃତ ହେବା ପରେ କୁଷ୍ଠ ରୋଗର ଉପଯୁକ୍ତ ଚିକିତ୍ସା ହେବା ସଙ୍ଗେ ସଙ୍ଗେ ଏହାର ସଂକ୍ରମଣ ଗୁଣ ଆୟତ୍ତ କରାଯାଇ ପାରୁଛି। ତିନି-ଗୋଟି ଔଷଧର ମିଶ୍ରଣକୁ ନେଇ ଏହି ମଲ୍‌ଟି ଡ୍ରଗ୍ ପ୍ରସ୍ତୁତ କରାଯାଇଛି, ଯଥା-ରିଫାମ୍ପିସିନ୍ (RIFAMPICIN), କ୍ଲୋଫାଜିମିନ୍ (CLOFAZIMINE) ଓ ଡାପ୍‌ସନ୍ (DAPSONE)। ଏହି ଔଷଧକୁ ସେବନ କଲେ ଗୋଟିଏ ଔଷଧକୁ ଉପେକ୍ଷା କରି ବଢୁଥିବା ଜୀବାଣୁ ଆଉ ଗୋଟିଏ ଔଷଧ ଦ୍ୱାରା ନିହତ ହେବେ। ଓଲ୍‌ଫୋକ୍ସାସିନ୍ (OLFLOXACIN) ପରି ଆହୁରି ମହୌଷଧିର ମଧ୍ୟ ଆବିର୍ଭାବ ହେଲାଣି। ଏହି ଔଷଧ ମାଗଣାରେ କୁଷ୍ଠ ନିୟନ୍ତ୍ରଣ କେନ୍ଦ୍ରରେ ରୋଗୀକୁ ଯୋଗାଇ ଦିଆଯାଉଛି। ଏହି ବହୁବିଧ ଚିକିତ୍ସା ଫଳରେ ଅସଂକ୍ରାମକ କୁଷ୍ଠ ରୋଗୀ ସାଧାରଣତଃ ଛଅ ମାସ ମଧ୍ୟରେ ଏବଂ ସଂକ୍ରାମକ କୁଷ୍ଠ ରୋଗୀ ଦୁଇ ବର୍ଷ ମଧ୍ୟରେ ଆରୋଗ୍ୟ ହୋଇଥାନ୍ତି। ଚିକିତ୍ସା ଶାସ୍ତ୍ର ଏପରି ଭାବେ ବ୍ୟାପକ ଯେ, ଟୀକା ମାଧ୍ୟମରେ ଏହି ରୋଗର ନିରାକରଣ ପାଇଁ ବର୍ତ୍ତମାନ ପରୀକ୍ଷା ଚାଲିଛି।


ଓଡ଼ିଶାରେ ବହୁବିଧ ଚିକିତ୍ସା ପଦ୍ଧତିରେ ଚିକିତ୍ସା ପ୍ରଥମେ ୧୯୮୩ ମସିହାରେ ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରାଗଲା। ବର୍ତ୍ତମାନ ପ୍ରାୟ ସବୁ ଜିଲ୍ଲାରେ ଏ ପଦ୍ଧତି ଅନୁସୃତ ହୋଇଛି। ଏ ସମୟ ମଧ୍ୟରେ ୧୯୯୨ ଡିସେମ୍ବର ସୁଦ୍ଧା ୩,୬୦,୩୬୨ ଜଣ ରୋଗୀଙ୍କୁ ଆରୋଗ୍ୟ କରାଯାଇ ପାରିଛି ଓ ବର୍ତ୍ତମାନ ୧,୭୯,୬୯୩ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏହି ପଦ୍ଧତି ଆରମ୍ଭ ହେବା ପୂର୍ବରୁ ଓଡ଼ିଶାରେ ପ୍ରତି ୧,୦୦୦ ଲୋକଙ୍କ ମଧ୍ୟରେ ୧୨/୧୪ ଜଣ ରୋଗୀ ଥିଲେ, କିନ୍ତୁ ବର୍ତ୍ତମାନ ଏହି ଅନୁପାତ ୧,୦୦୦ରେ ୪/୫ରେ ପହଞ୍ଚିଛି। ଭାରତ ସରକାରଙ୍କର ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ୨୦୦୦ ମସିହା ସୁଦ୍ଧା ଏହି ଅନୁପାତକୁ ୧,୦୦୦ରେ ଏକରୁ କମ୍‌କୁ ଆଣିବାକୁ ସ୍ଥିର କରାଯାଇଛି। ଆମ ଦେଶରେ କୁଷ୍ଠ ନିରାକରଣ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ସ୍ୱାସ୍ଥ୍ୟ ଶିକ୍ଷାର ସମ୍ପ୍ରସାରଣ ଓ ଥଇଥାନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ସମାଜରେ ସଚେତନତା ସୃଷ୍ଟି କରିବା ଫଳରେ ଅନେକ ଲୋକ ସ୍ୱତଃପ୍ରବୃତ୍ତ ହୋଇ ପ୍ରଥମାବସ୍ଥାରୁ ଚିକିତ୍ସା ଗ୍ରହଣ କରିବା ପାଇଁ ସକ୍ଷମ ହେଉଛନ୍ତି। ବର୍ତ୍ତମାନ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁଷ୍ଠ ନିରାକରଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରୋଗ ମୁକ୍ତ ହୋଇଥିବା ବ୍ୟକ୍ତିଙ୍କର ଥଇଥାନ ନିମନ୍ତେ କେନ୍ଦ୍ର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ଯୋଜନା ଗ୍ରହଣ କରାଯାଇଛି। ରୋଗ ମୁକ୍ତ ବ୍ୟକ୍ତିଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ, ପରାମର୍ଶ, ଆର୍ଥିକ ତଥା ସାମାଜିକ ସହାୟତା ଇତ୍ୟାଦି ପ୍ରଦାନ କରାଯାଉଛି। ଏହି ଯୋଜନା ପ୍ରଥମ ପର୍ଯ୍ୟାୟରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ,

ଗୁଜରାଟ, ମହାରାଷ୍ଟ୍ର ଓ ଓଡ଼ିଶାରେ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ କେନ୍ଦ୍ର ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ଦ୍ୱାରା କରାଯାଉଛି । କୁଷ୍ଠ ରୋଗୀଙ୍କର ଉପଯୁକ୍ତ ଥଇଥାନ ନିମନ୍ତେ ଦେଶରେ ପ୍ରାୟ ୫ଠରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ସଂସ୍ଥା ହେଲେ– WHO, UNICEF, HKNS, SIDA, DANIDA, U S A I D, LEPRA, USLEPROSY MISSION, ITALIAN L E P R O S Y MISSION ଇତ୍ୟାଦି ।

କୁଷ୍ଠ ବ୍ୟାଧି ଏକ ଜଟିଳ ମାନବିକ ସମସ୍ୟା । କେବଳ ସେମାନଙ୍କର ଖାଦ୍ୟ, ବସ୍ତ୍ର, ଆଶ୍ରୟ ଏବଂ ଚିକିତ୍ସା ଯେ ଆବଶ୍ୟକ ତାହା ନୁହେଁ, ସର୍ବୋପରି ସମାଜରେ ସମ୍ବେଦନଶୀଳତାର ଅଧିକ ଆବଶ୍ୟକତା ରହିଛି । କୁଷ୍ଠ ରୋଗୀକୁ ଘୃଣା ନକରି କୁଷ୍ଠ ନିରାକରଣ ଯୋଜନାରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ସାହାଯ୍ୟ କରିବା ଆମର ପ୍ରଧାନ କର୍ତ୍ତବ୍ୟ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ତିରୋଧାନ ଦିବସ ଜାନୁଆରୀ ୩୦ ତାରିଖ କୁଷ୍ଠ ନିରାକରଣ ଦିବସ ରୂପେ ପ୍ରତି ବର୍ଷ ସମଗ୍ର ଦେଶରେ ପାଳିତ ହୋଇ ଆସୁଛି । ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ଏହାକୁ କୁଷ୍ଠ ନିରାକରଣ ସପ୍ତାହର ଉଦ୍‌ଯାପନ ଦିବସ ରୂପେ ଗ୍ରହଣ କରାଯାଇଛି । ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କୁଷ୍ଠ ରୋଗ ସମ୍ପର୍କରେ ଜନସାଧାରଣଙ୍କ ମନରେ ଯୁଗ ଯୁଗ ଧରି ବସା ବାନ୍ଧି ରହିଥିବା ଅନ୍ଧ ବିଶ୍ୱାସ, କୁସଂସ୍କାର ଓ ଭ୍ରମ ଧାରଣା ଦୂର କରିବା । ଉନ୍ନତ ସ୍ୱାସ୍ଥ୍ୟରକ୍ଷା, ସ୍ୱାସ୍ଥ୍ୟରକ୍ଷାର ପ୍ରସାର, ଆଦ୍ୟ ଚିହ୍ନଟିକରଣ ଓ ସର୍ବାଧୁନିକ ବହୁବିଧ ଔଷଧ (Multi Drug Therapy) ଚିକିତ୍ସା ଦ୍ୱାରା କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଜୀବାଣୁ ବିହୀନ ହେବା ଇତ୍ୟାଦି ସ୍ୱାସ୍ଥ୍ୟ ଶିକ୍ଷାର ବାର୍ତ୍ତା ବିଭିନ୍ନ ଗଣ ମାଧ୍ୟମରେ ପ୍ରଚାରିତ ହେଲେ ଏହି ରୋଗ ଆମ ଦେଶରୁ ସମ୍ପୂର୍ଣ୍ଣ ରୂପେ ଦୂର ହୋଇପାରିବ ।

---

ଯୁଗ୍ମ ଶାସନ ସଚିବ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର ।



ବ୍ରହ୍ମପୁର ଜେଲ୍ ଟ୍ରେନିଂ ସ୍କୁଲ୍‌ର ଚତୁର୍ଦ୍ଦଶ କାରା ରକ୍ଷୀମାନଙ୍କ ଦ୍ୱାରା ବିଦାୟୀ ଯୁଗ୍ମ କାରା ମହାନିରୀକ୍ଷକ ଶ୍ରୀ ବ୍ରଜକିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧନା ।

# ବଧିର ବିଦ୍ୟାଳୟ ପାଇଁ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର

✱ ଶ୍ରୀମତୀ ପ୍ରଭାତୀ ମିଶ୍ର

ଶ୍ରବଣ ବିକଳାଙ୍ଗ, ଦୃଷ୍ଟିହୀନ, ମାନସିକ ଅପାରଗ ଶାରୀରିକ ଅକ୍ଷମ ପ୍ରଭୃତି ବିକଳାଙ୍ଗ ବ୍ୟକ୍ତିଙ୍କ କଲ୍ୟାଣ ନିମନ୍ତେ ରାଷ୍ଟ୍ରୀୟ ସ୍ତରରେ ୫ଟି ଜାତୀୟ ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଛି । ତନ୍ମଧ୍ୟରୁ "ଆଲିଯାବର ଜଙ୍ଗ" ଶ୍ରବଣ ବିକଳାଙ୍ଗ ସଂସ୍ଥା"ଟି ବମ୍ବେଠାରେ ଅବସ୍ଥିତ । ଏହି ପ୍ରତିଷ୍ଠାନଟି ଶ୍ରବଣ ବିକଳାଙ୍ଗ ବ୍ୟକ୍ତି ବିଶେଷଙ୍କ ସେବା ନିମନ୍ତେ ଜାତୀୟ ସ୍ତରରେ କାର୍ଯ୍ୟରତ । ଏହା ଭାରତ ସରକାରଙ୍କର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ୧୯୮୩ ମସିହା ଅଗଷ୍ଟ ୯ ତାରିଖରେ ପ୍ରତିଷ୍ଠିତ ହୋଇଛି ।

ଏହାର ମୁଖ୍ୟ ଲକ୍ଷ୍ୟ ହେଲା ବଧିର ବ୍ୟକ୍ତିଙ୍କ ଉପଯୁକ୍ତ ଶିକ୍ଷା ଓ ଥଇଥାନ ନିମନ୍ତେ ସ୍ୱତନ୍ତ୍ର ତାଲିମ ପ୍ରଦାନ ଗବେଷଣା, ବୃତ୍ତିଗତ ସୁବିଧା, ଶିକ୍ଷାର ଉନ୍ନତି କାର୍ଯ୍ୟପନ୍ଥା ପଠନ ତଥା ସୂଚନା ସହାୟକ ସାମଗ୍ରୀ ପ୍ରସ୍ତୁତ କରଣ ଗୋଷ୍ଠୀ କାର୍ଯ୍ୟକ୍ରମ, ଧନାତ୍ମକ ଶିକ୍ଷା, ଶ୍ରବଣ ଜନୀତ ତ୍ରୁଟି ପରୀକ୍ଷା, ବାକ୍ ସଂଶୋଧନ, ପ୍ରାକ୍ ବିଦ୍ୟାଳୟ ଶ୍ରେଣୀ ସ୍ଥାପନ ପ୍ରଭୃତି ବଧିର ବ୍ୟକ୍ତିଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମାର୍ଗ ପ୍ରଦର୍ଶନ କରିବା । କେବଳ ଜାତୀୟସ୍ତରରେ ଯେ ଏହା କାର୍ଯ୍ୟରତ ତା'ନୁହେଁ ଏହାର ଏକ ସମ୍ପ୍ରସାରିତ ବିଭାଗ ଭାରତର ବିଭିନ୍ନ ଅନଗ୍ରସର ରାଜ୍ୟକୁ ଯାଇ ସେବା ପ୍ରଦାନ କରୁଛି । ତା'ଛଡ଼ା କେତେକ ଆଞ୍ଚଳିକ କେନ୍ଦ୍ର ମଧ୍ୟ ରହିଛି । ତନ୍ମଧ୍ୟରୁ ଏହି ବଧିରମାନଙ୍କ ଶିକ୍ଷକ ତାଲିମ କେନ୍ଦ୍ରଟି ଅନ୍ୟତମ ।

ଆମର ଏହି ବଧିରମାନଙ୍କ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରଟି ୧୯୮୬ ମସିହା ଅଗଷ୍ଟ ୧୫ ତାରିଖ ଦିନ ଉପରୋକ୍ତ "ଆଲିଯାବର ଜଙ୍ଗ ଜାତୀୟ ଶ୍ରବଣ ବିକଳାଙ୍ଗ ସଂସ୍ଥା" ବମ୍ବେ ତଥା ରାଜ୍ୟ ସରକାରଙ୍କ ପଞ୍ଚାୟତି ରାଜ ବିଭାଗର ସହଯୋଗ କ୍ରମେ ଭୁବନେଶ୍ୱରଠାରେ ସ୍ଥାପିତ ହୋଇଛି । ଜାତୀୟ ଶିକ୍ଷା ନୀତିର ପଦାଙ୍କ ଅନୁସରଣକରି ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ବଧିର ଶିଶୁମାନଙ୍କ ଶିକ୍ଷା ନିମନ୍ତେ ବଧିର ବିଦ୍ୟାଳୟ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ସ୍ଥାପନ କରିଛନ୍ତି । ତତ୍ ସଙ୍ଗେ ସଙ୍ଗେ ବଧିର ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ହେଉଥିବା ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଶିକ୍ଷକ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ତାଲିମ କେନ୍ଦ୍ରଟି ସ୍ଥାପିତ ।

ଏହି ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ଲାଭ କରିଥିବା ଗୁରୁ ଛାତ୍ର ଛାତ୍ରୀମାନେ ଓଡ଼ିଶାର ବିଭିନ୍ନ ବଧିର ବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ । ସମ୍ପ୍ରତି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ୨୦ଟି ବଧିର ବିଦ୍ୟାଳୟ ଅଛି । ସେଥିରୁ ମଧ୍ୟରୁ ୨ଟି ପୂର୍ଣ୍ଣାଙ୍ଗ ଉଚ୍ଚମାଧ୍ୟମିକ ସ୍ତରର ବିଦ୍ୟାଳୟ ରାଜ୍ୟ ଶିକ୍ଷା ବିଭାଗ ଅଧୀନରେ ରହିଛି । ଅନ୍ୟ ୧୮ଟି ବିଦ୍ୟାଳୟ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଏବଂ ସେଥିରୁ ୩ଟି ମାଧ୍ୟମିକ ସ୍ତରର ବିଦ୍ୟାଳୟ । ବର୍ତ୍ତମାନ ସୁଦ୍ଧା ଏହି ତାଲିମ କେନ୍ଦ୍ରରୁ ସମୁଦାୟ ୧୨୮ ଜଣ ଗୁରୁ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣହୋଇ ସମସ୍ତେ କର୍ମ ସଂସ୍ଥାନ ଲାଭ କରିଛନ୍ତି । ଚଳିତ ବର୍ଷ ୨୯ ଜଣ ଛାତ୍ରଛାତ୍ରୀ ତାଲିମ ପାଉଛନ୍ତି । କେବଳ ସ୍ୱତନ୍ତ୍ର ବଧିର ବିଦ୍ୟାଳୟ ନୁହେଁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ:ସି:ଇ:ଆର:ଟି:) ଦ୍ୱାରା ପରିଚାଳିତ ସମନ୍ୱିତ ଶିକ୍ଷା ଏକକରୁ ମଧ୍ୟ ଶିକ୍ଷକ ଏହି କେନ୍ଦ୍ରରୁ ତାଲିମ ପ୍ରାପ୍ତ ହୋଇ କାର୍ଯ୍ୟ କରୁଛନ୍ତି, ରାଜ୍ୟ ସରକାରଙ୍କ ସୁଚିନ୍ତିତ ଯୋଜନାର ରୂପରେଖ ଅନୁଯାୟୀ ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ତାଲିମ କେନ୍ଦ୍ରରୁ ତାଲିମ ପାଇବା ପରେ ସ୍ୱତନ୍ତ୍ର ବଧିର ବିଦ୍ୟାଳୟରେ କର୍ମସଂସ୍ଥାନ ପାଇବା ସମ୍ଭବ ହୋଇଛି ।

ଏହା ଯେ କେବଳ "ତାଲିମ ପ୍ରଦାନ କରୁଛି ତାହାନୁହେଁ ଏହି କେନ୍ଦ୍ର ସହିତ ଗୋଟିଏ ଶ୍ରବଣ ଶକ୍ତି ପରୀକ୍ଷାଗାର ମଧ୍ୟ ସଂଯୋଜିତ । ଏଠାରେ ସର୍ବ ସାଧାରଣଙ୍କ ଶ୍ରବଣ ଶକ୍ତି ପରୀକ୍ଷା କରିବା, ବାକ୍‌ଦୋଷ ସଂଶୋଧନ, ଅଭିଭାବକମାନଙ୍କୁ ପରାମର୍ଶ ପ୍ରଦାନ, ଶ୍ରବଣ ସହାୟକ ଯନ୍ତ୍ର ବିତରଣ, ଶ୍ରବଣ ସହାୟକ ଯନ୍ତ୍ରର ତ୍ରୁଟି ସଂଶୋଧନ, କର୍ଣ୍ଣଗହ୍ୱର ଛାଞ୍ଚ ପ୍ରସ୍ତୁତି କରଣ ପ୍ରଭୃତି କାର୍ଯ୍ୟ ମଧ୍ୟ କରାଯାଉଛି । କେବଳ ସେତିକି ନୁହେଁ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ଅନୁରୋଧ ତଥା ଆବଶ୍ୟକତା କ୍ରମେ ଦୂର ଦୁରାନ୍ତ ଜିଲ୍ଲାର ମଫସଲ ତଥା ଆଦିବାସୀ ଅଞ୍ଚଳକୁ ଯାଇ ଏହି ସଂସ୍ଥାର ବିଶେଷଜ୍ଞମାନେ ଶିବିର ମାଧ୍ୟମରେ ବଧିର ବ୍ୟକ୍ତିମାନଙ୍କର ସେବା ତଥା ଥଇଥାନ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି ।

ଗୁରୁତ୍ୱପୂର୍ଣ୍ଣ ଭୂମିକାନେଇ କାର୍ଯ୍ୟକରୁଥିବା ଏହି ତାଲିମ କେନ୍ଦ୍ରକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ କେନ୍ଦ୍ରରୂପେ ପରିଗଣିତ କରାଯାଇ ପାରିନାହିଁ ।

ସୁଖର କଥା ମାନ୍ୟବର ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଏଥିରେ ଗୁରୁତ୍ୱ ଉପଲବ୍ଧିକରି ଏହି କେନ୍ଦ୍ରକୁ ଏକ ସ୍ଥାୟୀ କରିବାପାଇଁ ଉଚିତ ପଦକ୍ଷେପ ନେବା ଫଳରେ କେବଳ ଏହି ଆର୍ଥିକ ବର୍ଷ ଶେଷଯାଏଁ ଏହି ଅନୁଷ୍ଠାନ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳିଛି ।

ଏହା ସତ୍ତ୍ୱେ ବଧିରମାନଙ୍କ ଶିକ୍ଷା,ସୁରକ୍ଷା ଗବେଷଣା ଥଇଥାନ କାର୍ଯ୍ୟକ୍ରମ ସହିତ ଜଡ଼ିତ ଥିବା ଏହି କେନ୍ଦ୍ର ଏକ ସ୍ଥାୟୀ କେନ୍ଦ୍ର ହେବା ନିତାନ୍ତ ଆବଶ୍ୟକ ଏକଥା କେହି ଅସ୍ୱୀକାର କରିବେ ନାହିଁ ।

ସହ ନିର୍ଦ୍ଦେଶିକା, ବଧିର ଶିକ୍ଷକଙ୍କ ତାଲିମ କେନ୍ଦ୍ର,
ୟୁନିଟ୍-୮, ଭୁବନେଶ୍ୱର ।

# ପଲ୍ଲୀ ବିକାଶରେ ପଲ୍ଲୀଶ୍ରୋତା ମଣ୍ଡଳୀ

* ଶ୍ରୀ ବରଦା ପ୍ରସନ୍ନ ଦାସ

ଭାରତ ଗୋଟିଏ ପଲ୍ଲୀ ବହୁଳ ତଥା କୃଷି ପ୍ରଧାନ ଦେଶ । ୧୯୯୦ ମସିହା ନଭେମ୍ବର ୧୭ ତାରିଖରେ ରାଜ୍ୟର ତତ୍କାଳୀନ ଉନ୍ନୟନ ମନ୍ତ୍ରୀ ଶ୍ରୀ ରାଧାନାଥ ରଥ ଜଟଣୀ ବ୍ଲକ୍‌ର ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମରେ ଓଡ଼ିଶାର ପ୍ରଥମ ପଲ୍ଲୀଶ୍ରୋତା ମଣ୍ଡଳୀ ଉଦ୍‌ଘାଟନ କରିଥିଲେ । ୧୯୫୬ ମସିହାରେ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସଙ୍ଗଠନ (UNESCO) ସହାୟତାରେ କାନାଡ଼ାର ଫାର୍ମ ଫୋରମ୍ ଛାଞ୍ଚରେ ଆକାଶବାଣୀ, ପୁନା କେନ୍ଦ୍ର ଅନ୍ତର୍ଭୁକ୍ତ ଅଞ୍ଚଳରେ ପ୍ରତି ମଣ୍ଡଳୀରେ ୨୦ ଜଣ ଶ୍ରୋତାଙ୍କୁ ନେଇ ୧୫୦ଟି ଗ୍ରାମରେ ପଲ୍ଲୀଶ୍ରୋତା ମଣ୍ଡଳୀର ଗୋଟିଏ ଆଗୁଆ ପରିଯୋଜନା ଭାରତରେ ଆରମ୍ଭ କରାଯାଇଥିଲା ।

ଗୋଟିଏ ପଲ୍ଲୀର ୨୦ ଜଣ କୃଷକ ବା କୃଷି ପ୍ରତି ଆଗ୍ରହାନ୍ୱିତ ବ୍ୟକ୍ତି ସଙ୍ଗଠିତ ଭାବରେ ଆକାଶବାଣୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶୁଣିବା ପାଇଁ ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ କରିପାରିବେ । ପଲ୍ଲୀଶ୍ରୋତା ମଣ୍ଡଳୀ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ଶୁଣିବା, କାର୍ଯ୍ୟକ୍ରମର ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିବା ଓ ସେଥିରୁ ଯାହା ଶିକ୍ଷା ପାଇଲେ ତାହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉଦ୍ୟମ କରିବା ଏହି ଶ୍ରୋତା ମଣ୍ଡଳୀର ଲକ୍ଷ୍ୟ । ଆମୋଦ ପ୍ରମୋଦ ପାଇଁ ଏହାକୁ ଗୋଟିଏ କ୍ଲବ୍ ନକହି, ସାମାଜିକ ଶିକ୍ଷା କେନ୍ଦ୍ର କୁହାଯାଇପାରେ । ସ୍ୱତଃପ୍ରବୃତ୍ତ ହୋଇ ନିଜର ଜ୍ଞାନ ପରିସର ବୃଦ୍ଧି କରିବା, ଉତ୍ତମ ନାଗରିକ ହେବା ଓ ପଲ୍ଲୀ ଅଞ୍ଚଳର ଦୈନନ୍ଦିନ ସମସ୍ୟାଗୁଡ଼ିକର ସମାଧାନ କଳ୍ପେ ମନୋନିବେଶ କରି ପଲ୍ଲୀର ସମୂହ କଲ୍ୟାଣ ସାଧନ ଦିଗରେ ବ୍ରତୀ ହେବା ମଣ୍ଡଳୀର ପ୍ରତ୍ୟେକ ସଦସ୍ୟଙ୍କ କର୍ତ୍ତବ୍ୟ । ମୋଟ୍ ଉପରେ କହିବାକୁ ଗଲେ ପଲ୍ଲୀଶ୍ରୋତା ମଣ୍ଡଳୀର ଅର୍ଥ ହେଉଛି — ଦଳେ ଗ୍ରାମବାସୀ, ଯେଉଁମାନେ ନିଜେ ଶ୍ରୋତା, ଆଲୋଚକ ଓ କାର୍ଯ୍ୟ ନିର୍ବାହକ ଭାବରେ କାର୍ଯ୍ୟ କରନ୍ତି ।

ଭାରତର ପ୍ରାଣ ତା'ର ପଲ୍ଲୀ ଅଞ୍ଚଳ । ୧୯୯୧ ଜନଗଣନା ଅନୁଯାୟୀ ରାଜ୍ୟରେ ମୋଟ୍ ୫୧,୦୫୭ଟି ଗ୍ରାମ ମଧ୍ୟରୁ ୪୬,୯୮୯ଟି ଜନବସତି ଗ୍ରାମ ରହିଛି ଏବଂ ଓଡ଼ିଶାର ମୋଟ୍ ଜନସଂଖ୍ୟାର ୮୭ ଶତାଂଶ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ପଲ୍ଲୀ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ଉପରେ ରାଜ୍ୟର ବିକାଶ ନିର୍ଭର କରେ । ଓଡ଼ିଶା ଲୋକ ସଂଖ୍ୟାର ଶତକଡ଼ା ୭୫ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ଓଡ଼ିଶାର ମୋଟ୍ ଆୟର ୫୦ ଶତାଂଶ କୃଷିରୁ ହିଁ ମିଳିଥାଏ । ତେଣୁ ରାଜ୍ୟର ଅର୍ଥନୈତିକ ବିକାଶରେ କୃଷିର ଭୂମିକା ଗୁରୁତ୍ୱପୂର୍ଣ୍ଣ । କୃଷି, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ପ୍ରୌଢ଼ ଶିକ୍ଷା, ସମବାୟ ତଥା ପଲ୍ଲୀ ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ନିହିତ ବିଷୟଗୁଡ଼ିକରେ ପରାମର୍ଶ ଦେବା ପାଇଁ ଏକ ବଳିଷ୍ଠ ଗଣମାଧ୍ୟମ ରେଡ଼ିଓ ଏବଂ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ମିଳିତ ଉଦ୍ୟମରେ ୧୯୬୯ ମସିହାଠାରୁ ପଲ୍ଲୀଶ୍ରୋତା ମଣ୍ଡଳୀ ନାମରେ ଏକ ପରିକଳ୍ପନା କାର୍ଯ୍ୟକାରୀ ହୋଇ ଆସୁଅଛି । ଉକ୍ତ ପରିକଳ୍ପନାଟି ହେଲା ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଦିନମାନଙ୍କରେ ସନ୍ଧ୍ୟା ଘ: ୭–୩୦ ମି:ଠାରୁ ୮ ଘଣ୍ଟା ପର୍ଯ୍ୟନ୍ତ ରେଡ଼ିଓରେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରସାର କରାଯାଇଥାଏ । କଟକ, ଜୟପୁର ଏବଂ ସମ୍ବଲପୁର ଆକାଶବାଣୀ କେନ୍ଦ୍ରରୁ ଉକ୍ତ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥାଏ । ସେହିଭଳି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧୀନରେ ସମ୍ବଲପୁର, ଜୟପୁର ଏବଂ କଟକ ଜୋନ୍ ପାଇଁ ଭୁବନେଶ୍ୱରରେ ୩ଟି ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟାଳୟ ତୁଇଜଣ ପ୍ରାଦେଶିକ ସଙ୍ଗଠକ ଏବଂ ଭୁବନେଶ୍ୱରରେ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର)ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଅଛି । ସେମାନଙ୍କ ଅଧୀନରେ ସାତ ଜଣ ମଣ୍ଡଳ ସଙ୍ଗଠକ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ କରନ୍ତି । ଡି: ପି: ଆର୍: ଓ:, ଏ: ଡି: ପି: ଆର୍: ଓ: ଏବଂ ମଣ୍ଡଳ ସଙ୍ଗଠକ ବା ଜୋନାଲ୍ ଅର୍ଗାନାଇଜର୍‌ମାନେ ସେମାନଙ୍କ କାର୍ଯ୍ୟ କ୍ଷେତ୍ର ସୀମା ଅଞ୍ଚଳ ମଧ୍ୟରେ ବିଭିନ୍ନ ପଲ୍ଲୀ ଅଞ୍ଚଳକୁ ଯାଇ ଗ୍ରାମବାସୀମାନଙ୍କୁ ଉକ୍ତ ପରିକଳ୍ପନା ସମ୍ପର୍କରେ ଅବଗତ କରାଇ ନିର୍ଦ୍ଦିଷ୍ଟ ଏକ ଫର୍ମ ପୂରଣ କରି ୨୦ ଜଣ ସଭ୍ୟ ସଭ୍ୟାଙ୍କୁ ନେଇ ପଲ୍ଲୀଶ୍ରୋତା ମଣ୍ଡଳୀଟିଏ ଗଠନ କରନ୍ତି । ଏହାର ନାମକରଣ କରିବା ସଙ୍ଗେ ସଙ୍ଗେ ସଭ୍ୟ ସଭ୍ୟାମାନେ ଜଣଙ୍କୁ ଆବାହକ ଏବଂ ଆଉ ଜଣଙ୍କୁ ସଭାପତି ରୂପେ ବାଛନ୍ତି । ଉକ୍ତ ଫର୍ମଟିକୁ ସମ୍ପୃକ୍ତ ଅଞ୍ଚଳର ବି: ଡି: ଓଙ୍କ ମନ୍ତବ୍ୟ ସହ ମଣ୍ଡଳ ସଙ୍ଗଠକ, ପଲ୍ଲୀଶ୍ରୋତା ମଣ୍ଡଳୀ କିମ୍ବା ସବ୍‌ଡିଭିଜନ୍ ବା ଜିଲ୍ଲାରେ ନିଯୁକ୍ତି ପାଇଥିବା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମ୍ପୃକ୍ତ ପ୍ରାଦେଶିକ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟାଳୟକୁ ମଣ୍ଡଳୀଭୁକ୍ତ ନିମନ୍ତେ ପଠାଇ ଦିଅନ୍ତି । ତା'ପରେ ଉକ୍ତ କାର୍ଯ୍ୟାଳୟରୁ ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସରକାରୀ ଚିଠି ପଠାଯାଏ । ଏଥିସହ ସମ୍ପୃକ୍ତ ଅଞ୍ଚଳର ବେତାର କେନ୍ଦ୍ରରେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରସାରିତ ହେବାକୁ ଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଆଗାମୀ ତ୍ରୈମାସିକ ତାଲିକା, ପ୍ରଶ୍ନ ପତ୍ର ଫର୍ମ ଓ ବିନା ମୂଲ୍ୟରେ ଡାକରେ ପଠାଇବା ନିମନ୍ତେ ସରକାରୀ ଖାମ୍‌ଗୁଡ଼ିକ

ନୂତନ ଭାବେ ମଣ୍ଡଳୀଭୁକ୍ତ ହୋଇଥିବା ପଲ୍ଲୀଶ୍ରୋତା ମଣ୍ଡଳୀର ଆବାହକଙ୍କ ନିକଟକୁ ଡାକ ଯୋଗେ ପଠାଇ ଦିଆଯାଏ । ବିଭିନ୍ନ ପଲ୍ଲୀଶ୍ରୋତା ମଣ୍ଡଳୀର ସଭ୍ୟ ସଭ୍ୟାମାନେ ମଙ୍ଗଳବାର ଓ ଶୁକ୍ରବାର ସନ୍ଧ୍ୟା ଘ: ୬-୩୦ ମି:ଠାରୁ ୮ ଘଟିକା ପର୍ଯ୍ୟନ୍ତ ରେଡିଓରେ ପ୍ରସାରିତ ହେଉଥିବା ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ଶୁଣି ସମ୍ପୃକ୍ତ ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚିତ ବିଷୟରେ ସନ୍ଦେହ ଦୂର କରିବା ନିମନ୍ତେ ସେମାନଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନ ପତ୍ର ଫର୍ମ ପୂରଣ କରି ସରକାରୀ ଖାମ୍ ଯୋଗେ ବିନା ଖର୍ଚ୍ଚରେ ଡାକରେ ପଠାଇଲେ ତାହା ସମ୍ପୃକ୍ତ କାର୍ଯ୍ୟାଳୟରେ ପହଞ୍ଚିଯାଏ ସରକାରୀ ଖାମ ଉପରେ ଆଗରୁ କାର୍ଯ୍ୟାଳୟ ଠିକଣା ଛପା ଯାଇଥାଏ । ଉକ୍ତ କାର୍ଯ୍ୟାଳୟ ପ୍ରଶ୍ନ ପତ୍ରଗୁଡ଼ିକ ପାଇବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ବିଶେଷଜ୍ଞମାନଙ୍କ ନିକଟକୁ ପ୍ରଶ୍ନଗୁଡ଼ିକ ପଠାଇ ଉତ୍ତର ସଂଗ୍ରହ କରି ନିଅନ୍ତି ଓ ପରେ ସମ୍ପୃକ୍ତ ବେତାର କେନ୍ଦ୍ରକୁ ପ୍ରସାର ନିମନ୍ତେ ପଠାଇ ଦିଅନ୍ତି । ବେତାର କେନ୍ଦ୍ରର ସମ୍ପୃକ୍ତ ଅଧିକାରୀଙ୍କ ଆଲୋଚନା ପ୍ରସାରିତ ହେବା ପରେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମରେ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଶ୍ନକର୍ତ୍ତାଙ୍କ ନାମ ସହ ରେଡିଓରେ ପ୍ରସାର କରନ୍ତି । ପ୍ରସାରିତ ବିଷୟବସ୍ତୁ ବାହାରେ ପ୍ରଶ୍ନ ପ୍ରସାରିତ ହୋଇନଥାଏ କିମ୍ବା ବିଳମ୍ବରେ ପ୍ରଶ୍ନ ପଠାଇଲେ ସେଗୁଡ଼ିକର ଉତ୍ତର ଦିଆଯାଇ ନଥାଏ । ଏହାଦ୍ୱାରା ବିଭିନ୍ନ ଋତୁରେ ବିଭିନ୍ନ କୃଷି ପ୍ରଣାଳୀ ସମ୍ପର୍କରେ ଅତ୍ୟାଧୁନିକ କୀଟନାଶକ ଔଷଧ, ସାର, ଯନ୍ତ୍ରପାତିର ପ୍ରୟୋଗ, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, କୁକୁଡ଼ା ଓ ପଶୁ ପାଳନ, ମତ୍ସ୍ୟ ଚାଷ, ପ୍ରୌଢ଼ ଶିକ୍ଷା, ସଞ୍ଚୟ ତଥା ଜନସାଧାରଣଙ୍କ ସ୍ୱାର୍ଥ ନିହିତ ବିଷୟଗୁଡ଼ିକରେ ବିଶେଷଜ୍ଞମାନଙ୍କ ବକ୍ତବ୍ୟ ଶୁଣି ସେମାନେ ପ୍ରଶ୍ନ ପତ୍ର ଜରିଆରେ ସନ୍ଦେହ ଦୂର କରିବାରେ ସକ୍ଷମ ହେବା ସଙ୍ଗେ ସଙ୍ଗେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଶିକ୍ଷା ଲାଭ କରିବା ସହ ବିଶେଷତଃ କୃଷି କ୍ଷେତ୍ରରେ ଅଧିକ ଅମଳକ୍ଷମ ହୋଇପାରନ୍ତି ।

କଟକ ଆକାଶବାଣୀ କେନ୍ଦ୍ର ଅଧୀନରେ ନଅଟି ଜିଲ୍ଲା, ଯଥା-କଟକ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, ଫୁଲବାଣୀ, ଗଞ୍ଜାମ, ପୁରୀ, କେନ୍ଦୁଝର ଓ ନୂତନ ଭାବେ ଗଠିତ ଗଜପତି ଜିଲ୍ଲା ପାଇଁ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥାଏ । କଟକ, ବାଲେଶ୍ୱର ଓ ଗଞ୍ଜାମରେ ଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ତିନି ଜଣ ମଣ୍ଡଳ ସଙ୍ଗଠକ ଉପରୋକ୍ତ ନଅଟି ଜିଲ୍ଲା ପାଇଁ ଭୁବନେଶ୍ୱରସ୍ଥ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର)ଙ୍କ ତତ୍ତ୍ୱାବଧାନରେ ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ ଓ ସକ୍ରିୟ କରିବା ଦାୟିତ୍ୱରେ କାର୍ଯ୍ୟ ସମ୍ପାଦନ କରନ୍ତି ।

ସମ୍ବଲପୁର ଆକାଶବାଣୀ କେନ୍ଦ୍ର ଅଧୀନରେ ତିନୋଟି ଜିଲ୍ଲା, ଯଥା-ବଲାଙ୍ଗୀର, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାମାନଙ୍କ ପାଇଁ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥାଏ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ବଲାଙ୍ଗୀରରେ ଓ ପଲ୍ଲୀଶ୍ରୋତା ମଣ୍ଡଳୀ ପ୍ରାଦେଶିକ ସଙ୍ଗଠକ କାର୍ଯ୍ୟାଳୟ ସମ୍ବଲପୁରରେ ଦୁଇ ଜଣ ମଣ୍ଡଳ ସଙ୍ଗଠକ ଏବଂ ଜଣେ ପ୍ରାଦେଶିକ ସଙ୍ଗଠକ ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ ଏବଂ ସକ୍ରିୟ କରିବା ଦାୟିତ୍ୱରେ ଅଛନ୍ତି ।

ସେହିପରି ଜୟପୁର ଆକାଶବାଣୀ କେନ୍ଦ୍ର ଅଧୀନରେ ପାଞ୍ଚଟି ଜିଲ୍ଲା, ଯଥା-କଳାହାଣ୍ଡି, ଜୟପୁର ଓ ନୂତନ ଭାବେ ଗଠିତ ଜିଲ୍ଲା ମାଲକାନାଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାମାନଙ୍କ ପାଇଁ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥାଏ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ରାୟଗଡ଼ା ଓ ପଲ୍ଲୀଶ୍ରୋତା ମଣ୍ଡଳୀ ପ୍ରାଦେଶିକ ସଙ୍ଗଠକ କାର୍ଯ୍ୟାଳୟ, ଜୟପୁରଠାରେ ଦୁଇ ଜଣ ମଣ୍ଡଳ ସଙ୍ଗଠକ ଏବଂ ଜଣେ ପ୍ରାଦେଶିକ ସଙ୍ଗଠକ ଉପରୋକ୍ତ ପାଞ୍ଚଟି ଜିଲ୍ଲା ପାଇଁ ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ ଓ ସକ୍ରିୟ କରିବା ଦାୟିତ୍ୱରେ ଅଛନ୍ତି ।

କେତେକ ଜିଲ୍ଲାରେ ସାଧାରଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସ ଉତ୍ସବମାନଙ୍କରେ ସେହି ଜିଲ୍ଲାର ସବୁଠାରୁ ସକ୍ରିୟ ପଲ୍ଲୀଶ୍ରୋତା ମଣ୍ଡଳୀକୁ ପୁରସ୍କୃତ କରାଯାଇଥାଏ ।

ଏତଦ୍ ବ୍ୟତୀତ ପ୍ରତି ବର୍ଷ ବିଭିନ୍ନ ଜିଲ୍ଲାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଆର୍ଥିକ ସହାୟତାରେ ସକ୍ରିୟ ପଲ୍ଲୀଶ୍ରୋତା ମଣ୍ଡଳୀ ଥିବା ଗ୍ରାମରେ ସାଧାରଣ ସଭା, ଆଲୋଚନା ଚକ୍ର, କୃଷି ମେଳା, ପ୍ରଦର୍ଶନୀ ମଣ୍ଡପ, ସ୍ୱାସ୍ଥ୍ୟ ସେବା ଓ କୃଷକ ତାଲିମ ଶିବିର ଏବଂ ଶିକ୍ଷଣୀୟ ଚଳଚ୍ଚିତ୍ର ପ୍ରଦର୍ଶନ ଆଦି ଆୟୋଜନ କରି ବିଭିନ୍ନ ବିଶେଷଜ୍ଞମାନଙ୍କ ସାହାଯ୍ୟ ତଥା ଉଦ୍‌ବୋଧନ ଦ୍ୱାରା ସେଠାରେ ସଚେତନତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଆଲୋଚନା ସଭା ଆୟୋଜିତ ହୋଇଥିବା ଦିନ ମଙ୍ଗଳବାର କିମ୍ବା ଶୁକ୍ରବାର ଆକାଶବାଣୀ କେନ୍ଦ୍ରରୁ ପ୍ରସାରିତ ହେଉଥିବା ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମରେ ଉକ୍ତ ଗ୍ରାମ ସମ୍ପର୍କରେ ଏକ ସଫଳ କାହାଣୀ ରେଡିଓରେ ପ୍ରସାରିତ ହୋଇଥାଏ । ଗ୍ରାମବାସୀମାନେ ଏହାଦ୍ୱାରା ଉତ୍ସାହିତ ହୋଇଥାନ୍ତି ।

ପଲ୍ଲୀଶ୍ରୋତା ମଣ୍ଡଳୀର ଆବାହକଙ୍କ ପ୍ରଚେଷ୍ଟା ଉପରେ ମଣ୍ଡଳୀର କୃତକାର୍ଯ୍ୟତା ନିର୍ଭର କରେ । ଆବାହକ ମଣ୍ଡଳୀ ରେଜିଷ୍ଟର ପୂରଣ କରିବେ । ମଣ୍ଡଳୀ ସଂପୃକ୍ତ ସମସ୍ତ ଚିଠିପତ୍ର ଆବାହକଙ୍କ ପାଖକୁ ପଠାଯିବ । ଆବାହକ ଏ ସବୁ କାର୍ଯ୍ୟ ଜଣେ ସ୍ୱେଚ୍ଛାସେବକ ହିସାବରେ ତୁଲାଇବେ । ତେଣୁ ଆବାହକ ଜଣେ ନିଷ୍ଠାପର କର୍ମୀ ହୋଇଥିବା ଦରକାର । ମଣ୍ଡଳୀ ପ୍ରତି ତାଙ୍କର ଆଗ୍ରହ ଥିବ ଓ କାର୍ଯ୍ୟ କରିବା ପାଇଁ ତାଙ୍କର ଆନ୍ତରିକତା ଥିବ ।

ସଭାପତି ସମସ୍ତ ସଭ୍ୟଙ୍କର ଜଣେ ମାନ୍ୟାସ୍ପଦ ବ୍ୟକ୍ତି ହୋଇଥିବା ଦରକାର । ସେ ସଭା କାର୍ଯ୍ୟ ସୁଚାରୁ ରୂପେ ନେଇ ପାରୁଥିବେ । ଗ୍ରାମରେ ଗଠନମୂଳକ କାର୍ଯ୍ୟର ଅଗ୍ରଗତି ପାଇଁ ତାଙ୍କର ବ୍ୟକ୍ତିତ୍ୱ ସଭ୍ୟମାନଙ୍କୁ ପ୍ରେରଣା ଦେଉଥିବ । ସମସ୍ତ ସଭ୍ୟମାନଙ୍କୁ ନିଜ ନିଜର ଚିନ୍ତାଧାରା ପ୍ରକାଶ କରିବା ପାଇଁ ସେ ସୁଯୋଗ ଦେଉଥିବେ । ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ଆନ୍ତରିକତା ମଧ୍ୟ ଥିବ ।

ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ ପାଇଁ ନିରୂପିତ ଗ୍ରାମ ନିକଟରେ ଡାକ ଘରର ସୁବିଧା ଥିବ ଏବଂ ବିଶେଷ କରି ଗ୍ରାମରେ ମଣ୍ଡଳୀର ସଭ୍ୟମାନେ ବର୍ଷର ସବୁ ଋତୁରେ ବସାଉଠା କରିବା ପାଇଁ ସୁବିଧା ସ୍ଥାନ ଥିବ, ରେଡିଓ ଥିବ, ଗ୍ରାମଟି ପ୍ରଧାନ ରାସ୍ତାର ନିକଟବର୍ତ୍ତୀ

ହୋଇଥିବ, ସେ ଗ୍ରାମରେ ଗୋଟିଏ ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ କରାଯାଇ ପାରିବ । ରେଡିଓରେ ପ୍ରସାରିତ ହେଉଥିବା ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମର ବିଷୟବସ୍ତୁ ଆଲୋଚନା ହୋଇ ସାରିବା ପରେ ଆବାହକ ରେଡିଓଟି ବନ୍ଦ କରିଦେବେ ଓ ସଭାପତି ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିବା ପାଇଁ ସଭ୍ୟମାନଙ୍କୁ ଅନୁରୋଧ କରିବେ । ସଭ୍ୟମାନଙ୍କ ଆଲୋଚନା ପରେ ସେମାନଙ୍କ ସନ୍ଦେହ ମୋଚନ ସକାଶେ ସଭ୍ୟମାନେ ଯେଉଁ ପ୍ରଶ୍ନ ପଚାରିବାକୁ ଚାହାନ୍ତି, ଆବାହକ ତାଙ୍କୁ ମଣ୍ଡଳୀ ରେଜିଷ୍ଟରରେ ଲିପିବଦ୍ଧ କରିବେ । ଆଲୋଚନା ପରେ, ବେତାର ମାଧ୍ୟମରେ ପ୍ରସାର କରାଯାଇଥିବା ବିଷୟବସ୍ତୁରୁ ଶିକ୍ଷା ପାଇଥିବା କୌଣସି ଗଠନମୂଳକ କାର୍ଯ୍ୟକ୍ରମ ସଭ୍ୟମାନେ ଗ୍ରାମରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ କଲେ ଆବାହକ ତାହା ମଣ୍ଡଳୀ ରେଜିଷ୍ଟରରେ ଲିପିବଦ୍ଧ କରିବେ । ସମ୍ପୃକ୍ତ ଦିନର ବୈଠକ ବିବରଣୀ ଲେଖି ସାରି ଆବାହକ ତାହା ସଭ୍ୟମାନଙ୍କୁ ଶୁଣାଇବେ ଓ ସଭାପତିଙ୍କ ସ୍ୱାକ୍ଷର ନେବେ । ସଭାପତି ସ୍ୱାକ୍ଷର କରି ସାରିବା ପରେ ଆବାହକ ସଭାର ବିବରଣୀ ତଥା ପ୍ରଶ୍ନଗୁଡ଼ିକୁ ଦିଆଯାଇଥିବା ଫର୍ମରେ ଲିପିବଦ୍ଧ କରି ସରକାରୀ ଖାମ୍‌ରେ ଡାକଘରେ ଠିକ୍ ପରଦିନ ପକାଇଦେବେ । ପରେ ତାହାର ଉତ୍ତର ରେଡିଓରୁ ପ୍ରସାର କରାଯିବ । ବେତାର ମାଧ୍ୟମରେ ପ୍ରସାର କରାଯାଇଥିବା ବିଷୟବସ୍ତୁରୁ ସଭ୍ୟମାନେ ଯାହା ଶିକ୍ଷା କରିବେ, ତାହାକୁ ଗ୍ରାମରେ କାର୍ଯ୍ୟକାରୀ କରିବା ଦରକାର ।

ଏହି ମଣ୍ଡଳୀଗୁଡ଼ିକ ପଲ୍ଲୀର ବହୁମୁଖୀ ଉନ୍ନୟନ ସାଧନ ଦିଗରେ ବିଶେଷ ସହାୟକ ହୋଇଥାଏ । ଏହି ପଲ୍ଲୀଶ୍ରୋତା ମଣ୍ଡଳୀ ଗଠନ ଓ କାର୍ଯ୍ୟକାରୀ କରିବା ସକାଶେ ପ୍ରେରଣା ଦେବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତର କର୍ତ୍ତବ୍ୟ । ଗ୍ରାମ ପଞ୍ଚାୟତମାନେ ଚାହିଁଲେ ଓଡ଼ିଶା ସରକାରଙ୍କ ନିୟମାନୁଯାୟୀ ସେମାନଙ୍କ ଅଞ୍ଚଳରେ ଥିବା ପ୍ରତ୍ୟେକ ମଣ୍ଡଳୀକୁ ଆର୍ଥିକ ସାହାଯ୍ୟ ଦେଇପାରିବେ ଓ ପଦାନୁଯାୟୀ ପଞ୍ଚାୟତ ବଜେଟ୍‌ରେ ଏହି ଆର୍ଥିକ ସାହାଯ୍ୟର ବ୍ୟବସ୍ଥା କରିପାରିବେ । ଏ ଦିଗରେ ଆଗ୍ରହୀ ପଲ୍ଲୀବାସୀ ସବ୍‌ଡିଭିଜନ୍ ବା ଜିଲ୍ଲାରେ ଅବସ୍ଥାପିତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ।

ମଣ୍ଡଳ ସଙ୍ଗଠକ, ପଲ୍ଲୀଶ୍ରୋତା ମଣ୍ଡଳୀ,
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, କଟକ ।




ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ଆନୁକୂଲ୍ୟରେ ଆୟୋଜିତ ଶହୀଦ୍ ଦିବସ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନାଙ୍କ ଉଦ୍‌ବୋଧନ । ଉକ୍ତ ଉତ୍ସବରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଉପସ୍ଥିତ ଅଛନ୍ତି ।

# ଦୋଳଯାତ୍ରା ଓ ହୋଲି

* ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି

ହିନ୍ଦୁମାନଙ୍କର ବିଭିନ୍ନ ପର୍ବପର୍ବାଣି ମଧ୍ୟରୁ ଦୋଳଯାତ୍ରା ବା ହୋଲି ଅନ୍ୟତମ । ଏହି ପର୍ବ ବସନ୍ତ ଋତୁରେ ଅନୁଷ୍ଠିତ ହେଉଥିବାରୁ କେହି କେହି ଏହାକୁ ବସନ୍ତୋତ୍ସବ ବୋଲି କହନ୍ତି । କେତେକ ଶାସ୍ତ୍ରରେ ଏହାକୁ ପ୍ରୀତି ଦେବତା କାମଦେବ ବା ମଦନଙ୍କ ଉତ୍ସବ ବୋଲି ବର୍ଣ୍ଣନା କରାଯାଇଛି । କାରଣ ଏହି ସମୟରେ ମଦନ ରକ୍ତପଦ୍ମ, ଅଶୋକ, ଆମ୍ର, ଚମ୍ପକ ଓ ନୀଳକମଳ ଫୁଲରେ ତିଆରି ମୋହନ, ଉନ୍ମାଦନ, ସଂତପନ, ଶୋଷଣ ଓ ନିଶ୍ଚେଷ୍ଟକରଣ–ପାଞ୍ଚଗୋଟି ଫୁଲ ଶରକୁ ମନୁଷ୍ୟଠାରୁ ଆରମ୍ଭ କରି ପଶୁ ପକ୍ଷୀ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ପ୍ରୟୋଗ କରିଥାଏ ।଼ ଫଳରେ ସମସ୍ତଙ୍କ ମନରେ ଶିହରଣ ଆସେ । କିନ୍ତୁ ପରବର୍ତ୍ତୀକାଳରେ ଏହା ଶ୍ରୀକୃଷ୍ଣଙ୍କ ଦୋଳଯାତ୍ରା ରୂପେ ପ୍ରତିଷ୍ଠିତ ହୋଇଅଛି ଓ ଶ୍ରୀକୃଷ୍ଣ ନିଜେ ଆରାଧ୍ୟ ଦେବତାର ଆସନ ଅଳଙ୍କୃତ କରିଛନ୍ତି ।଼

ଯଦିଓ ଦୋଳ ବା ହୋଲି ପର୍ବ ଭାରତର ଅନ୍ୟ ସ୍ଥାନମାନଙ୍କରେ ଏକଦିନ ପାଳିତ ହୁଏ କିନ୍ତୁ ସ୍ଥାନ ବିଶେଷରେ ଓଡ଼ିଶାରେ କେଉଁଠି ପାଞ୍ଚ, ଛଅ, ନଅ ଓ ଦଶ ଦିନଧରି ପାଳନ କରାଯାଏ । ତେଣୁ ଓଡ଼ିଶାର ଏହି ପର୍ବକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ରାଜଦୋଳ ଓ ଦ୍ୱିତୀୟଟି ପଞ୍ଚୁଦୋଳ ଫାଲ୍‌ଗୁନ ମାସର ଶୁକ୍ଳଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ରାଜଦୋଳ କୁହାଯାଏ । ସେହି ପରି ପୂର୍ଣ୍ଣିମା ପରେ ପ୍ରତିପଦଠାରୁ ଚୈତ୍ର କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ସମୟକୁ ପଞ୍ଚୁଦୋଳ ବୋଲି ନାମିତ କରାଯାଏ ।଼ କେତେକ ସ୍ଥାନରେ ପୂର୍ଣ୍ଣିମା ଦିନକୁ ମିଶାଇ ଛଅଦିନ ପାଳନ କରାଯାଉଥିବାରୁ ଛଅଦୋଳ, ନଅଦିନ ପାଳନ କରାଯାଉଥିବାରୁ ନଅଦୋଳ ଓ ଅନ୍ୟ କେତେକ ସ୍ଥାନରେ ଦଶଦିନ ପାଳନ କରାଯାଉଥିବାରୁ ଏହାକୁ ଦଶଦୋଳ ଆଦି କୁହାଯାଏ ।

ଫାଲ୍‌ଗୁନ ମାସର ଶୁକ୍ଳଦଶମୀ ଓ ଫଗୁଦଶମୀଠାରୁ ଦୋଳଯାତ୍ରା ଆରମ୍ଭ ହୁଏ । ରାଧାକୃଷ୍ଣ ମନ୍ଦିରମାନଙ୍କରେ ଶହଳି ଲାଗି ରହେ । ବସନ୍ତଋତୁର ରାସେଶ୍ୱର ଓ ରାସେଶ୍ୱରୀ ଶ୍ରୀ ରାଧାଙ୍କ ଶ୍ରୀଅଙ୍ଗରେ ଫଗୁ ବା ଅବିର ପ୍ରଦାନ କରାଯାଏ । ବୈଷ୍ଣବ ଧର୍ମାବଲମ୍ବୀମାନଙ୍କ ମତରେ ଏହି ସମୟରେ ଗୋପୀମାନେ ସେମାନଙ୍କର ପରମପ୍ରେମିକ ଶ୍ରୀକୃଷ୍ଣଙ୍କ ସହ ଏହି ଖେଳି ଖେଳିଥିଲେ । ନାନା ପ୍ରକାର ଅବିର ଉଡ଼ାଇ ଶ୍ରୀକୃଷ୍ଣ ଦେହକୁ ରଙ୍ଗ ବେରଙ୍ଗ କରି ପକାଉଥିଲେ । ବିଭିନ୍ନ ପ୍ରକାର ବଣ ଫୁଲରେ ଶ୍ରୀଅଙ୍ଗକୁ ମଣ୍ଡିବା ସଙ୍ଗେ ସଙ୍ଗେ ଫୁଲଦୋଳିରେ ତାଙ୍କୁ ଝୁଲାଉଥିଲେ । ଅନେକ ହାସ ପରିହାସରେ ମାତିରହି ସେମାନେ ଜୀବନକୁ ଧନ୍ୟ ମଣୁଥିଲେ । ତେଣୁ ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତିକୁ ସୁସଜ୍ଜିତ ଛୋଟ ଛୋଟ ବିମାନରେ ବସାଇ ମହା ଜାକଜମକରେ ଗ୍ରାମ ପରିକ୍ରମା କରାଯାଏ । ଗ୍ରାମ ପରିକ୍ରମା ସମୟରେ କିମ୍ବା ମେଲଣ ପଡ଼ିଆକୁ ଯିବା ସମୟରେ ପାଟ ପଟୁଆର, ଅବିର ଫୋପଡ଼ା ଫୋପଡ଼ି, ଘୋଷଣୀ, ନାଚ ତାମସା, ବାଦ୍ୟ ସଙ୍ଗୀତ ଓ ସଂକୀର୍ତ୍ତନ ଆଦି ନାସ୍ତିକ ମନରେ ମଧ୍ୟ ଭଗବତ୍ ଚେତନା ପ୍ରଦାନ କରେ । ଦୋଳ ପୂର୍ଣ୍ଣିମା ଦିନ ଗ୍ରାମରେ ଥିବା ଦୋଳମଣ୍ଡପକୁ ଠାକୁରମାନଙ୍କୁ ଦୋଳ ଖେଳ କରାଯାଏ ।଼

ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହୋଲି ପୋଡ଼ା ଉତ୍ସବ କରାଯାଏ । କିମ୍ବଦନ୍ତୀ ଅଛି ଯେ ହିରଣ୍ୟ କଶିପୁର ହୋଲିକା ନାମରେ ଏକ ଭଉଣୀ ଥିଲା । ନିଆଁ ତାହାକୁ ପୋଡ଼ି ପାରିବ ନାହିଁ ବୋଲି ସେ ଶିବଙ୍କଠାରୁ ଏକ ବର ପାଇଥିଲା । ହିରଣ୍ୟ କଶିପୁ ଯେତେବେଳେ ତା ପୁଅ ପ୍ରହ୍ଲାଦକୁ ମାରିବାର ସବୁଚେଷ୍ଟାରୁ ବିଫଳ ହେଲା ସେତେବେଳେ ହୋଲିକା ପ୍ରହ୍ଲାଦକୁ ମାରିବାର ଗୁରୁଦାୟିତ୍ୱ ବହନ କରି ନିଆଁ ଭିତରକୁ ଡେଇଁ ପଡ଼ିଥିଲା । ଅନ୍ୟ କାହାରିକୁ ମାରି ନିଜକୁ ବଞ୍ଚାଇବା ପାଇଁ ଶିବ ଯେଉଁ ବର ଦେଇଥିଲେ ସେ ତାହା ଭଲ ଭାବରେ ବୁଝି ପାରିନଥିଲା । ତେଣୁ ପ୍ରହ୍ଲାଦକୁ ପାରିବ କଣ, ସେ ନିଜେ ପୋଡ଼ି ପାଉଁଶ ହୋଇଗଲା । ଏହି କଥାକୁ ମନେରଖି ହୋଲି ପୋଡ଼ାର ପରଦିନ ଅର୍ଥାତ୍ ପୂର୍ଣ୍ଣିମାଦିନ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ହୋଲି ପାଉଁଶ ପରସ୍ପରଠାରେ ବୋଳି, ବିଭିନ୍ନ ରଙ୍ଗର ପିଚକାରୀ ମାରି ଆନନ୍ଦ ଉପଲବ୍ଧି କରନ୍ତି ।

କେତେକ ସ୍ଥାନରେ ଚତୁର୍ଦ୍ଦଶୀ ତିଥିରେ ଅଗ୍ନିଉତ୍ସବ ବା ମେଣ୍ଢାପୋଡ଼ି ଉତ୍ସବ ପାଳନ କରାଯାଏ । କିମ୍ବଦନ୍ତୀ ଅଛି ଯେ ଏକଦା ମେଷ ନାମକ ଅସୁର ନର ଓ ଦେବତାମାନଙ୍କୁ ବଡ଼ହଇରାଣ କରୁଥିଲା । ସମସ୍ତେ ମିଶି ଶ୍ରୀକୃଷ୍ଣଙ୍କ ଆଶ୍ରୟ ନେବାରୁ ସେ ସେହି ଅସୁରକୁ ମାରି ତାକୁ ପୋଡ଼ି ଦେଇଥିଲେ । ସେଥିପାଇଁ ନଡ଼ା ବା କୁଟା କାଠିରେ ମେଣ୍ଢା ରହିଲା ଭଳି ଏକ ଘର ତିଆରି କରାଯାଇ ଏହିଦିନ ପୋଡ଼ାଯାଏ ।

ଦୋଳୋତ୍ସବର ଉତ୍ପତ୍ତି ସହିତ ଭିନ୍ନ ଭିନ୍ନ ପୌରାଣିକ କାହାଣୀମାନ ମଧ୍ୟ ସଂଶ୍ଳିଷ୍ଟ କରାଯାଇଛି । ସେଗୁଡ଼ିକ ମଧ୍ୟରେ ପୂତନା ଅସୁରୁଣୀ ବଧ ଓ ପ୍ରୀତି ଦେବତା କାମ ଦେବଙ୍କ ପୂଜା ଆଦି ଅନ୍ୟତମ । ପୌରାଣିକ ଉପାଖ୍ୟାନ କହେ ଦ୍ୱାପର ଯୁଗରେ ଅସୁର କଂସ ଶୁଣିବାକୁ ପାଇଲା ଯେ ତାହାର ପ୍ରକୃତ ହତ୍ୟାକାରୀ ଗୋପ ପୁରରେ ବଢ଼ୁଛି । ତେଣୁ ଶିଶୁଙ୍କୁ ସ୍ତନ ପିଆଇବା

ବାହାନାରେ କିପରି ତାଙ୍କୁ ମାରିଦେବ ଏହି ଉପାୟରେ ସେ ପୁତନା ରାକ୍ଷସୀକୁ ବ୍ରଜପୁରକୁ ପ୍ରେରିତ କଲା । ରାକ୍ଷସୀ ନିଜର ବେଶ ବଦଳାଇ ନିଜକୁ ଏକ ଅପରୂପ ସୁନ୍ଦରୀ ସାଜି, ନିଜର କୁଚାଗ୍ରରେ ବିଷ ବୋଳି ନନ୍ଦ ମନ୍ଦିରରେ ପ୍ରବେଶ କଲା । କିନ୍ତୁ ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ଏ କଥା ମଧ୍ୟ ଜାଣି ପାରିଲେ । ତେଣୁ ପୁତନା ତାହାଙ୍କୁ କ୍ଷୀର ପିଆଉଥିବା ଅବସ୍ଥାରେ ତାହାର ପ୍ରାଣକୁ ଶୋଷି ନେଲେ । ଫଳରେ ତାହାର ଅସଲ ରୂପ ଜଣା ପଡ଼ିଗଲା । ଶ୍ରୀକୃଷ୍ଣଙ୍କର ଏହି ସୁଦିବସକୁ ପାଳନ ସ୍ୱରୂପ ପୁତନାର ଶବକୁ ହୋଲିର ପୂର୍ବଦିନ ପୋଡ଼ି ଦିଆଯାଏ । ସେହିପରି ଅନ୍ୟ ଏକ ପୌରାଣିକ ପରମ୍ପରା ଅନୁଯାୟୀ ଏହି ଉତ୍ସବ ଦିନ କାମଦେବ ଯେ ଧ୍ୟାନମଗ୍ନ ଶିବଙ୍କୁ ପଞ୍ଚଶର ମାରି ତାଙ୍କୁ ଉନ୍ମାଦ କରିବାକୁ ଚେଷ୍ଟା କରିଥିଲେ, ଶିବ ସେହି କାମଦେବଙ୍କୁ ଜାଳି ଭସ୍ମ କରି ଦେଇଥିଲେ । ତେଣୁ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ଦୋଳ ଉତ୍ସବ ପାଳନ କରାଯିବା ବେଳେ ପ୍ରୀତି ପାର୍ବଣର ମୁଖ୍ୟ ଦେବତାଙ୍କ ମୃତ୍ୟୁ ପାଇଁ ଶୋକ ଗୀତିକା, ଓ ବିଷାଦଭରା ଗୀତ ଗାନ କରାଯାଇ ଥାଏ ।୬

ଗୋମାତାର ପବିତ୍ର ଜନ୍ମ ଦିବସ ଦୋଳ ପୂର୍ଣ୍ଣିମାରେ ପଡ଼େ । ତେଣୁ ଗଉଡ଼ ବା ଗୋପାଳ ଜାତିର ଲୋକେ ଏହି ଦିବସକୁ ପବିତ୍ର ପର୍ବ ହିସାବରେ ପାଳନ କରନ୍ତି । ଏହିଦିନ ଗୋରୁ ଗାଈମାନଙ୍କୁ ଗାଧୋଇ ଦିଆଯାଇ ହଳଦୀ ଚନ୍ଦନରେ ମଣ୍ଡନ କରାଯାଏ । ସେମାନଙ୍କୁ ଉତ୍ତମ ଖାଦ୍ୟ ଦିଆଯିବା ସଙ୍ଗେ ସଙ୍ଗେ ଧୂପ, ଦୀପ ଓ ଦୁର୍ବାକ୍ଷତ ଆଦିରେ ବନ୍ଦାପନା କରାଯାଏ । ଅନେକଙ୍କ ଘରେ ବେସ ବସେ ଓ ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରନ୍ତି । ପୂର୍ଣ୍ଣିମା ରାତିରେ ସେମାନେ ଦଳ ଦଳ ହୋଇ ପଞ୍ଚସଖା ଯୁଗର କବି ଅଚ୍ୟୁତାନନ୍ଦ ଦାସଙ୍କ ବିରଚିତ 'ଗୋପାଳଙ୍କ ଓଗାଳ'ମାନ ପଢ଼ି ନାଚନ୍ତି ଖେଳନ୍ତି । ଫଗୁ ଖେଳର ଇତିହାସ ସମ୍ବନ୍ଧରେ କବି ଲେଖିଛନ୍ତି :

"ଶୁଣ ଲଉଡିଆ ଭାଇ କହୁଛି ଉତ୍ତର,
ପୂର୍ବଜନ୍ମେ ରାଧିକା ଯେ ମାଗିଥିଲେ ବର ।
ଫଗୁଣ ମାସେ ତପସ୍ୟା ହୋଇଲାକ ପୂର୍ଣ୍ଣ,
ପୂର୍ଣ୍ଣିମାନେ ବିକଶି ଦିଶନ୍ତି ରଙ୍ଗ ବର୍ଣ୍ଣ ।
ଚନ୍ଦ୍ରମୁଖୀ ବୋଲଇ ହେ ଶୁଣ ନାରାୟଣ,
ଦ୍ୱାପରେ ଯାହା ହୋଇବ କହିଲେ ଆପଣ ।
ଯେତେବେଳେ ଆମ୍ଭେ ଗୋପପୁରେ ରହିଥିବା,
କହୁଅଛ ବୃନ୍ଦାବନେ କେଳି ଆଚରଣ ।
ଏହି ଫଗୁଣରେ ଦୋଳ ଗୋବିନ୍ଦ ବୋଲାଇ,
ଫଗୁ ଖେଳୁଥିବା "ଆମ୍ଭେ ଚଉଦୋଳେ ରହି" ।

ଗୋ:ଓଗାଳ ପୃ: ୨୬

ଶ୍ରୀ ଚୈତନ୍ୟଦେବଙ୍କ ଜନ୍ମ ଏହି ଦୋଳ ପୂର୍ଣ୍ଣିମାରେ ହୋଇଥିବାରୁ ଗୌଡ଼ୀୟ ବୈଷ୍ଣବମାନେ ଉକ୍ତ ଦିବସଟିକୁ ମହା ଆନନ୍ଦରେ ପାଳନ କରନ୍ତି ।

ପ୍ରାଚୀନ କାଳରେ ବସନ୍ତ ଋତୁଠାରୁ ନବବର୍ଷ ଗଣନା କରାଯାଉଥିଲା । ତେଣୁ ଦୋଳୋତ୍ସବ ସମୟରେ ଗଣକ ଓ ଜ୍ୟୋତିଷମାନେ ଦୋଳମଣ୍ଡପଠାରେ ଗ୍ରାମବାସୀମାନଙ୍କୁ ନବବର୍ଷର ପଞ୍ଜିକା ଶୁଣାଉଥିଲେ । ଅଦ୍ୟାବଧି ମଧ୍ୟ ସେହି ପ୍ରଥା ପ୍ରଚଳିତ ହୋଇ ଆସୁଛି ।

ଓଡ଼ିଶାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିରଠାରୁ ଆରମ୍ଭକରି ଅନ୍ୟାନ୍ୟ ବୈଷ୍ଣବ ମନ୍ଦିରମାନଙ୍କରେ, ଏପରିକି ପ୍ରତ୍ୟେକ ଗ୍ରାମମାନଙ୍କରେ ଏହି ପର୍ବ ମହା ସମାରୋହରେ ପାଳନ କରାଯାଏ । ସେମାନଙ୍କ ମଧ୍ୟରୁ ନେମାଳମଠର ଦୋଳ, ବୟାଳିଶି ମୌଜାର ଗୋପୀନାଥ ଦେବଙ୍କ ଦୋଳୋତ୍ସବ, ବାଲିକୁଦା ଅନ୍ତର୍ଗତ ଚଇଁଗପୁର ମାଧୁରୀମଠର ବୈଷ୍ଣବମେଳା, ବ୍ରହ୍ମଗିରିର ହରିହର ଭେଟ, ଅରିଲୋ ଗ୍ରାମର ଶ୍ରୀଯୁଗଳ କିଶୋରଦେବଙ୍କ ଦୋଳଯାତ୍ରା, ବରୁଆଁ ଗ୍ରାମର ମେଳଣ, କୁଳାଡ଼ର ବ୍ୟାଘ୍ରଦେବୀ ପୀଠରେ ଅନୁଷ୍ଠିତ ଦୋଳଯାତ୍ରା, ପସ୍ତୁଆ ଦୋଳ, ଶ୍ରୀବରାହ ଦେବଙ୍କ ଦୋଳଯାତ୍ରା, ଏରଞ୍ଚ ଗ୍ରାମର ନୃସିଂହନାଥଙ୍କ ଦୋଳ ଓ ଟପରାଜପୁରର ଦୋଳଯାତ୍ରା ଆଦି ପ୍ରଧାନ ।୮

ପାରସ୍ପରିକ ସୌହାର୍ଦ୍ଦ୍ୟର ଦ୍ୟୋତକ ଏହି ହୋଲି ଆଜିକାଲି ପ୍ରତିଦ୍ୱନ୍ଦ୍ୱିତା ପରିପ୍ରେକ୍ଷୀରେ ଆମ ସମାଜରେ ପାଳନ କରାଯାଉଛି । କାଶ୍ମୀର ପରି କେତେକ ସ୍ଥାନରେ ଲୋକେ ପରସ୍ପର ଉପରେ କାଦୁଅ ଫୋପାଡ଼ି, ଅଶ୍ଳୀଳ ଭାଷାମାନ ପ୍ରୟୋଗ କରି, ଥଟ୍ଟା ପରିହାସ କରି ଏହି ଉତ୍ସବ ପାଳନ କରନ୍ତି । ସେମାନଙ୍କର ଧାରଣା ଯେ ଏପରିକଲେ ପିଶାଚମାନେ ଘର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ । ଆମ ଓଡ଼ିଶାରେ ଲୋକେ ନାନା ରଙ୍ଗର ପିଚକାରୀ ପ୍ରସ୍ତୁତ କରି ଉପରକୁ ସିଞ୍ଚନ କରନ୍ତି । କାହାର ଇଚ୍ଛା ଥାଉ ବା ନ ଥାଉ ଏମାନଙ୍କର ଯାଏ ଆସେ କିଛି ନଥାଏ । ଏପରି ପାଳନ ଫଳରେ ଲୋକଙ୍କ ମନରେ ପୁଲକ ଆସିବା ପରିବର୍ତ୍ତେ ଭୟର ସଞ୍ଚାର ହୋଇଥାଏ । ତେଣୁ ଏହି ଯାତ୍ରା କିପରି ଆନନ୍ଦଦାୟକ ହେବ ଓ ସମସ୍ତଙ୍କ ପ୍ରାଣକୁ ପୁଲକିତ କରି ପାରିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ ।

ସହାୟକ ଗ୍ରନ୍ଥସୂଚୀ :
(୧) ଗୋପାଳ ଚନ୍ଦ୍ର ପ୍ରହରାଜ ; ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ–୨ୟ ଖଣ୍ଡ ପୃ ୧୬୨୬–୨୭ ।
(୨) Dhirendra Patnaik, Festivals of Orissa, P. 74 ...
(୩) ଗୋପାଳ ଚନ୍ଦ୍ର ପ୍ରହରାଜ ; ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ–୪ର୍ଥ ଖଣ୍ଡ ପୃ ୩୮୯୯ ଓ ୪୦୧୩ ପ୍ରକାଶିତ ପୃ: ୨୦୫ ।
(୪) ସତ୍ୟନାରାୟଣ ମହାପାତ୍ର: ଦୋଳଯାତ୍ରା–"ଓଡ଼ିଶାରେ ପର୍ବପର୍ବାଣି, ଓଆ ଯାନିଯାତ୍ରା"ରେ ପ୍ରକାଶିତ, ପୃ: ୨୦୫ ।
(୫) Dhirendra Patnaik– Ibid P. 75.
(୬) ନାରାୟଣ ଦାସ ; ଓଡ଼ିଆ ହରିବଂଶ ପୃ: ୮୧ ।
(୭) P. Thomas ; Festivals and Holidays of India P. 7.
(୮) ଶ୍ରୀ ନୀଳମଣି ମିଶ୍ର : ହୋଲି–ଓଡ଼ିଶାର ପର୍ବ ପର୍ବାଣି, ଓଷା, ଯାନିଯାତ୍ରାରେ ପ୍ରକାଶିତ ପୃ: ୨୨୬ ।

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର,
ଭୁବନେଶ୍ୱର ।

# ଆମର ଉପକାରୀ ଫଳ : ଲେମ୍ବୁ

* ଡାକ୍ତର ଦୀନବନ୍ଧୁ ମହାରଣା

ଗାଁ ଗହଳିଠାରୁ ଆରମ୍ଭକରି, ସହର, ବଜାର ଓ ଦେଶ ବିଦେଶରେ ଲେମ୍ବୁ ଫଳ ଅତି ପରିଚିତ । ଏହା ଉପକାରୀ ଓ ସର୍ବଶ୍ରେଷ୍ଠ ଔଷଧ । ଲେମ୍ବୁ ମଧ୍ୟ ଫଳମାନଙ୍କର ରାଜା ସଦୃଶ । ଏହାର ଉଦ୍ଭିଦ ବିଜ୍ଞାନ ନାମ ହେଉଛି ସାଇଟ୍ରସ୍ ଲିମନ୍ ଏବଂ ଏହା ରୁଟାସୀ । ପରିବାରଭୁକ୍ତ ଉଦ୍ଭିଦ । ସାରା ବିଶ୍ୱରେ ଏହି ପରିବାରର ପ୍ରାୟ ୧୩୦୦ ପ୍ରକାରର ଗଛ ଅଛନ୍ତି ଏବଂ ଆମ ଭାରତବର୍ଷରେ ୭୧ ପ୍ରକାରର ଗଛ ଦେଖାଯାଆନ୍ତି । ଏହି ପରିବାର ଭୁକ୍ତ କେତେକ ପରିଚିତ ଫଳ ହେଲା କମଳାଲେମ୍ବୁ, ମଉସୁମି, ବେଲ, ଇତ୍ୟାଦି ।

ଲେମ୍ବୁ ପ୍ରାୟ ଛଅଟିଏ ପ୍ରକାରର ଦେଖାଯାଏ । ଜୁଡି ଲେମ୍ବୁ, କାଗିଜି ଲେମ୍ବୁ, ଟଭା, ମିଠା ଲେମ୍ବୁ, ନାରଙ୍ଗ ଇତ୍ୟାଦି । ସମସ୍ତଙ୍କ ମଧ୍ୟରେ କିନ୍ତୁ କାଗିଜି ଲେମ୍ବୁ ସର୍ବଶ୍ରେଷ୍ଠ ଏବଂ ସ୍ୱାସ୍ଥ୍ୟପ୍ରଦ । ଲେମ୍ବୁରେ ମୁଖ୍ୟତଃ ଭିଟାମିନ୍–'ସି', ଭିଟାମିନ୍–'ଏ', ଭିଟାମିନ୍–'ବି', ଲୌହ, କ୍ୟାଲସିୟମ, ଫସଫରସ୍ ଇତ୍ୟାଦି, ଥାଏ । ଏହା ବ୍ୟତୀତ ପ୍ରଚୁର ପରିମାଣରେ ସାଇଟ୍ରିକ୍ ଏସିଡ୍ ମଧ୍ୟ ଥାଏ । ଲେମ୍ବୁର କେତେକ ବ୍ୟବସାୟିକ ସଂସ୍ଥା ତୃପ୍ତିଦାୟକ ପାନୀୟ ତିଆରି କରିଥାନ୍ତି । ସାଧାରଣତଃ ଥଣ୍ଡାରୋଗ, ମୋଟା ହେବା ରୋଗ, ଚର୍ମର ରୋଗ, ଅଜୀର୍ଣ୍ଣ, କଣ୍ଠ ରୋଗ, କ୍ରିମି, ଅରୁଚି, କଲେରା, ଦାନ୍ତ ରୋଗ ଆଦି ଅତି ଆଶ୍ଚର୍ଯ୍ୟଜନକ ଭାବେ ଲେମ୍ବୁ ବ୍ୟବହାର ଦ୍ୱାରା ଆରୋଗ୍ୟ ହୋଇଥାଏ । କ୍ୟାଲ୍‌ସିୟମ୍, ଗ୍ଲୁକୋନେଟ୍ ନାମକ ଏକ ପ୍ରକାର ପଦାର୍ଥ ଲେମ୍ବୁ ଚୋପାରେ ପ୍ରଚୁର ଅଛି । ଯାହାକୁ ଖାଇଲେ ଆଣବିକ ବିକିରଣରୁ ଶରୀରକୁ ରକ୍ଷା କରାଯାଇ ପାରେ । ପ୍ରତିଦିନ ସକାଳେ ଚାରି ଆଉନ୍ସ୍ ଲେମ୍ବୁ ବା କମଳାରସ ଖାଇଲେ ଏହା ଆମର ଶରୀର ଦୈନିକ ଆବଶ୍ୟକ କରୁଥିବା ପ୍ରାୟ ୬୦ ମି.ଲି.ଗ୍ରାମ ଭିଟାମିନ୍–'ସି', ଆମକୁ ଯୋଗାଇ ଥାଏ । ଗୋଟିଏ କମଳା ଲେମ୍ବୁରୁ ଆମେ ୬୬ ମି.ଲି.ଗ୍ରାମ ଭିଟାମିନ୍–'ସି', ପାଉଥିବା ବେଳେ ଏକ କପ୍ କମଳା ରସରୁ ୧୨୪ ମି.ଲି.ଗ୍ରାମ, ଏକ କପ୍ ଅଙ୍ଗୁର ରସରୁ ୫୨ ମି.ଲି.ଗ୍ରାମ୍, ଗୋଟିଏ ଛୋଟ ଲେମ୍ବୁରୁ ୩୧ ମି.ଲି.ଗ୍ରାମ୍, ଗୋଟିଏ କପ୍ ଟମାଟୋ ରସରୁ ୩୯ ମି.ଲି.ଗ୍ରାମ୍ ଭିଟାମିନ୍–'ସି', ପାଇ ଥାଉ । ଭିଟାମିନ୍–'ସି', ଶରୀରେ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ କୋଷଗୁଡ଼ିକୁ ବାନ୍ଧି ରଖିବା, ଶରୀରର ବୃଦ୍ଧି ତଥା ତନ୍ତୁଗୁଡ଼ିକୁ ସଂଯୁକ୍ତ କରି ରଖିବା, ରକ୍ତ ସଞ୍ଚାଳନ, ହାଡ଼, ଦାନ୍ତର ବୃଦ୍ଧି ଓ ଶରୀରର ରକ୍ଷଣାବେକ୍ଷଣରେ ସାହାଯ୍ୟ କରିଥାଏ । ଲେମ୍ବୁରୁ ମିଳୁଥିବା କଲେଜେନ୍ ନାମକ ଏକ ପଦାର୍ଥ ଅଭାବରେ ଶରୀରରେ ରକ୍ତ ହୀନତା, ରକ୍ତସ୍ରାବ, ଦାନ୍ତ ପଡ଼ିଯିବା ଇତ୍ୟାଦି ରୋଗ ଦେଖାଯାଏ । ତେଣୁ ଭିଟାମିନ୍–'ସି', ହିଁ ଶରୀର ପାଇଁ ଏକ ଆବଶ୍ୟକୀୟ ପଦାର୍ଥ, ଯାହା ମୁଖ୍ୟତଃ ଲେମ୍ବୁରୁ ବହୁ ପରିମାଣରେ ମିଳିଥାଏ ।

ଲେମ୍ବୁର ସଂସ୍କୃତ ନାମ ନିମ୍ବକ, ନିମ୍ବ, ନିମ୍ବାକ, ଜମ୍ବୁମାଳକ, ଲିକୁଚ, ଦେଶୀଫଳ ଓ ଭୂଣାଇ ଶସ୍ୟକ ଇତ୍ୟାଦି । ଏହା ଉଷ୍ଣ ବୀର୍ଯ୍ୟ ଲଘୁ ଅମ୍ଳରସ ଯୁକ୍ତ, ରୁଚି ବର୍ଦ୍ଧକ, ଜଠରାଗ୍ନିବର୍ଦ୍ଧକ, ପାଚକ । ଏହା କ୍ରିମି, ଗୁଳ୍ମ, ବିସୂଚୀକା ବା ହଇଜା ରୋଗକୁ ବିନାଶ କରେ ଏବଂ ବିଷ, ବାତ ରୋଗ ଓ କଫ ଶାନ୍ତ କରିଥାଏ ।

ହଇଜା ରୋଗ ଜୀବାଣୁକୁ ମାରିବାକୁ ଲେମ୍ବୁର ଏକ ଅଦ୍ଭୁତ ଶକ୍ତି ରହିଛି । ଏପରି ଶକ୍ତି ଆଉ କୌଣସି ଫଳରେ ନାହିଁ । ଗରମ ପାଣି ଥଣ୍ଡା କରି ଲେମ୍ବୁରସ ମିଶାଇ କାଚ ଗ୍ଲାସରେ ହଇଜା ରୋଗୀକୁ ଥରକୁ ଥର ପିଆଇବା ଦରକାର । ହଇଜା ସମୟରେ ଯେଉଁ ବ୍ୟକ୍ତି ପାଣିରେ ଲେମ୍ବୁ ଚିପୁଡ଼ି ପିଇବେ ତାହାଙ୍କର ହଇଜା ଆକ୍ରମଣ ଭୟ ରହେନାହିଁ । ହଇଜା ସମୟରେ ଲୋକେ ଲେମ୍ବୁ ପିଆଜ, ପୁରୁଣା ତେନ୍ତୁଳି ଓ ପୋଦିନା ପତ୍ର ମଧ୍ୟ ଖାଇବା ଦରକାର । ଏକ ଗ୍ଲାସ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ି ପିଇଲେ ଶରୀରର ବିଷ ହରଣ ହୋଇଥାଏ । ଅତ୍ୟଧିକ ବିଷ ଥିଲେ ଅଧିକ ଲେମ୍ବୁ ପାଣି ପିଇବା ଦରକାର । ପ୍ରତିଦିନ ଲେମ୍ବୁ ଖାଇଲେ ଚକ୍ଷୁରୋଗ ହୁଏ ନାହିଁ ।

ଲେମ୍ବୁ ରସରେ ୪ ଗୁଣ ପାଣି ମିଶାଇ ଦିନକୁ ଚାରିଥର ପିଇଲେ ତରଳ ଝାଡ଼ା ଭଲ ହୁଏ । ଏହା କ୍ଷୁଧା ବର୍ଦ୍ଧକ, ଜୀର୍ଣ୍ଣକାରକ, ମୁଣ୍ଡରେ ରୁପି ହେଲେ ଲେମ୍ବୁ ରସରେ ଗରମ ପାଣି ମିଶାଇ ମୁଣ୍ଡରେ ଘଷିଲେ ଆଉ ରୁପି ହୁଏ ନାହିଁ । ଦାନ୍ତ ନିର୍ମଳ ରଖିବାକୁ ଦାନ୍ତରେ ଲେମ୍ବୁରସ ଘଷିବା ଦରକାର । ଏହା ମଧ୍ୟ ହୃତ୍‌ପିଣ୍ଡ ଶକ୍ତି ବର୍ଦ୍ଧକ, ଶିରା ପ୍ରଶିରାକୁ ଶକ୍ତ କରିଥାଏ । ଘିମିରି ଉପରେ ଲେମ୍ବୁ ଚୋପାର ଭିତର ଅଂଶକୁ ଘଷିଲେ ଏହା ଭଲ ହୁଏ । ଲେମ୍ବୁରସ ପିଇଲେ ପରିସ୍ରା ବନ୍ଦ ହୋଇଥିବା ରୋଗୀର ପରିସ୍ରା ହୁଏ । ଲେମ୍ବୁ ଖାଉଥିବା ବ୍ୟକ୍ତିକୁ ମ୍ୟାଲେରିଆ ହୁଏ ନାହିଁ । କାମଳ ରୋଗ କରୁଥିବା ରୋଗୀର ପ୍ରତ୍ୟେକ ଲେମ୍ବୁ, କମଳା, ପଇଡ଼ ...

ଯୋଗ ବେଶି ଆବଶ୍ୟକ ହୁଏ । ସକାଳୁ ଉଠି ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ପିଇଲେ ଝାଡ଼ା ପରିଷ୍କାର ହୋଇଥାଏ । ଗୋଟିଏ ପାଚିଲା ଲେମ୍ବୁକୁ ଶିଳରେ ବାଟି ପିଇଲେ ନାଳରକ୍ତ ଝାଡ଼ା ବନ୍ଦ ହୁଏ । ଲେମ୍ବୁରସ ସହ ଗ୍ଲିସେରିନ୍ ମିଶାଇ ମୁହଁରେ ଘଷିଲେ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ । ଆଖିରେ ଆଲୁଅ ହେଲେ କର୍ଦ୍ଦଳ ଗୋଲେଇ ପରି ଲେମ୍ବୁରସ ପତାରେ ଲଗାଇଲେ ଆଲୁଅ ବନ୍ଦ ହୁଏ । ଲେମ୍ବୁରସ ସହ ଚମ୍ପଣ ରସ ମିଶାଇ ମୁଣ୍ଡରେ ଲଗାଇଲେ ରୁଷି ନହିଯାଏ ।

ଲେମ୍ବୁର ଗୁଣ ଅନେକ । ତେଣୁ ପ୍ରତିଦିନ ଲେମ୍ବୁ ବ୍ୟବହାର କରି, ବହୁ ମାରାତ୍ମକ ରୋଗକୁ ପ୍ରତିହତ କରିବା ଆମର ଦାୟିତ୍ୱ ।

ମୁଖ୍ୟ ଚିକିତ୍ସକ, ଓଡ଼ିଶା ଆୟୁର୍ବେଦ ସେବା ସଦନ,
ଓ: ଏମ୍: ପି: ମାର୍କେଟ୍ କମ୍ପ୍ଲେକ୍ସ, କଟକ-୩ ।



ନାଇଜେରିଆର ହାଇକମିଶନର୍ ଶ୍ରୀ ଇ: ଓଲା ଆଡିଫେମିଣ୍ଡା, ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ବିଧାନ ସଭା ପ୍ରକୋଷ୍ଠରେ ଭେଟୁଛନ୍ତି ।

# ୨୬୦୦ ବର୍ଷର ଭୁବନେଶ୍ୱର

* ଡ଼ଃ ଜଗନ୍ନାଥ ପଟ୍ଟନାୟକ

ଲିଙ୍ଗକୋଟି ସମାବୃତ୍ତ ଭୁବନେଶ୍ୱର ଏକ ଗୌରବ ଗରିମାମୟ ଐତିହ୍ୟର ସ୍ୱାକ୍ଷର ବହନ କରି ଯୁଗେ ଯୁଗେ ଓଡ଼ିଶା ତଥା ଭାରତ ଇତିହାସକୁ ମଣ୍ଡନ କରି ଆସିଛି । ସମଗ୍ର ଭାରତବର୍ଷରେ ଏହା ହେଉଛି ଏକମାତ୍ର ଧର୍ମପୀଠ, ଯାହା ବହୁ ଉତ୍ଥାନ ପତନ ମଧ୍ୟରେ ଗତି କରି ମୁକ୍ତ ଇତିହାସରେ ସେହି ଦୁର୍ନିବାର ସ୍ରୋତରେ ଲୀନ ନହୋଇ ଏକାଦିକ୍ରମେ ଦୀର୍ଘ ୨୬୦୦ ବର୍ଷ ଧରି ଓଡ଼ିଶା ଜାତିର ବିଜୟ ବୈଜୟନ୍ତୀ ଉଡ଼ାଉଛି । ଏହା ମଧ୍ୟ, ଏକମାତ୍ର ଐତିହାସିକ ପୀଠଭୂମି, ଯାହାକି ଏକାଧାରରେ ବହୁ ନରପତି ଓ ରାଜବଂଶର ଲୀଳାଭୂମି ରୂପେ ମୁଖରିତ ହେବା ସଙ୍ଗେ ସଙ୍ଗେ ସଂଖ୍ୟାତୀତ ସୂକ୍ଷ୍ମ ଓ ମନୋରମ କାରୁକାର୍ଯ୍ୟ ସୁଶୋଭିତ ମନ୍ଦିର ଓ ଅନ୍ୟାନ୍ୟ କୀର୍ତ୍ତି ସ୍ତମ୍ଭରେ ବିମଣ୍ଡିତ । ଅବଶ୍ୟ ପାଟଳୀପୁତ୍ର (ପାଟନା) ଓ ବାରାଣସୀ (ବନାରସ) ଆଦି ସ୍ଥାନର ଐତିହ୍ୟ ଗୌରବମୟ । ମାତ୍ର, ଭୁବନେଶ୍ୱର ପରି ସେଠାରେ ପର୍ଯ୍ୟାପ୍ତ ପରିମାଣର ମନ୍ଦିର ସମେତ ଅନ୍ୟାନ୍ୟ ପ୍ରାଚୀନ କୀର୍ତ୍ତିସ୍ତମ୍ଭ ଦେଖିବାକୁ ମିଳେ ନାହିଁ । ସେହିପରି ମହାବଳୀପୁରମ୍ ଓ ଖଜୁରାହୋରେ ବହୁ ଚିତାକର୍ଷକ ଓ କାରୁକାର୍ଯ୍ୟ ଖଚିତ କୀର୍ତ୍ତିସ୍ତମ୍ଭ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ଭୁବନେଶ୍ୱର ପରି ଉକ୍ତ ସ୍ଥାନଗୁଡ଼ିକର ରାଜନୈତିକ ଐତିହ୍ୟ ଏତେ ବ୍ୟାପକ ଓ ସୁଦୂର ପ୍ରସାରୀ ହୋଇଥିବାର ଜଣାଯାଏ ନାହିଁ । ଏହା ହେଉଛି ଭୁବନେଶ୍ୱର ନଗରୀର ବୈଶିଷ୍ଟ୍ୟ ଓ ମହନୀୟତା । ଏହି ଦୃଷ୍ଟିରୁ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଏପରି ଏକ ଐତିହାସିକ ନଗରୀର ୨୬୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର କିପରି ୨୬୦୦ ବର୍ଷର ପୁରାତନ ତା' ଉପରେ କିଞ୍ଚିତ ଆଲୋକପାତ କରିବା ବିଧେୟ । ଅବଶ୍ୟ ତା'ର ସବିଶେଷ ପର୍ଯ୍ୟାଲୋଚନା ପ୍ରବନ୍ଧର ସୀମିତ କଳେବର ମଧ୍ୟରେ ହେବା ସମ୍ଭବପର ନହେବାରୁ ସେ ସବୁର ସଂକ୍ଷିପ୍ତ ସୂଚନା ମାତ୍ର ଦିଆଯାଇଛି ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାବୀର ଜୀନଙ୍କର ଭୁବନେଶ୍ୱର ଆଗମନଠାରୁ ଗଣନା କଲେ ଭୁବନେଶ୍ୱର ନଗରୀ ୨୬୦୦ ବର୍ଷର ପୁରାତନ ବୋଲି ବୁଝାଯାଇପାରେ । ଅବଶ୍ୟ ତା' ପୂର୍ବରୁ ଯେ ଭୁବନେଶ୍ୱରରେ ଜନବସତି ନଥିଲା ତାହା ନୁହେଁ, କାରଣ ପ୍ରାକ୍ ଐତିହାସିକ ଯୁଗର ହାତ ହତିଆର ଭୁବନେଶ୍ୱର ଓ ଶିଶୁପାଳଗଡ଼ରେ ମିଳିଥିବା ବିଷୟ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡଃ ଗୋପାଳ ଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି । ଏପରିକି ମହାଭାରତ ଯୁଗରେ ଭୁବନେଶ୍ୱରର ଅବସ୍ଥିତି ସମ୍ବନ୍ଧରେ ଉକ୍ତ ମହାକାବ୍ୟର ପୃଷ୍ଠାରୁ ସୂଚନା ମିଳିଥାଏ । ମହାଭାରତର ବନ ପର୍ବରେ ଲୋମଶ ଋଷି ହାତ ଦେଖାଇ କହୁଛନ୍ତି, 'ଏହା ହେଉଛି କଳିଙ୍ଗବାସୀଙ୍କର ଦେଶ । ଯେଉଁଠାରେ ବୈତରଣୀ ନଦୀ ପ୍ରବାହିତା' । ମହାଭାରତ ଯୁଦ୍ଧରେ କଳିଙ୍ଗର ରାଜା ଦୁର୍ଯ୍ୟୋଧନଙ୍କର ପକ୍ଷ ସମର୍ଥନ କରିଥିବାର ସୂଚନା ମିଳିଥାଏ । ଏହି କଳିଙ୍ଗରେ ଯେ ଭୁବନେଶ୍ୱର ଅନ୍ତର୍ଭୁକ୍ତ ଥିଲା, ତାହା ଧଉଳିରେ ଉତ୍କୀର୍ଣ୍ଣ ଅଶୋକଙ୍କର ସ୍ୱତନ୍ତ୍ର ଅନୁଶାସନ ବା କଳିଙ୍ଗ ଅନୁଶାସନରୁ ଜଣାଯାଏ । ଏପରି କି ଶିଶୁପାଳ ଗଡ଼ରୁ ମିଳିଥିବା ମାଟିପାତ୍ର ପରୀକ୍ଷା କରି ଏବେ କେତେକ ଗବେଷକ କହୁଛନ୍ତି ଯେ, ଏହା ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର ବହୁ ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା, ମାତ୍ର ଐତିହାସିକ ଦୃଷ୍ଟିକୋଣରୁ ଏ ସବୁର ସଠିକ୍ ନିର୍ଣ୍ଣୟ ଅଦ୍ୟାବଧି ରହସ୍ୟାବୃତ୍ତ ହୋଇ ରହିଥିବାର ମନେହୁଏ ।

ଭୁବନେଶ୍ୱର ଐତିହ୍ୟ ବିଷୟରେ ବର୍ଣ୍ଣନା ଆମେ କେତୋଟି ଜୈନ୍ୟ ଗ୍ରନ୍ଥରେ ଦେଖିବାକୁ ପାଉ । ତନ୍ମଧ୍ୟରୁ ଜୈନ୍ୟ ଶାସ୍ତ୍ର, ହରିବଂଶ ପୁରାଣ, ହରିଭଦ୍ରୀୟ ବୃତ୍ତି ଆବଶ୍ୟକ ସୂତ୍ର ଗ୍ରନ୍ଥର ନାମ ଉଲ୍ଲେଖଯୋଗ୍ୟ । ଏହି ଗ୍ରନ୍ଥ ଅନୁଯାୟୀ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାବୀର ଜୀନ କଳିଙ୍ଗ ଆଗମନ କରି କୁମାରୀ ପର୍ବତ (ଅଧୁନା ଭୁବନେଶ୍ୱରର ପଶ୍ଚିମରେ ଅବସ୍ଥିତ ଉଦୟଗିରି) ଉପରେ ଧର୍ମବାଣୀ ପ୍ରଦାନ କରିଥିଲେ । ସେଥିରେ ମଧ୍ୟ ଉଲ୍ଲେଖ ଅଛି ଯେ, କଳିଙ୍ଗର ରାଜା ଓ ମହାବୀରଙ୍କ ପିତାଙ୍କ ମଧ୍ୟରେ ସୁସମ୍ପର୍କ ଥିଲା ହେତୁ, ରାଜାଙ୍କ ନିମନ୍ତ୍ରଣକ୍ରମେ ମହାବୀର କଳିଙ୍ଗକୁ ଆଗମନ କରି ପାରିଥାଆନ୍ତି । ଏ ସମ୍ପର୍କରେ ଅନ୍ୟ ଏକ କାରଣ ମଧ୍ୟ ଚିନ୍ତା କରାଯାଇପାରେ । ସମ୍ଭବତଃ, ସେତେବେଳେ ଜୈନ୍ୟ ଧର୍ମ କଳିଙ୍ଗରେ ବେଶ୍ ଜନପ୍ରିୟ ହୋଇପାରିଥିଲା । ତାହା ଗୋଟିଏ ଘଟଣାରୁ ଅନୁମାନ କରାଯାଇପାରେ । ସେତେବେଳେ ଜାତିର ସର୍ବୋଚ୍ଚ ଓ ସର୍ବ ପ୍ରଧାନ ଉପାସନାର ବସ୍ତୁ ଥିଲା ଜୀନାସନ । ଏହା ସହିତ ଓଡ଼ିଆ ଜାତିର ଓ ମର୍ଯ୍ୟାଦା ନିହିତ ଥିଲା ସେଥିପାଇଁ ମଗଧର ନନ୍ଦ ରାଜା କଳିଙ୍ଗ ଜୟ କରିବା ପରେ ବିଜୟର ପ୍ରତୀକ ରୂପେ ସେହି ଜୀନାସନ କୁନିଜ ରାଜ୍ୟ ମଗଧକୁ ନେଇ ଯାଇଥିଲେ । ଏହି ବିଷୟ ଭୁବନେଶ୍ୱରସ୍ଥିତ ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲେଖ ରହିଛି । ସେ ଯେଉଁ କାରଣ ହେଉ ନା କାହିଁକି, ମହାବୀର ଜୀନ ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭୁବନେଶ୍ୱରରେ ପଦାର୍ପଣ କରିଥିଲେ ଏହା ନିଃସନ୍ଦେହରେ ବୁଝାଯାଇପାରେ । ସେହିଠାରୁ ୧୯୯୩ ମସିହା ପର୍ଯ୍ୟନ୍ତ ଗଣନା

ଯେ ଭୁବନେଶ୍ୱର ଏବେ ଆନୁମାନିକ ୨୬୦୦ ବର୍ଷରେ ପଦାର୍ପଣ କରିଥିବାର ବିଶ୍ୱାସ କରାଯାଏ ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭୁବନେଶ୍ୱରର ଇତିହାସ 'ନନ୍ଦବଂଶ' ରାଜତ୍ୱରେ ମୁଖରିତ ହୋଇଥିବାର ଅନୁମାନ କରାଯାଏ । ମହାପଦ୍ମ ନନ୍ଦରାଜା କଳିଙ୍ଗ ଜୟ କରି ନିଜ ରାଜ୍ୟରେ ଅନ୍ତର୍ଭୁକ୍ତ କରିଥିଲେ ବୋଲି କେତେକ ଐତିହାସିକ ବିଶ୍ୱାସ କରିଥାଆନ୍ତି । ହାତୀ ଗୁମ୍ଫା ଶିଳାଲେଖର ଦୁଇଟି ସ୍ଥାନରେ ନନ୍ଦରାଜା ଶିଳା ଉଲ୍ଲେଖ କରାଇଥିବାର ଦେଖାଯାଏ । ଗୋଟିଏ ହେଉଛି ନନ୍ଦରାଜାଙ୍କ ଦ୍ୱାରା କଳିଙ୍ଗରୁ ଜୀନାସନର ସ୍ଥାନାନ୍ତର ଓ ଅନ୍ୟଟି ହେଉଛି ଭୁବନେଶ୍ୱରରେ ଏକ କେନାଲ ଖନନ । ସେହି ନନ୍ଦରାଜାଙ୍କୁ ମହାପଦ୍ମାନନ୍ଦଙ୍କ ସହ ଚିହ୍ନିତ କରାଯାଇଥିଲେ ମଧ୍ୟ ଶ୍ରୀ ମାଧବ ବରୁଆ ତାଙ୍କୁ ଅଶୋକଙ୍କ ସହିତ ଚିହ୍ନିତ କରାଇଛନ୍ତି ।

ଭୁବନେଶ୍ୱର ମଧ୍ୟ ଅନ୍ୟ ଏକ କୀର୍ତ୍ତିର ସ୍ୱାକ୍ଷର ବହନ କରି ଏହାର ସାଂସ୍କୃତିକ ଦିଗବଳୟକୁ ଉଦ୍ଭାସିତ କରିଛି । ତାହା ହେଉଛି ଶିଶୁପାଳ ଗଡ଼ । ଅବଶ୍ୟ ଏହା ଏବେ କେବଳ ମାତ୍ର ସ୍ମୃତିର ଏକ ମୂକ ସାକ୍ଷୀ । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ନିକଟରେ ଦକ୍ଷିଣ ପୂର୍ବ ଦିଗକୁ ପୁରୀ ରାସ୍ତାରେ ପ୍ରାୟ ତିନି କିଲୋମିଟର ଗତି କରିବା ପରେ ବାମ ପଟେ ପ୍ରାୟ ଶହେ ଗଜ ଦୂରରେ ଗଙ୍ଗୁଆ ନଦୀ କୂଳରେ ପ୍ରାଚୀରର ଧ୍ୱଂସାବଶେଷ ଦେଖିବାକୁ ମିଳେ । ୧୯୪୮ ମସିହାରେ ଭାରତର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବି: ବି: ଲାଲ୍‌ଙ୍କ ଅଧ୍ୟକ୍ଷତାରେ ସେଠାରେ ଖନନ ଖୋଦନ କରାଯିବାରେ ଉଚ୍ଚକୋଟିର ନିର୍ମାଣ ଯୋଜନା ଥାଇ ଏକ ବର୍ଗାକାର ଗଡର ଧ୍ୱଂସାବଶେଷ ଦେଖିବାକୁ ମିଳିଥିଲା । ଏହା ଖ୍ରୀଷ୍ଟପୂର୍ବ ୩୦୦ରୁ ୩୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତିଷ୍ଠି ରହିଥିବାର ଜଣାଯାଏ । ଏହି ସମୟକୁ ବିଚାରକୁ ନେଲେ ଏହା ମୌର୍ଯ୍ୟବଂଶର ପ୍ରଖ୍ୟାତ ନରପତି ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱରେ ନିର୍ମିତ ହୋଇଥିବାର ଅନୁମାନ କରାଯାଇପାରେ । କାରଣ ସେ ଖ୍ରୀଷ୍ଟପୂର୍ବ ୩୨୨ରୁ ଖ୍ରୀଷ୍ଟପୂର୍ବ ୨୯୮ ପର୍ଯ୍ୟନ୍ତ ମୌର୍ଯ୍ୟ ସିଂହାସନ ଅଳଙ୍କୃତ କରିଥିଲେ । ମାତ୍ର, ଶିଶୁପାଳ ଗଡ଼ ସେତେବେଳେ ମୌର୍ଯ୍ୟ ଶାସନାଧୀନ ହୋଇନଥିଲା ।

ମୌର୍ଯ୍ୟବଂଶର ତୃତୀୟ ନରପତି ଅଶୋକଙ୍କ ରାଜତ୍ୱରେ ଭୁବନେଶ୍ୱରର ଇତିହାସ ଥିଲା ଭାରତବର୍ଷର ଇତିହାସରେ ଏକ ଘଟଣା ବହୁଳ ଅଧ୍ୟାୟ । ସେତେବେଳେ ବଙ୍ଗୋପସାଗର କୂଳେ ଉତ୍ତରରେ ମହାନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଏକ ସ୍ୱାଧୀନ କଳିଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ଏହାର ରାଜଧାନୀ ଥିଲା ତୋଷାଳୀ । ଏହାକୁ ଭୁବନେଶ୍ୱର ସହିତ ଚିହ୍ନିତ କରାଯାଇଥାଏ । କଳିଙ୍ଗ ସାମ୍ରାଜ୍ୟର ସ୍ୱାଧୀନତା ଅଶୋକଙ୍କର ଚକ୍ଷୁଶୂଳ ହୋଇଥିଲା । ସେତେବେଳେ କଳିଙ୍ଗ ମଧ୍ୟ ଜାଭା, ମାଳୟ, ସିଂହଳ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରି ବିପୁଳ ଧନସମ୍ପଦର ଅଧିକାରୀ ହୋଇ ପାରିଥିଲା । ଏତଦ୍ ବ୍ୟତୀତ ସମଗ୍ର ଭାରତବର୍ଷରେ ତତ୍କାଳୀନ କଳିଙ୍ଗ ସାମ୍ରାଜ୍ୟ ଏକ ଶକ୍ତିଶାଳୀ ଓ ପ୍ରରାକ୍ରମଶାଳୀ ରାଜ୍ୟ ଭାବରେ ମୁଣ୍ଡ ଟେକି ଉଠିଥିଲା । ଅଶୋକଙ୍କର ଶିଳାଲେଖରୁ ଜଣାଯାଏ, କଳିଙ୍ଗର ଅଧିବାସୀ ରଣ...ଓ ନିର୍ଭୀକ ଯୋଦ୍ଧା ଭାବରେ ନିଜକୁ ସୁପ୍ରତିଷ୍ଠିତ କରାଇ ପାରିଥିଲେ । ଏହି ସବୁ କାରଣରୁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ନିଜ ମାତୃଭୂମିର ସମ୍ମାନ ରକ୍ଷା କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ କଳିଙ୍ଗର ଅଧିବାସୀ ଅଶୋକଙ୍କର ବିଶାଳ ସୈନ୍ୟ ବାହିନୀର ପ୍ରତିରୋଧ କରିଥିଲେ । ତେଣୁ ଭୁବନେଶ୍ୱରର ଅନତିଦୂରରେ ଅବସ୍ଥିତ ଧଉଳି ନିକଟରେ ଏକ ରକ୍ତାକ୍ତ ଯୁଦ୍ଧ ସଙ୍ଗଠିତ ହୋଇଥିଲା । ଅଶୋକଙ୍କ ଅନୁଶାସନରୁ ଜଣାଯାଏ ଯେ, ସେଠାରେ ପ୍ରାୟ ଏକ ଲକ୍ଷ ଲୋକ ନିହତ, ଏକ ଲକ୍ଷ ପଚାଶ ହଜାର ଜଣ ବନ୍ଦୀ ଏବଂ ତାହାଠାରୁ ବହୁ ଅଧିକ ସଂଖ୍ୟକ ଲୋକ କ୍ଷତବିକ୍ଷତ ହୋଇଥିଲେ । କିନ୍ତୁ ନିର୍ଭୀକ କଳିଙ୍ଗ ଅଧିବାସୀଙ୍କର ପ୍ରବଳ ପ୍ରତିରୋଧ ସତ୍ତ୍ୱେ ଅଶୋକ ପରିଶେଷରେ ବିଜୟ ହୋଇଥିଲେ ।

ମାତ୍ର ଫଳାଫଳ ଦୃଷ୍ଟିରୁ ବିଚାର କଲେ, ଅଶୋକଙ୍କର ବିଜୟ ପ୍ରକୃତ ବିଜୟ ନଥିଲା । ଯୁଦ୍ଧ ପରେ ଧଉଳି ପାହାଡ଼ରେ ଖ୍ରୀଷ୍ଟପୂର୍ବ ୨୫୭ରେ ଅଶୋକ ଦୁଇଟି ଅନୁଶାସନ ଉତ୍କୀର୍ଣ୍ଣ କରି ପ୍ରଶାସନ ନିମନ୍ତେ ତୋଷାଳୀର ଶାସନ ପରିଚାଳନା କରୁଥିବା କୁମାରମାତ୍ୟ, ମହାମାତର ଓ ନଗର ବ୍ୟବହାରିକ ପ୍ରମୁଖ ରାଜକର୍ମଚାରୀଙ୍କୁ କଠୋର ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ନୂତନ ଭାବରେ ବିଜିତ କଳିଙ୍ଗ ଅସନ୍ତୁଷ୍ଟ ଏବଂ ଉଦ୍‌ବିଗ୍ନ ପ୍ରଜାମାନଙ୍କୁ ଗଭୀର ସାନ୍ତ୍ୱନା ଦେଇଥିଲେ । ଧଉଳିର ଅନତି ଦୂରରେ ଶିଶୁପାଳଗଡ଼ ଅବସ୍ଥାପିତ ହୋଇଥିବାରୁ ଏବଂ ତାହା ଏକ ସୁରକ୍ଷିତ ସ୍ଥାନ ହୋଇଥିବାରୁ ସେହିଠାରେ ଅଶୋକଙ୍କର ରାଜ କର୍ମଚାରୀ ବାସ କରୁଥିବାର ଅନୁମାନ କରାଯାଏ । ଅଶୋକଙ୍କ ପରେ ଓଡ଼ିଶାର ଇତିହାସ ରହସ୍ୟାବୃତ୍ତ । କଳିଙ୍ଗ ତା'ର ସ୍ୱାଧୀନତା କେବେ ଫେରି ପାଇଥିଲା ତାହା ମଧ୍ୟ ଜଣାଯାଏ ନାହିଁ ।

ତଥାପି ଅଶୋକଙ୍କ ପରେ ଇତିହାସରେ ଅନ୍ୟ ଏକ ଗୌରବମୟ ଅଧ୍ୟାୟ ଉଦ୍‌ଘାଟିତ ହୁଏ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର କଳିଙ୍ଗାଧିପତି ମହାମେଘବାହାନ ଐରି ଖାରବେଳଙ୍କ ରାଜତ୍ୱରେ । ସେ ଥିଲେ ଚେଦୀ ରାଜବଂଶର ତୃତୀୟ ବଂଶଧର । ଭୁବନେଶ୍ୱରରେ ଅବସ୍ଥିତ ଉଦୟଗିରି ଓ ଖଣ୍ଡଗିରିରେ କତିପୟ କୀର୍ତ୍ତିସ୍ତମ୍ଭ, ହାତୀ ଗୁମ୍ଫାରେ ଖୋଦିତ ଶିଳାଲିପି ସମେତ ଅନ୍ୟାନ୍ୟ ଗୁମ୍ଫା ଏହାର ମୂକସାକ୍ଷୀ ରୂପେ ଅଦ୍ୟାପି ସଗୌରବେ ଦଣ୍ଡାୟମାନ । ଧ୍ୱସ୍ତବିଧ୍ୱସ୍ତ ପ୍ରାଣଘାତୀ କରୁଣ ଦୃଶ୍ୟ ଓ ଏଥି ସହିତ ବୌଦ୍ଧ ଧର୍ମର ପ୍ରସାରଜନିତ ପଦକ୍ଷେପ ଜୈନ ନରପତି ଖାରବେଳଙ୍କୁ ମର୍ମାହତ କରିଥିବ ଏବଂ ସମ୍ଭବତଃ ସେଥିପାଇଁ ସେ ଧଉଳିଗିରିର ଅନତି ଦୂରରେ ସ୍ଥିତ ଖଣ୍ଡଗିରି ଓ ଉଦୟଗିରିକୁ ଜୈନ ଧର୍ମ ପ୍ରସାର ପାଇଁ ନିର୍ବାଚନ କରିଥିଲେ । ସେ ଯାହା ହେଉନା ଖାରବେଳଙ୍କର ରାଜଧାନୀ ଇତିହାସ ପ୍ରସିଦ୍ଧ କଳିଙ୍ଗ ନଗରୀ ଥିଲା ଏହି ଭୁବନେଶ୍ୱର । ବହୁ ସମ୍ଭାବ୍ୟ ଯୁକ୍ତି ଦର୍ଶାଇ ବି: ବି: ଲାଲ କଳିଙ୍ଗ ନଗରୀକୁ ଶିଶୁପାଳ ଗଡ଼ ସହିତ ଚିହ୍ନିତ କରାଇଛନ୍ତି ।

# ସୋନପୁର

* ଡଃ ଯଶୋବନ୍ତ ନାରାୟଣ ଧର

ନଦୀର ସଙ୍ଗମ ସ୍ଥଳରେ ରାଜଧାନୀ ସ୍ଥାପନ କରିବା ଥିଲା ଅତୀତର ଏକ ବିଧି । ଏହି ବିଧି ଅନୁସାରେ ଭାରତର ବହୁ ନଗରୀ ଓ ଦୁର୍ଗ ସ୍ଥାପିତ ହୋଇଥିବାର ଦେଖିବାକୁ ମିଳେ । ଏହାଦ୍ୱାରା ଦୁଇ ନଦୀର ପରିବେଷ୍ଟନୀରେ ନଗରୀଟି ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ଯାତାୟତ ଓ ସୁବିଧା ଯୋଗାଇ ଦେଉଥିଲା । ମଗଧର ରାଜଧାନୀ ପାଟଳିପୁତ୍ର ବା ଉତ୍କଳର ରାଜଧାନୀ କଟକକୁ ଏହିପରି ନଦୀର ତ୍ରିକୋଣଭୂମିରେ ଅବସ୍ଥିତ ନଗରୀ ଭାବରେ ଗ୍ରହଣ କରାଯାଇପାରେ । ସୋନପୁର ମଧ୍ୟ ସେହିପରି ଏକ ପ୍ରସିଦ୍ଧ ନଗରୀ ।

ତେଲ୍ ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ପ୍ରତିଷ୍ଠିତ ଏହି ନଗରୀ ଠିକ୍ କେଉଁ ସମୟରେ, କାହାଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ତାହା ଜଣାଯାଏ ନାହିଁ । ତେବେ 'ଅଗ୍ନି ପୁରାଣ'ରେ ଏହି ନଗରୀର ନାମ 'ସୁବର୍ଣ୍ଣପୁରୀ' ବୋଲି ଉଲ୍ଲିଖିତ ହୋଇଛି ।

ଯଥା: ଉତ୍କଳେଷୁ ବଶ ପୁଣ୍ୟା ପୁଣ୍ୟେ

ମାର୍ଜାର କେଶରୀ

ସୁବର୍ଣ୍ଣାଖ୍ୟା ପୁରୀ ପୁଣ୍ୟା ଚିତ୍ରୋତ୍ପଳା ନଦୀ ।

ଯେହେତୁ ଅଗ୍ନି ପୁରାଣର ରଚନାକାଳ ସପ୍ତମ ଶତାବ୍ଦୀ ବୋଲି କୁହାଯାଏ (ଡଃ ବରେନ୍ଦ୍ର ଶତପଥୀଙ୍କ ସଂସ୍କୃତ ସାହିତ୍ୟର ଇତିହାସ ପୃଷ୍ଠା ୨୦୦) ତେଣୁ ସେତେବେଳକୁ ଏହା ପ୍ରସିଦ୍ଧ ଲାଭ କରିସାରିଥିଲା ବୋଲି ଅନୁମିତ ହୁଏ ।

ସୋନପୁର ଇତିହାସ ପୁସ୍ତକରେ ଶ୍ରୀ ସଦାନନ୍ଦ ଅଗ୍ରୱାଲ ଏହି ଅଞ୍ଚଳର ଇତିହାସ ସମ୍ପର୍କରେ ବହୁକଥା ବର୍ଣ୍ଣନା କରିଛନ୍ତି ।

ପ୍ରାଚୀନ କାଳରେ ତେଲ୍ ନଦୀ ତେଲବାହ ନଦୀ ନାମରେ ପରିଚିତ ଥିଲା ଏବଂ ସୋନପୁର, କଳିଙ୍ଗ ତଥା ତିତିଲାଗଡ଼ ପ୍ରଭୃତି ଆଧୁନିକ ନାମରେ ପରିଚିତ ଜନବସତି ସମୁଦ୍ର ବାଣିଜ୍ୟ ବ୍ୟବସାୟ ଦ୍ୱାରା ଉତ୍ତର-ଭାରତ ଓ ମଗଧ ଆଦି ଦେଶ ସହିତ ସଂଯୁକ୍ତ ଥିଲା ବୋଲି ତେଲ୍‌ବାହର ଗବେଷକମାନେ କହନ୍ତି ।

କୋଶଳର ରାଜା ଷଷ୍ଠ ଶତାବ୍ଦୀରେ 'ସୁବର୍ଣ୍ଣ ନଦୀ' ନାମକ ସ୍ଥାନରୁ ଉତ୍ତୋଳିତ ଜୋତିଷ ବ୍ରାହ୍ମଣ ହରିସ୍ୱାମୀ ଓ ଚନ୍ଦ୍ରସ୍ୱାମୀଙ୍କୁ କଟପଲ୍ଲିକା ଗ୍ରାମଦାନ ଘୋଷଣା କରିଥିବା ଏକ ତାମ୍ରଲେଖରୁ ଜଣାଯାଏ । ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଏହି 'ସୁବର୍ଣ୍ଣ ନଦୀ' ହେଉଛି ଆଧୁନିକ 'ସୋନପୁର' । ଭାରତ ସେହିପରି ନଦୀର ନାମକୁ ସ୍ଥାନମାନ ଭାବେ ବ୍ୟବହାର କରି ଯଯାତି ପ୍ରଥମ ତାମ୍ରଶାସନ ଉତ୍କୀର୍ଣ୍ଣ କରାଇଥିଲେ, ସେଥିରେ ଲେଖାଥିଲା :

"ଖଣ୍ଡର ବତ୍ୟାଂ ତେଲାଟେ ବିଷୟୀୟ ଲୁତୁରୁମା ଗ୍ରାମେ"

ବଜ୍ରଯାନ ସାଧକ ଇନ୍ଦ୍ରଭୂତି ଓ ଲକ୍ଷ୍ମୀଙ୍କରାଙ୍କର ସାଧନା ପୀଠ ରୂପେ ମଧ୍ୟ ଏକଦା ସୋନପୁର ଖ୍ୟାତି ଅର୍ଜନ କରିଥିଲା । ସୋନପୁର ନିକଟସ୍ଥ କୋଟ ସମଲାଇ ପାହାଡ଼ର ଏକ ଗୁମ୍ଫାରେ ଶ୍ରୀ ଜଗନ୍ନାଥଙ୍କ ପୂଜା ପ୍ରଚଳିତ ଥିଲାବୋଲି ମଧ୍ୟ ଡଃ ନବୀନ କୁମାର ସାହୁ ଲେଖିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପରବର୍ତ୍ତୀ ସମୟରେ ସୋନପୁରଠାରେ 'ପାତାଳି' ହୋଇଥିବା ଜଗନ୍ନାଥଙ୍କୁ ଯଯାତି କେଶରୀଙ୍କ ୧୮ ଅଙ୍କରେ ଉଦ୍ଧାର କରାଯାଇ ପୁରୀର ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ସୋମବଂଶ ଶାସନ କାଳରେ ବିନୀତପୁର (କଳିଙ୍ଗ) ପରେ 'ଯଯାତି ନଗର' ନାମକ ସ୍ଥାନରେ କିଛି କାଳପାଇଁ ରାଜଧାନୀ ସ୍ଥାପିତ ହୋଇଥିଲା । ଏହି ଯଯାତି ନଗର ମହାନଦୀ କୂଳରେ ଅବସ୍ଥିତ ଥିଲା ଏବଂ ବୈତରଣୀ ନଦୀ କୂଳସ୍ଥ 'ଅଭିନବ ଯଯାତି ନଗର' (ଆଧୁନିକ ଯାଜପୁର) ଠାରୁ ଭିନ୍ନ ଏବଂ ପୂର୍ବବର୍ତ୍ତୀ ବୋଲି କୁହାଯାଏ । କେତେକଙ୍କ ମତରେ ସେହି ଯଯାତି ନଗର ହିଁ ଆଧୁନିକ ସୋନପୁର । ମାତ୍ର ଖୁବ୍ ସମ୍ଭବ ଏହା ଚଉଦ୍ୱାରର ପ୍ରାଚୀନ ନାମ (ଏହି ଚଉଦ୍ୱାରକୁ ଯାଜପୁର ନାମରେ ମଧ୍ୟ ଅଭିହିତ କରାଯାଉଥିଲା) ।


କେତେକ ଐତିହାସିକ ସୋନପୁରକୁ ରାମାୟଣ ବର୍ଣ୍ଣିତ ସୁବର୍ଣ୍ଣଲଙ୍କା ବୋଲି ମଧ୍ୟ ପ୍ରମାଣ କରିବାର ଚେଷ୍ଟା କରିଛନ୍ତି । ସୋନପୁର ଅଧିଷ୍ଠାତ୍ରୀ 'ଲଙ୍କେଶ୍ୱରୀ ଦେବୀ ଓ ନିକଟସ୍ଥ ପଶ୍ଚିମଲଙ୍କା' ନାମକୁ ନେଇ ଏହି ମତବାଦ ସପକ୍ଷରେ ଯୁକ୍ତି କରାଯାଇଥାଏ । ସୋନପୁରର ରାଜବଧୂ ଲକ୍ଷ୍ମୀଙ୍କରାଙ୍କୁ ବୌଦ୍ଧତନ୍ତ୍ର ଶାସ୍ତ୍ରରେ ଉଡ୍ଡୀୟାନର ଲଙ୍କାର କୁଳବଧୂ ବୋଲି ମଧ୍ୟ କୁହାଯାଇଛି । ସେହିପରି ସୋମବଂଶୀ ଶାସକ କୁମାର ସୋମେଶ୍ୱର ଦେବ ଓ ତେଲୁଗୁ ଚୋଡ଼ ବଂଶୀୟ ଏକ ତାମ୍ର ଶାସନରେ ଦ୍ୱାଦଶ ଶତାବ୍ଦୀରେ ସୋନପୁରକୁ 'ପଶ୍ଚିମ ଲଙ୍କା' ନାମରେ ଉଲ୍ଲେଖ କରାଯାଇଥିବାର ଦେଖିବାକୁ ମିଳେ । ତେବେ ଏଠାରେ ପ୍ରତିଷ୍ଠିତ ଲଙ୍କେଶ୍ୱରୀ ଦେବୀ ବୌଦ୍ଧତନ୍ତ୍ରର ଦେବୀ ବୋଲି ପ୍ରାଚୀନ ଶାସ୍ତ୍ରରେ ଉଲ୍ଲିଖିତ । ପୁଣି ଜଳଭାଗ ବେଷ୍ଟିତ ବର୍ତ୍ତମାନ ଓଡ଼ିଶାରେ 'ଲଙ୍କା' ନାମରେ ନାମିତ

ହେଉଥିବାରୁ ଏହି ସ୍ଥାନକୁ ପୁରାଣ ଯୁଗର ଲଙ୍କାବୋଲି କହିବାରେ ଯଥାର୍ଥତା ନାହିଁ ।

ସୋନପୁର ଅଞ୍ଚଳ 'ସ୍ତମ୍ଭେଶ୍ୱରୀ' ଆରାଧାନା କ୍ଷେତ୍ର ରୂପେ ମଧ୍ୟ ପ୍ରସିଦ୍ଧ । ଅତି ପ୍ରାଚୀନ କାଳରୁ ଏହି ଦେବୀ ଓଡ଼ିଶାରେ ପ୍ରାକ୍-ଆର୍ଯ୍ୟ ଜନସାଧାରଣଙ୍କ ଦ୍ୱାରା ପୂଜିତା ହୋଇ ଆସୁଛନ୍ତି । ଏହି ସବୁ ତଥ୍ୟକୁ ବିଶ୍ଳେଷଣ କଲେ 'ସୋନପୁର' ଅତି ପ୍ରାଚୀନ କାଳରୁ ନିଷାଦ ଆଦି ପ୍ରାକ୍-ଆର୍ଯ୍ୟ ଜନଜାତିଙ୍କର ଏକ କେନ୍ଦ୍ରସ୍ଥଳ ରୂପେ ବାଣିଜ୍ୟ-ଆଧ୍ୟାତ୍ମିକ-ପ୍ରଶାସନିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବାର ଜଣାଯାଇଥାଏ । କାଳକ୍ରମେ ବ୍ରାହ୍ମଣ ବସତିରେ ଏହି ସ୍ଥାନ ପରିବର୍ତ୍ତିତ ହୋଇଛି ଏବଂ ରାଜାମାନଙ୍କ ସଂସ୍କୃତ-ପ୍ରାକୃତ ଅଭିଲେଖରେ ଏହା ସୁବର୍ଣ୍ଣପୁର ନାମରେ ନାମିତ ହୋଇଛି । ଏହି ନାମକୁ ନେଇ ମଧ୍ୟ ଏଠାରେ ଶୈବପୀଠ ପ୍ରତିଷ୍ଠିତ ହୋଇଛି ।

ବୌଦ୍ଧଧର୍ମର ବଜ୍ରଯାନ ଓ ସହଜଯାନ ସାଧନାର ଏକ ପ୍ରସିଦ୍ଧ କେନ୍ଦ୍ର ଭାବରେ ସୋନପୁର ପରିଚିତ ଥିଲା । ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ 'ଦାରିକପା ଓ ମତ୍ସ୍ୟେନ୍ଦ୍ରନାଥ ଆଦିଙ୍କ ସ୍ମୃତି ଏଠାରେ ସଂରକ୍ଷିତ ରହିଛି । ମହାନଦୀ ତୀରସ୍ଥ ଦାରୀପଥର ଓ ମତ୍ସ୍ୟେନ୍ଦ୍ରଘାଟ ସ୍ଥାନନାମ ଏହି ସିଦ୍ଧାଚାର୍ଯ୍ୟଙ୍କ ନାମ ସହିତ ସଂପୃକ୍ତ ।

ଗଡ଼ଜାତ ଶାସନ କାଳରେ 'ସୋନପୁର' ଏକ ଗୁରୁତ୍ୱପୂର୍ଣ୍ଣସ୍ଥାନ ଗ୍ରହଣ କରିଥିଲା । ସ୍ୱାଧୀନତାଲାଭ ପରେ ଏହି ସହରର ଜନସଂଖ୍ୟା ଓ ଗୁରୁତ୍ୱ ହ୍ରାସ ପାଇଥିଲେ ହେଁ ଅବସ୍ଥିତିଗତ ବୈଶିଷ୍ଟ୍ୟ ହେତୁ ଏହାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମନେହୁଏ ।



ଭୁବନେଶ୍ୱର ୟୁନିଟ୍-୧ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି ।

# ନୂତନ ଓଡ଼ିଶାର ଜନକ
# ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଗଜପତି ଦେବ

* ଡ଼ଃ ଦଣ୍ଡପାଣି ବେହେରା

ଆଗାମୀ ଏପ୍ରେଲ ୬ ତାରିଖର ଠିକ୍ ଶହେ ବର୍ଷ ତଳେ ପ୍ରସିଦ୍ଧ ପାରଳାଖେମୁଣ୍ଡି ରାଜ ପରିବାରରେ ସୁନାମଧନ୍ୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ ପ୍ରଖ୍ୟାତ ରାଜା ଗୌର ଚନ୍ଦ୍ର ଗଜପତି ଓ ମାତା ଥିଲେ ରାଣୀ ବିଷ୍ଣୁପ୍ରିୟା ଦେବୀ। କୃଷ୍ଣ ଚନ୍ଦ୍ରଙ୍କୁ ବାର ବର୍ଷ ବୟସ ବେଳେ ତାଙ୍କର ପିତାଙ୍କର ଅକାଳ ବିୟୋଗ ହେଲା। ତାଙ୍କର ନାବାଳକତ୍ୱ ଯୋଗୁଁ ରାଜ୍ୟକୁ କୋର୍ଟ ଅଫ୍ ୱାର୍ଡ଼ସ୍‌ର ଶାସନାଧୀନ ରଖାଗଲା। ପଣ୍ଡିତ ଆପନା ପଣ୍ଡା, ଶ୍ୟାମସୁନ୍ଦର ରାଜଗୁରୁ (ପଞ୍ଚମର ପ୍ରଥମ ସ୍ଥାନେ), ଇଂରେଜୀ ସାହେବ ଡବ୍ଲ୍ୟୁ.ଟ୍ୟାୟଲର୍, କେମେରନ୍ ମୋରିସନ୍ ଓ ଡେଲଟା ହେଙ୍କର ତତ୍ତ୍ୱାବଧାନରେ ରାଜପ୍ରାସାଦରେ କୃଷ୍ଣଚନ୍ଦ୍ରଙ୍କର ପ୍ରାଥମିକ ଶିକ୍ଷା ସମାପନ ହେଲା। ୧୯୦୫ରେ ଶିକ୍ଷକ ମୋରିସେନଙ୍କର ସ୍ମୃତିରକ୍ଷା ନିମନ୍ତେ "ମୋରିସେନ୍ ଏକ୍‌ସେନସନ୍" ନାମକ ଏକ ପ୍ରାସାଦ ନିର୍ମାଣ କଲେ। ତାଙ୍କର ଅନ୍ୟତମ ବ୍ରିଟିଶ୍ ଶିକ୍ଷକ କେଣ୍ଟିସର ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲେ। ପାରଳାଖେମୁଣ୍ଡି ମହାରାଜା ହାଇସ୍କୁଲ ଓ ମାନ୍ଦ୍ରାଜର ନିୟୁଗାଟନ୍ ପ୍ରବାସିକ କଲେଜରେ ଶିକ୍ଷା ସମାପନ କରି କୃଷ୍ଣଚନ୍ଦ୍ର ପିତାଙ୍କର ମୃତ୍ୟୁ ଅନ୍ତେ ୧୯୧୩ରେ ରାଜା ଭାବେ ପରିଚିତ ହୋଇ "ବୀର ଶ୍ରୀଶ୍ରୀ ଖେତପତି ଶ୍ରୀଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେଓ ମେହେରବାନୀ-ଇ-ଦୋସ୍ତାନୀ" ଉପାଧି ଧାରଣ ପୂର୍ବକ ରାଜ୍ୟ ଶାସନ ଦାୟିତ୍ୱ ଗ୍ରହଣ କଲେ। ଅଭିଷେକ ଅବସରରେ ସତ୍ୟବାଦୀ ବିଦ୍ୟାଳୟକୁ ସେ ପାଞ୍ଚଶହ ଟଙ୍କା ଦାନ ଦେଲେ, ପଣ୍ଡିତ ଗୋପବନ୍ଧୁ ତାହା ଗ୍ରହଣ କଲେ।

୧୯୧୭ରେ ସେ ମାନ୍ଦ୍ରାଜଠାରେ ଲର୍ଡ଼ ଚାଲମିକନ୍ ଓ ମୋଣ୍ଟେଗ୍ୟୁଙ୍କୁ ଓଡ଼ିଶା ପ୍ରଦେଶ ଗଠନ ସଂକ୍ରାନ୍ତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

୧୯୧୩ରେ କୃଷ୍ଣଚନ୍ଦ୍ର ଗଜପତିଙ୍କର ଆର୍ଥିକ ସହାୟତାରେ ଶଶିଭୂଷଣ ରଥଙ୍କର ସମ୍ପାଦକତ୍ୱରେ ବ୍ରହ୍ମପୁରଠାରେ "ଆଶା" ନାମକ ଏକ ଓଡ଼ିଆ ସାପ୍ତାହିକ ପ୍ରକାଶିତ ହେଲା। ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ନୀଳମଣି ବିଦ୍ୟାରତ୍ନ, ନରସିଂହ ଦାସ ଓ ଶ୍ରୀବତ୍ସ ପଣ୍ଡା ମଧ୍ୟ ଏଥିରେ କାର୍ଯ୍ୟ କଲେ।

୧୯୧୪, ଡିସେମ୍ବର ୨୬ ଓ ୨୭ରେ କୃଷ୍ଣଚନ୍ଦ୍ରଙ୍କର ତତ୍ତ୍ୱାବଧାନରେ ମଧୁସୂଦନ ଦାସଙ୍କର ଉତ୍କଳ ୟୁନିୟନ କନ୍‌ଫରେନ୍ସ (ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ) ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହେଲା। ପ୍ରାୟ ଦୁଇ ହଜାର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ସମ୍ମିଳନୀର ଆୟୋଜନ ଗଜପତି ରାଜା ଦଶ ହଜାର ଟଙ୍କା ବ୍ୟୟବରାଦ କଲେ। ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ଗୋଦାବରୀଶ ମିଶ୍ର, ଶଶିଭୂଷଣ ରାୟ, କୃଷ୍ଣ ଆଚାର୍ଯ୍ୟ, ଶ୍ରୀବତ୍ସ ପଣ୍ଡା, ବିଦ୍ୟାଭୂଷଣ ନୀଳମଣି ବିଦ୍ୟାରତ୍ନ ରାଧା କୃଷ୍ଣ ଦାସ, ଜଗବନ୍ଧୁ ସିଂହଙ୍କ ସମେତ ବହୁ ରାଜା ଓ ମହାରାଜା ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ଗଜପତି ସଭାପତିତ୍ୱ କଲେ। ମଧୁବାବୁ ଗଜପତି ରାଜାଙ୍କର ଆୟୋଜନରେ ପ୍ରୀତ ହୋଇ ସମଗ୍ର ଓଡ଼ିଆ ଭାଷାଭାଷୀ ଦେଶର ମଉଡ଼ମଣି ଭାବେ ଆଖ୍ୟା ଦେଲେ। ମଧୁବାବୁଙ୍କ ଉତ୍ସାହରେ ଅନୁପ୍ରାଣିତ ହୋଇ ମହାରାଜା ତତ୍‌ପରଠାରୁ ଦେଶ ମିଶ୍ରଣ ଆନ୍ଦୋଳନ କାର୍ଯ୍ୟରେ ବ୍ରତୀ ରହିଲେ।

୧୯୧୯ ଜାନୁଆରୀ ମାସରେ କୃଷ୍ଣଚନ୍ଦ୍ର ଗଜପତି ମୋଣ୍ଟାଗ୍ୟୁ-ଚେମସ୍-ଫୋର୍ଡ଼ କମିଟିକୁ ସାକ୍ଷାତ କରି ଓଡ଼ିଆମାନଙ୍କ ମାନ୍ଦ୍ରାଜ ପ୍ରଦେଶରେ ସ୍ୱତନ୍ତ୍ର ମତଦାନ ଦେବାର ସୁବିଧା ଦାବୀ କରି ସମସ୍ତ ଓଡ଼ିଆ ଭାଷା ଭାଷୀ ଲୋକଙ୍କୁ ଏକ ପ୍ରଦେଶାଧୀନ କଲେ। ଫଳରେ ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆମାନେ ମାନ୍ଦ୍ରାଜ ଆସେମ୍ବ୍ଲିକୁ ଦଶଜଣ ପ୍ରତିନିଧିଙ୍କୁ ନିର୍ବାଚନ କଲେ। କିନ୍ତୁ ଓଡ଼ିଆମାନଙ୍କୁ ଏକ ପ୍ରଦେଶାଧୀନ କରାଯିବାର ଦାବୀକୁ ମାନ୍ଦ୍ରାଜ ସରକାର ଘୋର ବିରୋଧ କଲେ।

୧୯୨୦ରେ ମଧୁବାବୁ ବିହାର ଓଡ଼ିଶା ପ୍ରଦେଶର ମନ୍ତ୍ରୀ ଥିବା ବେଳେ ବିହାର-ଓଡ଼ିଶା ପ୍ରାଦେଶିକ କାଉନ୍‌ସିଲ୍‌ରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ପ୍ରଦେଶାଧୀନ କରାଯିବା ସପକ୍ଷରେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଅତଏବ, ୧୯୨୪ରେ ଭାରତ ସରକାର ତତ୍କାଳୀନ ଓଡ଼ିଶାର ପଲିଟିକାଲ୍ ଏଜେଣ୍ଟ ସି. ଆର୍‌. ଫିଲିପ୍ ଓ ବିଶାଖାପାଟଣା ଜିଲ୍ଲାର କଲେକ୍ଟର ଏ. ସି. ଡାଫ୍‌ଙ୍କୁ ନେଇ ଫିଲିପ୍ ଡାଫ୍ ନାମକ ଏକ କମିଟି ଗଠନ କରାଯାଇ ଓଡ଼ିଆ ଭାଷା ଭାଷୀ ଅଞ୍ଚଳମାନଙ୍କୁ ଏକ ପ୍ରଦେଶ ମିଶ୍ରଣର ସମ୍ଭାବନାର ସମୀକ୍ଷା କାର୍ଯ୍ୟ ସେମାନଙ୍କ ଦ୍ୱାରା କରାଗଲା। ବିଶାଖାପାଟଣା ଓ ଗଞ୍ଜାମ ଜିଲ୍ଲାକୁ ଏହି କମିଟି ପରିଦର୍ଶନ କରି ପାରଳାଖେମୁଣ୍ଡିରେ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ସାକ୍ଷାତ କଲେ। ସେମାନଙ୍କୁ ପାରଳାଖେମୁଣ୍ଡିଠାରେ ଉଚ୍ଚକୋଟି ସମ୍ବର୍ଦ୍ଧନା ଜ୍ଞାପନ କରାଗଲା। ଗଜପତି ସେମାନଙ୍କୁ ମୋଣ୍ଟାଗ୍ୟୁ-ଚେମ୍‌ସ୍‌ଫୋର୍ଡ଼ କମିଟିର ସୁପାରିଶ ଅନୁସାରେ ଭାଷା ଭିତ୍ତିରେ ଓଡ଼ିଆ

ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ପ୍ରଦେଶରେ ସମ୍ମିଶ୍ରଣ କରାଯିବା ପ୍ରସ୍ତାବିତ କଲେ। ଜୟପୁର, ମଞ୍ଜୁଷା, ଟେକେଲି, ଜମିଦାର ରାଜାମାନେ ମଧ୍ୟ ଗଜପତିଙ୍କ ସହ ଏକମତ ହୋଇ କମିଟିଙ୍କଠାରେ ଏପରି ଦାବୀ କଲେ ଏହି ଭଳି ଯୁକ୍ତି ଓ ଦାବୀର ଯଥାର୍ଥତା ହୃଦୟଙ୍ଗମ କରି ଏହି କମିଟି ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆ ଭାଷା ଭାଷୀ ଅଞ୍ଚଳଗୁଡ଼ିକୁ ଓଡ଼ିଶା ସହ ମିଶ୍ରଣ କରାଯାଉ ବୋଲି ମତ ଦେଲେ। ଏହା ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ପ୍ରଦେଶାଧୀନ କରାଯିବା ଦିଗରେ ପ୍ରଥମ ସରକାରୀ ସୁପାରିଶ। ସରକାରୀ ସୁପାରିଶ୍ କମିଟିଙ୍କର ଆଗମନରେ କଟକଠାରେ ବିଜୟ ସମ୍ବର୍ଦ୍ଧନାର ଉତ୍ତରରେ ସି.ଏ.ଡାଫ କହିଲେ- "ଆମ କମିଟିଙ୍କର ସୁପାରିଶ ମୂଳରେ ପାରଳାଖେମୁଣ୍ଡିର [illegible] ଜମିଦାର ମହାରାଜାଙ୍କ ଦୃଷ୍ଟି କୋଣ ଓ ଆଂକାକ୍ଷା ପ୍ରତିଫଳିତ ଥିଲା। "ମହାରାଜାଙ୍କର ଗଞ୍ଜାମ ଜିଲ୍ଲାକୁ ଓଡ଼ିଶା ସହ ମିଶ୍ରଣ ଦାବୀକୁ ଫିଲପ୍-ଡାଫ କମିଟି ଗ୍ରହଣ କରି ମାନ୍ଦ୍ରାଜ ପ୍ରଦେଶରେ ଥିବା ଆଉ ସମସ୍ତ ଓଡ଼ିଆ ଅଞ୍ଚଳଗୁଡ଼ିକୁ ଓଡ଼ିଶା ସହ ମିଶ୍ରଣ ହୋଇଯିବା ସପକ୍ଷରେ କମିଟିଙ୍କର ରିପୋର୍ଟରେ ପ୍ରକାଶ କରି ଥିବା ହେତୁ ଓଡ଼ିଆ ଆନ୍ଦୋଳନରେ ନେତୃତ୍ୱ ମଧୁବାବୁଙ୍କଠାରୁ [illegible] ହୋଇ ଗଜପତିଙ୍କର କରାୟତ୍ତ ହେଲା। ସେବେଠାରୁ ଗଜପତିଙ୍କୁ ଓଡ଼ିଆ ଆନ୍ଦୋଳନର ଅପ୍ରତିଦ୍ୱନ୍ଦୀ ନେତା ଭାବେ ଗ୍ରହଣ କରାଗଲା। ଗଜପତିଙ୍କର ପ୍ରଭାବରେ ବିହାର-ଓଡ଼ିଶା ବିଧାନ ସଭା କାଉନସିଲରେ ଭାଷା ଭିତ୍ତିରେ ପ୍ରଦେଶ ଗଠନ ସମ୍ବଳିତ ପ୍ରସ୍ତାବକୁ ନୀଳକଣ୍ଠ ନାମ ପ୍ରସ୍ତାବ କରି ଗୃହୀତ କରାଇନେଲେ, ଏହାର ପରେ ପରେ ଓଡ଼ିଆ ଆନ୍ଦୋଳନ ପ୍ରତି ଭାରତ ସରକାର ସହାନୁଭୂତି ମୂଳକ ମନୋଭାବ ପୋଷଣ କଲେ। ଫିଲପ୍-ଡାଫ୍ କମିଟିଙ୍କର ସୁପାରିଶକୁ ଭାରତ ସରକାର ଉଚିତ ସମ୍ୟକ୍ ଦୃଷ୍ଟି ଦେଲେ। ଏହି ଦିଗରେ ଗଜପତିଙ୍କର ଅବଦାନ ଅତୁଳନୀୟ।

ଭାରତରେ ସାମ୍ବିଧାନିକ ସଂସ୍କାର ପ୍ରବର୍ତ୍ତନ ନିମନ୍ତେ ୧୯୨୮ ଫେବୃଆରୀ ମାସରେ ବ୍ରିଟିଶ୍ ପାର୍ଲାମେଣ୍ଟର ସାତଜଣ ସଭ୍ୟ ବିଶିଷ୍ଟ ସାଇମନ୍ କମିଶନ୍ ଭାରତ ପରିଦର୍ଶନ କଲେ। ଏହି କମିଶନର ଅଧିନାୟକ ଥିଲେ ସାର୍ ଜନ୍ ସାଇମନ୍। ଏଣୁ ଏହାକୁ ସାଇମନ୍ କମିଶନ୍ କୁହାଗଲା। ପାଟଣାଠାରେ ଓଡ଼ିଆ ଭାଷା ଭାଷୀ ଅଞ୍ଚଳମାନଙ୍କୁ ଏକ ପ୍ରଦେଶ ଦାବୀ କରି ମଧୁବାବୁ ଏକ ସ୍ମାରକ ପତ୍ର ପ୍ରଦାନ କଲେ। ଗଜପତି ସେହି ବର୍ଷ କମିଶନଙ୍କୁ ମାନ୍ଦ୍ରାଜଠାରେ ସେପରି ଦାବୀ ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କଲେ। ଏହି କମିଶନ୍ ସହ ସହଯୋଗ କରିବା ପାଇଁ ଓଡ଼ିଆମାନଙ୍କୁ ନିବେଦନ କରି କହିଥିଲେ, "ଆମେ ଏକ ଘଡ଼ିସନ୍ଧି [illegible] ଆମର ଏକ ଜାତି ଭାବେ ବଞ୍ଚିବା ମରିବା ସମସ୍ୟା ସହ ସମ୍ମୁଖୀନ ହେଉଛି। ଯଦି ଏକ ସ୍ୱତନ୍ତ୍ର ଜାତି ଭାବେ ଆମକୁ ବଞ୍ଚିବାକୁ ହେବ ତାହାହେଲେ କମିଶନଙ୍କ ସହ ଆମକୁ ସହଯୋଗ କରିବାକୁ ହେବ। ଏହାର ଆଉ ବିକଳ୍ପ ପନ୍ଥା ନାହିଁ। ଜାତୀୟ ସ୍ୱାର୍ଥ ରକ୍ଷା ନିମନ୍ତେ କମିଶନଙ୍କୁ ଆସନ୍ତୁ ସହଯୋଗ କରିବାକୁ।" ଗଜପତିଙ୍କର ପରାମର୍ଶରେ ଶଶିଭୂଷଣ ରଥ ବ୍ରହ୍ମପୁରର ମାନ୍ଦ୍ରାଜ ପ୍ରେସିଡେନ୍ସୀ ଓଡ଼ିଶା 'ଏସୋସିଏସନ୍'ରେ ଓଡ଼ିଶା ସହ ମିଶ୍ରଣ ଦାବୀ କରି କମିଶନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କଲେ। ବ୍ରଜସୁନ୍ଦର ଦାଶ ମଧ୍ୟ ତଦ୍ରୂପ ସ୍ମାରକ ପତ୍ର କମିଶନଙ୍କଠାରେ ପେସ୍ କଲେ। ଓଡ଼ିଆମାନଙ୍କର ଯଥାର୍ଥ ଦାବୀର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ନିମନ୍ତେ କମିଶନ ମେଜର ଅଟଲିଙ୍କର ଅଧିନାୟକତ୍ୱରେ ଏକ " ସବ୍‌କମିଟି" (ମେଜର ଅଟଲି କମିଟି) ଗଠନ କଲେ। ଏହିସବ୍ କମିଟି ତାଙ୍କର ରିପୋର୍ଟରେ ଉଲ୍ଲେଖ କଲେ-"ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ସମ୍ମିଶ୍ରଣ କରିବାର ଦାବୀ ହେଉଛି ଯଥାର୍ଥ।" ଓଡ଼ିଆ ଭାଷାଭାଷୀ ସମସ୍ତ ଜମିଦାରୀ ଓ ଗଡ଼ଜାତ ରାଜାମାନଙ୍କୁ ମଧ୍ୟ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସହ ମିଶ୍ରଣ କରାଯାଉ ବୋଲି ସବ୍ କମିଟି ମତ ଦେଲେ।

୧୯୩୦ରେ ଗଜପତି ମାନ୍ଦ୍ରାଜ ବିଧାନ ସଭାକୁ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ଭୋଟରେ ନିର୍ବାଚିତ ହୋଇ ଉକ୍ତ ସଭା ତଥା ମାଡ୍ରାସ ପ୍ରେସିଡେନ୍ସି ରାଜନୀତି ଓ ସଂସ୍କୃତି କ୍ଷେତ୍ରରେ ଅତ୍ୟନ୍ତ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।

୧୯୩୦ରେ ବିହାର – ଓଡ଼ିଶା ବିଧାନ ସଭାରେ ଗୃହିତ ଏକ ପ୍ରସ୍ତାବକ୍ରମେ ଗଜପତି ମହାରାଜା ଗୋଲଟେବୁଲ୍ ବୈଠକରେ ଯୋଗ ଦେବା ନିମନ୍ତେ ଲଣ୍ଡନ ଯାତ୍ରା କଲେ। ସେ ବିଲାତ ଯାତ୍ରା କରିବା ପୂର୍ବରୁ ଚିକିଟିର ରାଜା ସାହେବ୍ ଗଜପତିଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ନିବେଦନ କରିଲେ- "ମହାରାଜା, ଆପଣ ବିଲାତ ଯାତ୍ରା କରୁଛନ୍ତି, ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ନିମନ୍ତେ ଉଦ୍ୟମ କରିବେ।" ୧୯୩୧ ଜାନୁଆରୀ ୧୨ରେ ଗୋଲଟେବୁଲର ପ୍ରଥମ ବୈଠକର ଓଡ଼ିଆ ଆନ୍ଦୋଳନର ତାତ୍ପର୍ଯ୍ୟ ବୁଝାଇ ୧୫ ନିୟୁତ ଓଡ଼ିଆମାନଙ୍କୁ ଏକ ପ୍ରଦେଶ ଦିଆଯିବା ସପକ୍ଷରେ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ବଳିଷ୍ଠ ଯୁକ୍ତି ସମ୍ବଳିତ ଭାଷଣ ପ୍ରଦାନ କଲେ। ତାଙ୍କର ଭାଷଣରେ ପ୍ରଭାବିତ ହୋଇ ଓଡ଼ିଆମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରଦେଶ ଦିଆ ଯାଉ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଲା ଫଳରେ ଭାରତରେ ବଡ଼ଲାଟ ତିନି ସଦସ୍ୟ ନେଇ ପ୍ରକଳ୍ପିତ ସୀମା ନିର୍ଦ୍ଧାରଣ ନିମନ୍ତେ "ଓଡ଼ନାଲ କମିଟି" ଗଠନ କଲେ। ଓଡ଼ନାଲ ହେଲେ ଏହାର ଅଧିନାୟକ ଓ ଏଚ୍.ଏମ୍.ମେହେଟା ଓ ଟି.ଫୋକେନ୍ ସଦସ୍ୟ। କଟକ, ପୁରୀ, ସମ୍ବଲପୁର, ଅନୁଗୁଳ, ଖଡ଼ିଆଳ, ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲାର ବୃହତ୍ତର ଅଞ୍ଚଳ ସମ୍ମିଶ୍ରଣରେ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ମତ ଦେଲେ। ଗୋଲଟେବୁଲ୍ ଅଧିବେଶନ ଶେଷରେ ଇଣ୍ଡିଆ ଅଫିସ୍ ତରଫରୁ ଏକ ଶ୍ୱେତପତ୍ର ପ୍ରକାଶିତ ହେଲା। ସେଥିରେ ପ୍ରକଳ୍ପିତ ଓଡ଼ିଶାରୁ ଜୟପୁର ଓ ପାରଳାଖେମୁଣ୍ଡି ଜମିଦାରୀ ଦ୍ୱୟକୁ ବାଦ ଦିଆଗଲା, କିନ୍ତୁ ଗଜପତି ମହାରାଜାଙ୍କୁ ଅନବରତ ନିଷ୍ପାପର ଉଦ୍ୟମ ଫଳରେ ବିଲାତର ଗୃହ ମନ୍ତ୍ରୀ ସାମୁଏଲ୍ ହୋରେ ଓଡ଼ିଆ ଆନ୍ଦୋଳନର ଯଥାର୍ଥତା ହୃଦୟଙ୍ଗମ କରି ଜଏଣ୍ଟ ପାର୍ଲାମେଣ୍ଟ କମିଟି ଗଠନ କରାଇ ପ୍ରକଳ୍ପିତ ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣର ପୁନଃବିଚାର କରାଗଲା। ବହୁ ତର୍କ ବିତର୍କ ଓ ଆଲୋଚନା ପର୍ଯ୍ୟାଲୋଚନା ପରେ (୧) ଜୟପୁର ଜମିଦାରୀର (୨) ପାରଳାଖେମୁଣ୍ଡି ଓ ଜଳନ୍ତରା ଜମିଦାରୀ ମାଳ ଅଞ୍ଚଳ, (୩) ପାରଳାଖେମୁଣ୍ଡି

ଜମିଦାରୀର ପାରଳାଖେମୁଣ୍ଡି ସହର ସମେତ କିଛି ଅଂଶର ସମ୍ମିଶ୍ରଣରେ ପରିକଳ୍ପିତ ଓଡ଼ିଶା ଗଠନ କରାଯିବ ବୋଲି ମୋଟ ମତ ଦେଲେ। ଫଳରେ, ନୂତନ ଓଡ଼ିଶା ପ୍ରଦେଶର ପରିକଳ୍ପନା ଅସଲ ସ୍ୱରୂପ ଧାରଣ କଲା। ୧୯୩୫ ଭାରତ ସରକାର ଆଇନର ୨୮୯ ଧାରାବଳେ ୧୯୩୬ ଜାନୁଆରୀ ୨୮ରେ ଭାରତ ସରକାର ଆଦେଶ (ଓଡ଼ିଶା ଗଠନ ନିମନ୍ତେ) ଆଦେଶ ପାର୍ଲାମେଣ୍ଟରେ ଉପସ୍ଥାପିତ ଓ ଗୃହିତ ହେଲା। ବ୍ରିଟିଶ ପାର୍ଲାମେଣ୍ଟର ଉଭୟ ଗୃହରେ ଉକ୍ତ ଆଦେଶ ସର୍ବସମ୍ମତିକ୍ରମେ ଗୃହିତ ହେଲାପରେ ମାର୍ଚ୍ଚ ୩, ୧୯୩୬ରେ ବିଲାତରେ ସମ୍ରାଟଙ୍କ ନିକଟରେ ଅନୁମୋଦନ ନିମନ୍ତେ ଉପସ୍ଥାପିତ କରାଗଲା। ମାର୍ଚ୍ଚ ୩, ୧୯୩୬ରେ ସମ୍ରାଟ ଉକ୍ତ ଆଦେଶକୁ ଅନୁମୋଦନ କଲାପରେ ସେହି ଆଦେଶ ଏପ୍ରେଲ ୧, ୧୯୩୬ରେ କାର୍ଯ୍ୟକାରୀ ହେଲା ଏବଂ ସେହି ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆତ୍ମପ୍ରକାଶ କଲା। ମାନ୍ଦ୍ରାଜ, ମଧ୍ୟ ପ୍ରଦେଶ ଓ ବିହାରର ଓଡ଼ିଆ ଭାଷା ଭାଷୀ ଅଞ୍ଚଳମାନଙ୍କର ମୂଳ ଓଡ଼ିଶା ଭୂଖଣ୍ଡ ସହ ସମ୍ମିଶ୍ରଣରେ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା। ଫଳତଃ, ନୂତନ ଓଡ଼ିଶା ପ୍ରଦେଶ ଗଠନର ଜନକ ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଗଜପତି ଦେଓଙ୍କର ଜୀବନ ବ୍ୟାପୀ ଉଦ୍ୟମ, ଶ୍ରମ, ଆଶା ଓ ଆକାଂକ୍ଷା ଚରିତାର୍ଥ ହେଲା।

---

ନିରଞ୍ଜନ ମହିଳା ମହାବିଦ୍ୟାଳୟ,
ଆସ୍କା (ଗଞ୍ଜାମ)।



ପଞ୍ଚାୟତିରାଜ ଦିବସ ସମାରୋହରେ ଯେଉଁ ଗ୍ରାମ ପଞ୍ଚାୟତର ସମସ୍ତ ପ୍ରତିନିଧି ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଛନ୍ତି, ଉକ୍ତ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରୁଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ଶ୍ରୀହର୍ଷ ମିଶ୍ର

* ଶ୍ରୀ ବସନ୍ତ କୁମାର ଦାସ

ସେ ଦିନ ଥିଲା ପଣା ସଂକ୍ରାନ୍ତି ୧୯୩୦ ମସିହା, ଓଡ଼ିଆମାନଙ୍କର ପଣା ସଂକ୍ରାନ୍ତି ଏକ ପ୍ରଧାନ ପର୍ବ ନୂଆ ବର୍ଷ ଭାବରେ ପାଳିତ ହୁଏ । ବାପା ଶ୍ରୀ ରାମଚନ୍ଦ୍ର ମିଶ୍ର ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ସମୟରେ ଅକାଳ ବିୟୋଗ ଘଟିଥିବାରୁ ଦୁଇ ପୁତ୍ର ଶ୍ରୀହର୍ଷ ଓ ଉଦୟ ଏବଂ ଦୁଇଟି ଝିଅ ରୁକ୍ମୁଣୀ ଓ ଉମାଙ୍କୁ ଧରି ନିଜ ମାଁ ଜେମା ଦେବୀ ପରିବାରଟିକୁ ଚଳାଉଥାନ୍ତି । ଏତିକିବେଳେ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ମହାତ୍ମା ଗାନ୍ଧୀଙ୍କ ଡାକରା ପଡ଼ିଥାଏ । ସେହିଦିନ ୧୨ ବର୍ଷର ପୁଅ ଶ୍ରୀହର୍ଷ ମାଁ ବାପାଙ୍କୁ କିଛି ନକହି ଘର ଛାଡି ସତ୍ୟାଗ୍ରହରେ ସାମିଲ ହେବା ପାଇଁ ଚାଲି ଯାଇଥିଲେ । ସନ୍ଧ୍ୟା ହୋଇ ଯାଇଥିଲେ ପୁଅ ଶ୍ରୀହର୍ଷ ଘରକୁ ଏପର୍ଯ୍ୟନ୍ତ ନ ଫେରିବାରୁ ଭୀଷଣ ମାନସିକ ଚିନ୍ତାରେ ବୁଡ଼ିଗଲେ । ଭାଇକି ଖୋଜିବା ପାଇଁ ମାଆ ସାନପୁଅ ଉଦୟକୁ ପଠାଇଲେ । ଭାଇକି ଖୋଜିବା ପାଇଁ ପାଦରେ ଚାଲି ଚାଲି ଉଦୟ ଯୋଗଡ଼ାଠାରେ ପହଞ୍ଚିଲା ବେଳକୁ ରାସ୍ତାରେ କେତେକ ଲୋକ କହିଲେ ଯେ, ତୁମର ଭାଇକୁ ଇଂରେଜୀ ପୋଲିସ୍ ଗିରଫ କରିଛନ୍ତି । ତୁମକୁ ମଧ୍ୟ ଗିରଫ୍ କରିନେବେ । ଏଣୁ ତୁମେ ପଳାଇଯାଅ । ଉଦୟ ସେମାନଙ୍କର କଥାକୁ ବିଶ୍ୱାସ କରି ପାରିଲେ ନାହିଁ । ଭାଇକି ଖୋଜିବା ପାଇଁ ଆଗେଇଲେ । କିଛିବାଟ ଗଲାପରେ ଶୁଣିଲେ ଯେ ଭାଇଙ୍କୁ ଯୋଗଡ଼ାଠାରେ ଗିରଫ୍ କରି ଖଲାସ କରାଯାଇଛି । ଶ୍ରୀହର୍ଷଙ୍କ ସମ୍ପର୍କରେ ଠିକି ନିଶ୍ଚି ବିବରଣୀ ମଧ୍ୟ ପାଇଗଲେ । ଗଞ୍ଜାମର ସତ୍ୟାଗ୍ରହ ଦାୟିତ୍ୱରେ ଥିବା ନିରଞ୍ଜନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ପାଇଁ ଶ୍ରୀହର୍ଷ ବ୍ରହ୍ମପୁର ଗେଟ୍ ବଜାରଠାରେ ଥିବା ସତ୍ୟାଗ୍ରହ ଆଶ୍ରମକୁ ଯାଇ ସତ୍ୟାଗ୍ରହରେ ସାମିଲ ହେବା ପାଇଁ କହିଛନ୍ତି । ଶ୍ରୀହର୍ଷ ନାବାଳକ ହେତୁ ସତ୍ୟାଗ୍ରହରେ ଯୋଗଦେଇ ପାରିବୁ ନାହିଁ ବୋଲି ନିରଞ୍ଜନବାବୁ କହିବାରୁ ଶ୍ରୀହର୍ଷ ଅବୁଝା ହୋଇ ସତ୍ୟାଗ୍ରହ ଚାଲିଥିବା ଘର ଆଗରେ ବସି ରହିଲେ । ଏତିକିବେଳେ ଇଂରେଜୀ ପୋଲିସ୍ ସମସ୍ତଙ୍କୁ ଗିରଫ୍ କଲେ । ଶ୍ରୀହର୍ଷ ନାବାଳକ ହେତୁ ଗିରଫ୍ ନ କରି ଛାଡ଼ି ଦେଇଥିଲେ କିନ୍ତୁ ତାଙ୍କରି ନାମରେ ମକଦ୍ଦମା ହୋଇଥିଲା । କିଛି ଦିନ ପରେ ମକଦ୍ଦମାର ରାୟ ପ୍ରକାଶ ପାଇଲା । ୨୦୦ ଟଙ୍କା ଜୋରିମାନା ଦେବା ପାଇଁ ୧୨ ବର୍ଷର ଶିଶୁକୁ ଥାନାରେ ହାତକଡ଼ି ଓ ଗୋଡ଼ରେ ବେଡ଼ି ପିନ୍ଧାଇ ଚଲାଇ ଚଲାଇ ବ୍ରହ୍ମପୁର ଜେଲ ଅଦାଲତକୁ ନେଲେ । ଜେଲରେ ବସାଇ ମାନ୍ଦ୍ରାଜର ଚିଙ୍ଗଲପୁଟ ଜେଲରେ ବନ୍ଦୀ କରି ରଖିଲେ । ଜେଲରେ ମଧ୍ୟ ଶ୍ରୀହର୍ଷ ଅବାଧ ଚଳିଥାନ୍ତି । ପ୍ରତ୍ୟେକ ଦିନ ପ୍ରାର୍ଥନା ଚାଲୁଥାଏ । ମେରୀ ଓ ପଞ୍ଚମ ଜର୍ଜଙ୍କ ସାମନାରେ ପ୍ରାର୍ଥନା ହେଉଥିବା ସମୟରେ ସେ ପ୍ରାର୍ଥନାରେ ନବସି ବିରୋଧ କରନ୍ତି । ଫଳରେ ବେତ ପ୍ରହାର ସଙ୍ଗେ ସଙ୍ଗେ ଅଖା ପେଣ୍ଟ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଏ । ଖାଇବାକୁ ଦିଆଯାଏ ନାହିଁ । ତା' ସତ୍ତ୍ୱେ ଶ୍ରୀହର୍ଷ ନିଜ ଜିଦ୍‌ରେ ଅଟଳ । ପରିଶ୍ରମ କରିବା ପାଇଁ ଚକି ପେଷିବାକୁ କୁହାଯାଏ । ଏପରି ଦଣ୍ଡ ଦେବା ସତ୍ତ୍ୱେ ସେ ନିଜକୁ ସ୍ୱାଧୀନ ଭାରତ ଗଠନ କରିବା ପାଇଁ ଜୀବନ ଦେବି ପଛକେ ଏଥିରୁ ଓହରିବି ନାହିଁ ବୋଲି ସ୍ଲୋଗାନ୍ ଦିଅନ୍ତି ।

ଠିକ୍ ଏହି ସମୟରେ ଗାନ୍ଧୀ ରାଜଦାସଙ୍କୁ ଚୁକ୍ତି ଯୋଗୁଁ ସମସ୍ତ ବନ୍ଦୀ ଖଲାସ ହେଲେ । ପୁଣି ୧୯୩୨ ମସିହାରେ ଆନ୍ଦୋଳନରେ ସାମିଲ ହୋଇ କୋଦଳା ଜେଲ୍‌ରେ ବନ୍ଦୀ ରୂପେ ଜୀବନ କଟାଇଲେ । 'ମା' ଜେମା ଦେବୀ ପୁଅକୁ ଜାମିନ୍‌ରେ ଆଣିବା ପାଇଁ କୋଦଳା ଗଲେ । ସେତେବେଳେ ଇଂରେଜୀ ଶାସକମାନେ ଜେମା ଦେବୀଙ୍କୁ କହିଲେ ଯେ, ଏଥିରୁ କ୍ଷାନ୍ତ ହେଲେ ଆମେ ମୁକୁଳାଇ ଦେବୁ । ଶ୍ରୀହର୍ଷଙ୍କୁ 'ମା' ବହୁତ ବୁଝାଇଲେ । କିନ୍ତୁ ଜିଦ୍‌ଖୋର ଶ୍ରୀହର୍ଷ ଶୁଣୁଛି କେତେବେ । ଶେଷରେ 'ମା' ସେଠାରେ ବସି କାନ୍ଦିଲେ । ପରିଶେଷରେ ମା'ଙ୍କର ଦୁଃଖରେ ମ୍ରିୟମାଣ ହୋଇ ଏକ କୌଶଳ ଉପାୟ ଅବଲମ୍ବନ କଲେ । ଇଂରେଜୀମାନଙ୍କୁ ଯେନତେନ ପ୍ରକାରେ ବୁଝାଇ ଜେଲରୁ ଖଲାସ୍ ହେଲେ । କିନ୍ତୁ ଯେତେବେଳେ କୋଦଳା ଆସିଥାନ୍ତି ଚାଲି ଆସିଲେ ପୁଣି ତିରଙ୍ଗା ପତାକାଧରି ଇନ୍‌କିଲାବ ଜିନ୍ଦାବାଦ୍ ଧ୍ୱନିରେ ନାଚି ନାଚି ଚାଲିଲେ ଏହି ସମୟରେ ସୁଭାଷ ବୋଷ ଫରୱାର୍ଡ୍ ବ୍ଲକ୍ ନାମକ ଏକ ନୂତନ ସଂଗଠନ ସୃଷ୍ଟି କରିଥାନ୍ତି । ଶ୍ରୀହର୍ଷ ସେହି ସଂଗଠନରେ ସାମିଲ୍ ହୋଇ ନେତୃତ୍ୱ ନେଲେ । ଓଡ଼ିଶାରେ ସୁଭାଷ ବୋଷଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ କାଗଜପତ୍ର ନେଇଆ ଖୋଳରେ ଶ୍ରୀହର୍ଷବାବୁଙ୍କ ପାଖକୁ ଆସେ । ସେ ରହୁଥିବା ଘରର କାନ୍ଥରେ ଇଟା ଖୋଲି ଦୁଇ ଇଟା ମଧ୍ୟରେ ୬ଟି ବନ୍ଧୁକ ଲୁଚାଇ ରଖିଥାଆନ୍ତି । ୧୯୩୦ ମସିହାରେ ହୁମାଠାରେ ଲବଣ ସତ୍ୟାଗ୍ରହ ଗୁପ୍ତମତା ଆନ୍ଦୋଳନରେ ସାମିଲ ହୋଇ ସେଠାରେ ଏକ ଗୁପ୍ତ ବେତାର କେନ୍ଦ୍ର ସ୍ଥାପନ କରି ସିଧା ସଳଖ ସୁଭାଷ ବୋଷଙ୍କ ସହିତ ଯୋଗସୂତ୍ର ସ୍ଥାପନ କରୁଥିଲେ । ଇଂରେଜୀ ଶାସକ ଏହା ଜାଣିପାରି ତଡ଼ାଉକରି ଶ୍ରୀହର୍ଷ ମିଶ୍ରଙ୍କୁ ବନ୍ଦୀ କଲେ । କିଛି ଦିନ ପରେ ଶ୍ରୀହର୍ଷ ଜେଲରୁ ଖଲାସ ହେଲେ । ଏଥି ମଧ୍ୟରେ ସେ ଯେତେବେଳେ ସମସ୍ତ ଖଲାସ ହେଉଥିଲେ ଆନ୍ଦୋଳନ ପାଇଁକୁ ନିଜେ ଅଧ୍ୟୟନ କରିବା ପାଇଁ ପୋଲସରାଠାରେ ରହି ସାଧାରଣ ଶିକ୍ଷା ଗ୍ରହଣ କରି ପାରଳାଖେମୁଣ୍ଡି ଗଜପତି ଶାସନରେ ବିଦ୍ୟାଳୟରେ ୭ମ ଶ୍ରେଣୀରେ ନାମ ଲେଖାଇଥିଲେ ଏବଂ ପାଠପଢ଼ା ସେତିକିରେ ରହିଲା ।

୧୯୩୮ ମସିହାରେ ଶଶିଭୂଷଣ ରଥଙ୍କ ସହିତ ହଠାତ୍ ସାକ୍ଷାତ ହେଲା । ଶ୍ରୀହର୍ଷ ମିଶ୍ରଙ୍କୁ ଶଶିଭୂଷଣ ରଥ ଜାଣି ନଥାନ୍ତି । ଶଶିଭୂଷଣ ରଥଙ୍କ ଦ୍ୱାରା ପ୍ରକାଶିତ ଦୈନିକ ଆଶାରେ ଶ୍ରୀହର୍ଷ ସମ୍ପାଦକ ଭାବରେ କାର୍ଯ୍ୟ କରିବା ପାଇଁ କହିବା ସଙ୍ଗେ ଆପୁଣି କହିଲେ ଯେ, ତୁମର ଲେଖା ଲେଖି ଯଦି ଲୋକାଦୃତ ନହୁଏ, ତେବେ ତୁମର ନିଯୁକ୍ତିକୁ ଖାରଜ କରାଯିବ ।

ଦିନକର ଘଟଣା ପାଟନା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ଗୋପାଳପୁର ଗସ୍ତରେ ଆସିଥାନ୍ତି । ସେହି ଦିନ ଶଶିଭୂଷଣ ରଥ ଡକ୍ଟର ସିହ୍ନାଙ୍କୁ ଗୋପାଳପୁରଠାରେ ସମ୍ବର୍ଦ୍ଧନା ଜଣାଇବା ପାଇଁ ଯାଇଥିଲେ । ରଥେ ଗୋପାଳପୁରରୁ ଫେରିଲା ପରେ ସିହ୍ନାଙ୍କ ସମ୍ପର୍କରେ ସାମାନ୍ୟ ତଥ୍ୟ ଦେଇ ଆଜିର ସମ୍ପାଦକୀୟ ଲେଖା ଶୀଘ୍ର ଉପସ୍ଥାପନ କରିବା ପାଇଁ ଶ୍ରୀହର୍ଷଙ୍କୁ କହିଲେ । କିନ୍ତୁ ଶ୍ରୀହର୍ଷ ମିଶ୍ର ଏଥି ପୂର୍ବରୁ ପାଟନା ଜେଲ୍‌ରେ ଥିବା ସମୟରେ ଡକ୍ଟର ସିହ୍ନାଙ୍କ ସମ୍ପର୍କରେ ଅନେକ ତଥ୍ୟ ଜାଣିଥିଲେ । ସମ୍ପାଦକୀୟ ଲେଖାଟି ଲେଖିବାକୁ କଷ୍ଟ ହେଲା ନାହିଁ । ସମ୍ପାଦକୀୟ ଲେଖାଟି ଲେଖି ରଥଙ୍କ ଟେବୁଲ ଉପରେ ରଖି ଦେଲେ । ଏତେ ଶୀଘ୍ର ସମ୍ପାଦକୀୟ ଲେଖି ଦେଲି ବୋଲି ପ୍ରଶ୍ନ କଲେ । ଶ୍ରୀହର୍ଷ ବିନମ୍ର ଭାବରେ କହିଲେ ଯେ ସାର୍, ଆପଣ ଲେଖାଟିକୁ ପଢ଼ି ମୋର ଆଉ କେଉଁଠି ଭୁଲ୍ ଅଛି ମୋତେ କହିଲେ ମୋର ଭୁଲଗୁଡ଼ିକୁ ସଂଶୋଧନ କରିଦେବି । ଶଶି ରଥେ ସମ୍ପାଦକୀୟଟି ପଢ଼ି ଆଶ୍ଚର୍ଯ୍ୟ ହେଲେ । କହିଲେ ଭୁଲ ରହିଲା କେଉଁଠି ? ସେଦିନର ଦୈନିକ ଆଶା ଏପରି ବିକ୍ରି ହେଲା ଯେ, ପୂର୍ବରୁ ଏପରି କେବେ ହୋଇ ନଥିଲା । ରଥେ ଶ୍ରୀହର୍ଷ ମିଶ୍ରଙ୍କୁ ଭୂୟସୀ ପ୍ରଶଂସା କଲେ । ଶ୍ରୀହର୍ଷ ଉତ୍ତରରେ କହିଲେ ଆପଣମାନଙ୍କର ଆଶୀର୍ବାଦ ଯୋଗୁଁ ଜନସାଧାରଣଙ୍କ ସେବାରେ ଭାରତ ସ୍ୱାଧୀନ ହେବା ପାଇଁ ସର୍ବଦା ଚେଷ୍ଟା କରିବି ।

୧୯୪୦ ମସିହାରେ ପ୍ରଥମ କରି ପ୍ରକାଶିତ ସମାଲୋଚନାମୂଳକ ପତ୍ରିକା ନିଆଁ ମୁଣ୍ଡାରେ ସାମିଲ ହୋଇ ସମସ୍ତଙ୍କର ମନକୁ ଦେଶ ପ୍ରୀତି ଗଠନରେ ସାମିଲ କରାଇ ପାରିଲେ । ଶ୍ରୀହର୍ଷ ମିଶ୍ର ବଙ୍ଗଳାରେ ରହିଲା ଭିତରେ ସେ ହିନ୍ଦୁସ୍ଥାନ ଓ ଆନନ୍ଦ ବଜାର ପତ୍ରିକାର ସମ୍ପାଦକ ଭାର ମଧ୍ୟ ଗ୍ରହଣ କରିଥିଲେ ।

୧୯୪୨ ଅଗଷ୍ଟ ବିପ୍ଳବ ପାଇଁ କଲିକତାଠାରେ ସଭହାର ଖୋଲିଥାଏ । ସେହି ସଭାକୁ ଯିବା ପାଇଁ ଶ୍ରୀହର୍ଷ ମିଶ୍ର ଓ ଦିବାକର ପଟ୍ଟନାୟକ କଲିକତା ଅଭିମୁଖେ ଯାତ୍ରା କଲେ । ଦୁଇ ବନ୍ଧୁ ଏକ କ୍ଷୁରର ଦୋକାନରେ କ୍ଷୁରର ହେବା ସମୟରେ ଇଂରେଜୀ ପୋଲିସ୍ ଶ୍ରୀହର୍ଷ ମିଶ୍ରଙ୍କୁ ଗିରଫ୍ କଲେ । କିନ୍ତୁ ଦିବାକର ପଟ୍ଟନାୟକ ଖସି ପଳାଇ ଯାଇଥିଲେ । ସେତେବେଳେ ଶ୍ରୀହର୍ଷ ମିଶ୍ରଙ୍କୁ ଓଡ଼ିଶାର ପୋଲିସ୍ ଅଫିସର୍ ଶ୍ରୀ ଯଜ୍ଞେଶ୍ୱର ମହାପାତ୍ର ଧରାଇ ପୁରସ୍କୃତ ହୋଇଥିଲେ । ପ୍ରେସିଡ଼ିଏନ୍ସି ଜେଲରେ କିଛି ଦିନ ରଖିଲା ପରେ କଲିକତାର ଦମ୍ ଦମ୍ ଜେଲକୁ ସ୍ଥାନାନ୍ତରିତ କରି ୩ ବର୍ଷ ୨ ମାସ ୨୭ ଦିନ ବନ୍ଦୀ ଜୀବନ କଟାଇଥିଲେ । ଏହି ବନ୍ଦୀ ଜୀବନ କାଳ ମଧ୍ୟରେ ତାଙ୍କର ପାଠପଢ଼ା ବନ୍ଦୀଶାଳାମାନଙ୍କରେ ହୋଇଥିଲା । କାରଣ ସେ ଇଂରେଜୀ, ବଙ୍ଗଳା, ତେଲୁଗୁ, ମରହଟ୍ଟା ଓ ହିନ୍ଦୀ ଭାଷାରେ ଭଲ ଭାବରେ ଲେଖା ପଢ଼ା କରି ପାରୁଥିଲେ ।

୧୯୪୮ ମସିହାରେ ସେ ଲାଲା ଲଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକ ସେବକ ମଣ୍ଡଳର ସଦସ୍ୟ ଭାବେ ନିଯୁକ୍ତି ପାଇ ସମାଜର ସହ ସମ୍ପାଦକ ଭାବରେ ଯୋଗ ଦେଇ ୧୯୫୯ ମସିହାରୁ ୧୯୬୭ ପର୍ଯ୍ୟନ୍ତ ସମ୍ପାଦକ ଭାବରେ ଦାୟିତ୍ୱ ତୁଲାଇ ଥିଲେ । ସମାଜରେ ରହିଥିବା ଅବସ୍ଥାରେ ବହୁ ବିଦେଶ ପରିଭ୍ରମଣ କରିଥିଲେ । ଯଥା:– ଇଂଲଣ୍ଡ, ଫ୍ରାନ୍ସ, ବାହାରିନ୍, ଇରାକ୍, ଇଟାଲି ପ୍ରଭୃତି ବିଦେଶ ଭ୍ରମଣର ଅନୁଭୂତିର କାହାଣୀ ପଶ୍ଚିମ ଦିଗନ୍ତ ନାମକ ଏକ ପୁସ୍ତକରେ ରଚନା କରିଯାଇଛନ୍ତି । ଯାହାକି ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଅଛି । ତା'ସଙ୍ଗେ ସଙ୍ଗେ ବିଶ୍ୱ ବିଦ୍ୟାଳୟମାନଙ୍କରେ ପାଠ୍ୟ ବହି ରୂପେ ପ୍ରଚଳିତ ହେଉ ଅଛି । ୧୯୬୭ ମସିହାରେ ପ୍ରଜାତନ୍ତ୍ରର ଦାୟିତ୍ୱ ନେଲେ । ସେତେବେଳେ ପ୍ରଜାତନ୍ତ୍ରରେ ଏପରି ଖବର ସମୟେ ସମୟେ ପ୍ରକାଶ ପାଉଥିଲା ଯେ ସାରା ଓଡ଼ିଶାରେ କାହିଁକି ସାରା ଭାରତରେ ଚହଳ ପକାଇ ପାରୁଥିଲେ । ପ୍ରଜାତନ୍ତ୍ରରୁ ଅବସର ଗ୍ରହଣ କରି ପୁନର୍ବାର ୧୯୮୧ ମସିହାରେ ବ୍ରହ୍ମପୁରକୁ ଫେରି ଦୈନିକ ଆଶାର ସମ୍ପାଦକ ଦାୟିତ୍ୱ ନେଲେ ।

ବ୍ରହ୍ମପୁର ହିଲପାଟଣାର ଗୋଟିଏ ଛୋଟ କୋଠରୀ ମଧ୍ୟରେ ମୋଟା ଖଦଡ଼ ଧୋତି ଓ କମିଜ୍ ପରିଧାନ କରି ନିଜର ମୁଣ୍ଡକୁ ଜଲାଞ୍ଜଳି ଦେଇ ଦିନରାତି ପୁଣି କିପରି ଦୈନିକ ଆଶା ଲୋକାଦୃତ ହୋଇ ପାରିବ ; ଏହାଥିଲା ତାଙ୍କର ଏକମାତ୍ର ଚିନ୍ତା, ସେଠାରେ ରହି ତାଙ୍କର ଦେହ ଅସୁସ୍ଥ ହେବାରେ ଲାଗିଲା । ଦେହ ଖରାପ ଅବସ୍ଥାରେ ମଧ୍ୟ ସମ୍ପାଦକୀୟରେ ଆଜି କଣ ଲେଖା ଯିବ ତାହା ନିଜେ ଲେଖନ୍ତି । ତାଙ୍କରି ମହତ୍ ଗୁଣ ହେଲା ଯେ ସହିଷ୍ଣୁତା ଶିଶୁ ବହଳତା ଓ ବିକଳାଙ୍ଗମାନଙ୍କର ସେବା କରିବା ଏକାନ୍ତ ବ୍ରତ ହୋଇଥିଲା । ସେ ଅତି ନିରାଡ଼ମ୍ବର ଭାବରେ ନିଜର ଜୀବନକୁ ବିତାଇଥିଲେ । ସେ ମାଦକ ଦ୍ରବ୍ୟଠାରୁ ଅର୍ଥାତ୍ ପାନ, ସିଗାରେଟ୍, ପାନମସଲା ଏପରି କୌଣସି ପ୍ରକାର ଅଭ୍ୟାସ ନଥିଲା । ସଦାବେଳେ କାନ ନିକଟରେ ରେଡ଼ିଓଟିଏ ଧରି ଶୁଣନ୍ତି । ରାତି କଣ ଦିନ କଣ ଯଦି କେଉଁ ଦେଶର ଖବର ରେଡ଼ିଓରେ ଦେଉଛି ସେ ସମୟାନୁଯାୟୀ ରେଡ଼ିଓ ଲଗାଇ ଆଖିବୁଜି ଶୁଣନ୍ତି । ଦୈନିକ ଆଶାରେ ସେବା କରି କରି ୧୯୮ ଏପ୍ରିଲ୍ ୮ ତାରିଖ ଦିନ ଜୀବନ ଦୀପଟି ସବୁ ଦିନ ପାଇଁ ଲିଭିଗଲା ।

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାମ୍ବାଦିକ ଭାବରେ ସେ ସମସ୍ତଙ୍କ ନିକଟରେ ଜନ୍ମମାନ୍ଧ ହୋଇ ପାରିଥିଲେ ।

---

ରାମନାରାୟଣପୁର ଶାସନ,
କୋଦଳା, ଗଞ୍ଜାମ ।

# ମଣିଷ ପରି ମଣିଷଟିଏ

* ଡକ୍ଟର ହାଡ଼ିବନ୍ଧୁ ମିଶ୍ର

ମହାତ୍ମା ପରର ଆତ୍ମା କଥା ବୁଝେ । ପରର ଦୁଃଖ, ରୋଗ ଶୋକରେ ବିଚଳିତ ହୋଇ ତା'ର ସେବାରେ ସର୍ବସ୍ୱ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ତା' ଆଖିରେ ସମସ୍ତ ପ୍ରାଣୀ ସମାନ । ତା'ଠି ଧର୍ମାଧର୍ମ, ଜାତି ଅଜାତି, ଛୋଟ ବଡ଼ର ବିଚାର ନାହିଁ । ଯେତେବେଳେ ସେ ସୁବିଧା ପାଏ, ବିଶ୍ୱ ସେବାର ସୁଯୋଗ ହାତକୁ ଆସେ ବିନା ସ୍ୱାର୍ଥରେ ସେବା କରେ । ସେବାହିଁ ଧର୍ମ । ସେ ପଙ୍କିଳ ସମାଜର ଦାନବ, ବାନର ମଧ୍ୟରେ ଦେବତାଟିଏ । ଦେବତ୍ୱ ନେଇ ମାନବ ରୂପରେ ଅବତରଣ କରିଥାଏ । ରାମ, କୃଷ୍ଣ, ଯୀଶୁ, ଆଉ ଏ ଯୁଗର ରାମ କୃଷ୍ଣ ପରମ ହଂସ, ବିବେକାନନ୍ଦ, ମୋହନ ଦାସ କରମଚାନ୍ଦ ଗାନ୍ଧୀ, ଭୀମ ରାଓ ରାମଜୀ ଆମ୍ବେଦକର, ଗୋପବନ୍ଧୁ, ଆଦିଙ୍କ ମାନବୀୟ ଚେତନା ଓ ସେବା ମନୋଭାବ ସତତ ପ୍ରେରିତ କରେ ।

ସେପରି ଜଣେ ଥିଲେ ମହାତ୍ମା, "ଆର୍ତ୍ତବନ୍ଧୁ ଡ଼ାକ୍ତର ଆଇଜାକ ସାନ୍ତ୍ରା" । ଯିଏ ଦିନେ ସାଧାରଣ ବ୍ୟକ୍ତି ଥିଲେ, ତାଙ୍କ ମଧ୍ୟରେ ଅସାଧାରଣତ୍ୱ ପ୍ରକାଶ ପାଇଛି । ସ୍ୱର୍ଗତଃ ଡକ୍ଟର ଶ୍ରଦ୍ଧାକର ସୁପକାରଙ୍କ ଦ୍ୱାରା ଲିଖିତ 'ଆର୍ତ୍ତବନ୍ଧୁ ଆଇଜାକ ସାନ୍ତ୍ରା' ଜୀବନୀ ଅଧ୍ୟୟନ କଲେ ଦେଖାଯାଏ ଏଇ ସମ୍ବଲପୁର ମାଟିର ଜଣେ ଯୁବକ କିପରି ନାନା, ହତାଶ, ନିରାଶ ମଧ୍ୟରେ ଅଧ୍ୟୟନ କରି ଜଣେ ବିଶ୍ୱ ସେବକ ହୋଇପାରିଛନ୍ତି । ଏ ମାଟିର ସେପରି ଆଉ କୌଣସି ବ୍ୟକ୍ତି ନାହିଁ ଯେ ଓଡ଼ିଶା, ଭାରତ ତଥା ବିଶ୍ୱର ବିଭିନ୍ନ ଦେଶ ଯାଇଁ ସେବା କରିଛି । ତାଙ୍କ ସମ୍ପର୍କରେ ଅନେକ ରୋମାଞ୍ଚକର କାହାଣୀ ଶୁଣିବାକୁ ମିଳେ । ବିପଦ-ସଙ୍କୁଳ ପରିସ୍ଥିତିରେ ମଧ୍ୟ ହଟି ନଯାଇ କୁଷ୍ଠ ରୋଗ ନିରାକରଣ ପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ ।

ଯେଉଁ ପଙ୍କକୁ ଆମେ ଘୃଣାକରୁ, ସେଇଠି, ପଦ୍ମ ଫୁଟେ । ଯେଉଁ ବ୍ୟକ୍ତି ବା ଜାତିକୁ ଉପହାସ କରୁ ସେଇଠି 'ଭୀମ ଭୋଇ' ପରି ବ୍ୟକ୍ତିତ୍ୱର ଆବିର୍ଭାବ ହୁଏ । ଯେଉଁ ରୋଗକୁ ପାପର ପରିଣାମ ବୋଲି ଧରି ନେଉ ପାପ ମୁକ୍ତିରେ 'ଶାପ' ନୂତନ ଜୀବନ-ଯଉବନ ଲାଭକରେ । ଏଣୁ ମଣିଷ ମାତ୍ରକେ ହିଁ ଭଗବାନର ସନ୍ତାନ । ଏଇ ବିଷୟର ନେଇ ଡାକ୍ତର ଆଇଜାକ ସାନ୍ତ୍ରା କେବଳ ଧର୍ମ ପ୍ରଚାରରେ ମନୋନିବେଶ ନକରି ଡାକ୍ତରୀ ସେବା ମଧ୍ୟରେ ସମାଜର ଘୃଣିତ ଅବହେଳିତ କୁଷ୍ଠ ରୋଗୀଙ୍କର ସେବାକରି ଯତ୍ନ ନେଇ, ଆଶ୍ରମ ପ୍ରତିଷ୍ଠାକରି ମହାନ ହୋଇ ପାରିଛନ୍ତି ।

ବାସ୍ତବରେ ସେ ଥିଲେ ଜଣେ ମହାତ୍ମା । ଦୟାର ଅବତାର ।

ସମ୍ବଲପୁର ଅଞ୍ଚଳରେ ୧୮୭୯ରେ ଉଦାର ମାନବ ଧର୍ମ ଖ୍ରୀଷ୍ଟଧର୍ମ ପ୍ରଚାର ହୁଏ । ଭିଖାରୀ ସାନ୍ତ୍ରା, କଟକ ତ୍ୟାଗକରି ସମ୍ବଲପୁରରେ ବସବାସ କରନ୍ତି । ତାଙ୍କର ଧର୍ମ ପ୍ରଚାର କ୍ଷେତ୍ର ଥିଲା ବଲାଙ୍ଗୀର ଅଞ୍ଚଳର 'ଲୁଇସିଙ୍ଗା', ମାତ୍ର କେନ୍ଦ୍ର ପୀଠ ଥାଏ ସମ୍ବଲପୁର । ଭିଖାରୀଙ୍କ ପତ୍ନୀ ନାମ 'ସାରା' । ବାଇବଲର ଆବ୍ରାହାମଙ୍କର ପତ୍ନୀଙ୍କର ନାମ ମଧ୍ୟ 'ସାରା' ଥିଲା । ଭିଖାରୀଙ୍କ ଜୀବନରେ ଏପରି ଭାଗ୍ୟବତୀ ନାରୀଙ୍କର ସାନ୍ନିଧ୍ୟ ଓ ମିଳନ ଘଟିଲା ଯେ, ତାଙ୍କ କୋଳରୁ ଜନ୍ମ ନେଲେ 'ଆଇଜାକ୍' । ଆଇଜାକ୍‌ଙ୍କର ଜନ୍ମ ୧୮୯୨ ନଭେମ୍ବର ୩ ତାରିଖରେ ।

ଅଧ୍ୟୟନ:- ବାଲ୍ୟାବସ୍ଥାରେ ସେ ଥାଆନ୍ତି ଉଦାସୀନ ଅଥଚ ଦୁଷ୍ଟ ପ୍ରକୃତିର । ମାତ୍ର ଦୁଷ୍ଟାମି ମଧ୍ୟରେ ଲୁଚିଥାଏ ଶିଷ୍ଟତା ଆଉ ସାଧୁତା । ସ୍ରଷ୍ଟାର ସୃଷ୍ଟି ବଡ଼ ବିଚିତ୍ର । ଆଇଜାକ୍ ଛାତ୍ର ଜୀବନରେ ବିଫଳ ମନୋରଥ ହୋଇ ମାତାଙ୍କ ଦ୍ୱାରା ଲାଞ୍ଛିତ ହୋଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଛନ୍ତି । ଅବଶ୍ୟ ସେ ସେତେବେଳେ ତରୁଣ, ଚପଳତା ଆଉ ଭାବ ପ୍ରବଣତାର ଶିକାର ହେବା ସ୍ୱାଭାବିକ୍ । ଯିଏ ଦିନେ ଏତେ ବଡ଼ ସେବକ ହେବ, ନାମ ଅର୍ଜନ କରିବ ସମସ୍ତ ଦୁଃଖୀ ରୋଗୀଙ୍କ ପିତା ସଦୃଶ ସମ୍ମାନୀତ ହେବ, ସେ ଯେ ଛାତ୍ର ଜୀବନରେ ସଂସ୍କୃତ ପାଠରେ ତିନି ନମ୍ବର ରଖିବେ, କିଏ ବା ବିଶ୍ୱାସ କରିବ ?

ତିନି ନମ୍ବର ରଖି ଶିକ୍ଷକଙ୍କଠାରୁ ଅପମାନିତ ହୋଇ ମଧ୍ୟ ସେ ଆତ୍ମହତ୍ୟାରୁ ନିବୃତ୍ତ ରହିଥିଲେ । ନିଜ ଉଦ୍ୟମ ଫଳରେ 'ଗୀତା'ର ବ୍ୟାକରଣ ବ୍ୟାଖ୍ୟା ସହିତ ଅଧ୍ୟୟନ କରି ସଂସ୍କୃତର ହିତୋପଦେଶ ମୁଖସ୍ଥ କଲେ । ଆଉ, ଆସିଲେ ସ୍କୁଲକୁ । ଶିକ୍ଷକ ପ୍ରଥମେ ଥଟ୍ଟା ମନେକଲେ । ପ୍ରଶ୍ନୋତ୍ତରରେ ବିସ୍ମିତ ହୋଇ ଆଶୀର୍ବାଦ କଲେ । ସେ ରଖିଲେ ପରୀକ୍ଷାରେ ୭୫ ନମ୍ବର ସଂସ୍କୃତରେ । ଆଉ ମାଟ୍ରିକ୍ ପାସ୍‌କଲେ ପ୍ରଥମ ଶ୍ରେଣୀରେ ୧୯୧୨ରେ । ସମ୍ବଲପୁର ଜିଲ୍ଲା ସ୍କୁଲ ଛାତ୍ର ଥିଲେ । ତା'ପରେ ଧର୍ମ ପ୍ରଚାର ଛାଡ଼ି ଡାକ୍ତରୀ ଅଧ୍ୟୟନ ପାଇଁ କଲିକତା ଯାଆନ୍ତି । ସେଇଠି ଭାଗ୍ୟ ତୋରି ଅନୁକୂଳ ହେବାରୁ କଟକର ଡାକ୍ତରୀ ସ୍କୁଲରେ ପଢ଼ନ୍ତି । ଏଇଠୁ ଉତ୍ତୀର୍ଣ୍ଣ ହେଲେ ୧୯୧୭ରେ । ୧୯୧୮ରେ ଡାକ୍ତରୀ ସେବାରେ ସରକାରୀ ଚାକିରି ରେ ନିଯୁକ୍ତି ପାଇଲେ । ୧୯୨୦ରେ କୁଷ୍ଠ ଚିକିତ୍ସା ସେବା ଆରମ୍ଭ କଲେ ।

ଏତିକି ବେଳେ ଏକ ଅପୂର୍ବ ସୁଯୋଗ ପା'ନ୍ତି । ୧୯୦୬ରେ ମିଶିନାରୀ ଡାକ୍ତର ଭାବେ ଡଃ ମୁର୍ ବିଲାତରୁ କଲିକତା ଆଗମନ

କରନ୍ତି । ସେ ସାର୍ ଲଣ୍ଡରମ୍ସଙ୍କ ଆବିଷ୍କୃତ ଔଷଧ ପ୍ରୟୋଗ ଦ୍ୱାରା ବହୁ କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତି ଆରୋଗ୍ୟଲାଭ କରିଥିବାରୁ ତାଙ୍କର ଖ୍ୟାତି ବଢ଼ି ଯାଇଥାଏ । ସେପରି ମହାନ ବ୍ୟକ୍ତିଙ୍କର ସାନ୍ନିଧ ଲାଭ କରିବାରୁ ଆଇଜାକ୍‌ଙ୍କର ଜୀବନରେ ବିପୁଳ ସମ୍ଭାବନାର ସମ୍ଭାର ଉପସ୍ଥିତ ହେଲା । ସେ ନୂତନ ଦିଗନ୍ତର ସନ୍ଧାନ ପାଇଲେ ଏବଂ ନିର୍ବିକାର ମନରେ ଆଗେଇ ଚାଲିଲେ ।

ସଫଳ ସଂଗ୍ରାମୀ–ତାଙ୍କର ବିଶ୍ୱପ୍ରେମ ଆହରି ଦୃଢ଼ ହେଲା । ସେ ଥିଲେ ମାନବ ପ୍ରେମୀ ଭାଗବତ ବିଶ୍ୱାସୀ । ସେ ୧୯୧୯ ମଇ ୨୯ ତାରିଖରେ ସାମୁଏଲ ଦାସଙ୍କ ମାମୁଁ ଝିଅ 'ରାଜକୁମାରୀ'ଙ୍କର ପାଣିଗ୍ରହଣ କରନ୍ତି । ସେ ପାଞ୍ଚଟି ସନ୍ତାନର ଜନନୀ ହେଲାପରେ ୧୯୨୫ ଆଡ଼କୁ ଇହଲୀଳା ସମ୍ବରଣ କରନ୍ତି । ତାଙ୍କର ସନ୍ତାନମାନଙ୍କ ମଧ୍ୟରେ ପ୍ରଶାନ୍ତ ଚିଶ, ବିଦ୍ୟୁତ୍ ପ୍ରଭା, ଦିଲ୍ଲୀପ, କନକ ପ୍ରଭାଆଉ କୁମାରେଶ । ପ୍ରତ୍ୟେକ ପ୍ରତିଷ୍ଠିତ ହୋଇଛନ୍ତି ଜୀବନଯାତ୍ରାରେ । ଏପରି ପାରିବାରିକ ଜଞ୍ଜାଳ ମଧ୍ୟରେ ବି ଆଇଜାକ୍ ସମଗ୍ର ମାନବ ସମାଜକୁ ପରିବାର ମନେକରି ନିଜ ତଥା ଦେଶର ମହତ୍ କାର୍ଯ୍ୟ କରିଛନ୍ତି । "ସର୍ବେ ସୁଖୀନ ଭବନ୍ତୁଃ, ସର୍ବେ ସନ୍ତୁ ନିରାମୟ" ଏହି ଦର୍ଶନରେ ପ୍ରତୀକ ଥିଲେ । ମାନବ ସେବା ଥିଲା ତାଙ୍କର ମାଧବ ସେବା ।

ନାନା ଅସୁବିଧା । ଗୋଟିଏ ଦିଗରେ ରୋଗୀଙ୍କ ଆର୍ତ୍ତନାଦ ଅନ୍ୟ ଦିଗରେ ପାରିବାରିକ ଜୀବନ । ମାତୃହୀନ ୫ଟି ସନ୍ତାନ ପରେ ତାଙ୍କର ଦ୍ୱିତୀୟ ଧର୍ମ ପତ୍ନୀଭାବେ ଶରତ କୁମାରୀ ୧୯୨୮ ଜୁଲାଇ ୩୦ରେ ଗ୍ରହଣ କରନ୍ତି । ତାଙ୍କ ଗର୍ଭରୁ ଆଶିଷ କୁମାରଙ୍କ ଜନ୍ମ ହୁଏ । ମାତ୍ର ସେ ମିଃ ରସେଲଙ୍କ ପୋଷ୍ୟପୁତ୍ର ହୋଇ ରସେଲଭାବେ ପରିଚିତ ହେଲେ । ତାଙ୍କ ଦ୍ୱିତୀୟ ପତ୍ନୀ ଉଚ୍ଚ ଶିକ୍ଷିତା, ସଂସ୍କୃତି ସମ୍ପନ୍ନା । ଏଣୁ ପିଲାଙ୍କର ସହଯୋଗ "ପ୍ରଭାତ" ନାମକ ମାସିକ ପତ୍ରିକା ୧୯୩୩ରେ ପ୍ରକାଶ କଲେ । ଫଳରେ ଧର୍ମ ଚେତନା ସହିତ ବିଭିନ୍ନ ଗଳ୍ପ, କାହାଣୀ, ପ୍ରବନ୍ଧ ପ୍ରକାଶ ପାଇଲା । ଡଃ ଆଇଜାକ୍ ମଧ୍ୟ ବିଭିନ୍ନ ଅଞ୍ଚଳର ରୋଗୀର ଅବସ୍ଥା ଉକ୍ତ ଦେଶର ପରିସ୍ଥିତି ଓ ଅନୁଭୂତି ବର୍ଣ୍ଣନା କରି ଉକ୍ତ ପତ୍ରିକାକୁ ସମୃଦ୍ଧ କରୁଥିଲେ । ତାଙ୍କର ଅନୁଭୂତିପୂର୍ଣ୍ଣ ଲେଖା ବେଶ୍ ଆକର୍ଷଣୀୟ ଥିଲା ।

ସେ ଓଡ଼ିଶା ବ୍ୟତୀତ ମାଡ୍ରାସ, ପଞ୍ଜାବ, ଆସାମ, ମଧ୍ୟପ୍ରଦେଶ, ଦିଲ୍ଲୀ, ଅମୃତସର ଓ ଭାରତ ବାହାରେ ହଂକଂଗ, ସିଂହାପୁର, ଚୀନ, ବର୍ମା,ବ୍ରହ୍ମଦେଶ, ବିଲାତ, ଆମେରିକା ଆଦି ଦେଶର ସମସ୍ତ ଅଞ୍ଚଳର କୁଷ୍ଠାଶ୍ରମ ଓ ବିଶ୍ୱର ବିଭିନ୍ନ ସ୍ଥାନରେ ସେବା କେନ୍ଦ୍ର ପରିଦର୍ଶନ କରିବାର ସୁଯୋଗ ନେଲେ ଏବଂ କୁଷ୍ଠରୋଗୀ ବିଶେଷଜ୍ଞଭାବେ ସମଗ୍ର ବିଶ୍ୱରେ ପରିଚିତ ହେଲେ । ତାଙ୍କର 'ପଦରେଖା' ଓ 'କରସେବା' ଭାରତ ବାହାରେ ସବୁ ଦେଶରେ ଚହଳି । କାରଣ ସେ ୧୯୨୭ରୁ ୧୯୩୧ ଯାଏ ଥିଲେ କୁଷ୍ଠରୋଗ ସମୀକ୍ଷକ ଭାବେ ଭାରତ ସରକାର ପକ୍ଷରୁ ମନୋନୀତ ମଧ୍ୟ । ଫଳରେ କୁଷ୍ଠ ରୋଗର ପ୍ରତିଷେଧ ଓ ପ୍ରତିକାର ବିଷୟରେ ବିଶେଷ ଅନୁସନ୍ଧାନକରି ବ୍ୟାପକ ଅଭିଜ୍ଞତା ହାସଲ କରିଥିଲେ । ଏଥିପାଇଁ ୧୯୪୨ରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ୱାର୍ଦ୍ଧାଠାରେ ପ୍ରଶଂସିତ ହୋଇଥିଲେ ମଧ୍ୟ ।

ତାଙ୍କ ଦ୍ୱାରା ଲିଖିତ 'The Psychology of Energy' ଆମେ ଅଧ୍ୟୟନ କଲେ, ତାଙ୍କ ସମ୍ପର୍କରେ ବହୁକିଛି ଜାଣି ପାରିବା । ଏହି ପୁସ୍ତକର ଅନୁସରଣରେ ସ୍ୱର୍ଗତଃ ଡଃ ରୂପକାର 'ଆର୍ତ୍ତବନ୍ଧୁ ଆଇଜାକ୍ ସାନ୍ତ୍ରା' ଜୀବନୀ ରଚନା କରିଛନ୍ତି । ଯାହା ଏକ ଉପାଦେୟ ଜୀବନୀ ।

୧୯୩୮, ଆଇଜାକ୍ ସାହେବ ବ୍ରିଟିଶ୍ ସରକାରଙ୍କ ଦ୍ୱାରା 'ରାୟସାହେବ' ଏବଂ ଭାରତ ସରକାରଙ୍କ ଦ୍ୱାରା 'ଅବଶେଷରେ' ୧୯୬୬ରେ ପଦ୍ମଶ୍ରୀ ଉପାଧି ପାଇଥିଲେ । ଆଜି ତାଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ଓଡ଼ିଆ, ଇଂରାଜୀ, ହିନ୍ଦିରେ ପ୍ରକାଶ ପାଇଲେ ଦେଶବାସୀ ପ୍ରେରଣା ପାଇବେ ।

ସେ ଥିଲେ ଜଣେ ଦାନୀ ବ୍ୟକ୍ତି । ତାଙ୍କ ପରି ତ୍ୟାଗୀ, ସେବକ ଆଜି ବିରଳ । ବରଂ ଜଗତ ଜୀବନକୁ 'ଭୀମ ଭୋଇ'ଙ୍କର ଦର୍ଶନପରି ମୁକ୍ତ, ନିରୋଗ ଓ ସ୍ୱାଧୀନ ଦେଖିବାକୁ ଚାହିଁଥିଲେ । ଏଣୁ ଭୂମିହୀନଙ୍କୁ ଜମି ଦାନକରି ଆତ୍ମାର ଶୀତଳତା ପାଇଁ ସ୍ୱ–ଅର୍ଜିତ ୪ଟି ପ୍ଲଟ୍ ନମ୍ବର ୮୫ (୧-୫୦ ଡି.), ୪୭୫ (୫୩ ଡି.), ୯୧ (୨୮ ଡି.), ୯୩ (୫୫ ଡି.) ଜମି ବିନୋବାଙ୍କର ଭୂଦାନ ସମିତିକୁ ଦାନ କରିଥିଲେ । ୧୯୫୩ରେ ତାହା ବୁଢ଼ାରାଜା ପାହାଡ଼ ତଳେ (ପ୍ରଫେସର କଲୋନୀକୁ ଲାଗି) । ଯାହା ଆଦିବାସୀ ହରିଜନ ସମାଜର ଭୂମିହୀନ ତଥା ସାଂସ୍କୃତିକ ଜୀବନ ପାଇଁ ଉଦ୍ଦିଷ୍ଟ । ଉକ୍ତ ଜମି ଏବେ କେତେଦୂର ସୁରକ୍ଷିତ, କର୍ତ୍ତୃପକ୍ଷ ଅନୁସନ୍ଧାନ କରିବା ଉଚିତ । ଉକ୍ତ ମହାତ୍ମାଙ୍କର ମହତ୍ ଉଦ୍ଦେଶ୍ୟ ସାଧିତ କରିବା ଦାୟିତ୍ୱମାନଙ୍କର ଏକାନ୍ତ କର୍ତ୍ତବ୍ୟ ।

ଅସହାୟ ଓ ପରିଣତ ଜୀବନରେ ସଭ୍ୟ ସମାଜଚ୍ୟୁତମାନଙ୍କର ପାଇଁ ୫୦୦ ଏକର ଜମି ନେଇ 'ହାତୀ ବାଡ଼ି' ସମ୍ବଲପୁରଠାରେ ସ୍ୱାସ୍ଥ୍ୟ ନିବାସ ପ୍ରତିଷ୍ଠା କଲେ ୧୯୫୦ରେ । ଯେଉଁଠି ଶହ ଶହ କୁଷ୍ଠ ରୋଗାକ୍ରାନ୍ତ ନରନାରୀ ଆରୋଗ୍ୟ ଲାଭ କରୁଛନ୍ତି । ଏବେ ତାହା 'ହିନ୍ଦ୍ କୁଷ୍ଠ ନିବାରଣ ସଙ୍ଘ' ଦ୍ୱାରା ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । ସେଠାକାର ବ୍ୟଥା ବେଦନା ମଧ୍ୟରେ ମଧୁର ନର କଲକାକଳି ଆଉ ବିଭୁ ବନ୍ଦନାରେ ସବୁଜ ଅରଣ୍ୟକୁ ମୁଖରିତ କରୁଛି । ସେମାନଙ୍କ ପରି ବାହାରେ ହଜାର ହଜାର ସଂଖ୍ୟାରେ ରୋଗୀ ଦାରୁଣ ରୋଗାକ୍ରାନ୍ତ ଅବସ୍ଥାରେ ଅଛନ୍ତି । ସେମାନଙ୍କର ସୁଖ ସମୃଦ୍ଧି କାମନା କରି ସାମାଜିକ ଦୁର୍ବଳତା ଦୂର କରିବା ଆମର କାମ୍ୟ ହେଉ । ଫଳରେ ମହାତ୍ମା ଗାନ୍ଧୀ, ଆଇଜାକ୍ ସାନ୍ତ୍ରାଙ୍କପରି ମହାନ୍ ଆତ୍ମା ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ତାଙ୍କର ଦେହାନ୍ତ ହୁଏ ୧୯୬୮ ଅଗଷ୍ଟ ୨୯ରେ । ନିରବରେ ଚାଲିଗଲେ ମଧ୍ୟ ସେ ଜାତି, ରୋଗୀ, ଦୁଃଖୀଙ୍କର ଚିରସ୍ମରଣୀୟ ନର–ନାରାୟଣ ହୋଇ ରହିଛନ୍ତି । ବାସ୍ତବରେ "ମନ ନିର୍ମଳ ଯାର ଦେହି, ଉଦବେ ଗଙ୍ଗା ଜଳ ସେହି" । ଆଇଜାକ୍ ଭାରତ ମାଟିର ଗୌରବ ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ସରକାରୀ କଲେଜ, ସୁନ୍ଦରଗଡ଼ ।

# ଅବିସ୍ମରଣୀୟ ପ୍ରତିଭା -- ପ୍ରହ୍ଲାଦ ପ୍ରଧାନ

* ଡଃ କୃତ୍ତିବାସ ନାୟକ

ଓଡ଼ିଶା ତଥା ସମ୍ବଲପୁର ମାଟି ଯେଉଁମାନଙ୍କ ପାଇଁ ଧନ୍ୟ ହୋଇ ପାରିଛି, ସେଇ ପ୍ରତିଭାବାନ ଚରିତ୍ରମାନଙ୍କ ମଧ୍ୟରେ ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କ ନାମ ଅବିସ୍ମରଣୀୟ । ନିଜର ଅଦମ୍ୟ ନିଷ୍ଠା, ଜ୍ଞାନାଭିଳାଷ ଏବଂ ବିଦ୍ୟାର୍ଜ୍ଜନ ପାଇଁ ଥିବା ବ୍ୟାକୁଳତା ଫଳରେ ସେ ସାଧାରଣରୁ ଅସାଧାରଣ ପୁରୁଷ ହିସାବରେ ଇତିହାସ ସୃଷ୍ଟି କରିବାରେ ସଫଳ ହୋଇ ପାରିଥିଲେ । ଜୀବନର ଚତୁର୍ଥ ପ୍ରହରରେ ସେ ୟୁନିଭରସିଟି ଗ୍ରାଣ୍ଟ୍ କମିଶନର ମର୍ଯ୍ୟାଦା ସମ୍ପନ୍ନ ପ୍ରଫେସର ପଦବୀରେ ଅବସ୍ଥାପିତ ହୋଇ ସମଗ୍ର ଓଡ଼ିଆ ଜାତିର ସମ୍ମାନ ବୃଦ୍ଧି କରିବାରେ ସମର୍ଥ ହୋଇଥିଲେ । କେବଳ ସେତିକି ନୁହେଁ, ଆନ୍ତର୍ଜାତିକ ବୌଦ୍ଧଧର୍ମ ଗବେଷକମାନଙ୍କର ସମ୍ମିଳନୀ ୧୯୮୦ ମସିହା ଅଧିବେଶନର ସଭାପତି ପଦ ମଣ୍ଡନ କରି, ସଙ୍ଘ ଲୋକସେବା ଆୟୋଗର ପରୀକ୍ଷକ ଭାବରେ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରି କେବଳ ଓଡ଼ିଶାବାସୀଙ୍କ ପାଇଁ ନୁହେଁ, ସମଗ୍ର ଭାରତୀୟମାନଙ୍କ ପାଇଁ ଗୌରବ ଅର୍ଜନ କରିଛନ୍ତି ।

ସମସ୍ତେ ଜାଣନ୍ତି, ସଂସ୍କୃତ ଭାଷା ହେଉଛି; ବ୍ରାହ୍ମଣ ସମ୍ପ୍ରଦାୟର ଭାଷା । ସଂସ୍କୃତ ଶ୍ଲୋକକୁ ସାଧନ କରିବା ପାଇଁ କେବଳ ବ୍ରାହ୍ମଣମାନେ ହିଁ ସମର୍ଥ । ସେଥିପାଇଁ ଦେଶର ବିଭିନ୍ନ ଅଞ୍ଚଳର କୁଳୀନ ବ୍ରାହ୍ମଣ ପରିବାରର ସନ୍ତାନମାନେ କେବଳ ସଂସ୍କୃତ ଭାଷା ଶିକ୍ଷା କରୁଥିଲେ । ସେମାନେ ପୂଜାପାଠରେ ତାକୁ ପ୍ରୟୋଗ କରୁଥିଲେ । ଲୋକମାନଙ୍କର ଧାରଣା ଥିଲା, ଅବ୍ରାହ୍ମଣ ବ୍ୟକ୍ତିର ମୁଖରେ ସଂସ୍କୃତ ପରି ଦେବଭାଷା ତଥା କ୍ଲିଷ୍ଟ ସଂସ୍କୃତ ଶବ୍ଦ ଉଚ୍ଚାରଣ ସମ୍ଭବ ନୁହେଁ । ତେଣୁ ଅବ୍ରାହ୍ମଣ ପରିବାରରୁ କେହି ସଂସ୍କୃତ ଶିକ୍ଷା ପ୍ରତି ଆକୃଷ୍ଟ ହେଉ ନଥିଲେ । ଯଦି କେହି କେବେ ଜିଜ୍ଞାସୁ ମନ ନେଇ ସଂସ୍କୃତ ଶିକ୍ଷା କରୁଥିଲା, ସେ ସେଥିରେ କୃତକାର୍ଯ୍ୟ ହୋଇ ପାରୁ ନଥିଲା ।

ଏହି ଦୃଢ଼ ଧାରଣାକୁ ଭୁଲବୋଲି ପ୍ରମାଣିତ କଲେ, ପ୍ରଫେସର ପ୍ରହ୍ଲାଦ ପ୍ରଧାନ । ସେ ଜଣେ ଅବ୍ରାହ୍ମଣ ସଂସ୍କୃତ ଛାତ୍ର ହିସାବରେ ପୁରୀ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟୟନ କରି ଅକ୍ଲାନ୍ତ ପରିଶ୍ରମ, ଏକାନ୍ତ ପ୍ରଚେଷ୍ଟା ଏବଂ ଏକାଗ୍ର ସାଧନା ଓ ଅଧ୍ୟବସାୟ ଫଳରେ ବ୍ୟାକରଣାଚାର୍ଯ୍ୟ ପରୀକ୍ଷାରେ କୃତିତ୍ୱ ସହକାରେ ପ୍ରଥମ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରିନେଲେ । ୧୯୩୯ ମସିହାରେ ସଂସ୍କୃତରେ ଉପାଧ୍ୟୋତ୍ତର ପରୀକ୍ଷାରେ ପାଟଣା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କଲେ । ଶେଷରେ ଭାରତର ଗର୍ବ ଓ ଗୌରବ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ପଦବୀ ପାଇଁ ସେ ହେଲେ, ଏକମାତ୍ର ଯୋଗ୍ୟତମ ସଂସ୍କୃତ ବିଶାରଦ ତଥା ଉପଯୁକ୍ତ ପ୍ରଶାସକ । ଫଳରେ ସେ ପ୍ରମାଣିତ କରିଦେଲେ, ସମଗ୍ର ମାନବ ସମାଜ ଗୋଟିଏ ଜାତି । ନିଷ୍ଠା ଓ ପରିଶ୍ରମ ତଥା ଉଚ୍ଚାଭିଳାଷ ଦ୍ୱାରା ଯେକୌଣସି ମଣିଷ ବ୍ରାହ୍ମଣ ହୋଇ ପାରିବ । ସଂସ୍କୃତର କଠିନରୁ କଠିନତମ ଶବ୍ଦକୁ ଶୁଦ୍ଧ ଉଚ୍ଚାରଣ କରିପାରିବ ।

ପ୍ରଫେସର ପ୍ରଧାନ କେବଳ ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରି ନଥିଲେ, ସେ ସଂସ୍କୃତ ବ୍ୟତୀତ ପାଲି, ପ୍ରାକୃତ, ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଇଂରାଜୀ, ଚୀନଦେଶର ଭାଷା ମେଣ୍ଡେରିନ୍, ତିବ୍ବତୀ, ଫ୍ରେଞ୍ଚ୍ ଓ ଜର୍ମାନୀ ଭାଷାକୁ ଆୟତ୍ତ କରି ପାରିଥିଲେ । ଫଳରେ ବିଭିନ୍ନ ଭାଷାରେ ଥିବା ନୂତନ ତଥ୍ୟ ଓ ଜ୍ଞାନକୁ ସେ ଆହରଣ କରିବାର ସୁଯୋଗ ପାଇଥିଲେ । ତାଙ୍କର ବ୍ୟାପକ ଅଧ୍ୟୟନ, ଗଭୀର ଆତ୍ମ ବିଶ୍ୱାସ ଏବଂ ନିଷ୍ଠାପର ତପସ୍ୟା ଫଳରେ । ଓଡ଼ିଆ ଭାଷାରେ ଏକ ଅମୂଲ୍ୟ ସୃଷ୍ଟି 'ସାହିତ୍ୟାୟନ' ନାମକ ପୁସ୍ତକ ଲୋକ ଲୋଚନକୁ ଆସି ପାରିଲା । ଫଳରେ ସେ ଏ'ଯୁଗର ଏକ ବିସ୍ମୟ ପୁରୁଷ ଭାବେ ପରିଚିତ ହେଲେ ।

ବିସ୍ମୟ ପୁରୁଷ ପଣ୍ଡିତ ପ୍ରହ୍ଲାଦ ପ୍ରଧାନଙ୍କର ଜନ୍ମ ହୁଏ, ସମ୍ବଲପୁର ଜିଲ୍ଲାର ଭଟିଲିଥାନା ଅନ୍ତର୍ଗତ ଅମ୍ବପାଲି ଗ୍ରାମରେ । ସେଦିନ ଥିଲା ୧୯୧୦ ମସିହା ଅଗଷ୍ଟ ମାସର ଅଠେଇଶି ତାରିଖ । ପିତା ଚିନ୍ତାମଣି ପ୍ରଧାନ ଜଣେ ସଂସ୍କୃତ ପ୍ରେମୀ ମଣିଷ ଥିଲେ । ସେ ନିଜ ଗାଆଁରେ ଏକ ସଂସ୍କୃତ ଟୋଲ୍ ଖୋଲିବା ପାଇଁ ଦାବୀ କରିଥିଲେ । ତାଙ୍କ ଚେଷ୍ଟାରେ ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ସନ୍ତୁଷ୍ଟ ହୋଇ ଚିନ୍ତାମଣି ପ୍ରଧାନଙ୍କ ଗାଆଁ ପାଖ କମଗାଁରେ ସଂସ୍କୃତ ଟୋଲ୍‌ଟିଏ ଖୋଲିବାକୁ ରାଜି ହେଲେ । ସେତେବେଳେ କମଗାଁରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟିଏ ଥାଏ । ସେଇଠି ପୁଅ ପ୍ରହ୍ଲାଦ ସହିତ ଅନ୍ୟ ପିଲାମାନେ ପାଠ ପଢୁଥିଲେ । ସଂସ୍କୃତ ଟୋଲ୍ ଖୋଲିଲା ବେଳକୁ ପ୍ରହ୍ଲାଦ ବରଗଡ଼ର ଜର୍ଜ ହାଇସ୍କୁଲରେ ନାମ ଲେଖାଇ ଇଂରାଜୀ ପାଠ ପଢୁଥିଲେ ।

ଚିନ୍ତାମଣିବାବୁଙ୍କ ଚେଷ୍ଟାରେ ତ ସଂସ୍କୃତ ଟୋଲ୍‌ଟିଏ କମଗାଁରେ ଖୋଲିଲା । କିନ୍ତୁ ସଂସ୍କୃତ ପାଠ ପଢ଼ିବ କିଏ ? ଛାତ୍ର ମିଳିବେ କେଉଁଠୁ ?? ନିଜପୁଅକୁ ନେଇ ଇଂରାଜୀ- ପାଠ ' ପଢ଼ାଇ ଅନ୍ୟମାନଙ୍କୁ ସଂସ୍କୃତ ପାଠ ପ୍ରତି ଆକୃଷ୍ଟ କରିବା ଅର୍ଥ ଲୋକହସା ହେବା ସାର ହେବ, ଏକଥାକୁ ସେ ମନେ ମନେ ଅନୁଭବ କରିଥିଲେ, ତେଣୁ ସେ ନିଜପୁଅକୁ ଜର୍ଜ ହାଇସ୍କୁଲରୁ ଆଣି ପ୍ରଥମେ ସଂସ୍କୃତ ଟୋଲ୍‌ରେ ପ୍ରବେଶ କରାଇଲେ । ଅଳ୍ପଦିନ ମଧ୍ୟରେ କମଗାଁ ସଂସ୍କୃତ ଟୋଲ୍‌ରୁ ପ୍ରହ୍ଲାଦ ପାଣିନୀ ବ୍ୟାକରଣ ଶେଷ

କରିଦେଲେ । ସଂସ୍କୃତ ଶିକ୍ଷାରେ ମଧ୍ୟମା ପାଶ୍ କଲା ପରେ ସଂସ୍କୃତ ଟୋଲ୍‌ଟି ଅଚଳ ହୋଇ ପଡ଼ିଲା । ଶିକ୍ଷାସ୍ପୃହା ବାଳକ ପ୍ରହ୍ଲାଦର ଉଚ୍ଛାଣରେ ଭଟ୍ଟା ପଡ଼ିଗଲା । ସେ କୌଣସି ପ୍ରକାର କୂଳ କିନାରା ନପାଇ ଛଟପଟ ହେବାରେ ଲାଗିରହିଲେ । ପିତା ଚିନ୍ତାମଣିବାବୁ ନିଜକୁ ଅସହାୟ ମନେକଲେ । କେବଳ ପଶ୍ଚାତାପ କରିବା ବ୍ୟତୀତ ତାଙ୍କର ଆଉ କୌଣସି ଉପାୟ ନଥିଲା ।

ସଂସ୍କୃତରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସେତେବେଳେ କେବଳ ପୁରୀ ସଂସ୍କୃତ ମହାବିଦ୍ୟାଳୟଉପରେ ହିଁ ନିର୍ଭର କରିବାକୁ ପଡୁଥିଲା । ଏ କଥା ଜାଣିଲା ପରେ ବାଳକ ପ୍ରହ୍ଲାଦର ମନ ଉଚ୍ଛନ୍ନ ହେଲା । ସେ ପୁରୀଯାଇ ସେଇଠି ସଂସ୍କୃତ ବିଦ୍ୟାର୍ଜନ ପାଇଁ ବ୍ୟାକୁଳ ହୋଇ ଉଠିଲେ । ମାଆ ଛେଉଣ୍ଡ ବାଳକକୁ ପୁରୀ ଭଳି ଦୂର ରାଇଜକୁ ପଠାଇ ଦେବାକୁ ପିତା ଚିନ୍ତାମଣିଙ୍କର ମନ ବଳିଲା ନାହିଁ । ସେ ହୃଦୟକୁ କଠୋର କରି ପୁଅର ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ନିମ୍ନର ଆଦେଶ ଦେଲେ ।

ପ୍ରତିଭାବାନ ବ୍ୟକ୍ତିର ଉଚ୍ଚ ଅଭିଳାଷ ସର୍ବଦା ଫଳବତୀ ହୁଏ । କିଏ ଟିକେ ଶୀଘ୍ର ସୁଫଳ ପାଏ ତ କିଏ ଟିକେ ବିଳମ୍ବରେ । କିନ୍ତୁ ଉଚ୍ଚଆଶା ସମ୍ପୂର୍ଣ୍ଣ ବିଫଳ ହୁଏ ନାହିଁ । ବାଳକ ପ୍ରହ୍ଲାଦଙ୍କର ଦୃଢ଼ ମନୋବଳ, ଶିକ୍ଷାପ୍ରତି ଆଦର ଏବଂ ଉଚ୍ଚ ଅଭିଳାଷ ତାଙ୍କୁ ଦିନେ ସଫଳତାର ଶୀର୍ଷ ପାବଚ୍ଛରେ ପହଞ୍ଚାଇ ଦେଲା ।

ବିଦ୍ୟାର୍ଜନ ପାଇଁ ସେ ସକଳ ବାଧା ବିଘ୍ନକୁ ତୁଚ୍ଛ ମନେକରି ନିଜର ଆତ୍ମବିଶ୍ୱାସକୁ ଦୃଢ଼କଲେ । ପୁରୀରେ ଏକୁଟିଆ ରହି ଚଳିପାରିବେ ବୋଲି ସ୍ଥିର କଲେ, ତେଣୁ ଦିନେ ସେ ଘରେ କାହାରିକୁ ନଜଣାଇ କର୍ମପଥରେ ଆଗେଇ ଗଲିଲେ । କିନ୍ତୁ ବାଳକ ପ୍ରହ୍ଲାଦଙ୍କର ଚେଷ୍ଟା ବିଫଳ ହେଲା । ସେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ଘରକୁ ଫେରିଲେ । ଦ୍ୱିତୀୟ ଥର ସେହିମିତି ସମ୍ବଲପୁର ପର୍ଯ୍ୟନ୍ତ ଆସି ଧରାପଡ଼ିଲେ । ଥରେ ଯିଏ ଘରୁ ପାଦବାହାର କରିଛି, ତାକୁ ସମ୍ଭାଳିବା କଷ୍ଟକର । ଥରକୁ ଥର ଲୁଚି ପଳାଇ ବାର ଚେଷ୍ଟା କରି ପ୍ରହ୍ଲାଦବାବୁ ତୃତୀୟଥର ୧୯୨୭ ମସିହାରେ ସଫଳତା ଲାଭ କଲେ । ନିଜ ଗାଆଁରୁ ବାହାରି ବରଗଡ଼, ସମ୍ବଲପୁର ବାଟ ଦେଇ ସେ ଝାରସୁଗୁଡ଼ାରେ ପହଞ୍ଚିଲେ । ସେଇଠୁ ଟ୍ରେନ୍ ଧରି ଖଡ଼ଗପୁର ବାଟ ଦେଇ ନିଜର ଲକ୍ଷ୍ୟ ସ୍ଥଳ ପୁରୀରେ ପହଞ୍ଚିଲେ । ଏଣେ ପିତା ଚିନ୍ତାମଣିବାବୁଙ୍କ ସମେତ ଗ୍ରାମବାସୀ ବାଳକ ପ୍ରହ୍ଲାଦ ପାଇଁ ବ୍ୟସ୍ତ ହେଲେ । ସେମାନେ ଜାଣିଥିଲେ, ବିଦ୍ୟାପ୍ରେମୀ ପ୍ରହ୍ଲାଦ ସଂସ୍କୃତ ଶିକ୍ଷା ପାଇଁ ନିଶ୍ଚୟ ପୁରୀ ଚାଲିଯାଇଥିବ । ଜଣାପଡ଼ିଲା, ସେ ସିନ୍ଦୁକରୁ କିଛି ଟଙ୍କା ମଧ୍ୟ ନେଇ ଯାଇଛି । ତେଣୁ ପିତା ଚିନ୍ତାମଣି ଟିକେ ଆଶ୍ୱସ୍ତି ଅନୁଭବ କଲେ । କାରଣ ଏତେ ଛୋଟ ପିଲାଟା ବାହାର ଜାଗାରେ ରହି ଅର୍ଥ ଅଭାବରେ ଆଉ ଏତେ ହଇରାଣ ହେବନାହିଁ । ତଥାପି ତାଙ୍କ ମନସ୍ଥିର ହେଇରହି ପାରିଲା ନାହିଁ । ସେ ପୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟକୁ ତାର ବାର୍ତ୍ତା ଦ୍ୱାରା ପୁଅ ଘରଛାଡ଼ି ଯିବା କଥା ଜଣାଇ ଦେଲେ ।

ଅଧ୍ୟକ୍ଷ ତାରବାର୍ତ୍ତା ପାଇବା ବେଳକୁ ପ୍ରହ୍ଲାଦବାବୁ ସେଠାରେ ପହଞ୍ଚି ନଥାନ୍ତି । ତେଣୁ ସମସ୍ତେ ତାଙ୍କର ପହଞ୍ଚିବା ବାଟକୁ ଚାହିଁ ରହିଥାନ୍ତି । ତାଙ୍କର ସଂସ୍କୃତ ବିଦ୍ୟା ପ୍ରତି ଆଦର ଏବଂ ଦୃଢ଼ ମନୋବଳ ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇ ଯାଇ ଥିଲେ । ସେତେବେଳେ କେବଳ ବ୍ରାହ୍ମଣମାନେ ହିଁ ପୁରୀର ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଉଥିଲେ । ଏହି ପରମ୍ପରାକୁ ଭଙ୍ଗ କରିବା ଥିଲା ଦୁରୂହ ବ୍ୟାପାର । ତଥାପି ପ୍ରହ୍ଲାଦଙ୍କର ଉତ୍ସାହ ଏବଂ ଗୁରୁ ଭାମାଞ୍ଜା ପାଣ୍ଡେଙ୍କର ଏକାନ୍ତ ପ୍ରଚେଷ୍ଟାରେ ସେ ଜଣେ ଅବ୍ରାହ୍ମଣ ଛାତ୍ରକୁ କର୍ତ୍ତୃପକ୍ଷ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଏକାଗ୍ର ସାଧନା ଫଳରେ ସେ ପୁରୀ ସଂସ୍କୃତ ମହାବିଦ୍ୟାଳୟରୁ ୧୯୩୩ ମସିହାରେ ବ୍ୟାକରଣାଚାର୍ଯ୍ୟ ପରୀକ୍ଷା ଦେଇ ପ୍ରଥମ ସ୍ଥାନ ଅଧିକାର କଲେ । ଏହି କୃତିତ୍ୱ ଅନ୍ୟମାନଙ୍କୁ ଚମତ୍କୃତ କରି ଦେଇଥିଲା ।

ପୁରୀରୁ ଆସି ସେ ପୁଣି ବରଗଡ଼ ହାଇସ୍କୁଲରେ ନାମ ଲେଖାଇ ମେଟ୍ରିକ୍ ପରୀକ୍ଷା ଦେଲେ । ଆଶ୍ଚର୍ଯ୍ୟର କଥା– ସେଥିରେ ମଧ୍ୟ ସେ ପ୍ରଥମ ଶ୍ରେଣୀରେ ପାଶ୍ କଲେ । ତାପରେ ସେ ପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ୧୯୩୫ ମସିହାରେ ଆଇ.ଏ. ଏବଂ ୧୯୩୭ ମସିହାରେ ବି.ଏ. ପାଶ୍ କଲେ । ୧୯୩୯ ମସିହାରେ ସଂସ୍କୃତରେ ଏମ୍.ଏ. ପରୀକ୍ଷା ଦେଇ ପୁଣି ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କଲେ । ତେଣୁ ତାଙ୍କୁ ବିଶ୍ୱନାଥ ଦାସଙ୍କ ଗବେଷଣା ବୃତ୍ତି ମିଳିଲା । ସେ ବୃତ୍ତି ପାଇ ବୌଦ୍ଧଧର୍ମ ଏବଂ ପାଲି ଭାଷା ଉପରେ ଜ୍ଞାନ ଅର୍ଜନ ପାଇଁ ସେହି ବର୍ଷ ଶାନ୍ତିନିକେତନ ଗଲେ । ତାଙ୍କର ଗଭୀର ଅଧ୍ୟୟନ ଏବଂ ଦୃଢ଼ ମନୋବଳକୁ ଦେଖି ଭାରତ ସରକାର ତାଙ୍କୁ ଉଚ୍ଚଶିକ୍ଷା ତଥା ଗବେଷଣା ପାଇଁ ୧୯୪୯ ମସିହାରେ ଚୀନ ପ୍ରେରଣ କଲେ । ଦୀର୍ଘ ତିନି ବର୍ଷ କାଳ ସେ ଚୀନ ଦେଶରେ ରହି ଅନେକଗୁଡ଼ିଏ ଲୁପ୍ତପ୍ରାୟ ବୌଦ୍ଧ ସାହିତ୍ୟର ପୁନରୁଦ୍ଧାର କରିବାରେ ସମର୍ଥ ହେଲେ । ଯେଉଁ ସମସ୍ତ ବୌଦ୍ଧ ସାହିତ୍ୟ ଭାରତରେ ସୃଷ୍ଟି ହୋଇ ମଧ୍ୟ ଦୁଷ୍ପ୍ରାପ୍ୟ ହୋଇ ଯାଇଛି, କିନ୍ତୁ ଚୀନ ଦେଶରେ ତାହା ଚୀନ ଭାଷାରେ ଅନୁଦିତ ହୋଇ ସଂରକ୍ଷିତ ହୋଇ ରହିଛି । ସେଗୁଡ଼ିକୁ ଉଦ୍ଧାର କରିବାରେ ଲାଗିପଡ଼ିଲେ । ସେଥିମଧ୍ୟରୁ ଅତ୍ୟନ୍ତ ଉପାଦେୟ ଗ୍ରନ୍ଥ ବସୁବନ୍ଧୁଙ୍କର 'ଅଭିଧର୍ମ କୋଷ ଭାଷ୍ୟ' ଅନ୍ୟତମ । ଯାହା ତାଙ୍କୁ ଆନ୍ତର୍ଜାତିକ ଖ୍ୟାତି ଆଣି ଦେଇଥିଲା । ୧୯୫୨ ମସିହାରେ ସେ ଚୀନ ଦେଶରୁ ଫେରି ରେଭେନ୍‌ସା କଲେଜରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କଲେ । ୧୯୫୮ ମସିହାରୁ ୧୯୭୦ ମସିହା ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରଠାରେ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ । ସେଠାରୁ ଅବସର ଗ୍ରହଣ କଲାପରେ ତାଙ୍କର କର୍ତ୍ତବ୍ୟନିଷ୍ଠା ଏବଂ ବିଚକ୍ଷଣ ପାଣ୍ଡିତ୍ୟ ଦେଖି ଓଡ଼ିଶା ସରକାର ତାଙ୍କୁ ସାଂସ୍କୃତିକ ବିଭାଗର ମୂଲ୍ୟବାନ ପୋଥି ଓ ତାଳପତ୍ର ଲେଖାଗୁଡ଼ିକର ସମ୍ପାଦନା ଦାୟିତ୍ୱ ପ୍ରଦାନ କଲେ । ପ୍ରଫେସର ପ୍ରଧାନ ଯେତେବେଳେ ଯେଉଁ ଦାୟିତ୍ୱରେ ରହିଥିଲେ, ତାକୁ ସେ ସୁଷ୍ଠୁ ରୂପେ ତୁଲେଇ ନେଇ ପାରିଥିଲେ । ୧୯୭୦ ମସିହାରେ ତାଙ୍କୁ ୟୁନିଭରସିଟି ଗ୍ରାଣ୍ଟ କମିଶନ ପ୍ରଫେସର ଭାବେ ପୁନଃନିଯୁକ୍ତି ଦେଇ ରେଭେନ୍‌ସା କଲେଜର ସଂସ୍କୃତ ବିଭାଗରେ ଅବସ୍ଥାପିତ କରି ତାଙ୍କୁ ଉପଯୁକ୍ତ ସମ୍ମାନରେ ସମ୍ମାନିତ କରିଥିଲେ ।


ଶାନ୍ତିନିକେତନରେ ଥିଲାବେଳେ ପ୍ରଫେସର ପ୍ରଧାନ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଏବଂ ମହାତ୍ମାଗାନ୍ଧୀଙ୍କ ପରି ମହାମନିଷୀଙ୍କର ସଂସ୍ପର୍ଶରେ ଆସିପାରିଥିଲେ । ନିଜର ଚାକିରିକାଳ ମଧ୍ୟରେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଏବଂ ଫକୀର ମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ଥିଲେ । ପରବର୍ତ୍ତୀ କାଳରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶାର ଅନେକ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ସହିତ ଏବଂ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଜଡ଼ିତ ଥିଲେ ।

ତାଙ୍କର ସାହିତ୍ୟକୃତି ମଧ୍ୟରୁ 'ସାହିତ୍ୟାୟନ' ତାଙ୍କର ଗଭୀର ଅଧ୍ୟୟନର ପରିଚୟ ଦିଏ । ଧମ୍ମପଦ ଓ ପାଲିଭାଷାର କେତୋଟି ଗାଥା ଶୀର୍ଷକ ଗବେଷଣା ମୂଳକ ନିବନ୍ଧଟି ଉଚ୍ଚଶିକ୍ଷାର ଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଆସୁଛି । 'ପାଲି ଧମ୍ମପଦ' ପୁସ୍ତକରେ ସେ ପାଲି ଭାଷାରୁ ଓଡ଼ିଆକୁ ଅନୁବାଦ କରିଛନ୍ତି । 'ସୂତ୍ରସୁଧାନିଧି ଆଲୋଚନା'ଟି ଡଗର ପତ୍ରିକାରେ ନିୟମିତ ଧାରାବାହିକ ଭାବେ ଆତ୍ମପ୍ରକାଶ କରି ତାଙ୍କର ପାଣ୍ଡିତ୍ୟର ପରିଚୟ ଦେଇଛି । ଅନ୍ୟ କେତେକ ତଥ୍ୟମୂଳକ ପ୍ରବନ୍ଧ ପୌରୁଷ ପତ୍ରିକାରେ ନିୟମିତ ପ୍ରକାଶ ପାଇଥିଲା । 'ଅଭିଧର୍ମ ସମୁଚ୍ଚୟ' ପୁସ୍ତକଟି ତାଙ୍କର ମୌଳିକ ସାହିତ୍ୟକୃତି ନହେଲେ ମଧ୍ୟ ତାହା ତାଙ୍କୁ ପ୍ରତିଷ୍ଠା ଆଣିଦେବାରେ ସହାୟକ ହୋଇଥିଲା । ଏହାର ମୂଳ ଖଣ୍ଡିତ ପାଣ୍ଡୁଲିପିଟି ତିବ୍ବତରୁ ସେ ପ୍ରାପ୍ତ ହୋଇଥିଲେ । କେବଳ ଓଡ଼ିଆ ଭାଷା ନୁହେଁ, ହିନ୍ଦି ଭାଷାରେ ମଧ୍ୟ ତାଙ୍କର ଗଭୀର ପ୍ରବେଶ ଥିଲା । ଫଳରେ ପ୍ରଫେସର ପ୍ରଧାନ ହିନ୍ଦିରେ 'କବିଶ୍ରୀ ମାଳା' ପୁସ୍ତକ ରଚନା କରିଥିଲେ । ତାଙ୍କର ହିନ୍ଦି ଲେଖାଗୁଡ଼ିକ ବିଭିନ୍ନ ହିନ୍ଦି ପତ୍ରିକାରେ ସ୍ଥାନ ପାଉଥିଲା ।

ଏହିଭଳି ଜଣେ ମହାନ୍ ସାହିତ୍ୟକାର, ଗବେଷକ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱରେ ଥିଲାବେଳେ ରକ୍ତଚାପ ରୋଗରେ ପିଡ଼ିତ ହୋଇ ମଧ୍ୟ ନିଜକୁ କେବେ କ୍ଳାନ୍ତ ଅନୁଭବ କରୁ ନଥିଲେ । କର୍ମରତ ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କର କର୍ମମୟ ଜୀବନର ଅବସାନ ଘଟିଲା ୧୯୮୨ ମସିହାର ଏପ୍ରିଲ୍ ମାସ ସତର ତାରିଖରେ । ସତରେ ଉତ୍କଳମଣି ଗୋପବନ୍ଧୁଙ୍କର ଭାଷା "କର୍ମେ ଯିଏ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ"କୁ ସେ ଅକ୍ଷରେ ଅକ୍ଷରେ ପାଳନ କରି ଚାଲିଗଲେ ।

---


ଆକାଶ ବାଣୀ,
ସମ୍ବଲପୁର-୭୬୮୦୦୧ ।




ଧାମରା ଚାନ୍ଦବାଲି ବନ୍ଦରର ଶତବାର୍ଷିକୀ ପାଳନ ଅବସରରେ ସୂର୍ଯ୍ୟ ପରିଷଦ, ଚାନ୍ଦବାଲି ଦ୍ୱାରା ପ୍ରକାଶିତ ଏକ ପତ୍ରିକାକୁ ପୂର୍ତ୍ତ ଓ ଗୃହ ନିର୍ମାଣ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଉନ୍ମୋଚନ କରୁଛନ୍ତି ।

**ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ବଳିଷ୍ଠ ନେତୃତ୍ୱରେ ଗଠିତ ଲୋକ ପ୍ରିୟ ସରକାରଙ୍କର ଶାସନର ତିନି ବର୍ଷ ପୂର୍ଣ୍ଣ ହୋଇଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ଓଡିଶାରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଆଜି ଜନସାଧାରଣଙ୍କ ମନରେ ସୃଷ୍ଟି କରିପାରିଛି ଏକ ନୂତନ ଆଶା, ଉତ୍ସାହ ଓ ଆତ୍ମବିଶ୍ୱାସ।**

- ବିଶ୍ୱ ବିଖ୍ୟାତ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ସୁପରିକଳ୍ପିତ ବିଜ୍ଞାନ ସମ୍ମତ ସକ୍ରିୟ ପଦକ୍ଷେପ।
- ଶ୍ରମିକମାନଙ୍କର ସର୍ବ ନିମ୍ନ ମଜୁରି ଟ.୨୫/- କୁ ବୃଦ୍ଧି।
- ବାର୍ଦ୍ଧକ୍ୟ, ଅକର୍ମଣ୍ୟ ଓ ବିଧବା ଭତ୍ତା ଟ.୧୦୦/- କୁ ବୃଦ୍ଧି, କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଓ ଭୂମିହୀନ ଶ୍ରମିକ ପାଇଁ ନୂତନ ଭତ୍ତା ଯୋଜନା, ବିଧବା ଭତ୍ତାପାଇଁ ବୟସ ସୀମା ପ୍ରତ୍ୟାହୃତ, ୨,୨୯,୮୧୦ ଜଣ ବିଧବାଙ୍କ ସମେତ ୪,୬୨,୬୯୦ ଜଣଙ୍କୁ ଭତ୍ତା ପ୍ରଦାନ।
- ଗ୍ରାମାଂଚଳର ଲୋକଙ୍କର ନିଜସ୍ୱ ବାସଗୃହ ତିଆରି ପାଇଁ କଳିଙ୍ଗ କୁଟିର ଯୋଜନା।
- ମହିଳା ବିକାଶ ନିଗମ, ମହିଳା ବ୍ୟାଙ୍କ ଓ ମହିଳା କମିଶନ ଗଠିତ। ସରକାରୀ ଚାକିରୀରେ ମହିଳାମାନଙ୍କ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଓ ଚାକିରୀରେ ସେମାନଙ୍କର ପ୍ରବେଶ ପାଇଁ ବୟସ ସୀମା କୋହଳ।
- କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ପଞ୍ଚାୟତି ରାଜ ଅନୁଷ୍ଠାନ ଓ ପୌର ସଂସ୍ଥା ନିର୍ବାଚନ ଅନୁଷ୍ଠିତ। ଏହି ସବୁ ଅନୁଷ୍ଠାନରେ ମହିଳା ମାନଙ୍କ ପାଇଁ ସ୍ଥାନ ସଂରକ୍ଷିତ। ୨୮,୫୮୯ ଜଣ ମହିଳା ବିଭିନ୍ନ ପଦବୀ ପାଇଁ ନିର୍ବାଚିତ।
- ଦକ୍ଷ ପ୍ରଶାସନ ପାଇଁ ଜିଲ୍ଲା ପୁର୍ନଗଠିତ।
- ଉଚ୍ଚ ସ୍ତରରେ ଦୁର୍ନୀତି ବିଲୋପ ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠିତ, ବେଆଇନ ଭାବେ ଅର୍ଜିତ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆଇନ ପ୍ରଣୟନ।
- ବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡିଶାକୁ ବିଂଶ ଶତାବ୍ଦୀ ଶେଷସୁଦ୍ଧା ବଳକା ରାଜ୍ୟରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା।
- ଶିଳ୍ପର ଅଭିବୃଦ୍ଧି ପାଇଁ ନୂତନ ଶିଳ୍ପନୀତି ପ୍ରଣୟନ। ୫ଟି ନୂଆ ଇସ୍ପାତ କାରଖାନା, ୨ଟି ଆଲୁମିନା କାରଖାନା, ଗୋଟିଏ ଲେଖାଏଁ ପେଟ୍ରୋକେମିକାଲ୍ସ୍ ସୋଡିୟମ୍ ନାଇଟ୍ରେଟ୍ ଓ ନାଇଟ୍ରିଟ୍ ଏବଂ ଡିସ୍‌ପୋଜାଲ୍ ସିରିଞ୍ଜ୍ କାରଖାନା ପ୍ରତିଷ୍ଠା ପାଇଁ ପଦକ୍ଷେପ।
- ବାହାବଳପୁରଠାରେ କ୍ଷୁଦ୍ର ପୋତାଶ୍ରୟ ନିର୍ମିତ, ପାରାଦ୍ୱୀପ ବନ୍ଦର ଉନ୍ନୟନ ଓ ଗୋପାଳପୁରକୁ ସବୁଦିନିଆ ବନ୍ଦରରେ ପରିଣତ କରିବାପାଇଁ ଯୋଜନା।
- ଅଷ୍ଟମ ଯୋଜନା କାଳ ମଧ୍ୟରେ ୩୦ ପ୍ରତିଶତ ଅଧିକ ଜମି ଜଳସେଚିତ କରିବା ପାଇଁ ପଦକ୍ଷେପ। ୩୦,୦୦୦ ହେକ୍ଟର ଜମିରେ ଉଠାଜଳସେଚନ ମାଧ୍ୟମରେ ଜଳସେଚ ବ୍ୟବସ୍ଥା ପାଇଁ ୧୦୦ କୋଟି ଟଙ୍କା ଜର୍ମାନ୍ ସହାୟତା ମଞ୍ଜୁର।
- କଳିଙ୍ଗର ଲୁପ୍ତ ଗୌରବର ପୁନରୁଦ୍ଧାର ପାଇଁ ଐତିହାସିକ କଳିଙ୍ଗ ବାଲିଯାତ୍ରା ଅନୁଷ୍ଠିତ।
- ୨୦୦୦ ମସିହାସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା।
- ପ୍ରାଥମିକ ଶିକ୍ଷାର ସାର୍ବଜନୀକରଣ ପାଇଁ ପଦକ୍ଷେପ-
  ନିରକ୍ଷରତା ଦୂରୀକରଣ ପାଇଁ ୬ଟି ଜିଲ୍ଲାରେ ସଂପୂର୍ଣ୍ଣ ସାକ୍ଷର ଅଭିଯାନ। ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ର ଛାତ୍ରୀମାନଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ଅଗ୍ରାଧିକାର।
- ଭିକାରୀ ବ୍ୟକ୍ତି, ପେନସନ୍ ପାଉଥିବା ବିଧବା ଓ ବୃଦ୍ଧ, ଚିହ୍ନିତ ଗୋତି ଶ୍ରମିକ ପାଇଁ ଆଇ.ଡି.ପି. ଓ ଡି.ପି.ଏ.ପି. ବ୍ଲକରେ ରିହାତି ମୂଲ୍ୟରେ ଚାଉଳ ଓ ଗହମ ଯୋଗାଣ।



**ସୂଚନା ଓ ଲୋକ ସମ୍ପର୍କ ବିଭାଗ**

# ପ୍ରଗତି ଓ ସମୃଦ୍ଧିର ନୂତନ ଅଧ୍ୟାୟ



ପ୍ରାକୃତିକ ସଂପଦରେ ଭରପୂର ଓଡ଼ିଶାକୁ ଦେଶର ଏକ ଅଗ୍ରଗଣ୍ୟ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ କରିବା ପାଇଁ ଆଜି ଆବଶ୍ୟକ ଜନସାଧାରଣଙ୍କ ସହଯୋଗ ଓ ସଂକଳ୍ପବଦ୍ଧ ଉଦ୍ୟମ ।

# ସ୍ମରଣୀୟ ପ୍ରତିଭା – ଆଶାଲତା ଦେବୀ

* ଡଃ ରାଜେନ୍ଦ୍ର ରାଜୁ

ଜାତିର ସ୍ୱାର୍ଥ ଉଦ୍ଦେଶ୍ୟରେ ମା ପୁଅକୁ ମରଣ ପଥକୁ ଠେଲି ଦେଇପାରେ, ଏପରି ଉଦାହରଣ ପୃଥିବୀ ଇତିହାସରେ ଖୁବ୍ କମ୍ ଦେଖାଯାଏ । କିନ୍ତୁ ଆଶାଲତା ଦେବୀଙ୍କ ଜୀବନକୁ ଅନୁଧ୍ୟାନ କଲେ ଏପରି ଉଦାହରଣ ଅଭାବ ନାହିଁ । ଯେଉଁ ଦିନ ସେ 'ବିଜୁ' ପରି ପୁଅର ମା' ହେଲେ ଏଇ ଦିନରୁ ସେ ଅନେକ ସ୍ୱପ୍ନ ଦେଖୁଥିଲେ, ଅନେକ କଥା କଳ୍ପନା କରିଥିଲେ, ଯେଉଁଥିରେ ଥିଲା କଳିଙ୍ଗର ଅତୀତ ଦିନର କଥା ତଥା ଆଗାମୀ ଦିନର ସ୍ୱପ୍ନ ।

ସେ ଥିଲେ ଆର୍ଯ୍ୟ ଜନନୀ । ଆର୍ଯ୍ୟ ସଂସ୍କୃତିର ମୂଳ ମନ୍ତ୍ର ପ୍ରେମ ଓ ଶ୍ରଦ୍ଧାକୁ ସେ ଆଦର୍ଶ ରୂପେ ଗ୍ରହଣ କରିଥିଲେ । ପ୍ରତ୍ୟେକଙ୍କୁ ସେ ଆପଣାର କରିନେଇଥିଲେ । ସେବା ଓ ମମତାର ପ୍ରତୀକ ରୂପେ ଯେତେବେଳେ ସେ ସର୍ବତ୍ର ପରିଚିତା ହେଲେ, ସେଇ ଦିନରୁ ସେ ହେଲେ ସର୍ବଜନାଦୃତା "ମା' ଠାକୁରାଣୀ" । ମା' ଠାକୁରାଣୀ କହିଲେ ସମସ୍ତେ ତାଙ୍କୁ ଜାଣିଲେ କାରଣ ତାଙ୍କ ଦୁଆରୁ କେହି ଖାଲି ହାତରେ ଫେରି ନଥିଲେ । ସେ ଥିଲେ ଅନ୍ନପୂର୍ଣ୍ଣା ।

ଯେଉଁ ଦିନ ସେ ସୁଦୂର ବିହାରରୁ ଛାଡ଼ି ଓଡ଼ିଶାର ମାଟିରେ ପାଦ ଦେଲେ ତାଙ୍କ ଆଖି ଆଗରେ ନାଚି ଯାଉଥିଲା ଅତୀତର ଦୃଶ୍ୟାବଳୀ । ତାଙ୍କ ପରିବାରର ଆତ୍ମତ୍ୟାଗ । ତାଙ୍କ ପୁତୁରା ଦେବ ପ୍ରସାଦ ଓ ଆନନ୍ଦ ପ୍ରସାଦ ଯେପରି ହସି ହସି 'ବନ୍ଦେ ଭାରତ ଜନନୀ' କହି ଆତ୍ମୋତ୍ସର୍ଗ କରିଥିଲେ । ସେପରି ସନ୍ତାନର ସେ ଜନନୀ ହେବାପାଇଁ ତାଙ୍କ ହୃଦୟ ବ୍ୟାକୁଳିତ ହୋଇଥିଲା । ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ପରି ସୁଯୋଗ୍ୟ ପୁରୁଷ ତଥା ମାତା ଆଶାଲତା ଦେବୀଙ୍କ ପରି ସୁଯୋଗ୍ୟ ଜନନୀଠାରୁ ଏ ଦେଶ ଆଉ କ'ଣ ଆଶା କରିଥାନ୍ତା । ବିଜୁବାବୁଙ୍କ ପରି ଏକ ସୁସନ୍ତାନ ବିନା କଳିଙ୍ଗ ଜନନୀର ଅନ୍ୟ ଆଶା କିଛି ନଥିଲା ।

ଆଶାଲତା ଦେବୀ ପିଲାଙ୍କୁ ସବୁବେଳେ ତାଙ୍କ ପରିବାରର ଆତ୍ମତ୍ୟାଗ ବିଷୟରେ କହୁଥିଲେ । ତ୍ୟାଗ ବଳରେ ମନୁଷ୍ୟ ବଡ଼ ହୋଇପାରେ ଏ କଥା ପିଲାଏ ମା'ଙ୍କ ଠାରୁ ହିଁ ଶିଖିଥିଲେ କାରଣ ଆଶାଲତା ଦେବୀଙ୍କ ପରିବାର ଏକ ବଳିଷ୍ଠ ପରମ୍ପରା ମଧ୍ୟରେ ଆବଦ୍ଧ ଥିଲା । ଯେଉଁ ପରିବାରର ମୂଳମନ୍ତ୍ର ଥିଲା ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ।

ମା' ସବୁବେଳେ ପିଲାଙ୍କୁ ଋଗ୍‌ବେଦର ବାଣୀ କହୁଥିଲେ....

"ମଧୁବାତ୍ ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ
ମାଧ୍ୱୀର୍ନଃ ସନ୍ତ୍ୱୋଷ ଧୀଃ ମଧୁନକ୍ତ ମୁତୋମସୋ
ମଧୁମତ୍ ପାର୍ଥିବ ରଜଃ
ମଧୁଦ୍ୟୌରସ୍ତୁ ନଃ ପିତା
ମଧୁ ମାନ୍ନୋ ବନସ୍ପତି ର୍ମଧୁମାନ ଅସ୍ତୁସୂର୍ଯ୍ୟ
ମାଧ୍ୱୀର୍ଗାବୋ ଭବନ୍ତୁ ନଃ "------

ସ୍ୱାଧୀନତା ସଂଗ୍ରାମ ବେଳେ ସେ ଜାତୀୟ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ନଥିଲେ ବି ସେ ଏପରି କାର୍ଯ୍ୟ କରିଯାଇଛନ୍ତି ଯାହାକୁ ଅନୁଧ୍ୟାନ କଲେ ଆମେ ଜାଣି ପାରିବା ଯେ, ସେ ଥିଲେ ଜାତୀୟ ଆନ୍ଦୋଳନର ଜଣେ ନୀରବ ସାଧିକା । ଜାତୀୟ ଆନ୍ଦୋଳନର ଅନ୍ତରାଳେ ରହି ସେ ଜାତୀୟତା ବହ୍ନିକୁ ଏପରି ପ୍ରଜ୍ୱଳିତ କରିଥିଲେ ଯେ, ସେ ଜନନୀଙ୍କୁ ଆମେ ଆଜିଯାଏଁ ଚିହ୍ନି ପାରିନେ କି ସେ ଯଜ୍ଞବେଦୀର ଏ ତପସ୍ୱିନୀଙ୍କୁ ଆମେ ଉଚିତ ସମ୍ମାନ ଦେଇପାରିନେ ।

୧୯୯୨ ମସିହା ଅପ୍ରେଲ ମାସ ୨୦ ତାରିଖ । ସମଗ୍ର ଭାରତ ବର୍ଷରେ ଆନ୍ଦୋଳନର ବହ୍ନି ହୁ ହୁ ହୋଇ ଜଳିବାକୁ ଗଲାବେଳେ ଆଶାଲତା ଦେବୀ ଅମର ପଥର ପଥିକା ହେଲେ । ଆଉ ଏ ଜାତି ପାଇଁ ଛାଡ଼ି ଦେଇଥିଲେ କଳିଙ୍ଗର ବରପୁତ୍ର ବିଜୁ ପଟ୍ଟନାୟକଙ୍କୁ ଆମରି ହାତରେ । ଆଜି ଆଶାଲତା ଦେବୀ ନାହାଁନ୍ତି ସତ, କିନ୍ତୁ ତାଙ୍କରି ପରି ମା'ଟିଏ ପାଇବାକୁ ହେଲେ ଆମକୁ ଆଉ କେତେ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ସେ କଥା କିଏ କହିବ ।

---

କଳ୍ପେଶ୍ୱରୀ ବିଦ୍ୟୁତ୍ କଲୋନୀ
ଭାୟା–ଗୋବରା, ଜି. ଗଞ୍ଜାମ–୭୬୧୦୨୪ ।



ଶ୍ରୀ କିଶୋର ଖୁଣ୍ଟିଆ, ସହକାରୀ ଶିକ୍ଷକ,
[illegible] ବିଦ୍ୟାଳୟ,
ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭।

• ଡିସେମ୍ବର '୯୨ ଓ ଜାନୁଆରୀ '୯୩ ଉତ୍କଳ ପ୍ରସଙ୍ଗ ୨ଟି ଆଣି ଏକା ନିଃଶ୍ୱାସରେ ପଢ଼ିଲି। ଏଥିରେ ଛାପିତ ଲେଖାଗୁଡ଼ିକ ଅତ୍ୟନ୍ତ ଗବେଷଣାଧର୍ମୀ ତଥା ଗବେଷକର ପାଇଁ ସହାୟକ ଭଳି ହୋଇଛି। "କବି ମାୟାଧର ମାନସିଂହ, ଏକ ଅନୁଶୀଳନ", "ଉତ୍କଳ ପ୍ରେମଶକ୍ତି ଉପାସକ ଅଭିମନ୍ୟୁ" ଆଦି ଲେଖା ଅତି ଉଚ୍ଚକୋଟୀର। ସେଥିରୁ ଅନେକଙ୍କୁ ଉପଯୋଗ ହୋଇବେ। ମୁଁ, ଆସନ୍ତା ଏପ୍ରିଲ୍ '୯୩ ସଂଖ୍ୟାଟି ଯେପରି ବହୁତ ଏ ସବୁ ପୁଣି ଦେବେ। ଏଥିରେ ଯେପରି ମଧୁସୂଦନ, ଗଙ୍ଗାଧର, ରାଧାନାଥ, ଫକୀର, ନନ୍ଦିକିଶ ଆଦି ଉତ୍କଳର ବରପୁତ୍ରଙ୍କର ଅବକ୍ଷ ଫଟୋଚିତ୍ର ଛାପିତ ହେବ ସେଥିପ୍ରତି ଦୃଷ୍ଟି ଦେବେ। ଅନୁରୋଧ ରହିଲା।

** ଏହା ମାଧ୍ୟମରେ ଆପଣଙ୍କ ଧନ୍ୟବାଦ ସମ୍ପୃକ୍ତ ଲେଖକଙ୍କୁ ଜଣାଇଦେଉଛୁ।

ଡକ୍ଟର ବିଷ୍ଣୁଚରଣ ରଥ,
ଗ୍ରାମ/ପୋଷ୍ଟ-ପାଙ୍ଗା, ନିଆଳୀ, କଟକ।

• ମୁଁ ଆପଣଙ୍କ ଉତ୍କଳ ପ୍ରସଙ୍ଗର ନିୟମିତ ପାଠକ। ସାଧାରଣତଃ ଦିବସ ବିଶେଷାଙ୍କ ଗୁଡ଼ିକ ଖୁବ୍ ଉପାଦେୟ ହୋଇଛି। ଏଥିରେ ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ 'ଇଣ୍ଡୋନେସିଆରେ ଓଡ଼ିଆ ସଂସ୍କୃତି' ନିବନ୍ଧଟି ମୋତେ ଖୁବ୍ ଭଲ ଲାଗିଲା। ଏଥିରୁ ଓଡ଼ିଆ ଲୋକମାନେ କିପରି ସୁବର୍ଣ୍ଣଦ୍ୱୀପ ନାବିକ ଓ ସାଧବ ବ୍ୟବସାୟୀ ଥିଲେ, ଜାଣି ହେଲା। ସେହିପରି ଅନ୍ୟାନ୍ୟ ଦେଶରେ ଓଡ଼ିଶାର ସଂସ୍କୃତି ନିବନ୍ଧକ ଲେଖା ପ୍ରକାଶ କରିବାକୁ ଅନୁରୋଧ।

** ମତାମତ ପାଇଁ ଧନ୍ୟବାଦ। ଆପଣଙ୍କ ଅନୁରୋଧ ଆମେ ସମୟ, ସୁବିଧା, ଦୃଷ୍ଟିରୁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବୁ।

ଶ୍ରୀ ସୁବାସ ଚନ୍ଦ୍ର ବିଶି,
ଜିଲ୍ଲା କୃଷି କାର୍ଯ୍ୟାଳୟ, ଖଡ଼ିଆଳ,
କଳାହାଣ୍ଡି-୭୬୬୧୦୭।

• ଅକ୍ଟୋବର ୧୯୯୨ ସଂଖ୍ୟାଟି ପାଠ କଲି। ଅଧୁନା ଉତ୍କଳ ପ୍ରସଙ୍ଗର ଆଦର ନିଃସନ୍ଦେହରେ ବୃଦ୍ଧି ପାଇଛି। ଏହା ଆନନ୍ଦଦାୟକ। ଉତ୍କଳ ପ୍ରସଙ୍ଗର ପରବର୍ତ୍ତୀ ସଂଖ୍ୟାରେ 'ଏ ମାସର ସୁସମାଚାର' ସମ୍ପର୍କୀୟ ସୂଚନା, ସ୍ୱାସ୍ଥ୍ୟ ସୂଚନା ଓ ମାସିକ ରାଶି ଫଳ ପ୍ରକାଶ ପାଇଲେ ପାଠକମାନେ ବିଶେଷ ଉପକୃତ ହୁଅନ୍ତେ ବୋଲି ଆଶା।

** କୃଷି, ସ୍ୱାସ୍ଥ୍ୟ ସେବା ଇତ୍ୟାଦି ସମ୍ପର୍କରେ ପ୍ରକାଶ ପାଇ ଆସୁଛି। ଏହା ଅବ୍ୟାହତ ରହିବ। ତେବେ ରାଶି ଫଳ ପ୍ରକାଶ କରିବା ବର୍ତ୍ତମାନ ପାଇଁ ସମ୍ଭବ ନୁହେଁ।

ପ୍ରଶାନ୍ତ କୁମାର ଦାସ,
ଗ୍ରାମ-ନୂଆପଡ଼ା, ପୋଷ୍ଟ-ରାଧାଦେବପୁର,
ଭାୟା-ମହିମା ଗାଦି, ଜିଲ୍ଲା-ଢେଙ୍କାନାଳ।

• ଆପଣଙ୍କର ନୂତନ ପଦକ୍ଷେପ ପାଇଁ ଅନେକ ଆନ୍ତରିକ ଧନ୍ୟବାଦ। ଜାନୁଆରୀ ସଂଖ୍ୟା ପଢ଼ିଲି। ଶଶିଭୂଷଣ ଓ ଫକୀର ମୋହନଙ୍କ ଚିତ୍ର ପାଇଁ ଖୁସି। ଫକୀର ମୋହନଙ୍କ ସାହିତ୍ୟ ଚର୍ଚ୍ଚା, ବିବେକାନନ୍ଦ ଓ ଓଡ଼ିଶାର ଗର୍ବ ନେତାଜୀଙ୍କ ଉପରେ ପ୍ରବନ୍ଧ ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା। ସାମାଜିକ ସଂସ୍କାର ଦିଗରେ ସହାୟକ ସରକାରଙ୍କ ନୀତି ନିୟମ ଓ ଯୋଜନା ସମ୍ପର୍କୀୟ ସମୟୋପଯୋଗୀ ଲେଖା ପ୍ରକାଶ କରନ୍ତୁ। ୪୪ ପରେ ୪୫ ପୃଷ୍ଠା ସ୍ଥାନାନ୍ତରିତ ହୋଇଛି। କିନ୍ତୁ ଫଟୋଗୁଡ଼ିକ ନୀଳ ନହୋଇ କଳା-ଧଳା ହୋଇଥିଲେ ପରିଷ୍କାର ହୋଇଥାନ୍ତା। ମତାମତଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ।

** ଶଶିଭୂଷଣ ଓ ଫକୀର ମୋହନଙ୍କ ସମ୍ପର୍କରେ ପ୍ରବନ୍ଧ ସେହି ସଂଖ୍ୟାରେ ହିଁ ପ୍ରକାଶ ପାଇଛି। ତେବେ ନେତାଜୀଙ୍କ ସମ୍ପର୍କରେ ଫେବୃଆରୀରେ ସ୍ଥାନ ପାଇଛି।

ପ୍ରଭାକର ଦାସ,
ଗ୍ରାମ-ହିଞ୍ଜୁଳ, ପୋଷ୍ଟ-ପୁରାପଥୁର,
ଜିଲ୍ଲା-ଗଞ୍ଜାମ ।

* ଜାନୁଆରୀ ମାସରେ ପ୍ରକାଶିତ 'ନାଗିଯାଗ ବିଶେଷାଙ୍କ' ପଢ଼ି ବହୁତ ଖୁସି ଲାଗିଲା । ଏଥିରେ ପ୍ରକାଶିତ ଅଧ୍ୟାପକ ଗୋବିନ୍ଦ ପାଢ଼ୀଙ୍କ ଦାସକାଠି ଓ ଶାସ୍ତ୍ରକାରଙ୍କ କୃଷ୍ଣଚନ୍ଦ୍ର ପତି ଦାସକାଠି ବିଷୟରେ ବହୁତ କିଛି ଶିଖାଇବାକୁ କରିପାରିଥିବା ଯୋଗୁଁ ବହୁତ ଖୁସି ଲାଗିଲା । ମୁଁ ଜଣେ ନିୟମିତ ଗ୍ରାହକ ହେବା ପାଇଁ ଚାହେଁ, ତେଣୁ ଦୟାକରି ଠିକଣାଟି ଜଣାଇବାକୁ ଅନୁରୋଧ ।

** ନିକଟସ୍ଥ କୌଣସି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟରେ ଯାଇ ଦେଇ ୨୦ ଟଙ୍କା ପଇଠ କରି ବାର୍ଷିକ ଗ୍ରାହକ ହୋଇଯାଆନ୍ତୁ ।

## ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ

-------------------- CUT HERE --------------------

କେବଳ ୩୧/୫/୧୯୯୩ ପୂର୍ବରୁ ବ୍ୟବହାର ପାଇଁ


ମତାମତ ବା ପ୍ରଶ୍ନ

..............................................................
..............................................................
..............................................................
..............................................................
..............................................................
..............................................................
..............................................................
..............................................................
..............................................................

ସ୍ୱାକ୍ଷର

ପ୍ରଶ୍ନ କର୍ତ୍ତାଙ୍କ ଠିକଣା

ନାମ..............................
ଗ୍ରାମ..............................
ପୋଷ୍ଟ..............................
ଥାନା.................. ଜିଲ୍ଲା..................



# ଉତ୍କଳ ଦିବସ – ଏକ ଅନୁଚିନ୍ତା

* ଶ୍ରୀ ପ୍ରହ୍ଲାଦ ନାୟକ

ପୌରାଣିକ ତଥା ଐତିହାସିକ ଭିତ୍ତିଭୂମିକୁ ଅନୁଧ୍ୟାନ କଲେ ଆଜିର ଓଡ଼ିଶା–ସେ କାଳର କଳିଙ୍ଗ, ଉତ୍କଳ ବା ଓଡ୍ର ଯେ ଏକ ମହାନ୍ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ବାର୍ତ୍ତା ବହନ କରେ ଏହା ଅନସ୍ୱୀକାର୍ଯ୍ୟ । ପୌରାଣିକ ଆଖ୍ୟାନରେ ଉତ୍କଳକୁ ପୃଥିବୀ ମଧ୍ୟରେ ସର୍ବଶ୍ରେଷ୍ଠ ପୁଣ୍ୟଭୂମି ଭାବେ ଅଭିହିତ କରାଯାଇ, ଅନେକ ଜନ୍ମର ସୁକୃତିରୁ ଏହି ପୁଣ୍ୟକ୍ଷେତ୍ରରେ ଭୂମିଷ୍ଠ ହେବାର ସୌଭାଗ୍ୟ ମିଳେ ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି । ସମଗ୍ର ପୃଥିବୀ ମଧ୍ୟରେ ଭାରତବର୍ଷ ଓ ଭାରତବର୍ଷରେ ଉତ୍କଳ–ଶିକ୍ଷା, ସଂସ୍କୃତି, କଳା, ସାହିତ୍ୟ, ଭାସ୍କର୍ଯ୍ୟ ସକଳକ୍ଷେତ୍ରରେ ଚରମ ଉତ୍କର୍ଷତା ଲାଭ କରି ସ୍ୱୀୟ କୀର୍ତ୍ତିରେ ଯୁଗଯୁଗରୁ ମହିମାନ୍ୱିତ ହୋଇ ଆସିଛି । ଭାସ୍କର ଶିଳ୍ପୀର ନିହଣ, ମୁଗୁର ମନ୍ଦିର ଗାତ୍ରରେ ପାଷାଣୀ ଅଳସ କନ୍ୟାର ଲୀଳାୟିତ ଲାସ୍ୟଛଟାରେ ଜୀବନ୍ୟାସ କରିଦେଇଛି..........ବିଲ–ବନ–ପ୍ରାନ୍ତର ଓ ସବୁଜ ବନାନୀର ଶ୍ୟାମଳିମା ଉତ୍କଳୀୟର ପ୍ରାଣତନ୍ତ୍ରୀରେ ଜୀବନ–ସ୍ୱପ୍ନ ଭରାଇଛି । ଏହି ସେହି ପବିତ୍ର ଭୂମି–ଉତ୍କଳ, ଯାହାର ମନ୍ଦିର, ମସଜିଦ୍, ଗୀର୍ଜାର ଧାର୍ମିକ ପରିବେଶ ସର୍ବଧର୍ମ ସମନ୍ୱୟର ମହାନ୍ ମନ୍ତ୍ରରେ ଉତ୍କଳୀୟମାନଙ୍କୁ ଦୀକ୍ଷିତ କରିଛି, ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଛି । ଯୁଗଯୁଗରୁ ମୁନି, ଋଷିମାନଙ୍କର ସାଧନା ଓ ସିଦ୍ଧିର ପୀଠସ୍ଥଳୀ ଭାବେ ଏହି ଭୂମି ଖ୍ୟାତ ହୋଇ ଆସିଛି । କେବଳ ଶାନ୍ତି, ସଂହତି ଓ ଧାର୍ମିକ ଭାବ ଧାରାରେ ଯେ ଉତ୍କଳ ଉତ୍କର୍ଷତା ଲାଭ କରିଛି ସେତିକି ନୁହେଁ, ପ୍ରାଗ୍ ଐତିହାସିକ ଯୁଗରୁ ଉତ୍କଳୀୟମାନେ ସାହସୀ, ସ୍ୱାଭିମାନୀ ଓ ଯୋଦ୍ଧା ଭାବେ ପରିଚିତି ଲାଭ କରିଛନ୍ତି । ମହାଭାରତରେ କଳିଙ୍ଗବାସୀମାନଙ୍କର ଶୌର୍ଯ୍ୟ ଓ ବୀରତ୍ୱର ବହୁଧା ଦୃଷ୍ଟାନ୍ତ ଅନେକ ପୃଷ୍ଠାରେ ବର୍ଣ୍ଣିତ ହୋଇଅଛି । ମହାଭାରତ ଯୁଗର ୩ ହଜାର ବର୍ଷ ପରେ ମଧ୍ୟ କଳିଙ୍ଗ ବୀର ଯେ ଦୁର୍ଜେୟ–ଦୁର୍ବାର ଏହାର ପ୍ରମାଣ ମହାମେଘବାହନ ଐର ସମ୍ରାଟ ଖାରବେଳ ଓ ତାଙ୍କର ଦିଗ୍‌ବିଜୟ କାହାଣୀ ଉଦ୍‌ଘୋଷଣା କରେ । କଳିଙ୍ଗ ସାଧବ ପୁଅର ବୋଇତ ଯାତ୍ରା ଓ ବଣିଜ ବେପାର ଉତ୍କଳ ଇତିହାସର ଅନ୍ୟ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ । ଏକଦା ଓଡ଼ିଆ ସାଧବ ବଣିକ ତରୀ ନୀଳ ଦରିଆର ବୁକୁ ଚିରି ସୁଦୂର ବାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଦ୍ୱୀପକୁ ଭାସିଯାଉଥିଲା ଏବଂ ଫେରିଲା ବେଳେ ଦୂର ବିଦେଶର ନାନା ବିଭବ ସାଥିରେ ନେଇ ଓଡ଼ିଆ ସାଧବ ପୁଅ ନିଜ ରାଜ୍ୟକୁ ଫେରୁଥିଲା । ନୀଳ ପାରାବାରର ଫେନିଲ ତରଙ୍ଗମାଳା ଅଦମ୍ୟ ସାହସୀ ସାଧବ ପୁଅର ମନୋବଳର ନୌ–ଯାତ୍ରାରେ ପରିପନ୍ଥୀ ହେବାର ଦୁଃସାହସ କରିପାରୁନଥିଲା । ସେହି ମହାନ୍ ସ୍ମୃତିକୁ ପ୍ରତି ଉତ୍କଳୀୟ ପ୍ରାଣରେ ପୁନଃଉଦ୍‌ଜୀବିତ କରିବା ପାଇଁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ନିକଟ ଅତୀତରେ ଆୟୋଜିତ 'ବାଲିଯାତ୍ରା ୯୨' ଉତ୍ସବ ଏକ ଅବିସ୍ମରଣୀୟ ଐତିହାସିକ ପଦକ୍ଷେପ ।

କୌଣସି ରାଷ୍ଟ୍ର, ଜାତି, ବଂଶ , ସଭ୍ୟତା ବା ସଂସ୍କୃତିର ଉତ୍‌ଥାନ–ପତନ କାଳଚକ୍ରର ଆବର୍ତ୍ତନ ପରି ନାନାବିଧ କାରଣରୁ ଯୁଗଯୁଗର ବିବର୍ତ୍ତନ ମଧ୍ୟରେ ବିକାଶ ଲାଭ କରିଥାଏ । ସଭ୍ୟତା ବା ସଂସ୍କୃତି ଅଭ୍ୟୁଦୟ ପଥରେ ଅନେକ କର୍ମଯୋଗୀ ମନିଷୀଙ୍କର ତ୍ୟାଗ, ସାଧନା, କର୍ତ୍ତବ୍ୟନିଷ୍ଠା ଓ ଆତ୍ମୋତ୍ସର୍ଗ ଯେ ନିହିତ ଏହା ଏକ ଚିରନ୍ତନ ସତ୍ୟ । ଠିକ୍ ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନ ଯେ ଏକ ଯୁଗାନ୍ତକାରୀ ଆୟାସସାଧ୍ୟ ସାଧନାର ରୂପକଳ୍ପ ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପରେ ୧୫୬୮ ମସିହାରୁ ଓଡ଼ିଶା ଆଫଗାନ ଶାସକମାନଙ୍କ ଶାସନାଧୀନ ହୋଇ ଖଣ୍ଡ ବିଖଣ୍ଡିତ ହୋଇଗଲା । ଆଫଗାନ୍‌ଙ୍କଠାରୁ ମରହଟ୍ଟା ଏବଂ ମରହଟ୍ଟାଙ୍କଠାରୁ ବ୍ରିଟିଶମାନଙ୍କ କବଳରେ କବଳିତ ହୋଇ ଐଶ୍ୱର୍ଯ୍ୟଶାଳିନୀ ଉତ୍କଳ ତା'ର ପ୍ରାଣସତ୍ତା ହରାଇ ବଙ୍ଗ, ବିହାର, ଓ ମଧ୍ୟପ୍ରଦେଶ ମଧ୍ୟରେ ଖଣ୍ଡବିଖଣ୍ଡିତ ହୋଇ ରହିଗଲା । ବିଭିନ୍ନ ଅଞ୍ଚଳର ଶାସନ କ୍ଷମତା ଇଂରେଜ ପ୍ରତିନିଧିମାନଙ୍କ ହସ୍ତରେ ରହିଲା । ସେମାନେ ପ୍ରାୟତଃ କଲିକତାକୁ ମୁଖ୍ୟ ପ୍ରଶାସନ କେନ୍ଦ୍ର କରି ସେମାନଙ୍କ ଶାସନ ପରିଚାଳନା କଲେ । କେତେକ ଶିକ୍ଷିତ ଓ ତୋଷାମଦକାରୀ ବଙ୍ଗୀୟ ବ୍ୟକ୍ତିଙ୍କ ପ୍ରରୋଚନାରେ ଓଡ଼ିଆ ଜମିଦାରମାନଙ୍କର ଜମିଦାରୀ ମଧ୍ୟ 'ସୂର୍ଯ୍ୟାସ୍ତ ଆଇନ୍' (Sunset Law) ବଳରେ ନିଲାମ ହେବାରେ ଲାଗିଲା । ଏଣୁ ଜମିଦାରମାନେ ଜମିଦାରୀ ହରାଇବା ସଙ୍ଗେ ସଙ୍ଗେ ଅଧିକ କରଭାରରେ ବିବ୍ରତ ହେଲେ, ତା'ର କୁପ୍ରଭାବ ବହୁ ଗୁଣରେ ସାଧାରଣ ନାଗରିକମାନଙ୍କ ଉପରେ ପଡ଼ିଲା । ଦୁର୍ଦ୍ଦଶ କଳିଙ୍ଗବାସୀ ଶୋଷଣ–କଷଣ ଓ ନିର୍ଯ୍ୟାତନାର ଶିକାର ହୋଇ ନିଜର ମାନସିକ ଭାରସାମ୍ୟ ତଥା ସ୍ୱାଭିମାନ ହରାଇ ବସିଲେ । ଦୀର୍ଘ ୩ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି କଳିଙ୍ଗର ବିପର୍ଯ୍ୟୟ ଲାଗି ରହିଲା ।

ଭସ୍ମ ମଧ୍ୟରୁ ସ୍ଫୁଲିଙ୍ଗ ଆତ୍ମସତ୍ତା ଲାଭ କଲାଭଳି ଚିନ୍ତାଶୀଳ–ବୁଦ୍ଧିଜୀବୀ ଉତ୍କଳବାସୀଙ୍କର ସ୍ୱାଭିମାନ ପୁଣି ଶୋଷଣ

ଓ ନିର୍ଯ୍ୟାତନାର ମସୀ ମଧ୍ୟରୁ ଆସ୍ପ ପ୍ରକାଶ ଲାଭ କଲା । ସ୍ୱତନ୍ତ୍ର ଉତ୍କଳର ପ୍ରତିଷ୍ଠାତା–ଅଗ୍ରସାରଥି ଭାବେ ଯେଉଁମାନଙ୍କୁ ଗ୍ରହଣ କରାଯାଏ ସେମାନଙ୍କ ମଧ୍ୟରୁ କୁଳବୃଦ୍ଧ ମଧୁସୂଦନ, କର୍ମବୀର ଗୌରୀଶଙ୍କର, ପାରଳାର ଗଜପତି କୃଷ୍ଣଚନ୍ଦ୍ର ଦେବ, ଗୋପବନ୍ଧୁ ଦାସ, ଶଶିଭୂଷଣ ରଥ, ଫକୀର ମୋହନ ସେନାପତି, ଲକ୍ଷ୍ମୀଧର ମହାନ୍ତି, ରାମକୃଷ୍ଣ ପଟ୍ଟନାୟକ, ଗୋପାଳବଲ୍ଲଭ ଦାସ, ପୀତବାସ ପଟ୍ଟନାୟକ, ଗୋପାଳଚନ୍ଦ୍ର ପ୍ରହରାଜ, ଗୋଲୋକାନନ୍ଦ ମାଝୀତା ପଟ୍ଟନାୟକ ଓ ଆହୁରି ଅନେକ । ଏମାନେ ପ୍ରତ୍ୟେକ ଉତ୍କଳୀୟ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ସଦସ୍ୟ ।

ବିଖଣ୍ଡିତ ଉତ୍କଳ ଜନନୀର ଅବସ୍ଥାକୁ ଅନୁଧ୍ୟାନ କରି ତା'ର ସୁରକ୍ଷା ଓ ଉନ୍ନତି ଲକ୍ଷ୍ୟେ ୧୮୭୮ ମସିହାରେ 'ଉତ୍କଳ ସଭା' ନାମରେ ଏକ ଅନୁଷ୍ଠାନ ଗଢ଼ିଉଠିଥିଲା । ଏହାର ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଜନ ଜାଗରଣ ସୃଷ୍ଟି କରିବା । ଏହି ସଭାର ପୃଷ୍ଠପୋଷକ କର୍ମବୀର ଗୌରୀଶଙ୍କର ଓ ମଧୁସୂଦନ ଦାସ ଥିଲେ । ଏହା ପରେ ୧୯୦୩ ମସିହାରେ କଟକରେ ମଧୁସୂଦନ ଦାସ "ଉତ୍କଳ ସମ୍ମିଳନୀ" ପ୍ରତିଷ୍ଠା କଲେ । ଉତ୍କଳୀୟମାନଙ୍କର ଭାଷା ଓ ସଂସ୍କୃତିର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ ଥିଲା । ମାତ୍ର ଏହା ଉତ୍କଳ ସଭାଠାରୁ ବିରାଟ ଓ ବ୍ୟାପକ ଥିଲା । ଜନସାଧାରଣଙ୍କୁ ଜାତି ପ୍ରୀତିରେ ଉଦ୍‌ବୁଦ୍ଧ କରିବା–ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ସ୍ୱାଭିମାନ ଓ ନବଜାଗରଣ ଭରିଦେବା ଏହି ସମ୍ମିଳନୀର କର୍ମକର୍ତ୍ତାମାନଙ୍କର ଆନ୍ତରିକ ଉଦ୍ୟମ ଥିଲା । ୧୯୦୩ରୁ ୧୯୩୬ ଦୀର୍ଘ ୩୦ ବର୍ଷର ଆନ୍ତରିକ ପ୍ରଚେଷ୍ଟା, ତ୍ୟାଗ ଓ ତିତିକ୍ଷା ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଜାତୀୟତା ଅଗ୍ନି ସ୍ଫୁଲିଙ୍ଗ ଭରି ଦେଇଥିଲା । ପ୍ରତ୍ୟେକ ବର୍ଷ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନମାନ ଅନୁଷ୍ଠିତ ହୋଇ ସ୍ୱାର୍ଥ ସର୍ବସ୍ୱ ବେଙ୍ଗଲୀମାନଙ୍କ ହୀନ ଉଦ୍ୟମକୁ ପରାହତ କରିବା ଓ ଯଥାର୍ଥ ଭାବେ ଇଂରେଜ ପ୍ରଶାସନ ନିକଟରେ ସ୍ୱତନ୍ତ୍ର ଉତ୍କଳ ଗଠନ ଦାବୀ ଉପସ୍ଥାପନ କରିବାର ଖସଡ଼ାମାନ ପ୍ରସ୍ତୁତ ହେଉଥିଲା । ଅବଶ୍ୟ ଏହି ଭାଷାଭିତ୍ତିକ ଆନ୍ଦୋଳନ କ୍ଷେତ୍ରରେ John Beamesଙ୍କ ଅନେକ ତଥ୍ୟ ସମ୍ବଳିତ ଲେଖାମାନ, ଉତ୍କଳ ଦୀପିକା, ଦୈନିକ ଆଶାର ବିଭିନ୍ନ ଆଲୋଚନା ଓ ଟିପ୍ପଣୀମାନ ଓଡ଼ିଆଭାଷୀର ବାସ୍ତବ ସ୍ଥିତି ସମ୍ପର୍କରେ ଇଂରେଜ ଶାସକମାନଙ୍କୁ ଗଭୀର ପ୍ରଭାବିତ କରିଥିଲା । ସର୍ବୋପରି ୧୯୩୦ରୁ ୧୯୩୨ ମଧ୍ୟରେ ଅନୁଷ୍ଠିତ ୩ଟି ଗୋଲଟେବୁଲ ବୈଠକରେ କୋଟିଏ ଦୁଃସ୍ଥ ଓଡ଼ିଆର ପ୍ରତିନିଧିତ୍ୱ କରୁଥିବା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦୃଢ଼ୋକ୍ତି ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ବଳିତ ବଳିଷ୍ଠ ଯୁକ୍ତିର ଉପସ୍ଥାପନକୁ ଇଂରେଜ ପ୍ରଶାସନ ଏଡ଼ାଇ ଯାଇ ପାରିନଥିଲେ । ୧୯୩୧ର ଦ୍ୱିତୀୟ ଗୋଲଟେବୁଲ ବୈଠକ ପରେ 'ଓଡ଼୍‌ନେଲ୍ କମିଟି ବୈଠକ' ବସି ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲେ ଏବଂ ପରବର୍ତ୍ତୀ ୧୯୩୨ରେ ଇଂଲଣ୍ଡରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସ୍ୱୀକୃତି ପ୍ରାପ୍ତ ହେଲା । ଏହାଥିଲା ପରାଧୀନ ଭାରତ ବର୍ଷରେ ଏକ ନିର୍ଦ୍ଦିଷ୍ଟ ପ୍ରଦେଶର ସ୍ୱତନ୍ତ୍ରତା ପ୍ରାପ୍ତିର ଏକ ଅଭୂତପୂର୍ବ ବିଜୟ ।

ଏହି ସଂଗ୍ରାମର ଅତୁଳନ ତ୍ୟାଗ, ତିତିକ୍ଷା, ସଂକଳ୍ପ ଓ ଦୃଢ଼ ମନୋବଳ ଭଳି ଉଚ୍ଚ ଆଦର୍ଶରେ ପରିପୂର୍ଣ୍ଣ । ଏହି ସଂଗ୍ରାମ ଦଳିତ ଓଡ଼ିଆର ସ୍ୱାଭିମାନର ସଂଗ୍ରାମ । ତତ୍‌କାଳୀନ ଉତ୍କଳ ସମ୍ମିଳନୀର ଆହ୍ୱାନ ପ୍ରତ୍ୟେକ ଓଡ଼ିଆର ମନପ୍ରାଣକୁ ଉଦ୍‌ବେଳିତ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜାତୀୟ ସଂଗ୍ରାମରେ ଝାସଦେବାର ପ୍ରେରଣା ଦେଇଥିଲା । ଓଡ଼ିଶାର ସବୁ ଶ୍ରେଣୀର ଜନସାଧାରଣ, କୃଷକ, ଓକିଲ, ଡାକ୍ତର, ଶିକ୍ଷାବିତ୍‌ଙ୍କଠାରୁ ଆରମ୍ଭ କରି ଆଦିବାସୀ ସମ୍ପ୍ରଦାୟ ସମେତ ପ୍ରତ୍ୟେକ ପ୍ରାଣରେ ଏକ ସ୍ୱତଃସ୍ଫୂର୍ତ୍ତ ଆହ୍ୱାନ ଭରି ଦେଇଥିଲା । ସମସ୍ତେ ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ନିଜର କିଛି ନା କିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । ଏହି ପରିପ୍ରେକ୍ଷୀରେ ଉତ୍କଳୀୟ କବି ଓ ଲେଖକମାନଙ୍କର ଭୂମିକା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରେ । ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳମଣି ଗୋପବନ୍ଧୁ, କାନ୍ତକବି ଲକ୍ଷ୍ମୀକାନ୍ତ, ଗୋଦାବରୀଶ ମିଶ୍ର, ରାଧାନାଥ ରାୟ, ଗଙ୍ଗାଧର ମେହେର ଆଦିଙ୍କ ଦେଶାତ୍ମବୋଧ ରଚନାବଳୀର ଯଥେଷ୍ଟ ପ୍ରଭାବ ଥିଲା ।

ଅତୀତର ଅନେକ ଉନ୍ନତ ସଭ୍ୟତାର ସଙ୍କେତ ପ୍ରାଚୀନ ଶିଳାଲିପି, ପ୍ରତ୍ନତତ୍ତ୍ୱ ବିଭାଗର ଖନନରୁ ସଂଗୃହୀତ ମୂର୍ତ୍ତି, ବ୍ୟବହାର୍ଯ୍ୟ ସାମଗ୍ରୀ ଆଦିରୁ କଳନା କରାଯାଇଥାଏ । ଏ ଦୃଷ୍ଟିରୁ ବିଚାର କଲେ ପ୍ରାଚୀନ ଉତ୍କଳର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସାହିତ୍ୟର ଯଥାର୍ଥ ସଂରକ୍ଷଣ ହିଁ ଆମର ଓଡ଼ିଆତ୍ୱକୁ ଚିରକାଳ ଅମର କରି ରଖିବ ।

ମାତ୍ର ଆଜି ୭୭ତମ ଉତ୍କଳ ଦିବସ ଅବସରରେ କୁଳବୃଦ୍ଧ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଓ କର୍ମଯୋଗୀ ଗୌରୀଶଙ୍କରଙ୍କ ଉତ୍ତର ଦାୟାଦ ଭାବେ ତ୍ୟାଗର ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପାଇଁ ଆମେ ସଂକଳ୍ପବଦ୍ଧ । ଉତ୍କଳ ଐତିହ୍ୟ, ଭାଷା, ସଂସ୍କୃତିର ଗରିମାରେ ଏକଦା ଗରୀୟାନ୍ ଥିଲା । ଉତ୍କଳର କବି ଓ ଲେଖକଙ୍କ ଦ୍ୱାରା ରଚିତ ସଂସ୍କୃତ ସାହିତ୍ୟ ବିଶ୍ୱ ପ୍ରସିଦ୍ଧି ଲାଭ କରିଥିଲା । 'ପଞ୍ଚତନ୍ତ୍ର'ର ସ୍ରଷ୍ଟା ବିଷ୍ଣୁ ଶର୍ମା, 'ଅନର୍ଘ ରାଘବ'ର ରଚୟିତା ମୁରାରୀ ମିଶ୍ର, 'ନୈଷଧୀୟ ଚରିତମ୍'ର ରଚୟିତା କବି ଶ୍ରୀହର୍ଷ ଓ ସର୍ବୋପରି 'ଗୀତଗୋବିନ୍ଦ'ର ସ୍ରଷ୍ଟା ଜୟଦେବଙ୍କ ଭାବ, ଭାଷା ଓ ପାଣ୍ଡିତ୍ୟର ପଟାନ୍ତର ନାହିଁ । ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟାକାଶରେ ଯେଉଁ କେତେକ ଜ୍ୟୋତିଷ୍ମାନ ନକ୍ଷତ୍ର ଦୃଷ୍ଟିଗୋଚର ହୋଇଥିଲେ ସେମାନଙ୍କ ମଧ୍ୟରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ବଳଦେବ ରଥ, ଅଭିମନ୍ୟୁ ସାମନ୍ତସିଂହାର ଆଦି ଭାବ, ଭାଷା ଓ ଲାଳିତ୍ୟର ଶୀର୍ଷରେ ଥିଲେ । ମାତୃଭାଷାକୁ ସମ୍ମାନ ଦେବାକୁ ଯାଇ ଆମେ ୧୯୮୫ ମସିହାରେ ସରକାରୀ ଭାଷା ଭାବେ ଓଡ଼ିଆକୁ ଗ୍ରହଣ କରିଛୁ ।

ଅବଶ୍ୟ ଓଡ଼ିଶା ଅନେକ କ୍ଷେତ୍ରରେ ଅଗ୍ରଗତି ଲାଭ କରିଛି । ନୂତନତ୍ୱକୁ ଗ୍ରହଣ କରି ଜୀବନକୁ ସରସ, ସୁନ୍ଦର କରିବାର ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ । କିନ୍ତୁ ପ୍ରାଚୀନତାକୁ ସଂରକ୍ଷଣ କରି ତା'ର ପୃଷ୍ଠଭୂମି ଉପରେ ନୂତନତ୍ୱକୁ ସଂସ୍ଥାପନ କଲେ ଆମେ ଏକ ସୁନ୍ଦର ସଙ୍କଳ୍ପମୟ ସ୍ୱପ୍ନିଳ ଭବିଷ୍ୟତ ଦିଗରେ ଅଗ୍ରସର ହେବା, ଏଥିରେ ଦ୍ୱିମତ ହେବାର ନାହିଁ ।

---

ଝୁଆରଡ଼, ଡେଙ୍କାସେଣ୍ଟ,
କଟକ–୭୫୩୦୦୧ ।

# ସମ୍ବାଦ ପରିକ୍ରମା

## ଯୋଗଜନ୍ମା ପୁରୁଷଙ୍କୁ ଜନ୍ମ ଦେଇ ଶ୍ରୀରାମଚନ୍ଦ୍ରପୁର ଏକ ପବିତ୍ର ତୀର୍ଥ କ୍ଷେତ୍ରରେ ପରିଣତ ହୋଇଛି

ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ଏବଂ ପଣ୍ଡିତ ଲିଙ୍ଗରାଜଙ୍କ ପରି ଯୋଗଜନ୍ମା ପୁରୁଷଙ୍କୁ ଜନ୍ମ ଦେଇ ଶ୍ରୀ ରାମଚନ୍ଦ୍ରପୁର ଶାସନ ଏକ ପବିତ୍ର ତୀର୍ଥ କ୍ଷେତ୍ରରେ ପରିଣତ ହୋଇଛି ବୋଲି ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ କହିଛନ୍ତି । ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀ ରାମଚନ୍ଦ୍ରପୁର ଶାସନଠାରେ ଆଚାର୍ଯ୍ୟ ହରିହର ଯୁବ ପରିଷଦର ଊନବିଂଶତମ ଉତ୍ସବରେ ଗତ ୮ ତାରିଖ ଦିନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ପାଟଶାଣୀ କହିଲେ ପୃଥିବୀର ଯେକୌଣସି ଉନ୍ନତ ରାଷ୍ଟ୍ରରେ ଏପରି ଗ୍ରାମ ଏକ ପବିତ୍ର ଭୂମି ରୂପେ ସ୍ୱୀକୃତ ହୋଇ ଥାଆନ୍ତା । ଏହି ପରିପ୍ରେକ୍ଷୀରେ, ବର୍ତ୍ତମାନ ସୁଦ୍ଧା ଉତ୍କଳମଣିଙ୍କର ଜନ୍ମଭୂମି ସୁଆଣ୍ଡୋ ଗ୍ରାମକୁ ଏକ ରାସ୍ତା ବର୍ତ୍ତମାନ ସୁଦ୍ଧା ନିର୍ମିତ ହୋଇ ପାରିନଥିବା ବିଷୟ ଉଲ୍ଲେଖ କରି ସେ ପ୍ରକାଶ କରିଥିଲେ ଏବଂ ବର୍ତ୍ତମାନ ଏହି ରାସ୍ତା ନିର୍ମାଣ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଉଥିବା ବିଷୟରେ ସୂଚନା ଦେଇଥିଲେ । ଏହି ଅଞ୍ଚଳର ବୀର ହରେକୃଷ୍ଣପୁରଠାରେ ଜନ୍ମ ଗ୍ରହଣ କରିଥିବା ଜୟୀ ରାଜଗୁରୁଙ୍କ ବିଷୟ ଉଲ୍ଲେଖ କରି ଶ୍ରୀ ପାଟଶାଣୀ କହିଲେ ଯେ ଦେଶର ସ୍ୱାଧୀନତା ପାଇଁ ଶହୀଦ ହୋଇଥିବା ଏହି ମହା ପୁରୁଷଙ୍କର ସ୍ମୃତିରକ୍ଷା ପାଇଁ ଉଦ୍ୟମ ହେବା ବାଞ୍ଛନୀୟ । ଆମର ମହାନ୍ ସାଂସ୍କୃତିକ ପରମ୍ପରା ଓ ଏହାକୁ ସମୃଦ୍ଧ କରିବା ପାଇଁ ବ୍ରାହ୍ମଣ ସମାଜର ଅବଦାନ ବିଷୟ ପ୍ରକାଶ କରି ମନ୍ତ୍ରୀ ମହୋଦୟ କହିଲେ ଯେ ଲଣ୍ଡନ ପ୍ରଭୃତି ପାଶ୍ଚାତ୍ୟ ଦେଶରେ ଭାରତୀୟ ସଂସ୍କୃତିରେ ଲୋକେ ଉଦ୍‌ବୁଦ୍ଧ ହୋଇଥିବା ବେଳେ ଆମେ ସେ ସମ୍ପର୍କରେ ସଚେତନ ନ ହେବା ବାସ୍ତବରେ ଦୁଃଖ ଦାୟକ ।

ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟରେ ଏହି ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମିତ ହେବାକୁ ଥିବା ଜଳ ନିଷ୍କାସନ ନାଳର କାର୍ଯ୍ୟାରମ୍ଭ କରି ଶ୍ରୀ ପାଟଶାଣୀ ଗ୍ରାମ୍ୟ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ଶ୍ରୀ ଆଦିତ୍ୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଆଚାର୍ଯ୍ୟ ଯୁବ ପରିଷଦର ସଭାପତି ଶ୍ରୀ ରାଧାକାନ୍ତ ମିଶ୍ର ମାନପତ୍ର ପାଠ କରିଥିଲେ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଓ ସଂସ୍କୃତି ବିଭାଗର ଡଃ ଅର୍ଜୁନ ଯୋଷୀ ମଧ୍ୟ ଉଦ୍‌ବୋଧନ ଦେଇଥିଲେ ।

ପରିଶେଷରେ ବସନ୍ତରାଗ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ପୂର୍ବରୁ ଭଲିବଲ୍ ଓ କ୍ରୀକେଟ୍ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ଦଳଙ୍କୁ ମନ୍ତ୍ରୀ ଶ୍ରୀ ପାଟଶାଣୀ ପୁରସ୍କାର ପ୍ରଦାନ କରିଥିଲେ ।

## ନାରୀ ନିର୍ଯ୍ୟାତନା ଆମର ସମାଜକୁ କଳୁଷିତ କରୁଛି

ଆଧୁନିକ ସଭ୍ୟତାର ଭିନ୍ନ ଦିଗଟିକୁ ଆମେ ଗ୍ରହଣ କରି ନେଇ ଥିବାରୁ ତା'ର କୁପ୍ରଭାବ ସମାଜ ଉପରେ ପଡୁଛି, ଫଳରେ ନାରୀ ନିର୍ଯ୍ୟାତନା, ବଧୂହତ୍ୟା ଘଟଣା ସାମାଜିକ ଜୀବନକୁ କଳୁଷିତ କରି ଦେଉଛି ବୋଲି ରାଜ୍ୟ ପଞ୍ଚାୟତ ରାଜ ମନ୍ତ୍ରୀ ଡଃ ଦାମୋଦର ରାଉତ ପ୍ରକାଶ କରିଛନ୍ତି ।

ଗତକାଲି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରାଜ୍ୟର ଅନ୍ୟତମ ଅଗ୍ରଗାମୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ "ପିପୁଲସ୍ କଲ୍‌ଚରାଲ୍ ସେଣ୍ଟର (ପିକକ୍)" ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡଃ ରାଉତ କହିଲେ ଯେ, ସାର୍କ ଦେଶ ଭୁକ୍ତ ରାଷ୍ଟ୍ରଗୁଡ଼ିକ ୧୯୯୦ରୁ ୨ ହଜାର ମସିହା ପର୍ଯ୍ୟନ୍ତ ଏକଦଶନ୍ଧିକୁ ବାଳିକା ବର୍ଷ ରୂପେ ପାଳନ କରିବାକୁ ସିଦ୍ଧାନ୍ତ ନେଇଥିବା ବେଳେ ସେହି ଗୋଷ୍ଠୀଭୁକ୍ତ ଦେଶରେ ଦିନକୁଦିନ ବେଶୀ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି । ଶାସକ ଓ ଶାସିତଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ । ଯୌତୁକ ନିରୋଧ ଆଇନ ପ୍ରଥମେ ପ୍ରଶାସନିକ ସ୍ତରରୁ ହିଁ ଅବମାନନା କରାଯାଉଛି । ଫଳରେ ସାମାଜିକ ଅବକ୍ଷୟ ସୃଷ୍ଟି ହେବା ସ୍ୱାଭାବିକ । ଗରୀବ ଓ ଅସହାୟ ଶ୍ରେଣୀର ଲୋକେ ନିପୀଡ଼ିତ ହେଉଛନ୍ତି । ସମସ୍ତେ ନିଜ ନିଜ କ୍ଷମତାର ଅପବ୍ୟବହାର କରି ଚାଲିଛନ୍ତି । ଯେତେଦିନ ପର୍ଯ୍ୟନ୍ତ ଜନଜାଗରଣ ସୃଷ୍ଟି ନହେବ, ସେତେଦିନ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିଥିବ ବୋଲି ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ନାରୀମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ବିଧବାମାନଙ୍କର ସାମାଜିକ ସୁରକ୍ଷା ପାଇଁ ଦିଆ ଯାଉଥିବା ବିଧବା ଭତ୍ତା ବିଷୟ ମଧ୍ୟ ଡଃ ରାଉତ ଅବତାରଣା କରିଥିଲେ ।

ପୂର୍ବତନ ମନ୍ତ୍ରୀ ଶରତ କର ଯୋଗଦେଇ କହିଲେ ଯେ, ଅତୀତର ନାରୀ ଓ ଆଜିର ନାରୀ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ପରିଲକ୍ଷିତ ହେଉଛି । ନାରୀ ଯେତେ ଶିକ୍ଷିତ ଓ ସଚେତନ ହେଉଛି, ସେତେ ଅଧିକ ନିର୍ଯ୍ୟାତିତା ହେଉଛି ।

ଏଥିପାଇଁ ନାରୀ ହିଁ ଦାୟୀ । ମାନସିକ ସ୍ତରରେ ନାରୀର ବିକାଶ ପାଇଁ କାର୍ଯ୍ୟ କରାଯିବା ଆବଶ୍ୟକ । ଏଥିପାଇଁ ପଥ ପତ୍ରିକା ଓ ଆଲୋଚନା ମାଧ୍ୟମରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଦେଖାଦେଇଛି ।

ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ସଦସ୍ୟା କସ୍ତୁରୀ ମହାପାତ୍ର କହିଲେ ଯେ, ଧର୍ଷଣ, ବଧୂହତ୍ୟା ଓ ନାରୀ ନିର୍ଯ୍ୟାତନା ପ୍ରତି ସେକେଣ୍ଡରେ ଘଟି ଚାଲିଛି । ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହାରି ଆଖିରୁ ଲୁହ ଝରୁନାହିଁ । ନାରୀ ହିଁ ପ୍ରଥମେ ଏହି ନିର୍ଯ୍ୟାତନା ବିରୁଦ୍ଧରେ ନେତୃତ୍ୱ ନେବା ଆବଶ୍ୟକ । ସେଥିପାଇଁ ଧୈର୍ଯ୍ୟ, ସାହାସ ଓ ମନର ବଳ ଆବଶ୍ୟକ ।

ଭୁବନେଶ୍ୱର ନଗରପାଳିକା ଅଧ୍ୟକ୍ଷା ଶ୍ରୀମତୀ କିରଣବାଳା ମଙ୍ଗରାଜ କହିଲେ ଯେ, ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜର ଦାବୀ ହାସଲ ପାଇଁ ଆଗେଇ ଆସିବା ଉଚିତ୍ ।

ରାଜ୍ୟ ମହିଳା ନିଗମର ପରିଚାଳନା ନିର୍ଦ୍ଦେଶିକା ଡ଼ିଃ ସୁବର୍ଣ୍ଣରାଣୀ କହିଲେ ଯେ, ଓଡ଼ିଶା ସରକାର ମହିଳାଙ୍କ ପାଇଁ ସରକାରୀ ଚାକିରୀ କ୍ଷେତ୍ରରେ ଶତକଡ଼ା ୩୦ ଭାଗ ସ୍ଥାନ ସଂରକ୍ଷଣ କରି ମହିଳାମାନଙ୍କୁ ଆଉ ଏକ ପାଦ ଅଗେଇ ନେଇଛନ୍ତି ।

"ପିକକ୍"ର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଚ୍ୟୁତାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରମାଦେବୀ ମହିଳା କଲେଜ ଛାତ୍ରୀ ସଂସଦର ସଭାନେତ୍ରୀ ମଧ୍ୟ ଭାଷଣ ଦେଇଥିଲେ । ପ୍ରାରମ୍ଭରେ 'ପିକକ୍'ର ସମ୍ପାଦକ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ, ଶେଷରେ ଶ୍ରୀମତୀ ଶଶିରେଖା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

ଏହି ଉପଲକ୍ଷେ ଶତାଧିକ ମହିଳାମାନଙ୍କର ଏକ ଶୋଭାଯାତ୍ରା ମଧ୍ୟ ରାଜଧାନୀର ମୁଖ୍ୟସ୍ଥାନ ପରିକ୍ରମା କରିଥିଲା ।

## ସଂସ୍କୃତ ଶିକ୍ଷାର ବିକାଶ ଓ ପ୍ରସାର ଉପରେ ଆଇନ ମନ୍ତ୍ରୀଙ୍କ ଗୁରୁତ୍ୱ

ସଂସ୍କୃତ କେବଳ ଦେବ ଭାଷା ନୁହେଁ, ଏହା ପ୍ରତ୍ୟେକ ଭାରତୀୟ ଭାଷାର ମୂଳ ଉତ୍ସ ବୋଲି କହି ଏହାର ପ୍ରସାର ଓ ବିକାଶ ଉପରେ ଆଇନ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ଗୁରୁତ୍ୱ ଆରୋପ କରିଛନ୍ତି ।

ସଂପ୍ରତି ପୁରୀସ୍ଥ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ଶ୍ରୀ ମିଶ୍ର ସଂସ୍କୃତ ଭାଷାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରି, ସଂସ୍କୃତ ଭାଷାର ପୁନରୁତ୍ଥାନ ଓ ପ୍ରସାର ପାଇଁ ଉଦ୍ୟମ ଅବ୍ୟାହତ ରଖାଯିବାକୁ ପରାମର୍ଶ ଦେଇଥିଲେ । ନିକଟ ଅତୀତରେ ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଭାଷା ସମ୍ମିଳନୀରେ ସେ ନିଜେ ଯୋଗ ଦେଇଥିବା ଉଲ୍ଲେଖ କରି, ସଂସ୍କୃତ ଭାଷାର ବହୁଳ ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉକ୍ତ ସମ୍ମିଳନୀରେ ସ୍ଥିର ହୋଇଥିବା, ସେ ପ୍ରକାଶ କରିଥିଲେ । ସମସ୍ତ ଓଡ଼ିଶାରେ ଥିବା ସଂସ୍କୃତ ମହାବିଦ୍ୟାଳୟଗୁଡ଼ିକରେ ସଂସ୍କୃତ ଶିକ୍ଷାକୁ ଲୋକପ୍ରିୟତା କରିବା ସହ ଏହି ଶିକ୍ଷାର ଉନ୍ନତି ସାଧନ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ଭୂସମ୍ପତ୍ତିରୁ ଅର୍ଥ, ଅନୁଦାନ ଆକାରରେ ଦିଆଯିବା ପାଇଁ ଆଇନଗତ ବ୍ୟବସ୍ଥା କରାଯାଇଥିବା ଦର୍ଶାଇ, ଏହା ଆସନ୍ତା ବର୍ଷ ସୁଦ୍ଧା କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଯଦିଓ ଏହି ମହାବିଦ୍ୟାଳୟଟି ୧୯୦୪ ମସିହାରୁ ପ୍ରତିଷ୍ଠିତ ହେଲାଣି ଓ ଏହା ଏକ ପୁରାତନ ଅନୁଷ୍ଠାନ ହୋଇଥିଲେ ମଧ୍ୟ, ଏହାର ଆନୁପାତିକ ଉନ୍ନତି ହୋଇପାରି ନ ଥିବା ଯୋଗୁଁ ସେ କ୍ଷୋଭ ପ୍ରକାଶ କରିଥିଲେ । ସେଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀମାନଙ୍କୁ ଶ୍ରୀ ମିଶ୍ର ପୁରସ୍କାର ବିତରଣ ଓ ମାନପତ୍ର ପ୍ରଦାନ କରିଥିଲେ ।

ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ସମ୍ମାନିତ ଅତିଥି ଭାବେ ଏବଂ ସାପାଦିକ ତଥା ମହାବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ଶ୍ରୀ ପ୍ରଫୁଲ୍ଲ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଛାତ୍ର ସଂସଦର ସଭାପତି ଏହି ସଭାରେ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ସମ୍ପ୍ରତି ପଞ୍ଚାୟତ ନୀତିକୁ ଦୃଷ୍ଟିରେ ରଖି କର୍ତ୍ତବ୍ୟବୋଧ ସୃଷ୍ଟି ହେବା ଉଚିତ

ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାର ପୁନଃ ପ୍ରବର୍ତ୍ତନ ନିମନ୍ତେ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପକୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ସମ୍ପ୍ରତି ପଞ୍ଚାୟତ ନୀତିକୁ ଦୃଷ୍ଟିରେ ରଖି କର୍ତ୍ତବ୍ୟବୋଧ ସୃଷ୍ଟି ହେବା ଉପରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଗୁରୁତ୍ୱ ଆରୋପ କରିଛନ୍ତି । ସମ୍ପ୍ରତି ନିର୍ବାଚନ ମଣ୍ଡଳୀ ଚାନ୍ଦବାଲିର ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ପ୍ରତିନିଧିମାନଙ୍କ ସହ ସାକ୍ଷାତ ଆଲୋଚନା ବେଳେ ଶ୍ରୀ ଜେନା ଉପରୋକ୍ତ ମତବ୍ୟକ୍ତ କରିଥିଲେ ।

ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ନାୟକଙ୍କ ସମେତ ଚାନ୍ଦବାଲି ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ପଞ୍ଚାୟତ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ପ୍ରତିନିଧିମାନଙ୍କ ସହ ନିଜ ସରକାରୀ ବାସଭବନଠାରେ ଅନୁଷ୍ଠିତ ଏକ ଆଲୋଚନା ବୈଠକରେ ଶ୍ରୀ ଜେନା କହିଲେ ଯେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଗ୍ରାମ ପଞ୍ଚାୟତର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ପଞ୍ଚାୟତ ସ୍ତରର ସମୂହ କଲ୍ୟାଣ ସାଧନ ନିମନ୍ତେ ସରକାରଙ୍କର ଜନହିତକର କାର୍ଯ୍ୟକ୍ରମ ସହ ଅଞ୍ଚଳବାସୀଙ୍କୁ ସାମିଲ କରି ଆନ୍ତରିକତାର ସହିତ କର୍ତ୍ତବ୍ୟ ପାଳନ ନିମନ୍ତେ ଉପସ୍ଥିତ ପ୍ରତିନିଧିମାନଙ୍କୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଥିଲେ ।

## ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ୫୯,୨୫୯ଟି ପରିବାର ଉପକୃତ

ଚଳିତ ଆର୍ଥିକ ବର୍ଷର ଅପ୍ରେଲ ମାସରୁ ଜାନୁଆରୀ ୧୯୯୭ ସୁଦ୍ଧା, ଅର୍ଥାତ୍ ଦଶମାସରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ

କାର୍ଯ୍ୟକ୍ରମରେ ରାଜ୍ୟରେ ମୋଟ୍ ୫୯,୨୫୭ଟି ପରିବାର ଉପକୃତ ହୋଇପାରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗତ ଜାନୁଆରୀ ମାସରେ ଉପକୃତ ହୋଇଥିବା ୮,୫୩୯ଟି ପରିବାର ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ।

ଜବାହର ରୋଜଗାର ଯୋଜନାରେ ଏହି ସମୟ ମଧ୍ୟରେ ମୋଟ୍ ଏକ କୋଟି ୮୯ ଲକ୍ଷ ୭୦ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଲୋକମାନଙ୍କୁ ବିଭିନ୍ନ କାମଧନ୍ଦା ଯୋଗାଇ ଦିଆଯାଇଛି । ଏହି ଯୋଜନାରେ କେବଳ ଗତ ଜାନୁଆରୀ ମାସରେ ୨୨ ଲକ୍ଷ ୫୨ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଛି ବୋଲି ବିବରଣୀରୁ ପ୍ରକାଶ ।

ଏହା ବ୍ୟତୀତ ଉକ୍ତ ସମୟ ମଧ୍ୟରେ ରାଜ୍ୟରେ ୧,୩୦୬ଟି କ୍ଷୁଦ୍ର ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯାଇ ପାରିଛି । କେବଳ ଗତ ଜାନୁଆରୀ ମାସରେ ପ୍ରତିଷ୍ଠା କରାଯାଇଥିବା ୧୭୨ଟି କ୍ଷୁଦ୍ର ଶିଳ୍ପ ୟୁନିଟ୍ ଏହାର ଅନ୍ତର୍ଭୁକ୍ତ ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାପଡ଼ିଛି ।

## ଶାନ୍ତି ଓ ମୈତ୍ରୀର ଅହିଂସା ସୈନିକ ଭାବେ ଛାତ୍ରଛାତ୍ରୀ ନିଜକୁ ଗଢ଼ି ତୋଳନ୍ତୁ

ସବୁ ଧର୍ମ, ବର୍ଣ୍ଣ ଓ ଜାତି ପ୍ରତି ସମ୍ମାନ ପ୍ରଦର୍ଶନ ସହ ପରସ୍ପର ପ୍ରତି ଭ୍ରାତୃଭାବ ଓ ସହନଶୀଳତା ମନୋଭାବ ପୋଷଣ କରି ଶାନ୍ତି ଓ ମୈତ୍ରୀର ଅହିଂସା ସୈନିକ ଭାବେ ନିଜକୁ ଗଢ଼ି ତୋଳିବାକୁ ଆଇନ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ଛାତ୍ର ସମାଜକୁ ଆହ୍ୱାନ କରାଇଛନ୍ତି ।

ସମ୍ପ୍ରତି ସ୍ଥାନୀୟ ଏକାମ୍ର କଲେଜର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ଶ୍ରୀ ମିଶ୍ର, ନିକଟ ଅତୀତରେ ଦେଶରେ ଘଟିଯାଇଥିବା ସାମ୍ପ୍ରଦାୟିକତା ବିଭତ୍ସତା ସମ୍ପର୍କରେ ସ୍ମରଣ କରାଇ ଦେଇ, ଏହା ବିରୁଦ୍ଧରେ ସଂଗ୍ରାମ କରିବାକୁ ଓ ପ୍ରତିରୋଧ କରିବା ନିମନ୍ତେ ଛାତ୍ର ଛାତ୍ରୀମାନେ ସଦା ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ । ଦେଶର ବର୍ତ୍ତମାନର ପରିସ୍ଥିତି ପରିପ୍ରେକ୍ଷୀରେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କରାଯିବା ପାଇଁ ସବୁ ସ୍ତରରୁ ଆନ୍ତରିକ ଉଦ୍ୟମ କରାଯିବା ଅପରିହାର୍ଯ୍ୟ ବୋଲି କହି, ତା'ନହେଲେ ଦେଶର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିବ ବୋଲି ସେ ଦୃଢ଼ ମତବ୍ୟକ୍ତ କରିଥିଲେ । ଛାତ୍ର ଛାତ୍ରୀମାନେ ନିଜର ବିଭିନ୍ନ ସମସ୍ୟା ଓ ଦାବୀ ଉପସ୍ଥାପନା କଲା ବେଳେ ଦେଶର ଆର୍ଥିକ ସ୍ଥିତି ଓ ଅଗଣିତ ଜନସାଧାରଣଙ୍କ ବାସ୍ତବ ସମସ୍ୟା ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଧାନ ସଭାର ଉପ ମୁଖ୍ୟ ସଚେତକ ଶ୍ରୀ ପ୍ରଦୀପ ମହାରଥୀଙ୍କ ସମେତ ଶ୍ରୀ ଶିବାନନ୍ଦ ରାୟ ଓ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ର ସଂସଦର ସଭାପତି ସଭାରେ ପୌରହିତ୍ୟ କରିଥିଲେ ।

## ଗ୍ରାମାଞ୍ଚଳ ସମନ୍ୱିତ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ

ଗ୍ରାମାଞ୍ଚଳଗୁଡ଼ିକର ସମନ୍ୱିତ ବିକାଶ କରି ଗ୍ରାମବାସୀମାନଙ୍କର ସର୍ବନିମ୍ନ ଆବଶ୍ୟକତା ପରିପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଓ ସେ ଦିଗରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଆଚାର୍ଯ୍ୟ କହିଛନ୍ତି । ଫେବ୍ରୁଆରୀ ୨୦, ୧୯୯୩ ତାରିଖ ଦିନ କଳାହାଣ୍ଡି ଜିଲ୍ଲାସ୍ଥ ଟଙ୍କଲା ପ୍ରାଥମିକ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ଆଚାର୍ଯ୍ୟ କହିଲେ ଯେ ପ୍ରତିଗ୍ରାମ ପଞ୍ଚାୟତ ସଦର ମହକୁମା ଓ ପଞ୍ଚାୟତକୁ ପଞ୍ଚାୟତ ସମିତି ସଦର ମହକୁମା ସହ ସଂଯୁକ୍ତ କରିବା ପାଇଁ ଗ୍ରାମ୍ୟ ରାସ୍ତା ନିର୍ମାଣ ତଥା ଜଳକ୍ଳିଷ୍ଟ ଗ୍ରାମମାନଙ୍କରେ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ ଗତ ତିନି ବର୍ଷ ମଧ୍ୟରେ ଅଭୂତପୂର୍ବ ସାଫଲ୍ୟ ହାସଲ କରାଯାଇ ପାରିଛି । ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହି ଆସିଥିବା କଳାହାଣ୍ଡି, କୋରାପୁଟ, ଫୁଲବାଣୀ ପ୍ରଭୃତି ଅନୁନ୍ନତ ଜିଲ୍ଲାଗୁଡ଼ିକରେ ଉନ୍ନୟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ବର୍ତ୍ତମାନ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ ।

ସେ ଦିନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଫୁଲବାଣୀଠାରେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ ଓ ଜିଲ୍ଲା ଜଳ ଯୋଗାଣ ବିଭାଗର କାର୍ଯ୍ୟାଳୟ ଓ ଗୋଦାମ ଘର ପ୍ରଭୃତି ବ୍ୟକ୍ତିଗତ ଭାବେ ପରିଦର୍ଶନ କରିଥିଲେ ।

## ମହିଳାମାନଙ୍କ ମଧ୍ୟରେ ଆଇନଗତ ଅଧିକାରୀ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉ

ଆଇନ ସମ୍ପର୍କରେ ମହିଳାମାନେ ତାଲିମ ପାଇବା ପରେ, ଜନସାଧାରଣ, ବିଶେଷ କରି ମହିଳାମାନଙ୍କ ମଧ୍ୟରେ ସେମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଆଇନ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ମହିଳା ଶିକ୍ଷାର୍ଥୀନୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ସମ୍ପ୍ରତି ବାରିପଦାଠାରେ ରାଜ୍ୟ ଆଇନ ସହାୟତା ଓ ଉପଦେଷ୍ଟା ବୋର୍ଡ଼ ଆନୁକୂଲ୍ୟରେ ସ୍ଥାନୀୟ 'ସୋଡ଼ା' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତାରେ ଆୟୋଜିତ ଜିଲ୍ଲାସ୍ତରୀୟ ମହିଳା ଶିକ୍ଷା ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର କହିଲେ ଯେ ଆମ ରାଜ୍ୟର ମହିଳାମାନେ ସେମାନଙ୍କ ଅଧିକାର ଓ ସ୍ୱାଧୀକାର ସମ୍ପର୍କରେ ଯେତିକି ସଚେତନ ହେବା କଥା, ଏ ପର୍ଯ୍ୟନ୍ତ ସେତିକି ସଚେତନ ହୋଇପାରି ନାହାନ୍ତି । ତେଣୁ ମହିଳାମାନଙ୍କୁ ସେମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ଭଲ ଭାବରେ ବୁଝାଇ ସେମାନଙ୍କ ମନରେ ସାହସ ଦେବା ଏ ପ୍ରକାର ତାଲିମ ଶିକ୍ଷା ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ତାଲିମ ପାଇବା ପରେ ଶିକ୍ଷାର୍ଥୀମାନେ ଅନ୍ୟ ମହିଳାମାନଙ୍କୁ ଏ ଦିଗରେ ଉପଯୁକ୍ତ ଶିକ୍ଷା ଦେଇ ସେମାନଙ୍କୁ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବା ଦିଗରେ ସହାୟକ ହୋଇପାରିଲେ, ଶିବିରର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ ।

ହାଇକୋର୍ଟର ମାନ୍ୟବର ବିଚାରପତି ଶ୍ରୀ ପି. ସି. ମିଶ୍ର ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ଭାରତୀୟ ସମ୍ବିଧାନରେ ଏବଂ ଆଇନରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନଗତ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ, ରାଜ୍ୟ ଆଇନ ପରାମର୍ଶଦାତା ବୋର୍ଡ଼ର ସଦସ୍ୟ ସଚିବ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବାରିପଦା ବାର୍ ଆସୋସିଏସନର ସଭାପତି ଶ୍ରୀ ଜି. ମହାପାତ୍ର ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ।

ପୂର୍ବରୁ ଶ୍ରୀ ମିଶ୍ର ଖୁଣ୍ଟିଆପଦା ବ୍ଲକ୍ ଅନ୍ତର୍ଗତ କାଦୁଆଣୀଠାରେ ଆୟୋଜିତ ଆନ୍ତଃ ବୁନିୟାଦୀ ବିଦ୍ୟାଳୟ ସମୂହର କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଲେ ଯେ ଶିକ୍ଷାନୁଷ୍ଠାନମାନଙ୍କରେ କ୍ରୀଡ଼ାର ମାନବୃଦ୍ଧି କରି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଅଧିକ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରାଯିବା ଆବଶ୍ୟକ । ସେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ ମଧ୍ୟ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ ।

ମୟୂରଭଞ୍ଜ ଜିଲ୍ଲା ଗସ୍ତ ଅବସରରେ ଗସ୍ତର ପ୍ରଥମ ଦିନରେ ବାରିପଦାଠାରେ ଅନୁଷ୍ଠିତ ଜିଲ୍ଲା ଯୋଜନା ଓ ଉନ୍ନୟନ ବୋର୍ଡ଼ ବୈଠକରେ ଶ୍ରୀ ମିଶ୍ର ଅଧ୍ୟକ୍ଷତା କରି ଜିଲ୍ଲାର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରଘୁନାଥ ହେମ୍ବ୍ରମ୍ ଏଥିରେ ଯୋଗ ଦେଇଥିଲେ । ପରେ ଶ୍ରୀ ମିଶ୍ର ବାରିପଦା ସର୍କଲ୍ ଜେଲ୍ ପରିଦର୍ଶନ କରି ବନ୍ଦୀମାନଙ୍କୁ ଭେଟି ସେମାନଙ୍କ ବିଭିନ୍ନ ଅଭାବ ଅସୁବିଧା ତଥା ପ୍ରତିକାର ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ କରିବାକୁ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଆଦିବାସୀ ଛାତ୍ର ଛାତ୍ରୀଙ୍କ ଶିକ୍ଷା ପ୍ରସାର ନିମନ୍ତେ ସମ୍ପୃକ୍ତ ଶିକ୍ଷକ ଓ ପଦାଧିକାରୀମାନେ ଯତ୍ନଶୀଳ ହେବା ଉଚିତ

ଗତକାଲି ସନ୍ଧ୍ୟାରେ ରାଜ୍ୟ ସୂଚନା ଭବନଠାରେ ନିଖିଳ ଓଡ଼ିଶା ହରିଜନ ଓ ଆଦିବାସୀ ବିଭାଗୀୟ ସ୍କୁଲ ସମୂହର ସର୍କଲ ଇନସପେକ୍ଟର, ଜିଲ୍ଲା ଶିକ୍ଷା ନିରୀକ୍ଷକ ଓ ଉପ ନିରୀକ୍ଷକ ସଙ୍ଘ ପକ୍ଷରୁ ଆୟୋଜିତ ବାର୍ଷିକ ସମ୍ମିଳନୀକୁ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ ଉଦ୍‌ଘାଟନ କରିଥିଲେ । ଏହି ସମ୍ମିଳନୀରେ ସମ୍ମାନିତ ଅତିଥି ରୂପେ ରାଜ୍ୟ ଶିଳ୍ପ ଓ ସମବାୟ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ଯୋଗ ଦେଇ କହିଲେ ଯେ ରାଜ୍ୟର ହରିଜନ ଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ତଥା ଅଞ୍ଚଳମାନଙ୍କରେ ହରିଜନ ଓ ଆଦିବାସୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସରକାରଙ୍କ କାର୍ଯ୍ୟକ୍ରମକୁ ବାସ୍ତବ ରୂପରେଖ ଦେବାର ଦାୟିତ୍ୱ ଉକ୍ତ ପଦସ୍ଥ ଅଧିକାରୀମାନଙ୍କର ଅଟେ । ଯଦି ସେମାନେ ଯଥାର୍ଥ ଭାବେ ସମ୍ପୃକ୍ତ ସ୍କୁଲ ସମୂହର ପରିଦର୍ଶନ କରି ସମସ୍ତ ଉପଯୋଗୀ ପ୍ରେରଣା ଓ ଆବଶ୍ୟକ ପଦକ୍ଷେପ ନିଅନ୍ତେ, ତେବେ ଉକ୍ତ ସ୍କୁଲ ପ୍ରତିଷ୍ଠା କରିବାର ବାସ୍ତବ ଲକ୍ଷ୍ୟ ଅଚିରେ ହାସଲ ହୋଇପାରନ୍ତା । ରାଜ୍ୟର କେତେକ ଅଗମ୍ୟ ଅଞ୍ଚଳରେ ଥିବା ଆଦିବାସୀ ଓ ହରିଜନ ଛାତ୍ର ଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍କୁଲଗୁଡ଼ିକରେ ଶିକ୍ଷାର ପ୍ରକୃତ ଅଗ୍ରଗତି ନିମନ୍ତେ ସରକାରୀ କଳର ଯେତିକି ଦାୟିତ୍ୱ ଅଛି, ଅନୁରୂପ ଭୂମିକା ମଧ୍ୟ ଶିକ୍ଷକ ଓ ଉକ୍ତ ପଦାଧିକାରୀମାନଙ୍କର ଅଛି । ଏଣୁ, ସମ୍ପୃକ୍ତ ଅଧିକାରୀ ଓ ଶିକ୍ଷକମାନେ ଅଧିକ ଯତ୍ନଶୀଳ ହେବା ପାଇଁ ସେ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଘର ସଭାପତି ଶ୍ରୀ ନିତ୍ୟାନନ୍ଦ ଦାସ, ସାଧାରଣ ସମ୍ପାଦକ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ସମ୍ପୃକ୍ତ ବିଭାଗର ପ୍ରଧାନ ଶାସନ ସଚିବ ଶ୍ରୀ ଡ଼ି. ପି. ଭଟ୍ଟାଚାର୍ଯ୍ୟ, ନିର୍ଦ୍ଦେଶକ ଶ୍ରୀ ତାରା ଦତ୍ତ ଓ ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘର ସଭାପତି ଶ୍ରୀ ଅବନୀ କୁମାର ବରାଳ ଯୋଗ ଦେଇଥିଲେ ।



ବାଲେଶ୍ୱରଠାରେ ଆୟୋଜିତ ବ୍ୟାସ କବି ଫକୀର ମୋହନଙ୍କ ଜୟନ୍ତୀ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ପ୍ରଦୀପ ଜାଳି ବ୍ୟାସ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

OGP—MP—PTS (I&PR) 79—8,000—26-3-1993




[illegible] ଶ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ
[illegible] ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି ।



ଭୁବନେଶ୍ୱରଠାରେ ଅନୁଷ୍ଠିତ ପୁସ୍ତକ ମେଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ ପୁସ୍ତକ
ଉନ୍ମୋଚନ କରୁଛନ୍ତି ।

[illegible] — Licensed to post without Pre-payment



ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ ସମାରୋହକୁ ମୁଖ୍ୟମନ୍ତ୍ରୀ
ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

